ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୫/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, March 25/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 119 | ମୂଲ୍ୟ ₹୭/-



**ନିକୋଲାସ ପୁରନଙ୍କ ପ୍ରଭାବୀ ବ୍ୟାଟିଂ**
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ନିକୋଲାସ ପୁରନ ୭୫ ରନ କରିଛନ୍ତି।
୧୪

୧୩
**‘ଗ୍ରାଉଣ୍ଡ ଜିରୋ’ରେ ବିଏସ୍‌ଏଫ୍ ଯବାନଙ୍କ କାହାଣୀ**
ଅଭିନେତା ଇମ୍ରାନ ହାସ୍‌ମୀଙ୍କ ଆଗାମୀ ଫିଲ୍ମ ‘ଗ୍ରାଉଣ୍ଡ ଜିରୋ’ ଆସନ୍ତା ଏପ୍ରିଲ ୨୫ରେ ରିଲିଜ୍ ହେବ। ଫିଲ୍ମରେ ଇମ୍ରାନ ଜଣେ ବିଏସ୍‌ଏଫ୍ ଯବାନଙ୍କ ଭୂମିକାରେ ନଜରକୁ ଆସିବେ।





ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢୁଥିବା ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ଏବଂ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାରେ ଏସ୍‌ସି, ଏସ୍‌ଟି, ଓବିସିଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦେବା ଦାବିରେ ବିଜେଡି ବିଧାୟକମାନେ ସୋମବାର ବିଧାନସଭାରେ ବାଚସ୍ପତିଙ୍କ ପୋଡିୟମ ପାଖରେ ହୋହଲ୍ଲା କରୁଛନ୍ତି।

# ବାକ୍ ସ୍ୱାଧୀନତା ଉପରେ ଶିବସେନାର ଆକ୍ରମଣ

ମୁମ୍ବାଇ,୨୪।୩

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରିବାକୁ ନେଇ ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କମ୍ରାଙ୍କୁ ଏବେ ଶିବସେନା କ୍ରୋଧର ଶିକାର ହେବାକୁ ପଡ଼ିଛି। ଏହି ଘଟଣାରେ ଉତ୍ତେଜିତ ଶିବସେନା କର୍ମୀମାନେ ମୁମ୍ବାଇର ଖାର୍ ଅଞ୍ଚଳରେ ୟୁନିକଣ୍ଟିନେଣ୍ଟାଲ ହୋଟେଲ ପରିସରରେ ଥିବା ଦି ହାବିଟାଟ୍ କମେଡ଼ି କ୍ଲବ୍‌ରେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ୧୨ ଜଣଙ୍କୁ ଅଟକ ରଖାଯାଇଥିବାବେଳେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଅଧିକାରୀମାନେ ହୋଟେଲ ପ୍ରଥମ ମହଲାରେ ଥିବା ଦି ହାବିଟାଟ ଷ୍ଟୁଡିଓରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହିସହିତ ଉକ୍ତ କ୍ଲବ୍‌କୁ ସାମୟିକ ବନ୍ଦ ଘୋଷଣା କରାଯାଇଛି। ପରିବହନ ମନ୍ତ୍ରୀ ପ୍ରତାପ ସରନାଏକ ଘଟଣା ସମ୍ପର୍କରେ ବିଏମ୍‌ସି କମିଶନର ଭୂଷଣ ଗଗରାନିଙ୍କ ସହ କଥା ହୋଇଥିଲେ। ଉକ୍ତ ହୋଟେଲ ପରିସର ପରିଦର୍ଶନ କରି ରିପୋର୍ଟ ଦେବାକୁ ଏଚ୍ ୱେଷ୍ଟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ହାବିଟାଟ୍ ଷ୍ଟୁଡିଓରେ କମେଡି ପ୍ରଦର୍ଶନ ବେଳେ କୁନାଲ ଶିବସେନା ନେତା ଶିନ୍ଦେଙ୍କୁ ଜଣେ ଦେଶଦ୍ରୋହୀ କହିବା ସହ ତାଙ୍କ ଉପରେ ଏକ ହାସ୍ୟପୂର୍ଣ୍ଣ ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ୨୦୨୨ରେ ତତ୍କାଳୀନ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଶିନ୍ଦେଙ୍କ ବିଦ୍ରୋହକୁ ସମାଲୋଚନା କରିବାକୁ ଯାଇ କୁନାଲ ‘ଦିଲ୍ ତୋ ପାଗଲ ହୈ’ ଚଳଚ୍ଚିତ୍ର ଗୀତର ଏକ ପରିବର୍ତ୍ତିତ ରୂପକୁ ଗାଇଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରବିବାର ରାତିରେ ଶିବସେନାର ☞ପୃଷ୍ଠା-୪



କୁନାଲ କମ୍ରା

# ‘୬୦’ ଥୋପ

## ଏବର୍ଷ ବଢ଼ିବନି ବିଦ୍ୟୁତ୍ ଟାରିଫ୍: ଓଇଆର୍‌ସି

**ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ (ଟାରିଫ୍) ବଢ଼ିବ ନାହିଁ ଏବଂ ସ୍ମାର୍ଟ ମିଟର ଭଡ଼ା(ରେଣ୍ଟ) ବାବଦ ୬୦ ଟଙ୍କା ଛାଡ଼ କରାଯିବ ବୋଲି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ସୋମବାର ଘୋଷଣା କରିଛନ୍ତି। କିନ୍ତୁ ସ୍ମାର୍ଟ ମିଟର ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତା ଦୀର୍ଘଦିନ ଧରି ଶୋଷଣର ଶିକାର ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ଓଇଆର୍‌ସି ନୀରବଦ୍ରଷ୍ଟା ସାଜିଛି। ଘରୋଇ ବିତରଣ କମ୍ପାନୀ ସାରା ରାଜ୍ୟରେ ଉପଭୋକ୍ତାଙ୍କ ଘରକୁ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ତୁଲାଇବା ପରଠୁ ପ୍ରତି ଘରେ ସ୍ମାର୍ଟ ମିଟର ଲଗାଇବାକୁ ତତ୍ପରତା ଦେଖାଉଛି। ତେବେ ପୂର୍ବରେ ବିଦ୍ୟୁତ୍ ମିଟର ଅପେକ୍ଷା ସ୍ମାର୍ଟ ମିଟରରେ ପ୍ରାୟ ଦେଢ଼ରୁ ୨ଗୁଣା ୟୁନିଟ୍ ଉଠୁଥିବା ନେଇ ଜନସାଧାରଣ ଏହାକୁ ପ୍ରତିବାଦ କରୁଛନ୍ତି। ଏପରି କି ଲୋକେ ଘରୁ ସ୍ମାର୍ଟ ମିଟର ଉପାଡ଼ି ଆଣି ବିଦ୍ୟୁତ୍ ଅଫିସ୍ ଆଗରେ ଫିଙ୍ଗି ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ନୂଆ ଆର୍ଥିକ ବର୍ଷ ୨୦୨୫-୨୬ ଆରମ୍ଭ ହେବା ପୂର୍ବରୁ ଓଇଆର୍‌ସି ଦ୍ୱାରା ଏହି ସ୍ମାର୍ଟ ମିଟର ସମସ୍ୟାର ସମାଧାନ ହେବା ଆଶା କରାଯାଉଥିଲା। କିନ୍ତୁ ଓଇଆର୍‌ସି ଏଥିପ୍ରତି ଧ୍ୟାନ ନ ଦେଇ ଉପଭୋକ୍ତାଙ୍କୁ ଆକର୍ଷଣ କରିବାକୁ ଚେଷ୍ଟା କରିଛି। ତେବେ ଏହି ରେଣ୍ଟ ଛାଡ଼ ଏକ ଥୋପ ବୋଲି କୁହାଯାଉଛି। ଏହା ମାଧ୍ୟମରେ ଲୋକଙ୍କୁ ଘରେ ସ୍ମାର୍ଟ ମିଟର ଲଗାଇବାକୁ ପ୍ରୋତ୍ସାହିତ କରିବା ଏବଂ ଉଠୁଥିବା ପ୍ରତିବାଦକୁ କୌଶଳରେ ଦମନ କରିବାକୁ ଚେଷ୍ଟା କରାଯାଇଛି।**

ଭୁବନେଶ୍ୱର,୨୪।୩
(ରବିନାରାୟଣ ଜେନା)

ଦୀର୍ଘ ୪ମାସ ଧରି ବିଦ୍ୟୁତ୍ ଟାରିଫ ବଢ଼ିବ କି କମିବ ସେନେଇ ଚାଲିଥିବା କଳ୍ପନା ଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ୨୦୨୫-୨୬ ଆର୍ଥିକବର୍ଷ ଲାଗି ବିଦ୍ୟୁତ୍ ଟାରିଫ ଅପରିବର୍ତ୍ତିତ ରହିବ ବୋଲି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ପକ୍ଷରୁ ଘୋଷଣା କରାଯାଇଛି। ଏଥିସହ ୨ କିଲୋୱାଟ ବ୍ୟବହାର କରୁଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ଲାଗି ମାସିକ ମିଟର ରେଣ୍ଟ ୬୦ଟଙ୍କା ଛାଡ଼ ହେବ ବୋଲି ସୂଚନା ଦିଆଯାଇଛି।

ଗତ ୪ ମାସ ଧରି ଓଇଆର୍‌ସି ପକ୍ଷରୁ ରାଜ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ଓ ବିଭିନ୍ନ ବିଦ୍ୟୁତ୍ ଉପଭୋକ୍ତା ସଙ୍ଗଠନ ପକ୍ଷରୁ ଚଳିତବର୍ଷ ବିଦ୍ୟୁତ୍ ଟାରିଫ ବୃଦ୍ଧି ସମ୍ପର୍କରେ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହାକୁ ନେଇ ବିଦ୍ୟୁତ୍ ବିତରକ କମ୍ପାନୀମାନେ ସେମାନଙ୍କ ପ୍ରସ୍ତାବ ଓଇଆର୍‌ସିକୁ ପ୍ରଦାନ କରିଥିଲେ। ସେମାନେ ବିଦ୍ୟୁତ୍ ଟାରିଫ ବୃଦ୍ଧି କରିବା ସପକ୍ଷରେ ଥିଲେ। ନଭେମ୍ବର ୩୦ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜାନୁଆରୀ ୧୬ରେ ଓଇଆରସି ପକ୍ଷରୁ ଏସଂକ୍ରାନ୍ତରେ ଯଦି କାହାର କିଛି ଆପତ୍ତି ଥାଏ ଆବେଦନ କରିବାକୁ ସର୍ବସାଧାରଣ(ପବ୍ଲିକ୍) ନୋଟିସ କରାଯାଇଥିଲା। ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଦ୍ୟୁତ୍ ଦର ବୃଦ୍ଧି ନ କରିବାକୁ ଦାବି କରାଯାଇଥିଲା। ଉଭୟ ପକ୍ଷରୁ ଶୁଣାଣି କରାଯିବା ପରେ ସୋମବାର ଓଇଆର୍‌ସି ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଓଇଆର୍‌ସି ପକ୍ଷରୁ ☞ପୃଷ୍ଠା-୪




# ୧୯ ଦିନ ପରେ ବିଶାଖାପାଟଣାରୁ ଅପହୃତ ଶିଶୁପୁତ୍ର ଉଦ୍ଧାର

ନବରଙ୍ଗପୁର,୨୪।୩
(ସଦାଶିବ ପ୍ରହରାଜ)

ସ୍ତ୍ରୀଙ୍କ ଅନୁପସ୍ଥିତିରେ ଶିଶୁପୁତ୍ରକୁ ସ୍ୱାମୀ ଉଠାଇନେବା ଘଟଣାରେ ଦୀର୍ଘ ୧୯ ଦିନ ପରେ ନବରଙ୍ଗପୁର ପୋଲିସ ବିଶାଖାପାଟଣାରୁ ୪ବର୍ଷର ଶିଶୁକୁ ଉଦ୍ଧାର କରିଛି। ପୋଲିସ ସ୍ୱାମୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କ ଜାମିନ ମଞ୍ଜୁର ହୋଇଛି। ସୂଚନାନୁଯାୟୀ ଏଏସ୍‌ଆଇ ମୀନକେତନ ଗନ୍ତାୟତଙ୍କ ଝିଅ ରାଜଶ୍ରୀ କୋରାପୁଟର ପବିତ୍ର ମୋହନ ରାଉତଙ୍କୁ ୨୦୧୯ରେ ବିବାହ କରିଥିଲେ। ତାଙ୍କର ୪ ବର୍ଷର ଏକ ପୁଅ ରହିଛି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଡିଜିଟାଲ ଠକେଇ

# ଏମ୍‌ପିଙ୍କ ବେତନ, ପେନ୍‌ସନ ବଢ଼ିଲା

ନୂଆଦିଲ୍ଲୀ,୨୪।୩(ପି.ଟି.)

କେନ୍ଦ୍ର ସରକାର ପାର୍ଲାମେଣ୍ଟ ସଦସ୍ୟ (ଏମ୍‌ପି)ମାନଙ୍କ ବେତନ ୨୪ ପ୍ରତିଶତ ବୃଦ୍ଧି କରିଛନ୍ତି। ମୂଲ୍ୟ ମୁଦ୍ରାସ୍ଫୀତି ସୂଚକାଙ୍କ ଆଧାରରେ ଏହି ବର୍ଦ୍ଧିତ ବେତନ ୨୦୨୩ ଏପ୍ରିଲ ୧ରୁ ପିଛିଲା ଭାବେ ଲାଗୁ ହେବ ବୋଲି ସୋମବାର କେନ୍ଦ୍ର ସରକାର ପ୍ରକାଶ କରିଥିବା ବିଜ୍ଞପ୍ତିରେ କୁହାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଉକ୍ତ ବିଜ୍ଞପ୍ତିରେ ସଦସ୍ୟମାନଙ୍କ ଦୈନିକ ସିଟିଂ ଭତ୍ତା ଏବଂ ପେନ୍‌ସନ ତଥା ୫ ବର୍ଷ ପରେ ପ୍ରତ୍ୟେକ ଅତିରିକ୍ତ ସେବା ବର୍ଷ ପାଇଁ ଅତିରିକ୍ତ ପେନ୍‌ସନକୁ ମଧ୍ୟ ବୃଦ୍ଧି କରାଯାଇଛି। ତଦନୁଯାୟୀ ଏବେ ଏମ୍‌ପିମାନେ ମାସିକ ୧ ଲକ୍ଷ ଟଙ୍କା ପରିବର୍ତ୍ତେ ୧ ଲକ୍ଷ ୨୪ ହଜାର ଟଙ୍କା ବେତନ ପାଇବେ। ସେହିପରି ଦୈନିକ ଭତ୍ତା ୨,୦୦୦ ଟଙ୍କାରୁ ୨,୫୦୦ ଟଙ୍କାକୁ ବୃଦ୍ଧି ହୋଇଛି। ପୂର୍ବତନ ସାଂସଦମାନଙ୍କ ମାସିକ ପେନ୍‌ସନ ୨୫,୦୦୦ ଟଙ୍କାରୁ ବୃଦ୍ଧି କରାଯାଇ ୩୧,୦୦୦ ଟଙ୍କା କରାଯାଇଛି। ସେହିପରି ଅତିରିକ୍ତ ପେନ୍‌ସନ ମଧ୍ୟ ମାସିକ ୨,୦୦୦ ଟଙ୍କାରୁ ୨,୫୦୦ ଟଙ୍କାକୁ ବଢ଼ାଯାଇଛି।

# ବାଲ୍‌ଟି ପାଣିରେ ବୁଡ଼ି ଶିଶୁପୁତ୍ର ମୃତ

ପାଟଣା,୨୪।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମ ବେହେରାସାହିରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦେଢ଼ବର୍ଷର ଶିଶୁପୁତ୍ର ବାଲ୍‌ଟି ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଶିଶୁପୁତ୍ର ଜଣକ ହେଲେ ଉକ୍ତ ଗ୍ରାମର ଜିତେନ ବେହେରାଙ୍କ ପୁଅ ଅଭିଜିତ।

ଅଭିଜିତଙ୍କୁ ପରିବାର ଓ ଗାଁ ଲୋକେ ମିଶି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ ମୃତ ଶିଶୁଙ୍କ ପରିବାର ଲୋକଙ୍କୁ ଥାନାରେ ରିପୋର୍ଟ କରିବା ପାଇଁ ପରାମର୍ଶ ଦେଇଥିଲେ। ☞ପୃଷ୍ଠା-୪

# ବର୍ଷା ପାଇଁ ୧୩ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଛି। ସୋମବାର ଗୋପାଳପୁରରେ ସର୍ବାଧିକ ୩୦.୮ ମି.ମି. ବର୍ଷା ହୋଇଥିବାବେଳେ କୋରାପୁଟରେ ୨୯, ରାୟଗଡ଼ାରେ ୨୮.୨ ମିମି ରେକର୍ଡ କରାଯାଇଛି। ସେହିଭଳି କେନ୍ଦୁଝର, କଟକ, ଭୁବନେଶ୍ୱର, ବଲାଙ୍ଗୀର ସହ ଅନ୍ୟ କେତେକ ଜିଲାରେ ମଧ୍ୟ ବର୍ଷା ହୋଇଛି। ମଙ୍ଗଳବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ କରାଯାଇଛି। ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ ଓ କେନ୍ଦୁଝରଗଡ଼ରେ ଘଡ଼ଘଡ଼ି ବିଜୁଳି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଏଥିସହ ମୋଟ ୧୩ ଜିଲାରେ କାଳବୈଶାଖୀ ବର୍ଷା ହେବା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରପଡ଼ା, କଟକ, ☞ପୃଷ୍ଠା-୪

# ୩ ଦିନରେ ୧.୨୦ ଲକ୍ଷ ଅଲିଭରିଡ୍‌ଲେଙ୍କ ଗଣ ଅଣ୍ଡାଦାନ

ବ୍ରହ୍ମପୁର,୨୪।୩
(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣ ସାମୁଦ୍ରିକ ବେଳାଭୂମିରେ ପୁଣି ଅଲିଭ ରିଡ୍‌ଲେ କଇଁଛଙ୍କ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି। ଆଜକୁ ୩ ଦିନ ହେଲା କଇଁଛମାନେ ଅଣ୍ଡାଦେବାରେ ଲାଗିଛନ୍ତି। ୩ ଦିନ ଭିତରେ ୧ ଲକ୍ଷ ୨୦ ହଜାର ୩୧ କଇଁଛ ଅଣ୍ଡା ଦେଇଛନ୍ତି। ପାଗ ଅନୁକୂଳ ଥିବା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ୮ ଦଫାରେ ୬ ଲକ୍ଷ ୯୭ ହଜାର ୭୧୮ କଇଁଛ ଅଣ୍ଡା ଦେଇଥିଲେ। ଦୀର୍ଘ ବର୍ଷ ବ୍ୟବଧାନରେ ଏତେ ସଂଖ୍ୟକ କଇଁଛ ଅଣ୍ଡା ଦେଇଥିବାରୁ ଚଳିତବର୍ଷ ଏହା ରେକର୍ଡ କରିଥିଲା। ପୁଣି ପାଗ ଅନୁକୂଳ ହେବାରୁ ସୋମବାର ୪୧ ହଜାର ୭୩୧ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି। ତେବେ ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୧୮ ହଜାର ୭୪୯ କଇଁଛ ଅଣ୍ଡା ଦେଇଥିବା ବନ ବିଭାଗ ପକ୍ଷରୁ ☞ପୃଷ୍ଠା-୪

**୨ୟ ପର୍ଯ୍ୟାୟ**

# ବନ କର୍ମଚାରୀଙ୍କ ଉପରକୁ ଶିକାରୀଙ୍କ ଗୁଳି

## ୪ ଗିରଫ, ୪ ବନ୍ଧୁକ ଜବତ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ଉଦଳା (ସନ୍ତୋଷ କୁମାର ବାଛିନୀ), ୨୪।୩

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ମିଳିତ ଚଢ଼ାଉ ସମୟରେ ବନ କର୍ମଚାରୀଙ୍କ ଉପରକୁ ଶିକାରୀମାନେ ଗୁଳି ଚାଳନା କରିବା ଚର୍ଚ୍ଚାର ବିଷୟ ହୋଇଛି। ବନ ବିଭାଗ ପକ୍ଷରୁ ମଧ୍ୟ ଫାଙ୍କା ଗୁଳିଚାଳନା କରାଯାଇଥିଲା। ଶିକାରୀଙ୍କ ଗୁଳିରୁ ବନ କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ୪ ଶିକାରୀଙ୍କୁ ବିଭାଗ ଗିରଫ କରିଛି। ସେମାନେ ହେଲେ ଶରତ ଥାନା ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଅଶ୍ୱକୁଟୀ ହୁଡିସାହିର ଗାନ୍‌ସା ସିଂ(୨୨), ବରଜୁ ସିଂ(୧୯), ମୁନା ସିଂ ବାଙ୍କିରା(୨୬) ଓ କାର୍ତ୍ତିକ ସିଂ ବାଙ୍କିରା(୨୫)। ସେମାନଙ୍କଠାରୁ ୪ ବନ୍ଧୁକ ଜବତ ହୋଇଛି। ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ସେମାନଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ଅନ୍ୟ ଏକ ମାମଲା ରୁଜୁ କରିବା ପାଇଁ କପ୍ତିପଦା ପୋଲିସକୁ ଅବଗତ କରାଯାଇଥିବା ସୂଚନା ମିଳିଛି। ତେବେ ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ବେଆଇନ ବନ୍ଧୁକ ରଖିଥିବା ☞ପୃଷ୍ଠା-୪



ଗିରଫ ଶିକାରୀ ଓ ଜବତ ବନ୍ଧୁକ।

SIKSHA ‘O’ ANUSANDHAN
SAAT-2025
Empowering students for a brighter future
B.TECH PROGRAMMES IN ELECTRONICS
- Electrical and Electronics Engineering
- Electronics and Communication Engineering
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2024
- 14th Best in University Category
- 26th Best in Engineering Category
INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025
To apply for admission through SAAT, Please visit: www.soa.ac.in

# ଆଇଇଏମ୍‌ଏସ କମାଇବ ସଡ଼କ ଦୁର୍ଘଟଣା

## ସଡ଼କ ସୁରକ୍ଷା ମାସ ପାଳନ ଯୋଗୁ ଜାନୁଆରୀରେ ୧୪% ଦୁର୍ଘଟଣା, ମୃତ୍ୟୁହାର କମିଛି: ମନ୍ତ୍ରୀ ଜେନା

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ରାଜ୍ୟ ବଜେଟରେ ପରିବହନ ବିଭାଗ ପାଇଁ ମୋଟ ୩ ହଜାର ୭ ଶହ ୯୪ କୋଟି ୮୮ ଲକ୍ଷ ୧୯ ହଜାର ଟଙ୍କା ଆବଣ୍ଟନ କରାଯାଇଛି। ସେଥିରୁ ଯୋଜନା ବ୍ୟୟ ବରାଦ ବାବଦରେ ୩୬୫୧ କୋଟି ଟଙ୍କା ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟୟ ବରାଦ ବାବଦରେ ୧୪୩ କୋଟି ୮୮ ଲକ୍ଷ ୧୯ ହଜାର ଟଙ୍କା ରଖାଯାଇଛି। ରାଜ୍ୟର ସଡକ ଦୁର୍ଘଟଣା ବିଷୟକୁ ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ବର୍ଷ ସଡକ ସୁରକ୍ଷା ମାସ ପାଳନ ଯୋଗୁ ଜାନୁଆରୀରେ ୧୪% ଦୁର୍ଘଟଣା ସାଙ୍ଗକୁ ମୃତ୍ୟୁହାର ମଧ କମିଛି।

ପରିବହନ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ଜେନା କହିଛନ୍ତି, ସଡ଼କ ପରିବହନ କର୍ତ୍ତୃପକ୍ଷ ପ୍ରତିଷ୍ଠାନ(ଏସ୍‌ଟିଏ) ପାଇଁ ୪୬୬ କୋଟି, ବ୍ୟାପକ ସାର୍ବଜନୀନ ପରିବହନ ବ୍ୟବସ୍ଥା(ଓଏସ୍‌ଆର୍‌ଟିସି) ପାଇଁ ୨,୪୮୩ କୋଟି, ରେଲୱେ ପାଇଁ ୩୨୦ କୋଟି, ବେସାମରିକ ବିମାନ ଚଳାଚଳ ପାଇଁ ୩୮୨ କୋଟି ଟଙ୍କା ରଖାଯାଇଛି।

ମନ୍ତ୍ରୀ ଜେନା ଆହୁରି କହିଛନ୍ତି, ରାଜ୍ୟର ପ୍ରମୁଖ ରାଜପଥ/ଏକ୍ସପ୍ରେସ୍ ୱେରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମ୍‌ଏସ) କାର୍ଯ୍ୟକାରୀ କରାଯିବା ଫଳରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରୁ ପୁରୀ, ରାମେଶ୍ୱରଠାରୁ ପାଣିକୋଇଲି ଓ ପୁରୀଠାରୁ କୋଣାର୍କ ପର ମୁହୂର୍ତ୍ତରେ ରାଜ୍ୟର ଅନ୍ୟ ରାଜପଥରେ କାର୍ଯ୍ୟକାରୀ ହେବ। ଏହାଛଡା ମୁଖ୍ୟମନ୍ତ୍ରୀ ବସ ସେବା ମାଧମରେ ୧୩୨୬ଟି ବସ୍ ରାଜ୍ୟର ଦୁର୍ଗମ ଅଞ୍ଚଳ ତଥା ସମସ୍ତ ପଞ୍ଚାୟତକୁ ପରିବହନ ସେବା ଯୋଗାଇ ଦେଉଛି। ମୁଖ୍ୟମନ୍ତ୍ରୀ ବସ ସେବାରେ ଯାତ୍ରା କରୁଥିବା ବରିଷ୍ଠ, ଛାତ୍ରୀଛାତ୍ର, ମହିଳା ଓ ଟ୍ରାନ୍ସଜେଣ୍ଡରମାନଙ୍କୁ ୫୦ ଭାଗ ରିହାତି ମିଳିବ। ପାରାଦୀପରେ ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର, ଜୟପୁର, ରଙ୍ଗେଇଲୁଣ୍ଡା, ଜମାଦାରପାଲି ଓ ତୁଷୁରା ଇତ୍ୟାଦି ବିମାନବନ୍ଦରଗୁଡିକର ଉନ୍ନତୀକରଣ, ପୁରୀରେ ୨ୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଓ ଢେଙ୍କାନାଳ ସ୍ଥିତ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ରର ଅଧିକ ବିକାଶ କରିବାର ଯୋଜନା ରହିଛି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

# ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଅନୁମୋଦିତ

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

୨୦୨୩-୨୪ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ବାବଦକୁ ୪୬ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ୨୦୨୫ ଶେଷ ସୁଦ୍ଧା ୩୯ ହଜାର କୋଟିରୁ ଅଧିକ ଟଙ୍କା ରାଜସ୍ୱ ବାବଦକୁ ଆଦାୟ ହୋଇଛି ବୋଲି ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସୋମବାର ବିଧାନସଭାରେ ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ଜେନା କହିଛନ୍ତି, ଓଡ଼ିଶାରେ ୩୩ ପ୍ରତିଶତ ଲୌହପଥର, ୪୧ ପ୍ରତିଶତ ବକ୍ସାଇଟ୍, ୯୫.୭ ପ୍ରତିଶତ କ୍ରୋମାଇଟ୍, ୨୪ ପ୍ରତିଶତ କୋଇଲା, ୪୩ ପ୍ରତିଶତ ମାଙ୍ଗାନିଜ, ୯୨ ପ୍ରତିଶତ ନିକେଲ ଉପଲବ୍ଧ ଅଛି। ଏହାସହ ୨୨ଟି ଗୁରୁ ଖଣିଜ, ୩୩ଟି ବିନିର୍ଦ୍ଦିଷ୍ଟ ଲଘୁଖଣିଜ, ୧୦ଟି ଦୁଷ୍ପ୍ରାପ୍ୟ ଖଣିଜ ଓ ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ମିଳୁଛି। ରାଜ୍ୟରେ ଖଣି ଓ ଖଣିଜର ପରିଚାଳନାରେ ସ୍ୱଚ୍ଛତା ଅଭାବରୁ ସେହି ଅନୁରୂପ ରାଜସ୍ୱ ପାଇବାରୁ ବଞ୍ଚିତ ହେଲୁ। ଗତ ସରକାର ସମୟରେ ଖଣି ଦୁର୍ନୀତି ନେଇ ଚହଳ ପଡିଥିଲା। ଏହାର ତଦନ୍ତ ଲାଗି କେନ୍ଦ୍ର ସରକାର ଶାହା କମିଶନ ଗଠନ କରିଥିଲେ। ଏହାପରେ ସିଇସି ଗଠନ କରାଯାଇଥିଲା। ବେଆଇନ ଖଣି କାର୍ଯ୍ୟ ବନ୍ଦ ଲାଗି ସୁପ୍ରିମକୋର୍ଟ ଉଲ୍ଲଂଘନକାରୀ ଖଣି ପଟ୍ଟାଧାରୀଙ୍କଠାରୁ ଜରିମାନା ବାବଦକୁ ୧୮,୧୬୯ କୋଟି ୧୪ ଲକ୍ଷ ୯୫୬ ଟଙ୍କା ଧାର୍ଯ୍ୟ କରିଥିଲେ। ଗତ ସରକାରଙ୍କ ଗଳା ବାଟ କାରଣରୁ ହଜାର ହଜାର କୋଟି ଟଙ୍କା ଅନାଦାୟ ହୋଇ ପଡି ରହିଛି। ବେଆଇନ ଖଣି ଓ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବା ଲାଗି ଓଏମ୍‌ପିଟିଏସ୍ ରୁଲ୍‌ସ ଅନୁସରଣ କରି ରାଜ୍ୟସ୍ତରୀୟ ପ୍ରବର୍ତ୍ତନ ସ୍କ୍ୱାଡ ଗଠନ କରାଯାଇଛି। ଶେଷରେ ଏହି ବିଭାଗର ଖର୍ଚ୍ଚଦାବି ଗୃହରେ ଅନୁମୋଦିତ ହୋଇଛି।

# ୫ ବର୍ଷରେ ୧୫୯ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୪।୩ (ରବିନାରାୟଣ ଜେନା)

ଗତ ୧୦ ବର୍ଷରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ୩,୬୨୩ ମାମଲା ପଞ୍ଜୀକରଣ କରାଯାଇଛି। ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୫ ବର୍ଷରେ ୧୫୯ ସରକାରୀ ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ କହିଛନ୍ତି। ସୋମବାର ବିଧାୟକ ଧ୍ରୁବଚରଣ ସାହୁ ଓ ଟଙ୍କଧର ତ୍ରିପାଠୀଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୫ବର୍ଷରେ ଦୁର୍ନୀତି ଅଭିଯୋଗରେ ୧୨୦ ସରକାରୀ ଅଫିସର ଓ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। ସେହିପରି ୩୯ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୫ ଜାନୁଆରୀ ପହିଲାରୁ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ ଭିଜିଲାନ୍ସ ପକ୍ଷରୁ ପଞ୍ଜୀକୃତ ୩,୬୨୩ ଦୁର୍ନୀତି ମାମଲା ମଧ୍ୟରୁ ୨,୩୫୩ଟି ଫଇସଲା ହୋଇଛି। ୯୩୯ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୧,୦୫୩ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି। ଏହି ସମୟ ମଧରେ ୫୯ କୋଟି ୪୭ ଲକ୍ଷ ୮୪ ହଜାର ୯୮୧ ଟଙ୍କା ଜବତ ହୋଇଛି।

# ଜଳ ସଙ୍କଟର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର, ୨୪।୩(ରବିନାରାୟଣ ଜେନା)

ରାଜ୍ୟବାସୀ ଯେଭଳି ଜଳସଙ୍କଟର ସମ୍ମୁଖୀନ ହେବେ ନାହିଁ, ସେଥିପ୍ରତି ସରକାର ସଜାଗ ରହିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ସୋମବାର ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୫ ଲକ୍ଷ ୧୮ହଜାର ୨୬୭ ନଳକୂପ ରହିଛି। ଅତିରିକ୍ତ ଭାବେ ଚଳିତବର୍ଷ ୨୦ ହଜାର ୯୦୪ ନଳକୂପ ସରକାର ଖୋଳାଯିବ। ଦରକାର ପଡ଼ିଲେ ଆଉ ଏକ ହଜାର ନଳକୂପ ଖନନ କରାଯିବ। ବର୍ତ୍ତମାନ ସୁଦ୍ଧା ୨ ହଜାର ନଳକୂପ ସମ୍ପୂର୍ଣ୍ଣ ହୋଇସାରିଲାଣି। ଜୁନ୍ ୧୫ସୁଦ୍ଧା ସମସ୍ତ ନଳକୂପ ଖନନ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠାରେ ନଳକୂପ ଅଚଳ ରହିଛି, ସେଠାରେ ନୂତନ ନଳକୂପ ଖୋଳାଯିବ। ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନିକଟରେ ମଧ ନଳକୂପ ଖୋଳାଯିବ। ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ନଳକୂପ ଖନନ ଲାଗି ଇତିମଧ୍ୟରେ ୩୫୪କୋଟି ଟଙ୍କା ମଞ୍ଜୁର ହୋଇ ଜିଲାଗୁଡ଼ିକୁ ଦିଆଯାଇସାରିଛି ବୋଲି ମନ୍ତ୍ରୀ କହିଛନ୍ତି।

**୨୧ ହଜାର ନୂତନ ନଳକୂପ ଖୋଳାଯିବ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡହ ଡହ ଜାଉ ଦହି ପଖାଳ**
**କାଞ୍ଜି ସଙ୍ଗରେ ଯେ ଓଉର ଫାଳ**
**ତହିଁ ଶଙ୍ଖ ସାରୁ ଭଜା**
**ଏକା ସାଙ୍ଗରେ ଖାଇବୁ ଯେବେ**
**ଯମପୁରକୁ ଯା ଯା।**

ସାଧାରଣତଃ ଜାଉ ଦହି ପଖାଳ କାଞ୍ଜି ସହିତ ଓଉ ଏବଂ ସାରୁ ଭଜା ଖାଇବା ଲାଗି ବାରଣ କରାଯାଇଥାଏ। କାରଣ ଏପରି କ୍ରମରେ ଖାଦ୍ୟ ଖାଇଲେ ଦେହ ଅସୁସ୍ଥ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଡାବୁ ଥିଲେ ବାବୁ**
**ଡାବୁ ସରିଗଲେ କାବୁ।**

ସାଧାରଣତଃ ପାଖରେ ଟଙ୍କା ପଇସା ଥିଲେ ସମସ୍ତେ ବାବୁ ବାବୁ କହି ସଲାମି ଦେଇଥାନ୍ତି ଏବଂ ବେଳ ଅବେଳରେ ତଥା ଦରକାର ପଡ଼ିଲେ ଗୋଡ଼ ତଳେ ମଧ ପଡ଼ିଯାଇଥାନ୍ତି। ତେବେ ହାତରୁ ଟଙ୍କା ସରିଗଲେ କେହି କାହାକୁ ନ ଚିହ୍ନିଲା ପରି ଦୂରରୁ ଦେଖି ମୁହଁ ବୁଲାଇ ଦେଇଥାନ୍ତି। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।







# ମହିଳାଙ୍କ ସମେତ ୪ ଗିରଫ

**ମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ି ଭଙ୍ଗାରୁଜା ଘଟଣା**

ବାରିପଦା,୨୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର କାଳବୈଶାଖୀ ପ୍ରଭାବିତ ଅଞ୍ଚଳ ଗସ୍ତରେ ଆସିଥିବା ରାଜସ୍ୱ, ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଏସ୍କର୍ଟ ଗାଡ଼ିକୁ ଢେଲାମାଡ଼ କରି ଭଙ୍ଗାରୁଜା କରିବା ଘଟଣାରେ ବାଙ୍ଗରିପୋଷି ପୋଲିସ ଜଣେ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହଣଦା ଗ୍ରାମର ମହାବୀର ଶର୍ମା(୩୭), ବିଶ୍ୱନାଥ ସାହୁ(୩୫), ଓମ ପ୍ରକାଶ ସାହୁ(୨୦) ଓ ପ୍ରତିମା ଓରଫ ପୁତୁଲ ଚାଟାର୍ଜୀ(୪୩)। ଏହି ଘଟଣାରେ ୫୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

# ଛାତ୍ରଙ୍କୁ ମାଡ଼ ଘଟଣାରେ ଶିକ୍ଷକ ନିଲମ୍ବିତ

ନନ୍ଦାହାଣ୍ଡି,୨୪।୩, (ପ୍ରତୀପ କୁମାର ଦାଶ)

ଜଣେ ଛାତ୍ରଙ୍କୁ ଚାପୁଡ଼ା ମାରିବାରୁ ତାଙ୍କୁ ଶୁଭୁ ନ ଥିବା ଅଭିଯୋଗରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଶ୍ୱିନୀ ପ୍ରଧାନଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ତାଙ୍କୁ ନନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିବା ବିଇଓ ସୂଚନା ଦେଇଛନ୍ତି। ଶିକ୍ଷକ ଛାତ୍ରଙ୍କୁ ମାଡ଼ ମାରିବା ଯୋଗୁ ତାଙ୍କ କାନକୁ ଶୁଭୁ ନ ଥିଲା। ଡିଇଓ ଛତ୍ରପତି ସାହୁ ଏହି ଅଭିଯୋଗ ପାଇବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନକୁ ବିଇଓ ଶ୍ରୀକାନ୍ତ ଜାନିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ଚିଠି ନମ୍ବର ୬୬୨/୨୦୨୫ ଅନୁଯାୟୀ ନିଲମ୍ବିତ କରାଯାଇଛି।




# ଶବର ସଂସ୍କୃତି ଉତ୍କଳୀୟ ଐତିହ୍ୟର ବାର୍ତ୍ତାବହ: ରାଷ୍ଟ୍ରପତି




ନୟାଗଡ଼ ଜିଲା ଭାପୁର ବ୍ଲକ୍ କାଳିଆପଲ୍ଲୀରେ ସୋମବାର ଆୟୋଜିତ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

■ ଶ୍ରୀନୀଳମାଧବଙ୍କ ଦର୍ଶନ କଲେ

■ କାଳିଆପଲ୍ଲୀ ଯଜ୍ଞରେ ପୂର୍ଣ୍ଣାହୁତି ଦେଲେ

ନୟାଗଡ଼/ଖଣ୍ଡପଡ଼ା,୨୪।୩ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନିକିଆ ଓଡ଼ିଶା ଗସ୍ତରେ ଆସି ନୟାଗଡ଼ ଜିଲା ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଦର୍ଶନ କରିଛନ୍ତି। ସେବାୟତଙ୍କ ସହିତ ରାଷ୍ଟ୍ରପତି ମନ୍ଦିର ପରିକ୍ରମା କରିବା ସହ ପୂଜାର୍ଚ୍ଚନା କରିଥିଲେ। ନୂଆଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଷ୍ଟ୍ରପତି ହେଲିକପ୍ଟରରେ ଆସି କଣ୍ଟିଲୋ ପଲଟନ୍ ପଡ଼ିଆରେ ଅବତରଣ କରିଥିଲେ। ଏହାପରେ ସେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ସ୍କାଏ ଲିଫ୍ଟ ମାଧ୍ୟମରେ ପଦ୍ମାଦ୍ରି ଓ ବ୍ରହ୍ମାଦ୍ରି ପାହାଡ଼ ଉପରେ ବିରାଜିତ ଶ୍ରୀନୀଳମାଧବଜୀଉଙ୍କୁ ଦର୍ଶନ କରିଥିଲେ। ପୂଜକ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କୁ ନୀଳମାଧବଙ୍କ ଏକ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ମାଝୀ, ରାଜ୍ୟପାଳ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମନ୍ଦିର ପରିଦର୍ଶନ କରିଥିଲେ।

ଏହାପରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ଭାପୁର ବ୍ଲକର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ କାଳିଆପଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ସମାବେଶରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ଜଗନ୍ନାଥ ସଂସ୍କୃତି ସହ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ରର ପରମ୍ପରା କିଭଳି ନିବିଡ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜୟ ଜଗନ୍ନାଥ, ଜୟ ନୀଳମାଧବ, ଜୟ ବିଶ୍ୱାବସୁ କହି ରାଷ୍ଟ୍ରପତି ଉଦ୍‌ବୋଧନ ଆରମ୍ଭ କରି କହିଥିଲେ, ଶବର ସଂସ୍କୃତି ଉତ୍କଳୀୟ ଐତିହ୍ୟର ବାର୍ତ୍ତାବହ। ସମସ୍ତେ ପାଠପଢ଼ି ନିଜକୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ କରାଅ। ଆଦିବାସୀଙ୍କ ପାଇଁ ପର୍ଯ୍ୟାପ୍ତ ସରକାରୀ ସୁବିଧା ରହିଛି, ଏହାର ସୁଫଳ ନିଅ। ଆଦିବାସୀଙ୍କ ସମୃଦ୍ଧି ନ ହେଲେ ଦେଶର ବିକାଶ ହେବନାହିଁ। ଦେଶରେ ଥିବା ୧ଲକ୍ଷ ଆଦିବାସୀ ବିଦ୍ୟାଳୟର ସୁଫଳ ଉଠାଅ। ବିଶ୍ୱାବସୁଙ୍କ ବାସସ୍ଥଳୀ ଅନେକ ବର୍ଷର ଐତିହ୍ୟ ଏବଂ ଧାର୍ମିକ ପୀଠ। ସେହି ମାଟି ଦେଇ ମହାନଦୀ ଓ କୁସୁମୀ ନଦୀ ପ୍ରବାହିତ। ଧାର୍ମିକ ମାଟିକୁ ମୁଁ ଆସି ନିଜକୁ ଧନ୍ୟ ମନେକରୁଛି। ବିଶ୍ୱାବସୁ ଓ ଲଳିତାଙ୍କ ପାଇଁ ଜଗନ୍ନାଥଙ୍କ ଆଦିପୀଠ ରୂପେ ନୀଳମାଧବ ପୀଠ ପରିଚିତ। ନୀଳମାଧବଙ୍କୁ ଏଠାର ପାହାଡ଼ରେ ବିଶ୍ୱାବସୁ ଶବର ରାଜା ପୂଜା କରୁଥିଲେ। ଶବରମାନେ ହେଉଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କର ଆଦି ସେବକ। ବିଶ୍ୱାବସୁ ଓ ବିଦ୍ୟାପତିଙ୍କ ବଂଶଧରମାନେ ଦଇତାପତିଭାବେ ଜଗନ୍ନାଥ ମହାପ୍ରଭୁଙ୍କୁ ପୂଜା କରୁଛନ୍ତି। ଏମାନଙ୍କୁ ପୁନରୁଦ୍ଧାର କରାଯିବା ଦରକାର। ଏହି ପୀଠକୁ ଐତିହ୍ୟ ସମ୍ପନ୍ନ ଓ ଧାର୍ମିକ ପୀଠ ଭାବେ ବିଶ୍ୱସ୍ତରରେ ପରିଚିତ କରାଗଲେ କାଳିଆପଲ୍ଲୀର ଆର୍ଥିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ।

ଉକ୍ତ ସମାବେଶରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସମେତ ରାଜ୍ୟପାଳ କମ୍ଭମପାଟି, ବାଚସ୍ପତି ପାଢ଼ୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ଶବର ସମାଜ ପ୍ରତିଷ୍ଠାନର ସଭାପତି ହୃଷିକେଶ ଦେହୁରୀ, ସମ୍ପାଦକ ବୈଷ୍ଣବ ଦେହୁରୀ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଅନେକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳ କମ୍ଭମପାଟି କହିଥିଲେ ଓଡ଼ିଶା ଏକ ଧାର୍ମିକ, ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦଭରା ରାଜ୍ୟ। ବିଶ୍ୱାବସୁ ଶବର ପୀଠରେ ଯୋଗଦେଇ ନିଜକୁ ଧନ୍ୟ ମନେ କରୁଛି। ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ପାଇଁ ବଦ୍ଧପରିକର।

ପଣ୍ଡିତ ନିରୋଦ ଚନ୍ଦ୍ର ଅଚାର୍ଯ୍ୟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଶବର ସମାଜ ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବରେ ରାଷ୍ଟ୍ରପତି ଯୋଗଦେଇ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଅପରାହ୍ଣ ପ୍ରାୟ ୫ଟାରେ ପଲଟନ ପଡ଼ିଆରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ରାଷ୍ଟ୍ରପତିଙ୍କ ଏହି କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସମାଗମ ହୋଇଥିଲା।




# ପ୍ରାକୃତିକ ବିପର୍ଯ୍ୟୟ ବେଳେ ରାଜନୀତି ଠିକ୍ ନୁହେଁ: ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ଜିଲାରେ ପବନ ସହିତ ବଜ୍ରପାତ ହେବା ଯୋଗୁ ଏଥିରେ ଜନସାଧାରଣ କ୍ଷତିଗ୍ରସ୍ତ ହୋଇଛନ୍ତି। ମୟୂରଭଞ୍ଜ ଜିଲାରେ ବିଶେଷ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଏନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଉପରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ବିବୃତି ରଖିଛନ୍ତି। ମନ୍ତ୍ରୀ ପୂଜାରୀ ବିବୃତି ରଖିବା ସମୟରେ ବିରୋଧୀ ଦଳକୁ ଟାର୍ଗେଟ କରିଛନ୍ତି। ଏଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ଲୋକମାନେ କ୍ଷତି ସହିଥିବା ବେଳେ ଏହି ବିଷୟକୁ ନେଇ ସେମାନେ ରାଜନୀତି କରିଛନ୍ତି। ଯାହା ଜମା ବି ଗ୍ରହଣୀୟ ନୁହେଁ। ଏହାସହ ପ୍ରାଥମିକ ପର୍ଯ୍ୟାୟରେ କ୍ଷତିଗ୍ରସ୍ତ ଜିଲାକୁ ୨୦ କୋଟି ୩୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ମୟୂରଭଞ୍ଜ ଜିଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁଯାୟୀ ୩୫୧୪ଟି ଗୃହ କ୍ଷତିଗ୍ରସ୍ତ ହୋଇଛି। ସମୁଦାୟ ୪୪୨ ହେକ୍ଟର କୃଷି ଓ ଉଦ୍ୟାନ କୃଷି କ୍ଷତିଗ୍ରସ୍ତ ହୋଇଛି। ଜିଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ୨୦ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଜିଲାପାଳଙ୍କୁ ଆବଣ୍ଟନ କରାଯାଇଛି। ଏହି ଅର୍ଥ ଗୃହ ମରାମତି ସହାୟତା, ରିଲିଫ୍ କ୍ୟାମ୍ପ ପରିଚାଳନା ଓ ଅନ୍ୟାନ୍ୟ ସହାୟତା ରାଶି ପାଇଁ ଜିଲା ପ୍ରଶାସନକୁ ଯୋଗାଇ ଦିଆଯାଇଛି। ତେବେ ୨୩ ତାରିଖରେ ରାଜସ୍ୱ ମନ୍ତ୍ରୀ ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସମୟରେ ଲୋକମାନେ ରାସ୍ତାରୋକୋ କରିଥିବା କଥା ଜାଣିବାକୁ ପାଇଥିଲେ। ଏହାପରେ ସେ ପ୍ରତିବାଦ କରୁଥିବା ଲୋକଙ୍କୁ ଭେଟିବା ପରେ ଜାଣିବାକୁ ପାଇଥିଲେ, କେତେଜଣ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସେମାନଙ୍କୁ ଉସୁକାଇ ଏହା କରାଇଛନ୍ତି। ସାଧାରଣ ଲୋକମାନେ ଯେତେ ପ୍ରତିବାଦ କରିବେ ସରକାର ସେତେ ଅଧିକ ଟଙ୍କା ଦେବେ ବୋଲି କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ କୁହାଯାଇଥିବା ବିଷୟ ମଧ୍ୟ ସେମାନେ ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଏହି ଅବସରରେ ଆହୁରି କହିଛନ୍ତି, ସରକାର ଗରିବ ଲୋକଙ୍କୁ ଟଙ୍କା ପଠାଇବା ବେଳେ ସେଥିରେ ବାଧକ ସାଜିବା ଠିକ୍ କଥା ନୁହେଁ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜନୀତି କରିବା ଉଚିତ ନୁହେଁ। ପରବର୍ତ୍ତୀ ସମୟରେ ଯେତେ ମାରପିଟ୍, ଝଗଡ଼ା ଯାହା କଲେ ଚଳିବ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
• ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ ୩୨୬୨ ପକ୍ଷରୁ ମାଗଣା ଆଖି ସ୍କାନିଂ ଓ ଶିବିର, ସ୍ଥାନ: ବସ୍ ମାଲିକ ଆସୋସିଏଶନ ଅଫିସ, ବରମୁଣ୍ଡା, ସମୟ: ସକାଳ ୮ଟା।
• ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ପକ୍ଷରୁ ଏନ୍‌ଏସ୍‌ଏସ୍ ଶୀତକାଳୀନ ସ୍ୱତନ୍ତ୍ର ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ଭୁବନେଶ୍ୱର ଉପକଣ୍ଠ, ସମୟ: ପୂର୍ବାହ୍ନ ୧୦ଟା।
• ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ 'ଓପେନ୍ ଡେ', ସ୍ଥାନ: ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ସୈନିକ, ପୂର୍ବାହ୍ନ ୧୦ଟା ୩୦।
• ସୋସିଓଲୋଜି ଡିପାର୍ଟମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ପିଜି କାଉନସିଲ୍ ହଲ୍, ଉତ୍କଳ ୟୁନିଭର୍ସିଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
• ଭାଜପା କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
• ଇଷ୍ଟ ଆଣ୍ଡ ନର୍ଥ ଇଷ୍ଟ ରିଜିଅନର ରିଜିଓନାଲ କନ୍‌ଫରେନ୍ସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ୩୦।
• ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୧୨ତମ ଗୋଟିପୁଅ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା।
• ୪ଟି ନାଟକର ନାମକରଣ ଏବଂ ଯାଜ୍ଞସେନୀର ୱେବ୍ ସାଇଟ୍ ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
• ଭୁବନେଶ୍ୱର ଭଞ୍ଜଭାରତୀ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
• ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
• ଦଶଦୋଳ ମେଳଣର ପଞ୍ଚଦଶ ବାର୍ଷିକୀ ସମାରୋହରେ ଦିଅଁ ମେଳଣ, ସ୍ଥାନ: ବିଷ୍ଣୁମନ୍ଦିର ପରିସର, ଶହୀଦ ନଗର, ସମୟ: ରାତି ୮ଟା।

## କଟକ
• ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ୧୦ମ ତ୍ରୟବାର୍ଷିକ ଅଧିବେଶନ ଉଦ୍‌ଘାଟନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗତିରାଉତ ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
• ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ଅଡିଟୋରିୟମ, ସମୟ: ମଧ୍ୟାହ୍ନ ୧୨ଟା।
• ରେଜ୍ ଫାଉଣ୍ଡେଶନ ପକ୍ଷରୁ ୪ର୍ଥତମ ସ୍ୱୟଂସିଦ୍ଧା ସମ୍ମାନ, ସ୍ଥାନ: ତଥାସ୍ତୁ କନ୍‌ଭେନ୍‌ସନ, ଶିଖରପୁର, ସମୟ: ଅପରାହ୍ନ ୪ଟା।
• ଭାଜପା କଟକ ଜିଲା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
• କଇଁଛ ସୁରକ୍ଷା ଅଭିଯାନ, ସ୍ଥାନ: ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ର, ବାଲେଶ୍ୱର, ସମୟ: ସକାଳ ୯ଟା।

## ଭଦ୍ରକ
• ଶ୍ରୀରାମ ନବମୀ ଓ ବିଜୟା ଦଶମୀ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ଜୟନଗର, ଧାମନଗର, ସମୟ: ସକାଳ ୬ଟା ୩୦।
• ଗୟାଧର ବାରିକ୍‌ଙ୍କ ସ୍ମୃତିସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
• ଐତିହାସିକ ବାଦୀପାଲା ଉଦ୍‌ଯାପନୀ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ରାତି ୮ଟା।

## ମୟୂରଭଞ୍ଜ
• କଂଗ୍ରେସ ଅନୁଧ୍ୟାନ ଟିମର କାଳବୈଶାଖୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ, ସ୍ଥାନ: ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
• ଜାତୀୟ ନାଟକ ମହୋତ୍ସବ ସପ୍ତମ ସନ୍ଧ୍ୟାରେ ବେଙ୍ଗଲି ନାଟକ କର୍ଣ୍ଣଭାସ ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
• କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତିକ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
• ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ:ଅପରାହ୍ନ ୪ଟା।
• ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା।
• ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡିଆ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା
• ଟ୍ରାକ୍ଟର ୟୁନିୟନ ପକ୍ଷରୁ ବୈଠକ, ସ୍ଥାନ: କୁମୁଡିପେଣ୍ଠ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
• ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ : ସକାଳ ୭ଟା।
• ଗିର୍ଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଡାବୁଗାଁସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
• ପାପଡ଼ାହାଣ୍ଡି ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ପାପଡ଼ାହାଣ୍ଡି , ସମୟ: ୧୦ଟା ୩୦।

## କୋରାପୁଟ
• ଅଗ୍ନିଗଙ୍ଗାମାଙ୍କ ୩ଦିନିଆ ଘଟଯାତ୍ରା, ସ୍ଥାନ: କଣ୍ଟାଗୁଡାସ୍ଥିତ ନୀଳାବାଡି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି
• କଂଗ୍ରେସର ବନ୍ଦ ଡାକରା, ସ୍ଥାନ: ବାଲିମେଳା, ସମୟ: ସକାଳ ୭ଟା।
• ଚିତ୍ରକୋଣ୍ଡାରେ ବନ ବିଭାଗର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା, ସ୍ଥାନ: ଚିତ୍ରକୋଣ୍ଡା, ସମୟ: ସକାଳ ୯ଟା।
• ମାଥିଲି ବ୍ଲକ ଭେଜାଗୁଡା ଲ୍ୟାମ୍ପସ୍ ବାର୍ଷିକ ବୈଠକ, ସ୍ଥାନ: ଭେଜାଗୁଡା, ସମୟ: ପୂର୍ବାହ୍ନ ୧୦ଟା।
• ଜୟବଜରଙ୍ଗବାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: କୋରୁକୋଣ୍ଡା ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
• କୋରୁକୋଣ୍ଡା ବ୍ଲକରେ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
• ବାଲିମେଳା ବନ ବିଭାଗର ଜଙ୍ଗଲ ସୁରକ୍ଷା ସଚେତନତା, ସ୍ଥାନ: ବାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
• ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
• ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ : ଡେବ୍ରିଗଡ ଅଭୟାରଣ୍ୟ, ସମୟ : ପୂର୍ବାହ୍ନ ୧୧ଟା।
• ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ : ଧନକଉଡା ଫୁଟବଲ ପଡିଆ, ସମୟ : ସକାଳ ୯ଟା ୩୦।
• ବାନ୍ଧକଳା ଓ ବାନ୍ଧଶିଳ୍ପୀ ସଂଘର ଆଲୋଚନା ଚକ୍ର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
• ଜିଲା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ବୁର୍ଲା ପିଜି ଛକ, ସମୟ : ପୂର୍ବାହ୍ନ ୧୧ଟା।
• ବ୍ରଜବାହୁ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସହଭାଗିତା କେନ୍ଦ୍ର, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
• ମହାରାଜା ଆରଏନ୍ ସିଂଦେଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡ଼ିୟମ, ବଲାଙ୍ଗୀର,ସମୟ: ଅପରାହ୍ନ ୪ଟା।

## ରାଉରକେଲା
• ବ୍ୟାସଦେବ ବିଦ୍ୟା ମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦।
• ସିଟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
• ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
• ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତାଲପାଲି, ଗାଇସିଲେଟ୍, ସମୟ: ସକାଳ ୮ଟା।
• ଜବରଦଖଲ ଉଚ୍ଛେଦ ଦାବିରେ ସ୍ମାରକପତ୍ର ପ୍ରଦାନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
• ମାଣିକେଶ୍ୱରୀ ବକ୍ତୃତାମାଳା, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
• ଶିକ୍ଷା ବିକାଶ ଉତ୍ସବ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
• ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼
• ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
• ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
• ସ୍ୱର୍ଣ୍ଣପ୍ରୟାଗ ତଥା ଶ୍ରୀରାମେଶ୍ୱର ତ୍ରିବେଣୀ ସଙ୍ଗମରେ ଅମୃତ ସ୍ନାନ, ସ୍ଥାନ ମହାନଦୀ ଓ ତେଲ ନଦୀର ସଙ୍ଗମ ସ୍ଥଳ, ସମୟ: ପ୍ରାତଃ ୪ଟା।
• ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହରୀ ନାମଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
• ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପନୀ ଉପଲକ୍ଷେ ନଗର ପରିକ୍ରମା, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୭ଟା।
• ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
• ବୀରମହାରାଜପୁର ବ୍ଲକ ଟିପିପାଲିରେ ନବାହ୍ନ ପାରାୟଣର ନବମ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
• ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ନବମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
• ଜଗନ୍ନାଥ ମହୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
• ସୁବର୍ଣ୍ଣପୁରର ମା ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
• ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
• ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ଗାଁ, ସମୟ: ପ୍ରାତଃ ୫ଟା।
• ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
• ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ସିନାପାଲି ବ୍ଲକ ନିଳଜି ପଞ୍ଚାୟତ କଡରାମାଲ ଗାଁ, ସମୟ: ଅପରାହ୍ନ ୫ଟା।

## ଖାରସୁଗୁଡ଼ା
• ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ସମୟ: ସକାଳ ୭ଟା।
• ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
• ଏକାଦଶୀ ଉପଲକ୍ଷେ ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ତିଳେଇ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
• ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
• ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ନାବାଳିକାଙ୍କୁ ଅସଦାଚରଣ ମାମଲା: ଭଗବାନଙ୍କୁ ୭ବର୍ଷ ଜେଲ

**ଭୁବନେଶ୍ୱର,୨୪।୩ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ଆଡ୍‌ହକ୍ ଆଡିଶନାଲ ଜିଲା ଓ ସେସନ୍ସ ଜଜ୍-କମ୍-ସ୍ପେଶାଲ ଫାଷ୍ଟ ଟ୍ରାକ୍ କୋର୍ଟ-୨ରେ ଚନ୍ଦକା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଦୁର୍ଗା ଚରଣ ମିଶ୍ର ମାମଲାର ବିଚାର କରି ଅଭିଯୁକ୍ତ ଭଗବାନ ଓରଫ ମଗୁଲି ପୂର୍ତ୍ତିଙ୍କୁ ୭ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ୧୭ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜଗୁଡ଼ିକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି।

ଘଟଣା ଅନୁଯାୟୀ, ଅଭିଯୋଗକାରିଣୀ ପୀଡ଼ିତା ନାବାଳିକା ଜଣକ ପରିବାର ସହ ଚନ୍ଦକା ଥାନା ଅଞ୍ଚଳରେ ରହୁଥିଲେ। ଅଭିଯୁକ୍ତ ଭଗବାନ ତାଙ୍କ ପଡ଼ୋଶୀ। ଗତ ୨୦୨୩ ଏପ୍ରିଲ ୧୦ ସନ୍ଧ୍ୟାରେ ପୀଡ଼ିତା ତାଙ୍କ ମା'ଙ୍କ ସହ ଘର ଅଗଣାରେ ବସିଥିବା ବେଳେ ଅଭିଯୁକ୍ତ ଭଗବାନ ପାଖକୁ ଆସି ବିସ୍କୁଟ କିଣି ଦେବାକୁ କହି ନାବାଳିକାଙ୍କୁ ସାଙ୍ଗରେ ନେଇ ପାଖ ଦୋକାନକୁ ଯାଇଥିଲେ। ବିସ୍କୁଟ କିଣିସାରିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ସାଙ୍ଗରେ ନିଜ ଘରକୁ ନେଇଯାଇଥିଲେ। କିଛି ସମୟ ପରେ ଅଭିଯୁକ୍ତଙ୍କ ଘର ଭିତରୁ ନାବାଳିକାଙ୍କ କାନ୍ଦ ଶୁଣି ତାଙ୍କ ମା' କାହ୍ନୁ ମୁଣ୍ଡା ନାମକ ଜଣେ ସମ୍ପର୍କୀୟ ଭାଇଙ୍କୁ ଅଭିଯୁକ୍ତଙ୍କ ଘରକୁ ଦେଖି ଆସିବା ଲାଗି ପଠାଇଥିଲେ। କାହ୍ନୁ ମୁଣ୍ଡା ଅଭିଯୁକ୍ତଙ୍କ ଘରେ ପହଞ୍ଚି ନାବାଳିକା ଉଲଗ୍ନ ଅବସ୍ଥାରେ କାନ୍ଦୁଥିବା ଦେଖିବାକୁ ପାଇଥିଲେ। ହଠାତ କାହ୍ନୁଙ୍କୁ ସେଠାରେ ଦେଖି ଅଭିଯୁକ୍ତ ଜଣକ ଦୌଡ଼ି ପଳାଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ମାମଲାକୁ ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ପରିଚାଳନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ସକାଶେ ଚେଷ୍ଟାକରି ବିଫଳ ହେବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି।

**ବୃଷ**
ପ୍ରତ୍ୟେକ ଦିଗ ସକାଶେ ଅନୁକୂଳ ସ୍ଥିତି ରହିଲେ ମଧ୍ୟ ପାରିବାରିକ ସମସ୍ୟା ସମାଧାନ କରିପାରିବେ ନାହିଁ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ଆପଣଙ୍କୁ ସୁହାଇଲା ଭଳି କଥା କହିପାରନ୍ତି। ବ୍ୟବସାୟ, ପରିବହନ, ପ୍ରଶାସନ, ଆଇନ ଓ ରାଜନୈତିକ ସଙ୍ଗଠନର କାର୍ଯ୍ୟ ଭଲରେ ଚାଲିବ।

**ମିଥୁନ**
ପାରିବାରିକ ଜୀବନ ପୂର୍ବଭଳି ରହିଲେ ମଧ୍ୟ ସମ୍ପର୍କୀୟଙ୍କ କାନକୁହା କଥା ବ୍ୟତିକ୍ରମ ସୃଷ୍ଟିକରିବ। ସହକର୍ମୀଙ୍କୁ ସନ୍ତୁଷ୍ଟକରାଇ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ରାଜନୀତି ତଥା ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ଜଣେ ହିତାକାଂକ୍ଷୀ ସାହାଯ୍ୟ କରିପାରନ୍ତି।

**କର୍କଟ**
ଆଜି ବନ୍ଧୁସମ୍ପର୍କ, ବିବାଦୀୟ ପରିସ୍ଥିତି ତଥା କର୍ମାରମ୍ଭରେ ଅସ୍ଥିରତା ସୃଷ୍ଟିହୋଇପାରେ। ଅପେକ୍ଷା କରିବାକୁ କହିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ଦିଗରେ ପଡ଼ୋଶୀ ସାହାଯ୍ୟ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ସିଂହ**
ଅଧିକାଂଶ ସମୟ ସମସ୍ୟାଗ୍ରସ୍ତ ରହିବା ହେତୁ ମନ ବିଚଳିତ ରହିବ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି, ଓ ଋଣଭାର କ୍ରମଶଃ ହ୍ରାସ ପାଇବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି।

**କନ୍ୟା**
କାର୍ଯ୍ୟବ୍ୟସ୍ତତା କାରଣରୁ ଆଜି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ରହିପାରିବେ ନାହିଁ। ବନ୍ଧୁଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବ ମନକୁ ଚହଲାଇଦେବ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କା ପଇସା ଦେବାନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟିହୋଇପାରେ।

**ତୁଳା**
ବହୁଦିନରୁ ଚେଷ୍ଟା କରୁଥିବା କାମଟି ଜଣେ ସହକର୍ମୀଙ୍କ ଜରିଆରେ ସଫଳହେବ। ଆତ୍ମୀୟଙ୍କ ସମସ୍ୟା ବିଷୟରେ ଦୁଶ୍ଚିନ୍ତା ବୃଦ୍ଧି ଟେନ୍‌ସନର କାରଣ ହେବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁଯାୟୀ ସୁଫଳ ପାଇବେ। ମନୋରଞ୍ଜନର ମଉକା ଜୀବନଯାତ୍ରାକୁ ମଧୁମୟ କରିବା ସମ୍ଭାବନା ରହିଛି।

**ବିଛା**
ଆପଣଙ୍କ ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ ସାହସିକ ପଦକ୍ଷେପ ଅସମ୍ଭବକୁ ସମ୍ଭବ କରାଇବାରେ ସାହାଯ୍ୟ କରିବ। ସାମୟିକ ସମସ୍ୟା ଆସିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ମାତ୍ରାଧିକ ଭ୍ରମଣହେତୁକ କ୍ଳାନ୍ତି ଅନୁଭବ କରିବେ।

**ଧନୁ**
ବିଗତ ଦିନର ଘଟଣାର ପ୍ରଭାବକୁ କେନ୍ଦ୍ରକରି ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରବାସରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପରିଜନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମକର**
ପରିବାରର ଇଚ୍ଛା ବିରୋଧରେ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବା ହେତୁ ପାରିବାରିକ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବାରୁ ରକ୍ତଚାପ ବଢ଼ିପାରେ। ଦାୟିତ୍ୱହୀନ ମନ୍ତବ୍ୟର ପରିଣାମ ସ୍ୱରୂପ ମନସ୍ତାପ କରିବାକୁ ପଡ଼ିବ। ଆଲୋଚନା ପରିସରରେ ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିକରିବ।

**କୁମ୍ଭ**
କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ସାହାଯ୍ୟ ଆର୍ଥିକ ସମସ୍ୟା ଦୂରେଇଦେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଦୂରଯାତ୍ରାରେ ଦୀର୍ଘଦିନର ଅଭିଳାଷ ପୂରଣ ହେବାର ଆଶା ରହିଛି। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିବା ଅନର୍ଥର କାରଣ ହୋଇପାରେ।

**ମୀନ**
ଆଜି ଫେରିବା ରାସ୍ତାରେ ବନ୍ଧୁ ଜଣେ ଭେଟି କୌଣସି ସାହାଯ୍ୟ ଭିକ୍ଷା କରିପାରନ୍ତି। ସହକର୍ମୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବା ଆଶଙ୍କା ରହିଛି।

ଆଜି ମାର୍ଚ୍ଚ ୨୫ ତାରିଖ, ଚୈତ୍ର କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ ପାପମୋଚିନୀ ଏକାଦଶୀ ମଙ୍ଗଳବାର, ଚୈତ୍ର ମଙ୍ଗଳବାର ଓଷା। ରାଶିନକ୍ଷତ୍ର-ଶ୍ରବଣା/ମକର, ଶରଣ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୫୧ ଗତେ, ଘ.୧୦।୪୦ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୨୩, ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୪ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ବାକ୍ ସ୍ୱାଧୀନତା...
ଅନେକ କର୍ମୀ ହୋଟେଲ ଏବଂ ଏହା ପରିସରରେ ଥିବା ଷ୍ଟୁଡିଓରେ ଭଙ୍ଗାରୁଜା କରିଥିଲେ। ଶିନ୍ଦେଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ କୁନାଲଙ୍କ ବିରୋଧରେ ମୁମ୍ବାଇ ପୋଲିସ ସୋମବାର ଏତଲା ଦାଏର କରିଛି। ଏଥିସହିତ ଶିବସେନା କାର୍ଯ୍ୟକର୍ତ୍ତା ରାହୁଲ କନଲ ଓ ଅନ୍ୟ ୧୧ ଜଣଙ୍କୁ ପୋଲିସ ଗିରଫ କରିଥିଲା ବେଳେ ସେମାନଙ୍କୁ ପରେ ଜାମିନରେ ଛଡ଼ାଯାଇଛି।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ହାସ୍ୟାଭିନେତା କୁନାଲଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ନାଁରେ ଉପମୁଖ୍ୟମନ୍ତ୍ରୀଙ୍କ ଉପରେ ନିମ୍ନସ୍ତରର କମେଡି ଏବଂ ଅସମ୍ମାନ କରାଯାଇପାରିବ ନାହିଁ ବୋଲି ଫଡ଼ନବିସ୍ ବିଧାନସଭାରେ କହିଛନ୍ତି। କିଏ ଦେଶଦ୍ରୋହୀ ଏବଂ କିଏ ସ୍ୱାଭିମାନୀ, ତାହା ୨୦୨୪ ବିଧାନସଭା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ବାଲ୍ ଠାକ୍‌ରେଙ୍କ ଶିବସେନାର ପ୍ରକୃତ ଉତ୍ତରାଧିକାରୀ ଶିନ୍ଦେ, ଏହାକୁ ଜନସାଧାରଣ ଅନୁମୋଦନ କରିଛନ୍ତି। ଅନ୍ୟପକ୍ଷରେ କୁନାଲ ତାଙ୍କ ମନ୍ତବ୍ୟକୁ ନେଇ ଅନୁତପ୍ତ ନୁହନ୍ତି ବୋଲି କହିବା ସହ କେବଳ ଅଦାଲତ କହିଲେ ସେ କ୍ଷମା ମାଗିବେ ବୋଲି ସ୍ପଷ୍ଟ କରିଛନ୍ତି। ତାମିଲନାଡୁରେ ଥିବା କୁନାଲ ପୋଲିସ ସହ କଥା ହୋଇ ଶିନ୍ଦେଙ୍କୁ ଟାର୍ଗେଟ କରିବା ନିମନ୍ତେ ବିରୋଧୀଙ୍କଠାରୁ ଟଙ୍କା ନେଇଥିବା ଗୁଜବକୁ ଖଣ୍ଡନ କରିଛନ୍ତି। ଏନେଇ ଯାଞ୍ଚ କରିବା ପାଇଁ କୁନାଲ ପୋଲିସକୁ ଅନୁମତି ଦେଇଛନ୍ତି।

## ୧୯ ଦିନ ପରେ...
ରହିଛି। ବର୍ଷେ ତଳେ ରାଜଶ୍ରୀ ନିଜ ୪ ବର୍ଷର ପୁଅକୁ ନେଇ ବାପଘରକୁ ଚାଲିଆସିଥିଲେ। ଗତ ୪ ତାରିଖରେ ରାଜଶ୍ରୀ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏମ୍‌ଏସି ଫାଇନାଲ ପରୀକ୍ଷା ଦେବାକୁ ଯାଇଥିଲେ। ଏହି ସମୟରେ ସେ ପୁଅକୁ ବାପା ମୀନକେତନ ରହୁଥିବା ମାଝୀଗୁଡ଼ାସ୍ଥିତ ଭଡ଼ାଘରେ ଛାଡ଼ିଯାଇଥିଲେ। ଘରେ କେହି ନ ଥିବାବେଳେ ମୀନକେତନ ପିଲାଟିକୁ ପଡ଼ୋଶୀଙ୍କ ପାଖରେ ଛାଡ଼ି ଅଫିସ ଯାଇଥିଲେ। ଏହାର ସୁଯୋଗ ନେଇ ରାଜଶ୍ରୀଙ୍କ ସ୍ୱାମୀ ନିଜର କେତେଜଣ ସହଯୋଗୀଙ୍କ ସହ ଏକ କାର୍‌ରେ ଆସି ସେଠାରୁ ପିଲାଟିକୁ ନେଇ ପଳାଇଥିଲେ। ଏ ନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୧୯ ଦିନ ପରେ ଶନିବାର ରାତି ପ୍ରାୟ ୧୦ଟା ୩୦ରେ ନବରଙ୍ଗପୁର ଏସ୍‌ଆଇ ସୀମା ଲାକ୍ରା, ସବିର ଅହମ୍ମଦ ପ୍ରମୁଖ ବିଶାଖାପାଟଣାର ଏକ ଭଡ଼ାଘରୁ ପବିତ୍ର ଓ ଶିଶୁପୁତ୍ରକୁ ଠାବ କରିଥିଲେ। ପିଲାଟିକୁ ଜିଲା ଶିଶୁ ମଙ୍ଗଳ କମିଟିକୁ ଦିଆଯାଇଥିଲା। ଜିଲା ଶିଶୁ ମଙ୍ଗଳ କମିଟି ଏବେ ଶିଶୁକୁ ରାଜଶ୍ରୀଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

## ବାଲ୍‌ଟି ପାଣିରେ...
ମାତ୍ର ୨ଟି ଅଟୋରେ ଆସିଥିବା ୧୨ରୁ ଉର୍ଦ୍ଧ୍ୱ ପରିବାର ଓ ଗାଁ ଲୋକେ ବ୍ୟବଚ୍ଛେଦ କରିବାକୁ ନ ଦେଇ ଜୋର୍ ଜବରଦସ୍ତି ମେଡିକାଲରୁ ମୃତଦେହ ନେଇ ଘରକୁ ପଳାଇଥିଲେ। ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନାଏକ ଗୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କୁ ଜଣାଇଥିଲେ। ଖବରପାଇ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## '୬୦' ଥୋପ...
ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ। ମାସିକ ୬୦ ଟଙ୍କା ସ୍ମାର୍ଟ ମିଟର ଉପରେ ଭଡ଼ା(ରେଣ୍ଟ) ଛାଡ଼ କରାଯିବ। ଯେଉଁ ସ୍ମାର୍ଟ ମିଟର ଉପଭୋକ୍ତା ମାସିକ ୨ କିଲୋ ୱାଟ୍ ବ୍ୟବହାର କରୁଛନ୍ତି ସେମାନଙ୍କ ପାଇଁ ରେଣ୍ଟ ଛାଡ଼ କରାଯିବ। ଏଥିସହ ଯେଉଁ ଉପଭୋକ୍ତାମାନେ ଇ-ପେମେଣ୍ଟ ସିଷ୍ଟମ୍ ଆପଣେଇବେ ସେମାନଙ୍କୁ ପ୍ରତ୍ୟେକ ବିଲ୍ ପିଛା ଅତିରିକ୍ତ ୧୦ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ପୂର୍ବପରି ଉପଭୋକ୍ତା ମାସିକ ୫୦ୟୁନିଟ ବ୍ୟବହାର କରୁଥିଲେ ୟୁନିଟ ପିଛା ୨ଟଙ୍କା ୯୦ପଇସା ଦେବାକୁ ପଡ଼ିବ। ୫୦ରୁ ୨୦୦ ୟୁନିଟ୍ ବ୍ୟବହାର କଲେ ତାଙ୍କୁ ୪ ଟଙ୍କା ୭୦ ପଇସା ଦେବାକୁ ପଡ଼ିବ। ଏହାବାଦ୍ ଯେଉଁ ଉପଭୋକ୍ତା ୨୦୦ରୁ ୪୦୦ୟୁନିଟ୍ ବିଦ୍ୟୁତ୍ ବ୍ୟବହାର କରିବେ ସେମାନଙ୍କୁ ୟୁନିଟ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ୪୦୦ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ବ୍ୟବହାର କଲେ ୬ଟଙ୍କା ୧୦ ପଇସା ଦେବାକୁ ହେବ। ସେହିପରି ଯେଉଁ ଉପଭୋକ୍ତା ପ୍ରି-ପେଡ ମିଟର ବ୍ୟବହାର କରିବେ ସେମାନଙ୍କୁ ୪ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି ଓଇଆର୍‌ସି ସଚିବ ସୂଚନା ଦେଇଛନ୍ତି। ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଓଇଆରସି ବିଦ୍ୟୁତ୍ ଟାରିଫ ଅପରିବର୍ତ୍ତିତ ରଖିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଗତ ଆର୍ଥିକବର୍ଷ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଉପଭୋକ୍ତାଙ୍କଠାରୁ ୯୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରି ନେଇଛନ୍ତି। ବିଦ୍ୟୁତ୍ ଆଇନ ଅନୁଯାୟୀ, ବିତରଣକାରୀ କମ୍ପାନୀଗୁଡ଼ିକ ଉକ୍ତ ଅଧିକ ଅର୍ଥକୁ ସୁଧ ସହିତ ଉପଭୋକ୍ତାଙ୍କୁ ଫେରସ୍ତ କରିବା କଥା। ମାତ୍ର ଏଦିଗରେ ଓଇଆର୍‌ସି ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ଆବାହକ ରବି ବେହେରା କହିଛନ୍ତି, ଆମେ ଓଡ଼ିଶାରେ ସ୍ମାର୍ଟ ମିଟର ବ୍ୟବସ୍ଥା ବନ୍ଦ କରିବାକୁ ଦାବି କରିଆସୁଛୁ। ଏବେ ୨ କିଲୋୱାଟ ବ୍ୟବହାର କରୁଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ଲାଗି ମାସିକ ମିଟର ରେଣ୍ଟ ୬୦ଟଙ୍କା ଛାଡ଼ ହେବ ବୋଲି ଓଇଆର୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଏହା କେବଳ ଧର୍ମକୁ ଆଖିଠାର। ୬୦ଟଙ୍କା ହିସାବରେ ବର୍ଷକୁ୭୨୦ଟଙ୍କା ଛାଡ଼ କରିବେ।କିନ୍ତୁସାଧାରଣ ମିଟର ଅପେକ୍ଷା ସ୍ମାର୍ଟ ମିଟରରେ ଦେଢ଼ରୁ ପାଖାପାଖି ୨ଗୁଣା ଅଧିକ ବିଲ୍ ଆସୁଛି। ସ୍ମାର୍ଟ ମିଟରକୁ ବିରୋଧ ହେଉଥିବାରୁ ଏହି ମିଟର ଲଗାଇବାକୁ ଉପଭୋକ୍ତାଙ୍କୁ ଓଇଆର୍‌ସି ଥୋପ ଦେଖାଇଛି ବୋଲି ରବି କହିଛନ୍ତି।

## ବର୍ଷା ପାଇଁ...
ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ରହିଛି। ତେବେ କାଳବୈଶାଖୀ ବର୍ଷା ଯୋଗୁ ଗରମ ଓ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତ ହୋଇଥିଲେ ମଧ୍ୟ ଆଗକୁ ତାପମାତ୍ରା ପୁଣି ବୃଦ୍ଧି ପାଇବ। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ୩ ଦିନରେ ୧.୨୦...
ସୂଚନା ମିଳିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଅଣ୍ଡା ଓ କଇଁଛମାନଙ୍କ ଯେଭଳି ସୁରକ୍ଷା କରିବା କଥା ବନ ବିଭାଗ ଓ ସ୍ୱେଚ୍ଛାସେବୀମାନେ ମିଶି କରିଛନ୍ତି। ପ୍ରତି ୫୦ ମିଟରରେ ଜଣେ ବନ କର୍ମଚାରୀଙ୍କୁ କଇଁଛ ଗଣତି ସକାଶେ ନିୟୋଜିତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଗୋଖରକୁଦାରୁ ବଟେଶ୍ୱର ମୁହାଣ ପର୍ଯ୍ୟନ୍ତ କଇଁଛମାନେ ଅଣ୍ଡା ଦେଇଛନ୍ତି। ସବୁଠୁ ବଡ କଥା ହେଲା ରବିବାର ପ୍ରବଳ ବର୍ଷାରେ ବାଲି ଦବି ଯାଇଛି। ପୂର୍ବରୁ ଯେଉଁ କଇଁଛମାନେ ଅଣ୍ଡାଦେବାକୁ ଆସିଥିଲେ ସେମାନଙ୍କ ଛୁଆ ଫୁଟିବା ବେଳ ପାଖେଇ ଆସୁଥିବାବେଳେ ସେଥିରୁ ଛୁଆ ଫୁଟିବେ କି ନାହିଁ ତାହା ପରିବେଶବିତ୍‌ମାନଙ୍କୁ ଆନ୍ଦୋଳିତ କରୁଛି। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ କଇଁଛମାନେ ଆସି ଅଣ୍ଡା ଦେଇଛନ୍ତି ସେମାନେ ସେହି ସ୍ଥାନରେ ହିଁ ଅଣ୍ଡା ଦେଇଥିବାରୁ ପୂର୍ବ କଇଁଛଙ୍କ ଅଣ୍ଡା ପ୍ରତି ବିପଦ ରହିଛି। ତେଣୁ ଯେମିତି ହେଲେ ବି ବହୁତ ଅଣ୍ଡା ନଷ୍ଟ ହୋଇଯାଇପାରେ ବୋଲି ପରିବେଶବିତ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋମୀ ଖୋଖରଙ୍କୁ ପଚାରିବାରେ ସେ କହିଲେ ଯେ, କଇଁଛମାନେ ସୁରକ୍ଷିତ ଭାବେ ଅଣ୍ଡା ଦେଇ ଯାଇଥିଲେ। ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଅଣ୍ଡା ଦେବାକୁ କଇଁଛମାନେ ଆସୁଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ସହ କଇଁଛଙ୍କ ଅଣ୍ଡାଗୁଡିକ କିଭଳି ସୁରକ୍ଷିତ ରହିବ ସେଥିନେଇ ପ୍ରୟାସ ଜାରି ରହିଛି।

## ବନ କର୍ମଚାରୀଙ୍କ...
ଶିକାରୀମାନେ ଖୁବ୍‌ଶୀଘ୍ର ବନ୍ଧୁକଗୁଡ଼ିକ ସମର୍ପଣ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କୋର୍ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ କିଛି ଶିକାରୀ ପୋଡାଡିହା ରେଞ୍ଜର ମନଭଙ୍ଗା ବିଟ୍ ଅଞ୍ଚଳ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବା ସହ ସେଠାରେ ଭୋଜି କରୁଥିଲେ। ଖବରପାଇ ବନ ବିଭାଗ ଓ ସ୍ୱତନ୍ତ୍ର ଟାଇଗର ପ୍ରୋଟେକ୍ସନ ଫୋର୍ସ (ଏସ୍‌ଟିପିଏଫ୍)କର୍ମଚାରୀ ସେଠାରେ ଚଢ଼ାଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଖସିପଳାଇବା ସମୟରେ ଶିକାରୀ ଓ କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଶିକାରୀମାନେ ନେଇଥିବା ଦୁଇଟି ଦେଶୀ ବନ୍ଧୁକରୁ ବନ କର୍ମଚାରୀଙ୍କ ଉପରକୁ ଗୁଳିଚାଳନା କରିଥିଲେ। ତେବେ କୌଶଳ କ୍ରମେ ବନ କର୍ମଚାରୀମାନେ ଜଣେ ଶିକାରୀଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତାଙ୍କୁ ପଚରାଉଚୁରା ପରେ ଏସ୍‌ଟିପିଏଫ୍, ପୋଡ଼ାଡ଼ିହା ରେଞ୍ଜ କର୍ମଚାରୀ ଓ ବାରିପଦା ଡିଭିଜନର କର୍ମଚାରୀମାନେ ମିଳିତ ଭାବେ ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି ଅନ୍ୟ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଶିକାରୀଙ୍କ ଗୁଳିମାଡ଼ରେ ୨ ବନ କର୍ମଚାରୀ ନିହତ ହୋଇଛନ୍ତି। ଏନେଇ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଚଢ଼ାଉରେ ସାମିଲ କର୍ମଚାରୀମାନେ ବୁଲେଟପ୍ରୁଫ ଜ୍ୟାକେଟ ବ୍ୟବହାର କରି ଶିକାରୀଙ୍କ ଅତର୍କିତ ଆକ୍ରମଣରୁ ସୁରକ୍ଷିତ ରହିପାରୁଛନ୍ତି ବୋଲି ବିଭାଗ ସୂଚନା ଦେଇଛି। ବିଭାଗ ନିକଟରେ ୧୦ଟି ବୁଲେଟ ପ୍ରୁଫ୍ ଜ୍ୟାକେଟ୍ ଗଚ୍ଛିତ ରହିଥିବା ବେଳେ ଅଧିକ ୫୦ଟି ଆଣିବାର ବ୍ୟବସ୍ଥା କରାଯାଇଛି। ସେହିପରି ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଏସ୍‌ଟିପିଏଫ୍‌କୁ ମିଶାଇ ୮୦ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ତାଲିମ ପ୍ରଦାନ କରାଯାଇଛି। ୯ ଏମ୍‌ଏମ୍ ଓ ପଏଣ୍ଟ ୩୨ ପିସ୍ତଲ ୧୫ଟି, ଆଇଏନ୍‌ଏସ୍‌ଏଏସ୍ ୫ଟି, ଏକ୍ସକାଲିବର ୩୪ଟି ଏବଂ ପିଏଜି ୩୧ଟି ବନ୍ଧୁକ ବିଭାଗ ନିକଟରେ ରହିଛି। କୌଣସି ଅପରେଶନ ହେବା ପୂର୍ବରୁ ସୁରକ୍ଷା କବଚ ଭାବେ ଏହି ଜ୍ୟାକେଟକୁ ପିନ୍ଧି ଓ ବନ୍ଧୁକ ଧରି କର୍ମଚାରୀମାନେ ଆଗକୁ ଯାଇପାରୁଛନ୍ତି ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶିମିଳିପାଳକୁ ସମ୍ପୂର୍ଣ୍ଣ ଭାବେ ଶିକାରୀ ମୁକ୍ତ କରିବା ପାଇଁ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ସହ କଡ଼ା ଆଇନ ପ୍ରଣୟନ ଏବଂ ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।

# ଧରାପଡ଼ିଲା ୪୦ଲକ୍ଷ ଟଙ୍କା ଚୋରି ନାଟକ

## ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

**କୋଝିକୋଡେ(କେରଳ),୨୪।୩**

ଏକ କମ୍ପାନୀର ଶାଖାରେ ଜମା କରିବାକୁ ଶ୍ୱଶୁର ଦେଇଥିବା ୪୦.୨୫ ଲକ୍ଷ ଟଙ୍କାକୁ ବ୍ୟକ୍ତିଗତ କାର୍ଯ୍ୟରେ ଖର୍ଚ୍ଚ କରିଦେଲେ। ପରେ ଏହା ଚୋରି ହୋଇଯାଇଥିବାର ନାଟକ ରଚି ଥାନାରେ ଅଭିଯୋଗ କରିଥିବା ଜ୍ୱାଇଁ ଏବଂ ତାଙ୍କର ୨ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଏଭଳି ଏକ ଘଟଣା କେରଳ କୋଜିକୋଡ ଥାନା ଅଞ୍ଚଳରେ ଘଟିଛି। ମୁଖ୍ୟ ଅଭିଯୁକ୍ତ ପି.ଏମ୍. ରାହି ଏବଂ ତାଙ୍କ ସହଯୋଗୀ ସାଜିଦ୍ ଓରଫ ସାଜି ଏବଂ ଜାମସିଦ୍‌ଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରାହିଙ୍କ ଶ୍ୱଶୁର ବେଙ୍ଗାଲୁରୁର ଏକ କମ୍ପାନୀରେ ମ୍ୟାନେଜର ଭାବେ କାମ କରନ୍ତି। ଉକ୍ତ କମ୍ପାନୀର ଏକ ଶାଖା(ବ୍ରାଞ୍ଚ) କେରଳରେ ରହିଛି। କେରଳସ୍ଥିତ ଶାଖାରେ ୪୦.୨୫ ଲକ୍ଷ ଟଙ୍କା ଜମା କରିବା ପାଇଁ ରାହିଙ୍କୁ ତାଙ୍କ ଶ୍ୱଶୁର ଦେଇଥିଲେ। ହେଲେ ଉକ୍ତ ଟଙ୍କାକୁ ଶାଖାରେ ପଇଠ କରିବା ପରିବର୍ତ୍ତେ ସେ ଏହାକୁ ବ୍ୟକ୍ତିଗତ କାର୍ଯ୍ୟରେ ଖର୍ଚ୍ଚ କରିଦେଇଥିଲେ।



ସିସିଟିଭିରେ କଏଦ ଚୋରି ସମୟର ଦୃଶ୍ୟ।

ଫଳରେ ଏହାକୁ ଭରଣା କରି ନ ପାରି ଏକ ଚୋରି ନାଟକ ରଚିଥିଲେ। ଗତ ୨୦ତାରିଖରେ ରାହି କୋଝିକୋଡେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଭାଥୁରମ୍ବାରେ ଥିବା ଏକ ହସ୍ପିଟାଲ ସମ୍ମୁଖରେ ତାଙ୍କ କାର୍ ରଖାଯାଇଥିବାବେଳେ ସେଥିରେ ଥିବା ୪୦.୨୫ ଲକ୍ଷ ଟଙ୍କା ଚୋରି ହୋଇଯାଇଥିବା ନେଇ ରାହି ଉଲ୍ଲେଖ କରିଥିଲେ। ଉକ୍ତ ଟଙ୍କା ତାଙ୍କର ଜଣେ ଘନିଷ୍ଠ ସମ୍ପର୍କୀୟଙ୍କ ଏବଂ ତାକୁ ସୁରକ୍ଷିତଭାବେ ରଖିବା ପାଇଁ ସେ ଏହି ଟଙ୍କା କାର୍‌ରେ ଆଣିଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ସିସିଟିଭି ଯାଞ୍ଚ କରି ଅଭିଯୋଗକୁ ପ୍ରଥମେ ସତ୍ୟ ବୋଲି ବିଶ୍ୱାସ କରିଥିଲା। କାରଣ ସିସିଟିଭି ଫୁଟେଜରୁ ୨ଜଣ ହେଲ୍‌ମେଟ ପିନ୍ଧା ଯୁବକ ଏକ ସ୍କୁଟରରେ ଆସି କାର୍ କାଚ ଭାଙ୍ଗିବା ସହିତ କାର୍ ଭିତରେ ଥିବା ଏକ ବ୍ୟାଗ ନେଇଯାଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ସାଜିଦ୍ ଏବଂ ଜାମ୍‌ସିଦ୍‌ଙ୍କୁ ପୋଲିସ ଧରି ପଚରାଉଚରା କରିବା ପରେ ସତ ଜଣାପଡ଼ିଥିଲା। କାର୍‌ରୁ ଚୋରି ହୋଇଥିବା ବ୍ୟାଗରେ କିଛି ନ ଥିବା ଉଭୟେ ପୋଲିସ ନିକଟରେ କହିଥିଲେ। ଏହାପରେ ରାହିଙ୍କ ଉପରେ ପୋଲିସର ସନ୍ଦେହ ବଢ଼ିଥିଲା। ରାହିଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ସେ ସବୁକଥା ସତ ମାନିଥିଲେ। କେରଳସ୍ଥିତ କମ୍ପାନୀ ଶାଖାରେ ଜମା କରିବାକୁ ଶ୍ୱଶୁର ଦେଇଥିବା ଟଙ୍କାକୁ ସେ ବ୍ୟକ୍ତିଗତ କାର୍ଯ୍ୟରେ ଖର୍ଚ୍ଚ କରିଦେଇଥିବାରୁ ଏଥିରୁ ଖସିବାକୁ ଚୋରି ନାଟକ କରିଥିଲେ ବୋଲି ପୋଲିସ ନିକଟରେ ରାହି ସ୍ୱୀକାର କରିଥିଲେ। ମିଥ୍ୟା ଅଭିଯୋଗ କରିବା ଏବଂ ଟଙ୍କା ଆତ୍ମସାତ ଅଭିଯୋଗରେ ପୋଲିସ ରାହି ଏବଂ ଅନ୍ୟ ୨ଜଣଙ୍କୁ ଗିରଫ କରିଛି। ରାହି ଉକ୍ତ ଟଙ୍କାକୁ କେଉଁ କାମରେ ଖର୍ଚ୍ଚ କରିଛନ୍ତି, ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ଆମେରିକାରେ ଚାକିରି ନାଁରେ ୧୧ ଲକ୍ଷ ଠକିନେଲେ

**ବ୍ରହ୍ମପୁର,୨୪।୩**
**(ସୁବାସ ଚନ୍ଦ୍ର ପାଢ଼ୀ)**

ଆମେରିକାର ଏକ କମ୍ପାନୀରେ ଚାକିରି ଦେବାକୁ କହି ସାଇବର ଠକ ଜଣେ ବ୍ୟକ୍ତିଙ୍କଠାରୁ ୧୧ ଲକ୍ଷ ଟଙ୍କା ଠକି ନେଇଛନ୍ତି। ବାହାର ରାଜ୍ୟର ୨ ଜଣ ଠକ ଆମେରିକାର ଭିଜା, ଫ୍ଲାଇଟ ଟିକେଟ ଓ ଟ୍ୟାକ୍ସ ନାମରେ ଏହି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ରହ୍ମପୁର ସାଇବର ଥାନାରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ବ୍ରହ୍ମପୁର ବଡ଼ବଜାର ଥାନା ରଘୁପତିନଗର ଅଞ୍ଚଳର ୪୪ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ନିକଟକୁ କିଛିଦିନ ତଳେ ଏକ ମେସେଜ୍ ଆସିଥିଲା । ଆମେରିକାରେ ଉଚ୍ଚ ଦରମାରେ ଚାକିରି କରିବା ସୁଯୋଗ ଥିବା ସେଥିରେ ଉଲ୍ଲେଖ ରହିଥିଲା। ଏଥିପାଇଁ ମେସେଜ୍‌ରେ ଥିବା ମୋବାଇଲ ନଂ. ଓ ଲିଙ୍କ୍‌ରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଆମେରିକାରେ ଚାକିରି କରିବା ଆଶାରେ ବ୍ୟକ୍ତି ଜଣଙ୍କ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ । ଫୋନ୍ ରିସିଭ୍ କରିଥିବା ବ୍ୟକ୍ତି ନିଜକୁ କ୍ରିଷ୍ଣାପ୍ରସାଦ ଠାକୁର ବୋଲି ପରିଚୟ ଦେବା ସହ ସେ ଆମେରିକା କାଇନେଟିକ ଏନର୍ଜି କମ୍ପାନୀର ମାନବ ସମ୍ବଳ ବିଭାଗର ଅଧିକାରୀ ବୋଲି ଜଣାଇଥିଲେ। ଚାକିରି କରିବାକୁ ହେଲେ ଆମେରିକାର ଭିଜା କରିବାକୁ ପଡ଼ିବ । ଫ୍ଲାଇଟ ଟିକେଟ ଏବଂ ଅନ୍ୟାନ୍ୟ ଟିକସ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ। ଏହାପରେ କମ୍ପାନୀର ଅନ୍ୟ ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଚାକିରି ଆଶାୟୀ ଜଣଙ୍କ ସେହି ୨ ବ୍ୟକ୍ତିଙ୍କ ସହ ପ୍ରାୟ ୧୫ ଦିନ ଧରି ନିୟମିତ ଯୋଗାଯୋଗରେ ରହିଥିଲେ। ଚାକିରି ନିଶ୍ଚିତ ବୋଲି ସେମାନେ ପ୍ରତିଶ୍ରୁତି ଦେଇ ୧୫ ଦିନ ଭିତରେ ଯୁବକଙ୍କଠାରୁ ମୋଟ ୧୦ ଲକ୍ଷ ୯୭ ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ନେଇଥିଲେ। ଏହାପରେ ଠକମାନେ ତାଙ୍କୁ ଅଧିକ ଟଙ୍କା ଜମା କରିବାକୁ କହିଥିଲେ, ଯାହାକୁ ନେଇ ତାଙ୍କର ସନ୍ଦେହ ଉପୁଜିଥିଲା। ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

# ନକଲି ଡିଏସ୍‌ପି, କନ୍‌ଷ୍ଟେବଲ ଗିରଫ

## ଭଡ଼ାଘରୁ ମିଳିଲା ଫେକ୍ ନୋଟ୍

ଭୁବନେଶ୍ୱର,୨୪।୩(ସତ୍ୟଜିତ୍ ରାଉତ): ରାଜଧାନୀରେ ଜଣେ ନକଲି ଡିଏସ୍‌ପି ଓ କନ୍‌ଷ୍ଟେବଲଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ସହୀଦନଗର ଥାନା ଅନ୍ତର୍ଗତ ଜନପଥର ଆଇଡିବିଆଇ ଛକରେ ରବିବାର-ସୋମବାର ବିଳମ୍ବିତ ରାତିରେ ପୋଲିସ ଦ୍ୱାରା ହେଉଥିବା ଚେକିଂ ବେଳେ ଅଭିଯୁକ୍ତଦ୍ୱୟ ଧରାପଡ଼ିଛନ୍ତି। ସେମାନେ ହେଲେ ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି (୨୬) ଓ ନକଲି କନ୍‌ଷ୍ଟେବଲ ଆଶିଷ ସ୍ୱାଇଁ (୨୩)। ମାନସଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ଓ ଆଶିଷଙ୍କ ଘର ପିପିଲିଅଞ୍ଚଳରେ ହୋଇଥିବାବେଳେ ଉଭୟ ଭୁବନେଶ୍ୱର ମଧୁସୂଦନ ନଗରରେ ରୁହନ୍ତି। ପୋଲିସ ଘଟଣାସ୍ଥଳରୁ ସେମାନଙ୍କ କାର୍ (ଓଡି୩୩-ଜେଡ୍-୪୯୮୮) ସହ ଓଡ଼ିଶା ପୋଲିସ ଲେଖାଥିବା ପ୍ଲେଟ୍ ବୋର୍ଡ, ଏସ୍‌ଆଇ/ଏଏସ୍‌ଆଇ ଟୋପି, ଜୋତା, ନକଲି ପୋଲିସ ପୋଷାକ, ବ୍ୟାଚ୍, କିଛି ଷ୍ଟାମ୍ପ, ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ଦ୍ୱାରା ଦିଆଯାଇଥିବା ଏକ ଫେକ୍ ଓପିଏସ୍ ନିଯୁକ୍ତି ପତ୍ର, ନକଲି ପୋଲିସ ଆଇକାର୍ଡ ଆଦି ଜବତ କରିଛି। ତେବେ ମାନସଙ୍କ ଭଡ଼ାଘର ଯାଞ୍ଚବେଳେ ୧ ଲକ୍ଷ ୯୩ ହଜାର ଟଙ୍କାର ୩୮୬ଟି ୫୦୦ ଟଙ୍କିଆ ଜାଲ ନୋଟ ମଧ୍ୟ ଜବତ ହୋଇଛି। ନକଲି ପୋଲିସ ପରିଚୟ ଓ ଫେକ୍ ଟଙ୍କା ମିଳିବା ଘଟଣାରେ ଶହୀଦନଗର ଥାନା ପୋଲିସ ପୃଥକ୍ ମାମଲା (ନଂ.୧୩୫/୨୦୨୫) ଓ (ନଂ.୧୩୬/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟଙ୍କୁ ପ୍ରଥମ ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟକୁ ସୋମବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ରବିବାର-ସୋମବାର ବିଳମ୍ବିତ ରାତିରେ ଶହୀଦନଗର ଥାନା ଏସ୍‌ଆଇ ଜ୍ୟୋତିରଞ୍ଜନ ମହାନ୍ତି ଜଣେ ଥାନା କର୍ମଚାରୀଙ୍କ ସହ ଆଇଡିବିଆଇ ଛକରେ ବ୍ଲକିଂ ଚେକିଂ କରୁଥିଲେ। ଏହି ସମୟରେ ମାନସ ଓ ଆଶିଷ କାର୍ ଯୋଗେ ବାଣୀବିହାରରୁ ଖାରବେଳନଗର ଅଭିମୁଖେ ଯାଉଥିଲେ। ଜ୍ୟୋତି ଉକ୍ତ କାର୍‌କୁ ଅଟକାଇ ପରିଚୟ ପଚାରିଥିଲେ। ମାନସ ଚଢ଼ା ଗଳାରେ ନିଜକୁ ପ୍ରୋବେଶନାରି ଡିଏସ୍‌ପି ବୋଲି କହିଥିଲେ। ସେହପରି ଆଶିଷ ମଧ୍ୟ ପ୍ରୋବେଶନାରି କନ୍‌ଷ୍ଟେବଲ ପରିଚୟ ଦେଇଥିଲେ। ତେବେ କାର୍ ଆଗରେ ଥିବା ଏସ୍‌ଆଇ ଟୋପିକୁ ଦେଖି ଜ୍ୟୋତିଙ୍କ ସନ୍ଦେହ ହୋଇଥିଲା। ଜ୍ୟୋତି ସେମାନଙ୍କୁ ନିଜ ବ୍ୟାଚ୍ ଓ ସହକର୍ମୀମାନଙ୍କ ବିଷୟରେ ପଚାରିଥିଲେ। ହେଲେ ମାନସ ମିଛ କହିବା ସହ ହଡ଼ବଡ଼େଇ ଯାଇଥିଲେ। ଏପରିକି ଉଭୟ ସେଠାରୁ କଳେବଳେ ଖସିଯିବାକୁ ଚେଷ୍ଟା କରିଥିଲେ। ପରେ ଥାନାଧିକାରୀ ସୁଚିତ୍ର ଦାସ ନିଜ ଟିମ୍ ସହ ସେଠାକୁ ଯାଇ ପଚରାଉଚରା କରିଥିଲେ। ମାନସ ଓ ଆଶିଷ ନକଲି ପୋଲିସ ବୋଲି ଜଣାପଡିବା ପରେ ଉଭୟଙ୍କୁ ଥାନାକୁ ଆଣିଥିଲେ। ଅଭିଯୁକ୍ତଦ୍ୱୟ ଗାଡ଼ି ଚେକିଂ ଓ ଚାକିରି ନିଯୁକ୍ତି ଦେବା ଆଳରେ ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଅଧିକ ଖୋଳତାଡ଼ ଚାଲିଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି। ନକଲି ନୋଟ୍ କାରବାର ଲିଙ୍କ୍ ନେଇ ମଧ୍ୟ ପୋଲିସ ଅଧିକ ଛାନଭିନ୍ ଚଳାଇଛି। ମାନସଙ୍କ ନାଁରେ ରଣପୁର ଥାନାରେ ୨୦୨୨ରେ ଏକ ଠକେଇ ମାମଲା ଥିବାବେଳେ ଉଭୟଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ପୋଲିସ ଯୋଜନା କରୁଥିବା ଜଣାପଡ଼ିଛି।






ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। -ଶ୍ରୀମା

-ପାପମୋଚନୀ ଏକାଦଶୀ, ତାରାତାରିଣୀ ଯାତ୍ରା, ହଳ ନିଷେଧ



# ଡିଜିଟାଲ ଠକେଇ

ଚଳିତ ବର୍ଷ ଓଡ଼ିଶାରେ ଘଟିଥିବା ଦୁଇଟି ଡିଜିଟାଲ ଠକେଇ ଅତ୍ୟନ୍ତ ଚିନ୍ତାଜନକ। ୨୦୨୫ ଫେବୃଆରୀରେ ସେକ୍ସଟର୍ସନର ଶିକାର ହୋଇ କଟକର ୩୫ ବର୍ଷୀୟା ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଥିଲେ। ଉଲ୍ଲେଖନୀୟ ଯେ, ଏହି ମହିଳା ବିବାହ ପରେ ଛାଡ଼ପତ୍ର ଦେଇ ରହୁଥିଲେ। କଟକର ସେକ୍ସଟର୍ସନ ବ୍ଲାକମେଲ ଘଟଣାରେ ଚିଜିଓକେ ଜନ ଓକୋୟେ ଓରଫ ରେମଣ୍ଡ ନାମକ ଜଣେ ନାଇଜେରୀୟ ଯୁବକ ସମ୍ପୃକ୍ତ ମୃତ ମହିଳା ଡାକ୍ତରଙ୍କ ଠାରୁ ଲକ୍ଷାଧିକ ଟଙ୍କା ଦାବି କରିଥିଲେ। କିନ୍ତୁ ମହିଳା ଜଣକ ତାହା ନ ଦେବାରୁ ଓକୋୟେ ଅନଲାଇନରେ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେଇଥିଲେ। ଏବେ କଟକ କମିଶନରେଟ ପୋଲିସ ଓକୋୟେଙ୍କୁ ଦିଲ୍ଲୀରୁ ଗିରଫ କରିଛି। ଏହା ବ୍ୟତୀତ ଚଳିତ ବର୍ଷ ଫେବୃଆରୀ ଶେଷ ସପ୍ତାହରେ ଅନଲାଇନ ଠକମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ତାଙ୍କଠାରୁ ୧୪ ଲକ୍ଷ ଟଙ୍କା ଲୁଟି ନେଇଥିବା ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଥିବା ଦର୍ଶାଇ ଠକମାନେ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କର୍ମଚାରୀ ଭାବେ କୁଳପତିଙ୍କ ମନରେ ଭୟ ସୃଷ୍ଟି କରି ଟଙ୍କା ଲୁଟିନେବାରେ ସକ୍ଷମ ହୋଇଥିଲେ। ଉପରୋକ୍ତ ଦୁଇଟି ଘଟଣା ସ୍ପଷ୍ଟ କରୁଛି ଯେ, ବ୍ଲାକମେଲର ଶିକାର ହୋଇଥିବା ବ୍ୟକ୍ତିମାନେ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ବର୍ଗର। ତଥାପି ଏହିଭଳି ଶ୍ରେଣୀର ଲୋକ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ବଞ୍ଚନ୍ତି ବୋଲି ବୁଝାପଡୁଛି। ଏହାବ୍ୟତୀତ ଯେତିକି ଠକେଇ ବା ବ୍ଲାକମେଲ ଘଟଣା ସାମ୍ନାକୁ ଆସୁଛି ତାହାଠାରୁ ଅଧିକ ଆଢୁଆଳରେ ରହିଯାଉଥାଇପାରେ।

ଏହିସବୁ ଘଟଣା ପଛରେ ସରକାରୀ ନିୟମ ରହୁଛି। ବ୍ୟାଙ୍କଠାରୁ ଆରମ୍ଭ କରି ଅନ୍ୟସବୁ କ୍ଷେତ୍ରରେ ନାଗରିକଙ୍କୁ ସେମାନଙ୍କ ଆଧାର ଲିଙ୍କ୍ କରିବାକୁ ବାଧ୍ୟ କରାଯାଉଛି। ସବୁ କ୍ଷେତ୍ରରେ ବାରମ୍ବାର କେୱାଇସି ମଗାଯାଉଛି, ଯାହାଫଳରେ ସମସ୍ତଙ୍କର ଆର୍ଥିକ ପରିସ୍ଥିତି ରେମଣ୍ଡଙ୍କ ଭଳି ଚତୁର ଲୋକଙ୍କୁ ସହଜରେ ମିଳିପାରୁଛି। ଏଥିସହିତ ନିଜର ବ୍ୟକ୍ତିଗତ ଦୈନନ୍ଦିନ ଜୀବନର ଫଟୋକୁ ଅନେକ ଲୋକ ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଅପ୍‌ଲୋଡ ବା ପକାଇ ଦେଉଥିବାରୁ ଏହିଭଳି ଚୋର ସହଜରେ ସେମାନଙ୍କର ଅନ୍ତରଙ୍ଗ ତଥ୍ୟ ପାଇପାରୁଛନ୍ତି। ଉଲ୍ଲେଖନୀୟ ଯେ, ଭାରତରେ ୨୦୧୫ ଜୁଲାଇ ୮ରେ ଲାଗୁ କରାଯାଇଥିବା ଡିଜିଟାଲ ଇଣ୍ଡିଆ ଯୋଜନାକୁ ୯ ବର୍ଷ ପୂରି ଯାଇଥିଲେ ମଧ୍ୟ ଏଠାରେ ଡେଟା ସିକ୍ୟୁରିଟି ବା ତଥ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଇନକୁ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଲାଗୁ କରାଯାଉନାହିଁ। ଏହାବ୍ୟତୀତ ବାରମ୍ବାର କେୱାଇସି ମଗାଯିବା ସହିତ ଆଧାରକୁ ବିଭିନ୍ନ କାର୍ଯ୍ୟରେ ସଂଯୋଗ କରାଯାଉଥିବାରୁ ବ୍ୟକ୍ତିବିଶେଷର ସବୁ ତଥ୍ୟ ଯେକୌଣସି ସ୍ଥାନରୁ ଖୋଲାରେ ପ୍ରକାଶ ପାଇଯିବାର ସମ୍ଭାବନା ରହୁଛି।

**ଡାକ୍ତରାଣୀଙ୍କ ଆତ୍ମହତ୍ୟା ପ୍ରମାଣ କରୁଛି ଯେ ତାଙ୍କ ପାଇଁ ଶାରୀରିକ ବିପଦ ପରିବର୍ତ୍ତେ ମାନହାନିର ବିପଦ ଅଧିକ ଗୁରୁତ୍ୱ ଧାରଣ କଲା। ସେଥିପାଇଁ ଆତ୍ମହତ୍ୟା ଭଳି ଶେଷ ପଦକ୍ଷେପ ନେଇଗଲେ। ଏହିଭଳି ଘଟଣାରୁ ସମସ୍ତେ ଏକ ବଡ଼ ଶିକ୍ଷା ନେବା କଥା।**

ଅନ୍ୟପଟେ କଟକର ଡାକ୍ତରାଣୀଙ୍କ ଆତ୍ମହତ୍ୟାକୁ ଏକ ଡିଜିଟାଲ ସ୍କାମ ବୋଲି କହିହେବ ନାହିଁ। ସେହି ମହିଳାଙ୍କ ଏକାକୀ ଜୀବନଯାପନ ହେତୁ ହୁଏତ ରେମଣ୍ଡଙ୍କ ଭଳି ବ୍ୟକ୍ତି ସୁଯୋଗ ପାଇ ବନ୍ଧୁତ୍ୱ ସ୍ଥାପନ କରିଥାଇପାରନ୍ତି। ସେହି ବନ୍ଧୁତ୍ୱର ଲାଭ ଉଠାଇ ନିକଟତର ହେବା ସହିତ ଡାକ୍ତରାଣୀଙ୍କର ଆର୍ଥିକ ପରିସ୍ଥିତିକୁ ବୁଝି ସେ ବ୍ଲାକ୍‌ମେଲ କରିବାକୁ ଆରମ୍ଭ କରିଦେଇଥିଲେ। ଏହା କୁହାଯାଇପାରେ ଯେ ଡିଜିଟାଲ ସ୍କାମ ଭଳି ଏହି ଘଟଣା ଗୋଟିଏ ପାସ୍‌ୱାର୍ଡରୁ ଜଣାପଡ଼ିଯିବାରୁ ଉପୁଜିଥିବା ଭଳି ମନେହୁଏ ନାହିଁ। ସେଥିପାଇଁ ଏହି ଡିଜିଟାଲ ଯୁଗରେ ବିପଦର ଆକାର ଏବଂ ରଙ୍ଗ ଜାଣିବା ଅତ୍ୟନ୍ତ କଷ୍ଟକର। ଡାକ୍ତରାଣୀଙ୍କ ଆତ୍ମହତ୍ୟା ପ୍ରମାଣ କରୁଛି ଯେ ତାଙ୍କ ପାଇଁ ଶାରୀରିକ ବିପଦ ପରିବର୍ତ୍ତେ ମାନହାନିର ବିପଦ ଅଧିକ ଗୁରୁତ୍ୱ ଧାରଣ କଲା। ସେଥିପାଇଁ ଆତ୍ମହତ୍ୟା ଭଳି ଶେଷ ପଦକ୍ଷେପ ନେଇଗଲେ। ଏହିଭଳି ଘଟଣାରୁ ସମସ୍ତେ ଏକ ବଡ଼ ଶିକ୍ଷା ନେବା କଥା। ଯେଉଁମାନେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟା ଭଳି ସାମାଜିକ ଗଣମାଧ୍ୟମରେ ନିଜେ ସୁରକ୍ଷିତ ଅଛନ୍ତି ବୋଲି ଭାବି ବିଭିନ୍ନ ପ୍ରକାର ଫଟୋ ଯେଉଁଥିରେ ନିଜ ଘରର ଆର୍ଥିକ ପରିସ୍ଥିତି ବୁଝିହେବ, ପରିବାରବର୍ଗଙ୍କ ମୁହଁର ଛବି ଏବଂ ନିଜ ଚଳଣି, ରୋଜଗାର ସମେତ ଶିକ୍ଷାଗତ ଯୋଗ୍ୟତା ଭଳି ତଥ୍ୟ କୁଣ୍ଠାବୋଧ ନ କରି ଅନାୟାସରେ ଅପ୍‌ଲୋଡ କରିଦେଉଛନ୍ତି, ତେବେ ସେମାନେ ପରବର୍ତ୍ତୀ ସମୟରେ ବହୁତ ବଡ଼ ସମସ୍ୟାର ସମ୍ମୁଖୀନ ହେବାର ସବୁ ସମ୍ଭାବନା ଓ ସୁଯୋଗ ସୃଷ୍ଟି କରୁଛନ୍ତି।

# ସମାବର୍ତ୍ତନ ଉତ୍ସବ- ସେଦିନ ଓ ଆଜି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଛାତ୍ରୀଛାତ୍ରମାନଙ୍କ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତି ପରେ ସ୍ୱଗୃହ ପ୍ରତ୍ୟାବର୍ତ୍ତନକୁ ସମାବର୍ତ୍ତନ କୁହାଯାଏ। ଏହି ଉପଲକ୍ଷେ ଯେଉଁ ଉତ୍ସବ ଆୟୋଜିତ ହୁଏ ତାହା ସମାବର୍ତ୍ତନ ଉତ୍ସବ। ଏହା ସାଧାରଣତଃ ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ ଡକ୍ଟରେଟ୍ ଡିଗ୍ରୀଧାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ। ଏହାପରେ ଛାତ୍ରୀଛାତ୍ରମାନେ ନିଜ ଦକ୍ଷତା ଓ ରୁଚି ଅନୁଯାୟୀ ବିଭିନ୍ନ ବୃତ୍ତିରେ ନିୟୋଜିତ ହୋଇ ଧନ ଉପାର୍ଜନ କରନ୍ତି, ବିବାହ କରି ଗୃହସ୍ଥ ହୁଅନ୍ତି ଓ ପରିବାର ପ୍ରତିପାଳନ କରନ୍ତି। ଆଜିକାଲି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାୟତଃ ଅର୍ଥକରୀ ଶିକ୍ଷା ଦିଆଯାଉଛି। ଯେଉଁ ଶିକ୍ଷା ପ୍ରାପ୍ତହେଲେ ଉଚ୍ଚ ଚାକିରି ମିଳେ ବା ବିପୁଳ ଅର୍ଥ ଉପାର୍ଜନ କରିହୁଏ, ସେହି ଶିକ୍ଷାର ଚାହିଦା ବେଶି। ଏହିଭଳି ଶିକ୍ଷାପ୍ରାପ୍ତ ଛାତ୍ରୀଛାତ୍ର ପରବର୍ତ୍ତୀ ସମୟରେ ନିଜର ଶାଣିତ ବୁଦ୍ଧି ପ୍ରୟୋଗ କରି ଅସଦ୍ ଉପାୟରେ ପ୍ରଭୂତ ଅର୍ଥ ରୋଜଗାର କରୁଛନ୍ତି ଓ ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ଏହାର କାରଣ ହେଉଛି ସାମ୍ପ୍ରତିକ ଶିକ୍ଷାରେ ଥିବା ନୈତିକ ମୂଲ୍ୟବୋଧର ଅଭାବ। ସାଧୁତା, ନୈତିକତା, ସେବା, ଦେଶପ୍ରେମ, ପରୋପକାର, ସମ୍ବେଦନଶୀଳତା ଭଳି ମାନବୀୟ ମୂଲ୍ୟବୋଧ ସମ୍ପର୍କରେ କୌଣସି ଶିକ୍ଷା ସ୍କୁଲ କଲେଜରେ ଦିଆଯାଉନାହିଁ। କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ପାପ-ପୁଣ୍ୟ, ନୈତିକତା-ଅନୈତିକତା, ଭଲ-ମନ୍ଦ ଏସବୁ ଧାରଣା ପାଠ୍ୟପୁସ୍ତକରେ ଦିଆଯାଉନାହିଁ। ଛାତ୍ରୀଛାତ୍ର ଗଣିତ, ବିଜ୍ଞାନ, ଭୂଗୋଳ, ଇତିହାସ ଆଦି ବିଷୟରେ କିଛି ଖବର ବା ସୂତ୍ର ନ ବୁଝି କେବଳ ମୁଖସ୍ଥ ପୂର୍ବକ ପରୀକ୍ଷାରେ ବମନ କରି ଉଚ୍ଚନମ୍ବର ପାଉଛନ୍ତି ଏବଂ ନିଜକୁ ମେଧାବୀ ଭାବେ ପରିଚୟ ଦେଇ ଉଚ୍ଚଚାକିରି ପାଉଛନ୍ତି ଓ ଅର୍ଥ ରୋଜଗାର କରୁଛନ୍ତି। ସେମାନେ ଭୁଲିଯାଉଛନ୍ତି ଯେ ସେମାନଙ୍କ ପରିବାର, ସମାଜ ଓ ରାଷ୍ଟ୍ର ପ୍ରତି ମଧ୍ୟ କର୍ତ୍ତବ୍ୟ ଅଛି। ସେମାନେ ପାଲଟିଯାଉଛନ୍ତି ଅର୍ଥଉପାର୍ଜନକାରୀ ଯନ୍ତ୍ର। ସେମାନଙ୍କ ପାଖରେ ଦେଖିବାକୁ ମିଳୁନାହିଁ ସେବା, ତ୍ୟାଗ, ସାଧୁତା, ସମ୍ବେଦନଶୀଳତା ଭଳି ମାନବୀୟ ମୂଲ୍ୟବୋଧ।

ଆଜି ଆମେ ଗ୍ରାଜୁଏଟ୍‌ମାନଙ୍କୁ ଓଡ଼ିଆରେ ସ୍ନାତକ କହୁଛୁ। ପ୍ରାଚୀନକାଳରେ ଗୁରୁଗୃହରେ ବ୍ରହ୍ମଚର୍ଯ୍ୟ ପାଳନକରି ବିଦ୍ୟାଗ୍ରହଣ ସମାପ୍ତ କଲାପରେ ବ୍ରହ୍ମଚାରୀ ସ୍ନାନ କରୁଥିଲେ ବୋଲି ତାଙ୍କୁ ସ୍ନାତକ କୁହାଯାଉଥିଲା। ତା'ପରେ ଗୁରୁ ଗୃହସ୍ଥାଶ୍ରମରେ ପ୍ରବେଶ କଲାପରେ ଶିଷ୍ୟ କିପରି ଆଚରଣ କରିବେ ସେ ସମ୍ପର୍କରେ ଯାହା କହୁଥିଲେ ତାକୁ ଦୀକ୍ଷାନ୍ତ ଭାଷଣ କୁହାଯାଉଥିଲା। ତାକୁ କୁହାଯାଉଥିଲା ସମାବର୍ତ୍ତନ କ୍ରିୟା। ଏବେ ସ୍ନାନ ନୀତି ନ ଥାଇ ମଧ୍ୟ ଗ୍ରାଜୁଏଟ୍‌ମାନଙ୍କୁ ସ୍ନାତକ କୁହାଯାଉଛି। ଏହା



ଏକ ଅପ୍ରାସଙ୍ଗିକ ଶବ୍ଦ ପାଲଟିଯାଇଛି। ଦ୍ୱିତୀୟତଃ ସେତେବେଳେ ସମାବର୍ତ୍ତନ ସମୟରେ ଗୁରୁ ଶିଷ୍ୟକୁ ଆଗାମୀ ଜୀବନକୁ ସୁବ୍ୟବସ୍ଥିତ କରିବା ପାଇଁ ଯେଉଁସବୁ ଉପଦେଶ ଦେଉଥିଲେ ତାହା ମଧ୍ୟ ଆଜି ଲୁପ୍ତ। ଆଜି ସମାବର୍ତ୍ତନ ତା'ର ଗୁରୁତ୍ୱ ହରାଇଛି ଓ ଉତ୍ସବ ସର୍ବସ୍ୱ ହୋଇଛି। ପ୍ରାଚୀନକାଳରେ ଶିଷ୍ୟ ସମାବର୍ତ୍ତନ ସମୟରେ ଗୁରୁ ଯାହାସବୁ ଉପଦେଶ ଦେଉଥିଲେ ତା'ର ବର୍ଣ୍ଣନା ରହିଛି ତୈତ୍ତିରୀୟ ଉପନିଷଦ୍‌ରେ। ଗୁରୁ କହୁଥିଲେ, "ସତ୍ୟଂ ବଦ। ଧର୍ମଂ ଆଚର। ସ୍ୱାଧ୍ୟାୟାନ୍ମା ପ୍ରମଦଃ। ଆଚାର୍ଯ୍ୟାୟ ପ୍ରିୟଂ ଧନମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ। ସତ୍ୟାନ୍ନ ପ୍ରମଦିତବ୍ୟମ୍। ଧର୍ମାନ୍ନ ପ୍ରମଦିତବ୍ୟମ୍।" ଇତ୍ୟାଦି। ଅର୍ଥାତ୍ ସତ୍ୟ କୁହ, ଧର୍ମ ଆଚରଣ କର, ବେଦାଧ୍ୟୟନରୁ ବିଚ୍ୟୁତ ହୁଅନାହିଁ। ଗୁରୁଙ୍କୁ ଅଭିଳଷିତ ଦକ୍ଷିଣା ଦେଇ ବଂଶର ଧାରା ରକ୍ଷାକର। ସତ୍ୟରୁ କଦାପି ବିଚ୍ୟୁତ ହୁଅନାହିଁ। ଧର୍ମରୁ କଦାପି ବିଚ୍ୟୁତ ହୁଅନାହିଁ। ସମାବର୍ତ୍ତନ ପରେ ଆହୃତ ବିଦ୍ୟାକୁ ଜୀବନରେ ପ୍ରୟୋଗ କରିବାକୁ ଏଠାରେ ଉପଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଆହୁରି ଅଧ୍ୟୟନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଦ୍ୱାଦଶ ବର୍ଷ ଅଧ୍ୟୟନ କଲାପରେ ମଧ୍ୟ ଗୁରୁଙ୍କ ଦୀକ୍ଷାନ୍ତ ଉପଦେଶ ପରେ ଶ୍ୱେତକେତୁ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ। ପିତା ଆରୁଣି ପଚାରିଲେ, "ଯେଉଁ ଜ୍ଞାନର ଉଦୟ ହେଲେ ଅଶ୍ରୁତ ଶ୍ରୁତ, ଅଚିନ୍ତ୍ୟ ଚିନ୍ତ୍ୟ ଓ ଅବିଜ୍ଞାତ ଜ୍ଞାତ ହୁଏ, ତାହା ପ୍ରାପ୍ତ କରିଛ କି?" ଶ୍ୱେତକେତୁ ଏହା ପ୍ରାପ୍ତ ହୋଇନାହିଁ କହନ୍ତେ ପିତା ସେ ସମ୍ପର୍କରେ ତାଙ୍କୁ ପୁଣି ଶିକ୍ଷାଦେଲେ। ଶିକ୍ଷା ଥିଲା ଏକ ନିରନ୍ତର ପ୍ରକ୍ରିୟା।

ଏହା ବ୍ୟତୀତ ସମାବର୍ତ୍ତନ ଉତ୍ସବରେ ଆହୁରି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅବଗତ କରାଯାଉଥିଲା। ଗୁରୁ କହୁଥିଲେ (୧) ଯାହା ଦୋଷହୀନ କେବଳ ସେହି କର୍ମ କରିବ। ଅନ୍ୟ କର୍ମ କରିବ ନାହିଁ। (ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି, ନ ଇତରାଣି।) (୨) ଆମ ଆଚରିତ ଗୁଣମାନଙ୍କ ଭିତରୁ ଯାହା ଯଥାର୍ଥ ଓ ନ୍ୟାୟସଙ୍ଗତ, ତାହା ହିଁ ଅନୁସରଣ କରିବ, ଅନ୍ୟ ଇତର ଗୁଣ ନୁହେଁ (ଯାନ୍ୟସ୍ମାକଂସୁଚରିତାନି, ତାନି ତ୍ୱୟୋପାସ୍ୟାନି, ନ ଇତରାଣି)। (୩) ବିଶିଷ୍ଟ ବିଦ୍ୱାନ୍‌ମାନେ ଆଲୋଚନା କରୁଥିବାବେଳେ ପଦେ କଥା ବି କହିବ ନାହିଁ। ସେମାନଙ୍କୁ ଆସନ ଅର୍ପଣକରି ସମ୍ମାନ ଜଣାଇବ (ଯେ କେ ଚାସ୍ମତ୍‌ଶ୍ରେୟାଂସଃ ବ୍ରାହ୍ମଣଃ, ତେଷାଂ ତ୍ୱୟାସନେନ ପ୍ରଶ୍ୱସିତବ୍ୟମ୍)। ପ୍ରାଚୀନକାଳରେ ସମାବର୍ତ୍ତନ ଉତ୍ସବ ସମୟରେ ଯେଉଁ ନୈତିକମୂଲ୍ୟବୋଧ ସମ୍ପର୍କରେ ଗୁରୁ ଶିଷ୍ୟକୁ ସଚେତନ କରୁଥିଲେ ଆଜି ତା'ର ସ୍ଥାନ ନାହିଁ। ଅପରପକ୍ଷରେ ଆଜିର ଶିକ୍ଷା ଚାକିରି ସର୍ବସ୍ୱ ହୋଇଥିବାରୁ ସମାବର୍ତ୍ତନ ପରେ ଯେଉଁ ଉପଦେଶ ଦିଆଯାଉଛି ତା'ର ନାମ ହେଲା କ୍ୟାରିୟର କାଉନ୍‌ସେଲିଂ ଅର୍ଥାତ୍ ବୃତ୍ତି ନିରୂପଣ ସମ୍ପର୍କିତ ପରାମର୍ଶ। କେଉଁ ବୃତ୍ତିକୁ ଗ୍ରହଣ କଲେ କେତେ ଟଙ୍କା ରୋଜଗାର କରିହେବ ସେହି ବୃତ୍ତିରେ ପ୍ରବେଶ କରିବାପାଇଁ କ'ଣ କରିବାକୁ ହେବ ସେ ସମ୍ପର୍କରେ ପରାମର୍ଶ ଦେବାପାଇଁ ବ୍ୟବସ୍ଥା କରାହେଉଛି। ଅତୀତରେ ଶିକ୍ଷା ଚାକିରି ପାଇଁ ଉଦ୍ଦିଷ୍ଟ ନ ଥିଲା। ପ୍ରତ୍ୟେକ ନିଜ ସ୍ୱଭାବ ଓ ଗୁଣକୁ ଭିତ୍ତିକରି ବୃତ୍ତିକୁ ଗ୍ରହଣ କରୁଥିଲେ। ଏଣୁ ଯିଏ ଯେଉଁ ବୃତ୍ତିକୁ ଗ୍ରହଣ କରୁ ସେ କିପରି ସେହି ବୃତ୍ତିକୁ ସାଧୁତା, ସଚ୍ଚୋଟତା ଓ ଯଥାର୍ଥତା ସହ ସମ୍ପାଦନ କରିବ ତାହା ଥିଲା ଗୁରୁତ୍ୱପୂର୍ଣ୍ଣ।

ସାମ୍ପ୍ରତିକ ସମୟରେ ଅନୁଷ୍ଠିତ ହେଉଥିବା ସମାବର୍ତ୍ତନ ଉତ୍ସବରେ ଆଉ ଏକ ବିଡ଼ମ୍ବନା ହେଲା, ଗାଉନ୍ ପରିଧାନ। ଏହି ଗାଉନ୍ ପରିଧାନ ପରମ୍ପରା ଗ୍ରୀକ୍ ଦାର୍ଶନିକ ପ୍ଲାଟୋଙ୍କ ଶିକ୍ଷାନୁଷ୍ଠାନ 'ଏକାଡେମୀ'ରୁ ଆହୃତ ହୋଇଛି। ଏହାଥିଲା ୟୁରୋପର ଜ୍ଞାନ ଗବେଷଣାର ମୁଖ୍ୟପୀଠ। ସେହି ଏକାଡେମୀ ଛାତ୍ରମାନଙ୍କର ପରିଧାନ ଥିଲା ଟୋପି ଓ ଗାଉନ୍। ପରବର୍ତ୍ତୀକାଳରେ ଇଂଲଣ୍ଡର ଅକ୍ସଫୋର୍ଡ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଏହି ପରମ୍ପରାକୁ ଅନୁସରଣ କରିଥିଲେ। ଭାରତ ଇଂରେଜ ଶାସନାଧୀନ ହେବାପରେ ସେମାନେ ଭାରତରେ ଏହି ପରମ୍ପରାକୁ ପ୍ରଚଳନ କରାଇଥିଲେ। ବିଡ଼ମ୍ବନାର ବିଷୟ ଯେ ଭାରତ ସ୍ୱାଧୀନତା ପାଇବାର ୭୫ ବର୍ଷ ଅତିକ୍ରାନ୍ତ ହେଲାଣି, ମାତ୍ର ଉପନିବେଶବାଦୀ ପରମ୍ପରାରୁ ମୁକ୍ତ ହୋଇନାହିଁ। ଆମେ କନ୍‌ଭୋକେଶନ ଓ ଗ୍ରାଜୁଏଟ୍ ଶବ୍ଦକୁ ଯଥାକ୍ରମେ ସମାବର୍ତ୍ତନ ଓ ସ୍ନାତକ କହି ଆତ୍ମତୃପ୍ତି ଲାଭକରୁଛୁ। ଏହା ଆତ୍ମତୃପ୍ତି ତ ନୁହେଁ, ଏହା ଆତ୍ମ ପ୍ରତାରଣା। କେବଳ ଶାନ୍ତିନିକେତନର ସମାବର୍ତ୍ତନ ଉତ୍ସବ ଭାରତୀୟ ପରମ୍ପରାକୁ ଅନୁସରଣ କରୁଛି। ସେଠାରେ ଛାତ୍ରମାନେ ଧୋତି ପଞ୍ଜାବି ସହ ହଳଦିଆ ଚାଦର ପକାଇ ଓ ଛାତ୍ରୀମାନେ ନାଲି ଧଡି ପଡିଥିବା ଧଳା ଶାଢ଼ି ସହ ହରିଦ୍ରାବର୍ଣ୍ଣର ସ୍କାର୍ଫ କାନ୍ଧରେ ପକାଇ ଉପାଧି ଗ୍ରହଣ କରନ୍ତି। ଭାରତର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଭାରତୀୟ ପରମ୍ପରାକୁ ଅନୁସରଣ କରିବା ଗର୍ବ ଓ ଗୌରବର ବିଷୟ ହେବ। ଆଜିପର୍ଯ୍ୟନ୍ତ ସେହି ଭାବନା ସୃଷ୍ଟି ନ ହେବା ପରିତାପର ବିଷୟ।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ: ୭୦୦୮୩୬୯୯୨୦**

# ଧନୀ କିଏ ନା ଦରିଦ୍ର କିଏ



ଡ.ବାସୁଦେବ ମିଶ୍ର

ବିଶ୍ୱର ସର୍ବଶ୍ରେଷ୍ଠ ଧନୀମାନଙ୍କର ତାଲିକା ସମୟ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ଆମ ଆଖିରେ ପଡେ। ସେହିପରି ସବୁଠାରୁ ଧନୀ ଦେଶ ହିସାବରେ କୌଣସି ଭୂଖଣ୍ଡ ଆମ ଆଲୋଚନାର ପରିସରଭୁକ୍ତ ହୋଇଯାଏ। ଗାଆଁରେ କୌଣସି ସ୍ଥାନରେ ଦୁଇ ଚାରିଜଣ ଏକାଠି ହେଲେ ସେମାନଙ୍କ ଭିତରେ ବିଭିନ୍ନ ଆଲୋଚନା ଜମିଉଠେ। ସେଇ ଭିତରେ ସେଇ ଗାଆଁର ଅଥବା ଆଖପାଖ ଅଞ୍ଚଳର ସବୁଠାରୁ ଧନୀ ଲୋକଟି କିଏ, ସେ ସମ୍ପର୍କରେ ମଧ୍ୟ କିଛି ଆକଳନ କରାଯାଏ। ମୋଟାମୋଟି ଧନକୁ ନେଇ ଆମେ ଅନେକ ସମୟରେ ଅଙ୍କ କଷିବସୁ। ଧନ ପ୍ରତି ଆମ ମନରେ ଥିବା ଆକର୍ଷଣ, ଆକାଂକ୍ଷା, ଉଦ୍‌ବେଗ ଓ ମୋହ ବୋଧହୁଏ ଆମକୁ ଏପରି କରିବାପାଇଁ ବାଧ୍ୟ କରିଦିଏ।

ଧନୀ ହେବାର ଅର୍ଥ କ'ଣ? ବହୁତଗୁଡିଏ ଧନ ସଂଗ୍ରହକରି ପାଖରେ ଗଚ୍ଛିତକରି ରଖିବା ଅଥବା ନିଜ ନାମରେ ବ୍ୟାଙ୍କରେ ଜମା କରିବା? ଧନ କହିଲେ ଆମେ ସାଧାରଣତଃ ଟଙ୍କା ପଇସା, ସୁନାରୁପା, ଜମିଜମା, କୋଠାବାଡି ଏ ସବୁକୁ ହିଁ ବୁଝିଥାଉ। ଆଉ ଆମ ଜାଣତରେ ଏସବୁ ଯାହାପାଖରେ ପ୍ରଚୁର ପରିମାଣରେ ରହିଛି, ତାକୁ ଆମେ ବହୁତ ସମ୍ମାନ ଜଣାଉ। ସତକଥା କହିବାକୁ ଗଲେ ଧନ ପ୍ରତି ମନୁଷ୍ୟମାନଙ୍କ ମନରେ ଦୁର୍ବଳତା ଏତେ ବେଶି ଯେ ଧନର ପ୍ରଭାବରେ କୁରୂପ ସୁରୂପରେ, ଖଳ ସଜ୍ଜନରେ ଏବଂ ଦୁଶ୍ଚରିତ୍ର ସଚ୍ଚରିତ୍ରରେ ପରିଣତ ହୋଇଯାଏ। ଭର୍ତ୍ତୃହରିଙ୍କ ମତରେ-"ଯସ୍ୟାସ୍ତି ବିତ୍ତଂ ସ ନରଃ କୁଳୀନଃ ସ ପଣ୍ଡିତଃ ସଃ ଶ୍ରୁତବାନ ଗୁଣଜ୍ଞଃ। ସ ଏବ ବକ୍ତା ଓ ଚ ଦର୍ଶନୀୟଃ ସର୍ବେ ଗୁଣାଃ କାଞ୍ଚନମାଶ୍ରୟନ୍ତି।" ବ୍ୟକ୍ତିର ଚରିତ୍ର ପଥରେ ଯେତେ ଖାଲଖମା ଥାଉ ନା କାହିଁକି, ଧନରୂପୀ ଢେଲାପଥର ପଡି ସେସବୁ ପୋତିହୋଇ ଅନାୟାସରେ ସମତୁଲ ହୋଇଯାଏ। ସାଧାରଣ ଲୋକଟି କିଛି ଦୋଷ କଲେ ତା' ପାଇଁ ଦଣ୍ଡ ଥାଏ ସିନା, ଧନୀ ଏବଂ ସମ୍ଭ୍ରାନ୍ତ ପାଇଁ ସାତଖୁଣ ମାଫ୍ ହୋଇଯାଏ।

ଧନୀଲୋକମାନଙ୍କୁ ଅଧିକ ଧନ ଆହରଣ କରିବାର ବିଭିନ୍ନ କୌଶଳ ସେମାନଙ୍କୁ ଜଣାଥାଏ। ଧନ ସଂଗ୍ରହ କରିବା ସମୟରେ ସେମାନେ ନୀତି ଅନୀତି ବିଚାର କରି ନ ଥାନ୍ତି। ନୀତି ଓ ବିଚାର ସହିତ ସଦୁପାୟରେ ଜଣେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଧନ ସଞ୍ଚୟ କରିପାରେ। ସତ୍ ପ୍ରବୃତ୍ତିସମ୍ପନ୍ନ ଲୋକମାନଙ୍କ ଉପରେ ମା' ଲକ୍ଷ୍ମୀ ସଦାପ୍ରସନ୍ନ ହୋଇ ରହନ୍ତି। ପରିଶ୍ରମୀ ଲୋକମାନେ ମଧ୍ୟ ସେମାନଙ୍କର ଆବଶ୍ୟକତା ମୁତାବକ ଧନ ସଞ୍ଚୟ କରିପାରନ୍ତି। ଲୋଭୀ ଲୋକଟିଏ ତା'ର ଖାଦ୍ୟପେୟ, ବସ୍ତ୍ର, ବାସଗୃହର ଖର୍ଚ୍ଚକାଟ କରି ଧନୀ ହୋଇପାରେ। କିନ୍ତୁ କୌଶଳୀ ଲୋକମାନଙ୍କ ତୁଳନାରେ ଏମାନେ କିଛି ନୁହନ୍ତି। ବାସ୍ତବରେ ଧନ ସଂଗ୍ରହରେ ବିଭିନ୍ନ କୌଶଳ ଜଣାଥିବା ଲୋକେ ପରଧନକୁ ନିଜର ଧନ ବୋଲି ମାନି ନେଇଥାନ୍ତି। କାହାକୁ ମିଛ କହି, ଠକି, କାହାକୁ ଭଣ୍ଡି ଅଥବା କାହାକୁ ତେଲ ମାଲିସକରି ସେମାନଙ୍କ ଧନକୁ ଆତ୍ମସାତ୍ କରିବାର କାଇଦା ପ୍ରୟୋଗ କରିଥାନ୍ତି ସେମାନେ। ବ୍ୟାସକବି ଫକୀରମୋହନ ତାଙ୍କର 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସରେ ଅନ୍ୟର



ଧନକୁ ଆତ୍ମସାତ୍ କରିବାର ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି। ଅଶିକ୍ଷା ଓ ଅନ୍ଧବିଶ୍ୱାସ ଆଦି ଛାଇ ରହିଥିବା ସେ ସମୟର ସମାଜରେ ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ଲୋକମାନେ କେତେ ପ୍ରକାରରେ ଜାଲ ପକାଇ କେତେ ଭଗିଆ ସାରିଆମାନଙ୍କୁ ଲୁଟି ଚାଲିଥିଲେ। ଭଗିଆ ଓ ସାରିଆଙ୍କର ଛମାଣ ଆଠଗୁଣ୍ଠ ଜମି ସାଙ୍ଗକୁ ନେତ ନାମକ ଗାଈକୁ ନିଜର କରିବା ପାଇଁ ରାମଚନ୍ଦ୍ର କ'ଣ କ'ଣ ନ କରିଛନ୍ତି। ଅନ୍ୟାୟ ଉପାୟରେ ଅନ୍ୟର ଧନକୁ ଆତ୍ମସାତ୍ କରିବାର ଏଠାରୁ ଅଧିକ ନିଚ୍ଛକ ଉଦାହରଣ ଆଉ କ'ଣ ହୋଇପାରେ?

ଆମେ କେବଳ ଟଙ୍କା ପଇସା, ସୁନାରୁପା, ଜମିଜମା, ଘରଦ୍ୱାରକୁ ଧନ ବୋଲି ମାନୁ ସିନା, ଧନ-ସମ୍ପତ୍ତିର ଆହୁରି ଅନେକ ରୂପ ଅଛି। ଯେମିତି ଶାରୀରିକ ସୌନ୍ଦର୍ଯ୍ୟ ଏବଂ ସୌଷ୍ଠବ ମଧ୍ୟ ଧନ। ମାନସିକ ସୁସ୍ଥତା, ସୌନ୍ଦର୍ଯ୍ୟ ଓ ସୌଷ୍ଠବ ମଧ୍ୟ ଗୋଟିଏ ସମ୍ପତ୍ତି। ଚରିତ୍ର ତଥା ସଚ୍ଚୋଟ ମନୋଭାବ ମଧ୍ୟ ଧନ। ଉତ୍ତମ ବ୍ୟବହାର ମଧ୍ୟ ଧନ। ପ୍ରେମ ଓ ବନ୍ଧୁତା ମଧ୍ୟ ଧନ। ଯଶ ଓ ସୁନାମ ମଧ୍ୟ ଧନ। ସେମିତି କେତେକ ପ୍ରକାର ଧନ ବ୍ୟକ୍ତି ସ୍ତରର ହୋଇଥିବାବେଳେ ଆଉ କେତେକ ସାମୂହିକ ତଥା ରାଷ୍ଟ୍ର ସ୍ତରର ହୋଇଥାନ୍ତି। ଐତିହାସିକ କୀର୍ତ୍ତିରାଜି, ପ୍ରାଚୀନ ଧର୍ମସ୍ଥଳ ଇତ୍ୟାଦି ରାଷ୍ଟ୍ରର ସମ୍ପତ୍ତି ହୋଇଥାନ୍ତି। ବ୍ୟକ୍ତି ଯେପରି ନିଜ ଧନର ସଂରକ୍ଷଣ କରିଥାଏ, ସେହି ରୀତିରେ ରାଷ୍ଟ୍ର ମଧ୍ୟ ଏପରି ସମ୍ପତ୍ତିର ସଂରକ୍ଷଣ କରିବା ଉଚିତ ହୋଇଥାଏ।

ଗୋଟିଏ ଦୃଷ୍ଟିକୋଣରୁ ଦେଖିଲେ ଟଙ୍କାପଇସା, ସୁନାରୁପା ହୁଏତ ଆମକୁ ସ୍ୱଳ୍ପକାଳୀନ ଆୟସ ପ୍ରଦାନ କରିପାରେ, ସମାଜରେ ଆମର ଖାତିର ବୃଦ୍ଧି କରିବାରେ ସହାୟକ ହୋଇପାରେ, କିନ୍ତୁ ଏସବୁ ମାନସିକ ଶାନ୍ତି ପ୍ରଦାନ କରିପାରେନା। ପ୍ରାଣୀର ମନ ଓ ଚିତ୍ତବୃତ୍ତିକୁ ପରୀକ୍ଷା କରି ଦେଖାଯାଇଛି, ମାନସିକ ଶାନ୍ତି ହିଁ ହେଉଛି ସବୁଠାରୁ ମୂଲ୍ୟବାନ୍ ଧନ। ଅଧିକରୁ ଅଧିକ ଟଙ୍କାସୁନା ରଖିଥିବା ଲୋକଟିର ମନରେ ବିଭିନ୍ନ ବିଷୟକୁ ନେଇ ଏତେ ଉଦ୍‌ବେଗ ଥାଏ ଯେ ସେ ରାତିରେ ଶାନ୍ତିରେ ଟିକିଏ ଶୋଇପାରେ ନାହିଁ। ଶାନ୍ତି ସେ ପାଇବ ବା କାହୁଁ? ଆମ ଶରୀରରେ ଆମେ ଖାଉଥିବା ଖାଦ୍ୟ କ୍ରମେ ରକ୍ତ, ମାଂସ, ଅସ୍ଥି, ମଜ୍ଜା, ଶୁକ୍ରରେ ପରିଣତ ହେବା ପରି ମନରେ ଶାନ୍ତି ସୃଷ୍ଟି ହେବା ନିମିତ୍ତ ଆମର କାର୍ଯ୍ୟ, କର୍ତ୍ତବ୍ୟ, ନିଷ୍ଠା, ଭାବନା, ଭକ୍ତି, ଶ୍ରଦ୍ଧା ଏସବୁର ମିଶ୍ରଣ ଓ ସମନ୍ୱୟ ଆବଶ୍ୟକ ହୁଏ।

ମହାଆଡମ୍ବରରେ ନିଜର ଆଭିଜାତ୍ୟକୁ ପ୍ରଦର୍ଶନ କରି ହାତୀ ଉପରେ ଚଢ଼ି ରାଜପଥରେ ଅନ୍ୟ ରାଜ୍ୟ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଯାଉଥିବା ରାଜା ରାସ୍ତା ଉପରେ ଜଣେ ଭିକ୍ଷୁକକୁ ଦେଖି ତାକୁ କିଛି ଧନ ଦେଇ ସାହାଯ୍ୟ କରିବାକୁ ଚାହିଁଲେ। ଭିକ୍ଷୁକ କହିଲା-ରାଜନ୍! ମୋର ତୁମଠାରୁ କୌଣସି ସାହାଯ୍ୟ ଆବଶ୍ୟକ ନାହିଁ। ତା' ଛଡା ତୁମେ ମୋତେ କ'ଣ ବା ସାହାଯ୍ୟ କରିପାରିବ? ତୁମେ ତ ନିଜେ ଜଣେ ଦରିଦ୍ର। ନଚେତ୍ ନିଜ ରାଜ୍ୟରେ ନିଜ ପ୍ରଜାଙ୍କର ସୁଖ ଓ ଉନ୍ନତି କଥା ଚିନ୍ତା ନ କରି ଅନ୍ୟ ରାଜ୍ୟ ଆକ୍ରମଣ କରିବାକୁ ଯାଉଥାନ୍ତ କାହିଁକି? ମୋ ମନରେ ତୁମପରି ତୃଷ୍ଣା ନାହିଁ, ଯାହା ଦରିଦ୍ରତାର ପ୍ରତୀକ ହୋଇଥାଏ। ତୃଷ୍ଣା ନାହିଁ, ସେହି ହେତୁରୁ ମୋ ମନରେ ଶାନ୍ତି ରହିଛି। ପିନ୍ଧିଥିବା ବସ୍ତ୍ରଖଣ୍ଡିଏ ହିଁ ମୋର ସମ୍ବଳ। ସେଥିରେ ମୁଁ ସୁଖୀ। ତୁମେ ରାଜସେବାରେ ସୁଖୀ। ଅବଶ୍ୟ ସେହି ଦୃଷ୍ଟିରୁ ତୁମ ସହିତ ମୋର ସମାନତା ରହିଛି। ମନରେ ଶାନ୍ତି ଅନୁଭବ କରିବା ପରେ ଆଉ ଧନୀ କିଏ ନା ଦରିଦ୍ର କିଏ?

ମନସିଚପରିତୁଷ୍ଟେକୋଽର୍ଥବାନ୍‌କୋଦରିଦ୍ରଃ?

**ମୋ:୯୪୩୮୩୨୮୭୫୫**

## ଏଇ ଭାରତରେ

ପ୍ଲାଷ୍ଟିକ ପ୍ରଦୂଷଣ ଏବେ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି ଓ ଭବିଷ୍ୟତରେ ଏହା ଜୀବଜଗତ ପ୍ରତି ଘାତକ ହେବ ବୋଲି ବୈଜ୍ଞାନିକମାନେ ସତର୍କ କରିଦେଇଛନ୍ତି। ଏ ଦୃଷ୍ଟିରୁ ଯେଉଁମାନେ ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ଉପଯୋଗ କରି ବ୍ୟବହାର ଯୋଗ୍ୟ ତଥା ପରିବେଶ ଉପଯୋଗୀ ଜିନିଷ ତିଆରି କରୁଛନ୍ତି ସେମାନେ ବାସ୍ତବରେ ପ୍ରଶଂସାଯୋଗ୍ୟ। ଏଭଳି ଦୁଇ ଭାଇ ହେଉଛନ୍ତି ବିକାଶ କୁମାର ଓ ରାହୁଲ ବଶୁକି। ସେମାନେ ଏବେ ସୁଦ୍ଧା ୧୦୦୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟର ପୁନଃବିନିଯୋଗ କରି ଆକର୍ଷଣୀୟ ଓ ପରିବେଶ ସହନୀୟ ଜିନିଷ ତିଆରି କରୁଛନ୍ତି। ଏଥିରୁ ମାସକୁ ପାଖାପାଖି ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେମାନେ ନିଜେ ନିର୍ମାଣ କରିଥିବା ମେସିନରେ ଏହା କରୁଛନ୍ତି। ବିକାଶ ଆଇଆଇଟି ସ୍ନାତକୋତ୍ତର ଓ ରାହୁଲ ଏନ୍‌ଆଇଏଫ୍‌ଟିରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେମାନେ ଘରକୁ ଘର ଯାଇ ବର୍ଜ୍ୟ ସଂଗ୍ରହ କରୁଥିଲେ। ସେମାନଙ୍କୁ ଲୋକେ କବାଡିବାଲା କହୁଥିଲେ ଓ ତାହାକୁ ଖାତିର ନ କରି ଦୁହେଁ ଆଗକୁ ବଢ଼ିଥିଲେ। ଏବେ ସେମାନେ ପ୍ରତିଷ୍ଠିତ ବ୍ରାଣ୍ଡ ଟାଟା, ଆଡ଼ିଦାସ ଏବଂ ବିଏମ୍‌ଡବ୍ଲ୍ୟୁ ସହ ଭାଗିଦାର ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ମାର୍ଚ୍ଚ ୧୯୭୬**

- ଅନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ଆଇନ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ଦାମୋଦର ଭାଲି କର୍ପୋରେସନକୁ ୧୨.୦୧ ନିୟୁତ ଟଙ୍କାର ଦୁଇଟି ଋଣ ପ୍ରଦାନ କରିବା ସହ ତାମିଲନାଡୁକୁ ୪୪ ନିୟୁତ ଋଣ ଯୋଗାଇ ଦେଇଛନ୍ତି।
- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାମୁଦ୍ରି ସୀମା ରାଜିନାମା ସ୍ୱାକ୍ଷରିତ।
- ଆର୍ଜେଣ୍ଟିନାର ରାଷ୍ଟ୍ରପତି ମେରିଆ ଏଷ୍ଟେଲା ପେରନ ଦେଶର ସଶସ୍ତ୍ର ବାହିନୀ ଦ୍ୱାରା ବନ୍ଦୀ ହୋଇଥିବା ଜଣାପଡ଼ିଛି।

## ଚିରନ୍ତନୀ

ନ ପାରେଁ ବୁଝି କିଏ ସେ ମୁହଁ
କିଏ ବା ତୁମେ ଛଇଳ-ମୁହୀ
ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
ଆସ ଗୋ ଆସ, ହୁଅ ପରାଣ-ବନ୍ଦିନୀ।

-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 7 | | | | | |
| 4 | | 2 | | | | | 5 | |
| | 3 | | | | | 8 | | |
| | 4 | 3 | | | 6 | | 9 | |
| | 9 | | | | | 1 | 4 | 7 |
| | 8 | | 9 | | 7 | | | 3 |
| | | | 1 | | | | 3 | |
| | | | | | | 2 | 1 | |
| | | | | | 3 | 9 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 6 | 2 | 9 | 4 | 5 | 7 |
| 6 | 7 | 9 | 4 | 5 | 8 | 3 | 2 | 1 |
| 2 | 5 | 4 | 7 | 3 | 1 | 8 | 6 | 9 |
| 4 | 6 | 5 | 3 | 7 | 2 | 9 | 1 | 8 |
| 9 | 3 | 2 | 1 | 8 | 6 | 5 | 7 | 4 |
| 8 | 1 | 7 | 9 | 4 | 5 | 6 | 3 | 2 |
| 5 | 9 | 6 | 2 | 1 | 4 | 7 | 8 | 3 |
| 7 | 2 | 8 | 5 | 9 | 3 | 1 | 4 | 6 |
| 1 | 4 | 3 | 8 | 6 | 7 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉପକୂଳ ଓଡ଼ିଶା ବିକାଶ ପରିଷଦ ଗଠନ ହେଉ

ମହାଶୟ,

ଆଞ୍ଚଳିକ ବୈଷମ୍ୟ ଓଡ଼ିଶାର ଏକ ପ୍ରମୁଖ ସମସ୍ୟା। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବହୁ ପୂର୍ବରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଥିଲେ। ଏଥିପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ତେବେ ପଶ୍ଚିମ ଓଡ଼ିଶାର କେତେ ବିକାଶ ହୋଇଛି ତାହା ଏବେ ସ୍ପଷ୍ଟ ହୋଇନାହିଁ। ଏବେ ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟ କରିଛନ୍ତି। ଅବଶ୍ୟ ଏହା ଯଥେଷ୍ଟ ନୁହେଁ। ତେବେ ପୂର୍ବ ଓ ଉପକୂଳ ଓଡ଼ିଶା ବିକାଶ ପରିଷଦ ଗଠନ ବିଷୟରେ ସରକାର ନୀରବ। ଉପକୂଳ ଓଡ଼ିଶା ପ୍ରତି ସରକାର ଏତେ ଉଦାସୀନ କାହିଁକି? ଉପକୂଳ ଓଡ଼ିଶାର ଜିଲାଗୁଡିକ କ'ଣ ଏବେ ସମୃଦ୍ଧ କି? ଏହି ଜିଲାଗୁଡ଼ିକରେ କ'ଣ ଆଞ୍ଚଳିକ ବୈଷମ୍ୟ ନାହିଁ? ଏଠାରେ ମଧ୍ୟ ବହୁ ଅନୁନ୍ନତ ଅଞ୍ଚଳ ରହିଛି। ଏଣୁ ରାଜ୍ୟ ସରକାର ଉପକୂଳ ଓଡ଼ିଶା ବିକାଶ ପରିଷଦ ଗଠନ ଦିଗରେ ତତ୍ପରତା ଦେଖାନ୍ତୁ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: କ୍ରମାଗତ ଷଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୧୦୭୯(୧୦୭୮.୮୭) ପଏଣ୍ଟ ବୃଦ୍ଧି ଘଟି ୭୭,୯୮୪ (୭୭,୯୮୪.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୦୮ (୩୦୭.୯୫) ପଏଣ୍ଟ ବଢ଼ି ୨୩,୬୫୮ (୨୩,୬୫୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା।



କୋଚିଠାରେ ଜୟଆଲୁକ୍କାସର ଏକ୍ସକ୍ଲୁସିଭ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କୋଚି ମେୟର ଆଇନଜୀବୀ ଏମ.ଅନିଲ କୁମାରଙ୍କ ସମେତ ଏମ୍‌ପି ହିବି ଇଡେନ, ବିଧାୟକ ଟି ଜେ ବିନୋଦ ଏବଂ ଜୟଆଲୁକ୍କାସ ଗ୍ରୁପର ସିଏମ୍‌ଡି ଜୟ ଆଲୁକ୍କାସ, ଜଲି ଜୟ ଆଲୁକ୍କାସ, ଜନ୍ ପଲ୍ ଆଲୁକ୍କାସ ଏବଂ ଆଣ୍ଟୋନି ଜୋଶ, ମ୍ୟାରି ଜୟ ଆଲୁକ୍କାସ, ଥୋମାସ ମାଥ୍ୟୁ, ଏଲସା ଜୟ ଆଲୁକ୍କାସ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବ୍ୟବସାୟରେ ରାତାରାତି ସଫଳତା ନାହିଁ

**ରାଜ୍ୟର ଅଗ୍ରଣୀ ଧୂପକାଠି ଉତ୍ପାଦନକାରୀ ସଂସ୍ଥା ସୋମେନ ଅଗରବତି। ଏହାର ପ୍ରୋପାଇଟର ପ୍ରହ୍ଲାଦ ପଲାଇ ଦିନେ ଘରର ଆର୍ଥିକ ସ୍ଥିତି ସୁଧାରିବାକୁ ଆରମ୍ଭ କରିଥିଲେ ଧୂପକାଠି ବ୍ୟବସାୟ। ପ୍ରଥମେ ମେନେକା ଅଗରବତି ଓ ପରେ ସୋମେନ ଅଗରବତି ନାମରେ ବ୍ୟବସାୟ କରି ସେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକଙ୍କୁ ଯୋଗାଇ ଦେଉଛନ୍ତି ରୋଜଗାର। ସାରା ଦେଶରେ ବିଶେଷକରି ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ରୋଜଗାରକ୍ଷମ କରିବାକୁ ଉଦ୍ୟମ କରୁଥିବା ପ୍ରହ୍ଲାଦଙ୍କ ସହ ସ୍ୱତନ୍ତ୍ର ଆଲୋଚନା...**

**ପ୍ର– କେବେ, କିପରି ଧୂପକାଠି ବ୍ୟବସାୟ ପ୍ରତି ମନ ବଳାଇଲେ?**

ଉ– ପିଲାଦିନେ ଛତିଶଗଡ଼ରେ ପରିବାର ରହୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ବାଙ୍ଗାଲୋରରେ ଏକ ଧୂପକାଠି ଫ୍ୟାକ୍ଟ୍ରି ପରିଦର୍ଶନ କରିଥିଲି। ଓଡ଼ିଶାରେ ମଧ୍ୟ ଏପରି ଫ୍ୟାକ୍ଟ୍ରି କରିବାକୁ ସେତେବେଳେ ଚିନ୍ତା କରିଥିଲି। ସେ ସମୟରେ ଧୂପକାଠି ତିଆରି ପାଇଁ ମେଶିନ ବ୍ୟବହାର କରାଯାଉ ନ ଥିଲା। ପାଠପଢ଼ା ସମୟରେ ପରିବାରର ସ୍ଥିତି ଏତେ ଭଲ ନ ଥିଲା। ଆର୍ଥିକ ସମସ୍ୟା ମଧ୍ୟରେ ଘରର ଦାୟିତ୍ୱ ମୋ କାନ୍ଧକୁ ଆସିଥିଲା। ତେଣୁ ପଢ଼ିବା ପରେ ପରେ ହିଁ ଚାକିରିରେ ଯୋଗ ଦେଇଥିଲି। ମାତ୍ର ସେଥିରେ ମନ ଲାଗି ନ ଥିଲା। ତେଣୁ ଧୂପକାଠି ବ୍ୟବସାୟ ପାଇଁ ଯୋଜନା କରିଥିଲି, ତାହାକୁ ସଫଳ କରିବାକୁ ଏ ଦିଗରେ ଆଗକୁ ବଢ଼ିଥିଲି।


ପ୍ରହ୍ଲାଦ ପଲାଇ

**ପ୍ର– ଓଡ଼ିଶା ବଜାରରେ ଧୂପକାଠିର ଚାହିଦା କିପରି ରହିଛି?**

ଉ– ଓଡ଼ିଶାର ଲୋକମାନେ ଖୁବ୍ ଈଶ୍ୱର ବିଶ୍ୱାସୀ। ଈଶ୍ୱର ଯେଉଁଠି, ଧୂପକାଠି ସେଇଠି। ଓଡ଼ିଶାର ପ୍ରତି ଘରେ ସକାଳେ ସନ୍ଧ୍ୟାରେ ଧୂପକାଠି ଜଳେ। ଏଥିରୁ ଧୂପକାଠିର ଚାହିଦା କେତେ ଅଧିକ ତାହା ଅନୁମେୟ।

**ପ୍ର– ଧୂପକାଠି ଶିଳ୍ପରେ ଆପଣ ଜଣେ ପ୍ରମୁଖ ଉଦ୍ୟୋଗୀ। ଏ ଯାତ୍ରା କେତେ ସହଜ ଥିଲା?**

ଉ– ଯେକୌଣସି ବ୍ୟବସାୟ ହେଉନା କାହିଁକି, ସବୁଥିରେ ଅନେକ ଆହ୍ୱାନ ଦେଇ ଗତି କରିବାକୁ ପଡ଼ିଥାଏ। ସମସ୍ୟା ଆସିବ, ଆମକୁ ତାହାର ମୁକାବିଲା କରିବାକୁ ପଡ଼ିବ। ଏହା ଏକ ନିରନ୍ତର ପ୍ରକ୍ରିୟା। ଏହି ବ୍ୟବସାୟ କ୍ଷେତ୍ରରେ ଅନେକ ପ୍ରତିଦ୍ୱନ୍ଦ୍ୱୀ ରହିଥାନ୍ତି। କଞ୍ଚାମାଲ ଦର ବୃଦ୍ଧି ସମୟରେ ମଧ୍ୟ ଧୂପକାଠିର ଗୁଣବତ୍ତା ଓ ଦାମ୍ ସ୍ଥିର ରଖିବା ଆଦୌ ସହଜ ନୁହେଁ। ସରକାରୀ ବ୍ୟବସ୍ଥା ଭିତରେ ବ୍ୟବସାୟ ବୃଦ୍ଧି କରିବା ଜରୁରୀ ହୋଇଥିବାବେଳେ ଆବଶ୍ୟକ ମାନବସମ୍ବଳ ଅଭାବ କାରଣରୁ ଅନେକ ସମୟରେ ସମସ୍ୟା ହୋଇଥାଏ। ମାତ୍ର ତାହାକୁ ଧୈର୍ଯ୍ୟର ସହ ସମାଧାନ କରିଥାଏ।

**ପ୍ର– ଧୂପକାଠି ଉତ୍ପାଦନର ପ୍ରକ୍ରିୟା ସମ୍ପର୍କରେ ସଂକ୍ଷେପରେ କହିବେ?**

ଉ– ଚାଇନାରୁ ଆସୁଥିବା ବାଉଁଶ କାଠି ଏବଂ ଅନ୍ୟାନ୍ୟ ସାମଗ୍ରୀର ମିଶ୍ରଣକୁ ବୋଳି ଧୂପକାଠି ପ୍ରସ୍ତୁତ କରାଯାଉଛି। ପୂର୍ବରୁ ହାତରେ ଏହି କାମ ହେଉଥିବାବେଳେ ବର୍ତ୍ତମାନ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଉଛୁ। ରାଜ୍ୟ ତଥା ରାଜ୍ୟ ବାହାରେ ଯେଉଁମାନେ ନିଜର ବ୍ୟବସାୟ ଆରମ୍ଭ କରିବାକୁ ଚାହାନ୍ତି, ସେମାନଙ୍କୁ ଧୂପକାଠି ପାଇଁ ଆବଶ୍ୟକ କଞ୍ଚାମାଲ ଓ ମେଶିନ ଯୋଗାଇଦିଆଯାଏ। ସେମାନେ ପ୍ରସ୍ତୁତ କରୁଥିବା ଧୂପକାଠି ସଂଗ୍ରହ କରି ବଡ଼ ବଡ଼ ଧୂପକାଠି କମ୍ପାନୀ ସହ ସହଭାଗିତାରେ ତାହାକୁ ବିକ୍ରୟ କରିଥାଉ। ତେବେ ପରିମାଣ ତୁଳନାରେ ଆମେ ଉତ୍ପାଦର ମାନ ଉପରେ ବେଶି ଗୁରୁତ୍ୱ ଦେଇଥାଉ।

**ପ୍ର– ଯୁବ ଉଦ୍ୟୋଗୀଙ୍କୁ କ'ଣ ବାର୍ତ୍ତା ଦେବେ?**

ଉ– ଏହି ବ୍ୟବସାୟରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଯୁବୋଦ୍ୟୋଗୀମାନେ ପ୍ରଥମେ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା ଦରକାର। ସଫଳତା ରାତାରାତି ମିଳେ ନାହିଁ, ତେଣୁ ସବୁବେଳେ ଧୈର୍ଯ୍ୟର ସହ ଆଗକୁ ବଢ଼ିବା ଉଚିତ। ଏକ ଭଲ ଟିମ୍ ଗଢ଼ି ବ୍ୟବସାୟରେ ପାଦ ଦେଲେ ସମସ୍ୟା ସମାଧାନ ସହଜ ହୋଇଯାଇଥାଏ। ଗ୍ରାହକଙ୍କ ଚାହିଦାକୁ ସବୁଠାରୁ ଊର୍ଦ୍ଧ୍ୱରେ ରଖି ନିଜ ଭୁଲ୍‌ରୁ ନିଜେ ଶିଖିବା ଉଚିତ୍।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

## ହରସ୍ୱାର୍କର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୩**

ବ୍ରିଟାନିଆ ମାରି ଗୋଲ୍ଡ ଏବଂ ଇନସ୍ପାୟାର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଆଇଆଇଏସ)ର ମିଳିତ ସହଭାଗିତାରେ ମହିଳା ଆଥଲେଟ୍‌ଙ୍କ ପାଇଁ ଏକ ଅଭିନବ ତଥା ପ୍ରଥମ ଥର ଜାତୀୟ କ୍ରୀଡା ଛାତ୍ରବୃତ୍ତି କାର୍ଯ୍ୟକ୍ରମ 'ହରସ୍ୱାର୍କ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ପ୍ରତିଶ୍ରୁତିବଦ୍ଧ ମହିଳା ଆଥଲେଟମାନଙ୍କୁ ଇନବକ୍ସିଂ, ସନ୍ତରଣ, ଜୁଡୋ, ଆଥଲେଟିକ୍ସ ଏବଂ ପାରାସ୍ପୋର୍ଟସ୍ ଚିହ୍ନଟ ଏବଂ ସେମାନଙ୍କ କ୍ରୀଡା କ୍ୟାରିଅର ଆରମ୍ଭ କରିବା ପାଇଁ ପ୍ରଶିକ୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି।

ଏହି ପଦକ୍ଷେପ ସାରା ଭାରତରେ ଆକାଂକ୍ଷୀ ଯୁବତୀ ମହିଳା ଆଥଲେଟମାନଙ୍କୁ ଏକ ସମ୍ପୂର୍ଣ୍ଣ ପାଣ୍ଠିଯୁକ୍ତ ତିନି ବର୍ଷର କ୍ରୀଡା ଛାତ୍ରବୃତ୍ତି ପ୍ରଦାନ କରାଯିବ, ଯେଉଁଥିରେ ବୃତ୍ତିଗତ ତାଲିମ, ପ୍ରଶିକ୍ଷଣ, ବାସସ୍ଥାନ, ପୁଷ୍ଟିସାର ଏବଂ ଶିକ୍ଷାଗତ ସୁଯୋଗ ଅନ୍ତର୍ଭୁକ୍ତ ରହିଛି।

# ଗୋପାଳ ଜିଏସ୍‌ଏମ୍‌ଏ ବୋର୍ଡର ନୂତନ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୪।୩ (ଅଭୟ ଦାଶ)**

ବିଶ୍ୱର ଏକ ପ୍ରତିଷ୍ଠିତ ଟେଲିକମ୍ ଶିଳ୍ପ ସଂସ୍ଥା ଜିଏସ୍‌ଏମ୍‌ଏର ନୂତନ ଅଧ୍ୟକ୍ଷ ଭାବେ ଗୋପାଳ ଭିଟ୍ଟଲ ମନୋନୀତ ହୋଇଛନ୍ତି। ଏପରିକି ଜିଏସ୍‌ଏମ୍‌ଏର ନିର୍ଦ୍ଦେଶକ ମଣ୍ଡଳୀ ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ତଥା ଏମ୍‌ଡି ଗୋପାଳ ଭିଟ୍ଟଲଙ୍କୁ ୨୦୨୬ ଶେଷ ପର୍ଯ୍ୟନ୍ତ ନୂତନ ଅଧ୍ୟକ୍ଷ ଭାବେ ନିର୍ବାଚିତ କରିଛନ୍ତି। ଗୋପାଳ ବର୍ତ୍ତମାନ ଜିଏସ୍‌ଏମ୍‌ଏ ବୋର୍ଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ସେହିଭଳି ଅଧ୍ୟକ୍ଷ ଭାବେ ସେ ତାଙ୍କ ଭୂମିକା ସହିତ ଜିଏସ୍‌ଏମ୍‌ଏର ରଣନୈତିକ ଦିଗକୁ ମଧ୍ୟ ତଦାରଖ କରିବେ। ଏହି ପ୍ରତିଷ୍ଠିତ ସଂସ୍ଥାର ସଦସ୍ୟମାନଙ୍କ ମଧ୍ୟରେ ବିଶ୍ୱର ୧୦୦୦ ଟେଲିକମ୍ କମ୍ପାନୀ, ହ୍ୟାଣ୍ଡସେଟ୍ ଏବଂ ଡିଭାଇସ୍ କମ୍ପାନୀ, ସଫ୍ଟୱେର୍ କମ୍ପାନୀ, ଉପକରଣ ପ୍ରଦାନକାରୀ, ଇଣ୍ଟରନେଟ୍ କମ୍ପାନୀ ଏବଂ ନିକଟବର୍ତ୍ତୀ ଶିଳ୍ପ କ୍ଷେତ୍ରର ସଂଗଠନ ଅନ୍ତର୍ଭୁକ୍ତ ରହିଛନ୍ତି। ଜିଏସ୍‌ଏମ୍‌ଏ ବୋର୍ଡର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବାରେ ସୁନୀଲ ଭାରତୀ ମିତ୍ତଲଙ୍କ ପରେ ଗୋପାଳ ଦ୍ୱିତୀୟ ଭାରତୀୟ ପାଲଟିଛନ୍ତି।ଏହି ନିଯୁକ୍ତି ବିଶ୍ୱ ଟେଲିକମ୍ ଶିଳ୍ପରେ ଏୟାରଟେଲର ଗୁରୁତ୍ୱପୂର୍ଣ୍ଣ ପ୍ରଭାବକୁ ମଧ୍ୟ ଦର୍ଶାଉଛି, ସୁନୀଲ ଭାରତୀ ମିତ୍ତଲ ଏବଂ ଗୋପାଳ ଭିଟ୍ଟଲ ଉଭୟ ବର୍ଷ ଧରି ଜିଏସ୍‌ଏମ୍‌ଏ ବୋର୍ଡରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଏ ନେଇ ଗୋପାଳ ଭିଟ୍ଟଲ କହିଛନ୍ତି, ଜିଏସ୍‌ଏମ୍‌ଏ ବୋର୍ଡର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ମୋତେ ଗୌରବାନ୍ୱିତ କରିଛି। ୨୦୨୪ରେ ମୋବାଇଲ୍ ଶିଳ୍ପ ବିଶ୍ୱ ଅର୍ଥନୀତିରେ ୬.୫ ଟ୍ରିଲିୟନ ଡଲାର ଯୋଗଦାନ ଦେଇଥିଲା ଏବଂ ଏହା ବିଶ୍ୱର ଅଧିକାଂଶ ନବସୃଜନ ଉପରେ ନିର୍ମିତ ମେରୁଦଣ୍ଡ ପାଲଟିଛି। ସେହିଭଳି ଜିଏସ୍‌ଏମ୍‌ଏର ମହାନିର୍ଦ୍ଦେଶକ ମ୍ୟାଟ୍ସ ଗ୍ରାନରିଡ୍ କହିଛନ୍ତି, ମୁଁ ଭିଟ୍ଟଲଙ୍କ ସହିତ ବହୁ ବର୍ଷ ଧରି କାମ କରିଛି ଏବଂ ତାଙ୍କୁ ଜିଏସ୍‌ଏମ୍‌ଏ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାରୁ ମୁଁ ଖୁସିବ୍ୟକ୍ତ କରୁଛି।


ଗୋପାଳ ଭିଟ୍ଟଲ

# ୪୬ ଲକ୍ଷ ଆପ୍ରେଣ୍ଟିସ ନିୟୋଜିତ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୪।୩**

ଜାତୀୟ ଆପ୍ରେଣ୍ଟିସ୍ ପ୍ରୋତ୍ସାହନ ସ୍କିମ୍-୨ ଅଧୀନରେ ପୂର୍ବାଚଂଳ ଓ ଦକ୍ଷିଣାଚଂଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ) ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏହି କର୍ମଶାଳା ଅନୁଷ୍ଠିତ ହୋଇଥଲା ଯେଉଁଥିରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରମୁଖ ଅଂଶୀଦାରମାନେ ଭାଗ ନେଇ ୨୦୨୬ ମାର୍ଚ୍ଚ ସୁଦ୍ଧା ୪୬ ଲକ୍ଷ ଆପ୍ରେଟିଂସ ନିୟୋଜିତ କରିବାର ଲକ୍ଷ୍ୟ, ଅଗ୍ରଗତି, ଆହ୍ୱାନ ଓ ରୋଡମ୍ୟାପ୍ ଉପରେ ଆଲୋଚନା ହୋଇଥିଲା। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରୀ କହିଛନ୍ତି, ଜାତୀୟ ଆପ୍ରେଟିଂସିପ୍ ପ୍ରୋତ୍ସାହନ ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ଭାରତର ଅଭିବୃଦ୍ଧି ଆକାଂକ୍ଷା ସହିତ ସମନ୍ୱିତ ଏକ ଶିଳ୍ପ ପ୍ରସ୍ତୁତ କର୍ମଚାରୀ ଗଠନ ଦିଗରେ ଏକ ପରିବର୍ତ୍ତନଶୀଳ ଯାତ୍ରା। ଗତ କିଛି ବର୍ଷ ମଧ୍ୟରେ ଆମେ ଉଲ୍ଲେଖନୀୟ ଅଗ୍ରଗତି ଦେଖିଛୁ। ତିନି ଥର ଆପ୍ରେଟିଂସିପ୍ ସଂପୃକ୍ତିଠାରୁ ଆରମ୍ଭ କରି ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାଙ୍କ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ଇଲେକ୍ଟ୍ରିକ୍ ଯାନ ମେକାନିକ୍ ଭଳି ଉଦୀୟମାନ ଶିଳ୍ପ ଧାରାକୁ ଆମେ ଗ୍ରହଣ କରୁଥିବା ବେଳେ ଆମର ଧ୍ୟାନ ଏକ ଦୃଢ଼, ସୁବ୍ୟବସ୍ଥିତ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ରହିଛି। ଯାହା ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଦକ୍ଷତା ସହିତ ସଶକ୍ତ କରୁଛି। ରାଜ୍ୟ, ଶିଳ୍ପ ଏବଂ ଏମଏସଏମଇ ସହିତ ସହଯୋଗୀ ପ୍ରୟାସ ଏବଂ ଟେକ୍ନୋଲୋଜିର ଉପଯୋଗ ମାଧ୍ୟମରେ, ଆମେ ଲକ୍ଷ ଲକ୍ଷ ଯୁବ ଭାରତୀୟଙ୍କ ପାଇଁ ଆପ୍ରେଟିଂସିପ୍ ପ୍ରଶିକ୍ଷଣକୁ ଆକାଂକ୍ଷୀ ଏବଂ ପ୍ରଭାବଶାଳୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ବୈଠକର ବିଷୟବସ୍ତୁ 'ଶିଳ୍ପ-ପ୍ରସ୍ତୁତ କର୍ମଚାରୀଙ୍କ ପାଇଁ ଆପ୍ରେଟିଂସିପ୍ ପ୍ରଶିକ୍ଷଣ' ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଆପ୍ରେଟିଂସିପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା। ରାଜ୍ୟଗୁଡ଼ିକ ଏବଂ ଟୋୟୋଟା କିର୍ଲୋସ୍କର, ଟାଟା ଗ୍ରୁପ୍ ଏବଂ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଦ୍ୱାରା ଆକର୍ଷଣୀୟ ଏବଂ ବୁଝାମଣାପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଆରମ୍ଭ ହେବା ପରଠାରୁ ଏହି ସ୍କିମ୍‌ରେ ସମଗ୍ର ଦେଶରେ ୪୧.୨ ଲକ୍ଷରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କୁ ନିୟୋଜିତ କରିଛି। କେବଳ ଏନଏପିଏସ –୨ ଅଧୀନରେ ୨୬ ଲକ୍ଷ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଛନ୍ତି। ପ୍ରତ୍ୟକ୍ଷ ଲାଭ ହସ୍ତା'ର (ଡିବିଟି) ଜରିଆରେ ଷ୍ଟାଇପେଣ୍ଡ ସହାୟତା ବାବଦରେ ୧୫୫୦ କୋଟି ଟଙ୍କା ପ୍ରଶିକ୍ଷାର୍ଥୀଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯାଇଛି।


ଜାତୀୟ ଆପ୍ରେଣ୍ଟିସ୍ ପ୍ରୋତ୍ସାହନ ସ୍କିମ୍-୨ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ବଜାରରେ ପାନାସୋନିକ୍‌ର ନୂତନ ରେଞ୍ଜ

**ନୂଆଦିଲ୍ଲୀ,୨୪।୩**

ପାନାସୋନିକ ଲାଇଫ୍ ସଲୁସନ୍ସ ଇଣ୍ଡିଆ (ପାନାସୋନିକ)ର ନୂତନ ରେଞ୍ଜକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ୨୦୨୫ ବ୍ୟବସ୍ଥିତ ଏୟାର କଣ୍ଡିସନରଗୁଡ଼ିକୁ ପୂର୍ବ ଭାରତ ବିଶେଷକରି ରାଞ୍ଚିଠାରେ ନୂତନ ରେଞ୍ଜକୁ ଉପସ୍ଥାପନ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ପାନାସୋନିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ। ପାନାସୋନିକର ନୂତନ ରେସିଡ଼େନସିଆଲ ଏୟାର କଣ୍ଡିସନର (ଆରଏସି) ର ସମ୍ଭାର ଯାହାକି ସ୍ମାର୍ଟଶୈଳୀ ତଥା ଗ୍ରୀଷ୍ମଦିନର ସବୁଠାରୁ କଷ୍ଟକର ଅବସ୍ଥା ଯାହାକି ସର୍ବୋଚ୍ଚ ତାପମାତ୍ରା ଧାରଣକାରୀ ୫୫° ସେ. ତାପମାତ୍ରାକୁ ସହ୍ୟ କରି ଶିତଳତା ପ୍ରଦାନ କରିବା ପାଇଁ ସର୍ବୋତ୍କୃଷ୍ଟ ଭାବେ ଏହାର ଡ଼ିଜାଇନ ହୋଇଛି। ବିଶେଷତ୍ୱରେ ଭରା ୧.୦ ଟନ, ୧.୫ ଟନ ଏବଂ ୨.୦ ଟନ କ୍ଷମତାଯୁକ୍ତ ପ୍ରାୟ ୬୧ଟି ନୂଆ ମଡ଼େଲକୁ ନେଇ ଏହି ସମ୍ଭାର ବର୍ତ୍ତମାନ ସମସ୍ତ ଗ୍ରାହକମାନଙ୍କ ନିକଟରେ ବିଭିନ୍ନ ବିକ୍ରୟ ଶୈଳୀକୁ ନେଇ ଯେପରିକି ଅଗ୍ରଣୀ ଆଉଟଲେଟ, ଇ-କମର୍ସ ମଞ୍ଚ ତଥା ପାନାସୋନିକ ଅଧିକୃତ ବ୍ରାଣ୍ଡ ଷ୍ଟୋର ଗୁଡ଼ିକ ସମେତ ଅନଲାଇନ ମାଧ୍ୟମରେ ସମଗ୍ର ଦେଶରେ ଉପଲବ୍ଧ ହେଉଛି। ଇନଭଟର ୩ଷ୍ଟାର ସେଗମେଂଟକୁ ପ୍ରସାରିତ ହୋଇଛି, ଯାହାର ପ୍ରାରମ୍ଭିକ ମୂଲ୍ୟ ୩୩,୯୯୦ଟଙ୍କାରୁ ଆରମ୍ଭ ହେଉଛି। ଏହି ୨୦୨୫ ବ୍ୟବସ୍ଥିତକାରୀ ଏୟାର କଣ୍ଡିସନର ପାନାସେନିକର ଆଇଓଟି-ସକ୍ଷମକାରୀ ସଂଯୋଗୀକରଣ ସହିତ ଆଧୁନିକ ଜ୍ଞାନକୌଶଳଯୁକ୍ତ ମିରାଇ ଆପ୍ ମାଧ୍ୟମରେ ତଥା ଏକ ଅନନ୍ୟ ସ୍ଲିପ୍ ପ୍ରୋଫାଇଲ ବିଶେଷତ୍ୱ ସହାୟତାରେ ଗ୍ରାହକମାନଙ୍କ ପାଖକୁ ଆସିଛି, ଯାହାକି ସେମାନେ ନିଜ ମନମୁତାବକ ନିଜର ଘରର ତାପମାତ୍ରାକୁ ଦୃଷ୍ଟିରେ ରଖି ସ୍ୱୟଂକ୍ରିୟ ଭାବରେ ଏହାକୁ ବ୍ୟବସ୍ଥିତ କରିବା ସହିତ ନିଜର ସୁଖକର ନିଦ୍ରାକୁ ସୁନିଶ୍ଚିତ କରିପାରିବେ। ଅଭିଷେକ ବର୍ମା, ବିଜିନେସ ହେଡ଼, ଏୟାର କଣ୍ଡିସନର ଗ୍ରୁପ, ପିଏମଆଇଏନ, ପିଏଲଏସଆଇଏନଡ଼ି କହିଛନ୍ତି, ଭାରତ ଯାହାକି ଏସିର ଆଦୃତତାକୁ ବର୍ତ୍ତମାନ ସ୍ତରରେ ୭.୮% କୁ ନେଇପାରିଛି, ଆଶା ଆଗାମୀ ଦିନରେ ସିଏଜିଆର ରିପୋର୍ଟ ମୁତାବକ ଏହା ୧୬.୫% (୨୦୨୩-୨୦୨୯) କୁ ବୃଦ୍ଧି ପାଇବ। ପାନାସୋନିକ ଏସି ୨୦୨୫ ଏପ୍ରିଲ ଭିତରେ ପ୍ରାୟତଃ ୪୫% ବୃଦ୍ଧି ହାରର ପଞ୍ଜିକରଣ କରିପାରିଛି। ଯାହାକି ମାର୍ଚ୍ଚ ୨୦୨୫ ହାରାହାରି ଶିଳ୍ପ କ୍ଷେତ୍ର ଠାରୁ ଅଧିକ ରହିବ ଏବଂ ରାଞ୍ଚି ଏସବୁ ହିସାବକୁ ଦୃଷ୍ଟିରେ ନେଇ ଏକ ସବୁଠାରୁ ଦୃଢ଼ ବ୍ୟବସାୟୀକ ପ୍ରଦାନକାରୀ ଭାବରେ ନିଜକୁ ଉପସ୍ଥାପନ କରିପାରିବାର ଯଥେଷ୍ଟ ଆଶା ରହିଛି।

**QUOTATION / TENDER CALL NOTICE**
**JANATA COLLEGE, BOINDA**

Sealed quotations/tenders are invited from different registered firm/Authorized dealers/ suppliers having valid TIN/PAN No./ Registration No./Valid GST and other relevant documents for supply of Desktop Computer, Multifunctional Printers, UPS, Led TV, Wireless Mic Cameras to **Janata College, Boinda, Dist- Angul.** Details of terms and conditions, description of item and other eligibility criteria are available in the website: www.janatacollegeboinda.in.

**Sd./- Principal**
**Janata College, Boinda, Mob-9938793707**

**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ଼
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
କର୍ପୋରେଟ ଅଫିସ୍ : ପାୱାର ହାଉସ୍ ଛକ, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨

**ଓପନ୍ ଆକ୍ସେସ ଶୁଳ୍କ ବିଜ୍ଞପ୍ତି**

**୧ଏମ୍‌ଡବ୍ଲ୍ୟୁ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ ଗ୍ରାହକଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଚାର୍ଜ ଏବଂ ସରବରାହ ଶୁଳ୍କ**
**୧ ଏପ୍ରିଲ, ୨୦୨୫ରୁ କାର୍ଯ୍ୟକାରୀ**

ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୩୯, ୪୦ ଏବଂ ୪୨ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଯାହା ଓଇଆରସି (ଆନ୍ତଃ ରାଜ୍ୟ ଓପନ୍ ଆକ୍ସେସର ନିୟମାବଳୀ ଏବଂ ସର୍ତ୍ତାବଳୀ) ନିୟମାବଳୀ, ୨୦୨୦ ର ବ୍ୟବସ୍ଥା ସହିତ ପଠିତ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ୨୪.୦୩.୨୦୨୫ ତାରିଖରେ ମାମଲା ସଂଖ୍ୟା ୮୫,୮୯, ୯୬ ଏବଂ ୧୦୦ରେ ଓପନ୍ ଆକ୍ସେସ ଶୁଳ୍କ (ଆନ୍ତଃ ରାଜ୍ୟ ସରବରାହ/ବଣ୍ଟନ ପ୍ରଣାଳୀ ବ୍ୟବହାର ପାଇଁ ଓପନ୍ ଆକ୍ସେସ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ସରବରାହ/ ହ୍ୱିଲିଂ ଶୁଳ୍କ, ସରଚାର୍ଜ ଏବଂ ଅତିରିକ୍ତ ସରଚାର୍ଜ) ଅନୁମୋଦନ ସମ୍ପର୍କରେ ସାଧାରଣ ଆଦେଶନାମା ଜାରି କରିଛନ୍ତି, ଯାହା ୧ ଏପ୍ରିଲ, ୨୦୨୫ ରୁ କାର୍ଯ୍ୟକାରୀ ହେବ।

୧. ନିମ୍ନ ପ୍ରଦତ୍ତ ସାରଣୀରେ ସୂଚିତ ହ୍ୱିଲିଂ ଶୁଳ୍କ ଏବଂ ସରଚାର୍ଜ ୦୧.୦୪.୨୦୨୫ ରୁ ଲାଗୁ ହେବ।

**୧ଏମ୍‌ଡବ୍ଲ୍ୟୁ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ ଗ୍ରାହକଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଚାର୍ଜ ଏବଂ ସରବରାହ ଶୁଳ୍କ**

| ଲାଇସେନ୍ସଧାରୀଙ୍କ ନାମ | କ୍ରସ ସବ୍‌ସିଡି ସରଚାର୍ଜ (ପି/ୟୁ) | | କେବଳ ଏଚ୍‌ଟି ଗ୍ରାହକଙ୍କ ନିମନ୍ତେ ପ୍ରଯୁଜ୍ୟ ହ୍ୱିଲିଂ ଚାର୍ଜ ପି/ୟୁ | ଖୋଲା ପ୍ରବେଶ ଗ୍ରାହକଙ୍କ ପାଇଁ ସରବରାହ ଦେୟ (ଏଚ୍‌ଟି ଏବଂ ଇଏଚ୍‌ଟି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ) |
|---|---|---|---|---|
| | ଇଏଚ୍‌ଟି | ଏଚ୍‌ଟି | | |
| ଟିପିସିଓଡିଏଲ୍ | ୧୬୧.୯୮ | ୭୪.୩୬ | ୧୦୨.୫୫ | ଓପନ୍ ଆକ୍ସେସ ସୁବିଧା ଗ୍ରାହକଙ୍କୁ ସରବରାହ ଶୁଳ୍କ ଭାବରେ ୬୧୨୦ ଟଙ୍କା/ଏମ୍‌ଡବ୍ଲ୍ୟୁ-ଦିନ (୨୫୫ ଟଙ୍କା/ଏମ୍‌ଡବ୍ଲ୍ୟୁଏଚ୍) ଦେବାକୁ ପଡିବ। |
| ଟିପିଏନ୍‌ଓଡିଏଲ୍ | ୧୩୦.୪୮ | ୨.୪୧ | ୧୫୬.୪୧ | |
| ଟିପିଡବ୍ଲ୍ୟୁଓଡିଏଲ୍ | ୧୧୨.୯୮ | ୧୯.୭୩ | ୧୦୪.୫୧ | |
| ଟିପିଏସ୍‌ଓଡିଏଲ୍ | ୨୪୯.୪୮ | ୧୧୯.୪୧ | ୧୭୪.୦୬ | |

୨. ୨୦୨୫-୨୬ ବର୍ଷ ପାଇଁ ଇଏଚ୍‌ଟି ରେ ମାନକ ପରିବହନ କ୍ଷତି (୩.୦%) ଏବଂ ଏଚ୍‌ଟି ସ୍ତର ପାଇଁ ମାନକ ହ୍ୱିଲିଂ କ୍ଷତି (୮%) ପ୍ରଯୁଜ୍ୟ।
୩. ଅତିରିକ୍ତ ସରଚାର୍ଜ: ଏମ୍ବେଡେଡ୍ ଲାଇସେନ୍ସଧାରୀଙ୍କୁ କ୍ରସ୍-ସବସିଡି ସରଚାର୍ଜ ବ୍ୟତୀତ ଅନ୍ୟ କୌଣସି ଅତିରିକ୍ତ ସରଚାର୍ଜ ଦେବାକୁ ପଡ଼ିବ ନାହିଁ।
୪. ଓପନ୍ ଆକ୍ସେସ ମାଧ୍ୟମରେ ନବୀକରଣୀୟ ଶକ୍ତି ଗ୍ରାହକମାନଙ୍କୁ ପାରମ୍ପରିକ ଶକ୍ତି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ସରବରାହ ଶୁଳ୍କ, ହ୍ୱିଲିଂ ଚାର୍ଜ ଏବଂ କ୍ରସ୍ ସବ୍‌ସିଡି ସରଚାର୍ଜ ଦେବାକୁ ପଡିବ।

**ଓଡ଼ିଶା ନବୀକରଣୀୟ ଶକ୍ତି ନୀତି ୨୦୨୨ ଅଧୀନରେ ରିହାତି:**
(୧) ପନ୍ଦର (୧୫) ବର୍ଷ ନୀତି ଅବଧି ମଧ୍ୟରେ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ନବୀକରଣୀୟ ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ ଓପନ୍ ଆକ୍ସେସ ଗ୍ରାହକମାନେ କ୍ରସ୍-ସବସିଡି ସରଚାର୍ଜର ପଚାଶ ପ୍ରତିଶତ (୫୦%) ଦେୟ ଦେବେ।
(୨) ଗ୍ରାଡ୍‌କୋରୁ ନବୀକରଣୀୟ ଶକ୍ତି ଗ୍ରହଣ କରୁଥିବା ରାଜ୍ୟ ଶିଳ୍ପଗୁଡ଼ିକ ପାଇଁ କୌଣସି କ୍ରସ୍-ସବସିଡି ସରଚାର୍ଜ ଦେୟଯୋଗ୍ୟ ନୁହେଁ (ଗ୍ରାଡ୍‌କୋ ଚାହିଦା ସଂଗ୍ରହକାରୀ ଭାବରେ କାର୍ଯ୍ୟ କରେ)।
(୩) ପନ୍ଦର (୧୫) ବର୍ଷ ନୀତି ଅବଧି ମଧ୍ୟରେ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ନବୀକରଣୀୟ ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ କ୍ୟାପ୍‌ଟିଭ୍/ଓପନ୍ ଆକ୍ସେସ୍ ଗ୍ରାହକମାନଙ୍କୁ ହ୍ୱିଲିଂ ଚାର୍ଜ ଉପରେ ୨୫% ରିହାତି ପ୍ରଦାନ କରାଯିବ।
(୪) ପନ୍ଦର (୧୫) ବର୍ଷ ନୀତି ଅବଧି ମଧ୍ୟରେ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ନବୀକରଣୀୟ ଶକ୍ତି ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ କ୍ୟାପ୍‌ଟିଭ୍/ଖୋଲା ପ୍ରବେଶ ଗ୍ରାହକମାନଙ୍କୁ ଓପିଟିସିଏଲ୍ ପ୍ରତି ୟୁନିଟ୍ ଏସ୍‌ଟିୟୁ (ସରବରାହ) ଶୁଳ୍କ ଉପରେ କୋଡ଼ିଏ (୨୦) ପଇସା ରିହାତି ପ୍ରଦାନ କରିବ। ୩୧.୦୩.୨୦୨୬ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ପ୍ରକଳ୍ପ କ୍ଷେତ୍ରରେ ଏହି ରିହାତିକୁ ଆଉ ପାଞ୍ଚ (୫) ବର୍ଷ ପାଇଁ ବୃଦ୍ଧି କରାଯିବ।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଧିସୂଚିତ ଏହି ଶୁଳ୍କଗୁଡ଼ିକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରଯୁଜ୍ୟ ରହିବ।
ସାଧାରଣ ଜନତା ଏବଂ ଆଗ୍ରହୀ ବ୍ୟକ୍ତିଙ୍କ ସୂଚନା ପାଇଁ, ଆୟୋଗ ସମସ୍ତ ଶ୍ରେଣୀର ଗ୍ରାହକଙ୍କ ପାଇଁ ଏଚ୍‌ଟି ଏବଂ ଇଏଚ୍‌ଟି ଉପରେ ପ୍ରଯୁଜ୍ୟ ଶୁଳ୍କ ପ୍ରକାଶ କରୁଛି। ଉକ୍ତ ନିର୍ଦ୍ଦେଶଟି କମିଶନଙ୍କ ୱେବସାଇଟ୍ www.orierc.org ଏବଂ ବଣ୍ଟନ ଉପଯୋଗିତାର ୱେବସାଇଟ୍ www.tpcentralodisha.com ରେ ଉପଲବ୍ଧ ହେବ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୪.୦୩.୨୦୨୫

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

ବି.ଦ୍ର : ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ କୌଣସି ଅସ୍ପଷ୍ଟତା ପରିଲକ୍ଷିତ କ୍ଷେତ୍ରରେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ।

# ବିଜିୟୁରେ ଅନ୍ତର୍ଜାତୀୟ ସମ୍ମିଳନୀ


ବିଜିୟୁରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଅତିଥିଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୪।୩**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ 'ସସ୍ଥାୟୀ ଭବିଷ୍ୟତ ସୃଷ୍ଟି: ପ୍ରମୁଖ ସହଭାଗୀଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ସମ୍ପର୍କିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍, ଉଦ୍ୟୋଗ ପ୍ରମୁଖ ଏବଂ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ବିଶ୍ୱ ସ୍ଥାୟିତ୍ୱର ସମାଧାନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଆମେରିକା ଇକୋଲୋଜିକାଲ ସୋସାଇଟିର ପ୍ରେସିଡେଣ୍ଟ ପିଟର ଏମ୍ ଗ୍ରୋଫମ୍ୟାନ୍ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ସସ୍ଥାୟୀ ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରୋଙ୍କ୍ସ କମ୍ୟୁନିଟି କଲେଜ ପ୍ରେସିଡେଣ୍ଟ ମିଲ୍‌ଟନ ସାଣ୍ଟିଆଗୋ ସ୍ଥାୟିତ୍ୱ ଲକ୍ଷ୍ୟ ହାସଲ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସହଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇଆଇଏମ୍ ଅହମଦାବାଦର ପ୍ରଫେସର ନୀହାରିକା ଭୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସସ୍ଥାୟୀ ନେତୃତ୍ୱର ଗୁରୁତ୍ୱ ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି ଦିଗରେ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ନିଲ ଫିଲିପ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଏବଂ ସସ୍ଥାୟୀ ବିଶ୍ୱ ଗଠନ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପରିମିତା ସେନ୍ ନ୍ୟୁୟର୍କ ସିଟି ୟୁନିଭର୍ସିଟି ଉପରେ ଆଲୋକପାତ କରିଥିଲେ, ଯାହାର ୧୩ଜଣ ପୂର୍ବତନ ଛାତ୍ର ନୋବେଲ ପୁରସ୍କାର ବିଜେତା ଅଟନ୍ତି। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ସସ୍ଥାୟୀ ବିଶ୍ୱଗଠନ ପ୍ରତି ଥିବା ୟୁନିଭର୍ସିଟିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀ ସଂଯୋଜକ ଡ. ଅନୁଭା ରାୟ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କାଠ ବୋଝେଇ ଟ୍ରାକ୍ଟର ଜବତ, ଜଣେ ଗିରଫ



**ଖଡ଼ିଆଳ,୨୪।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବନାଞ୍ଚଳ ଅନ୍ତର୍ଗତ ବୋଡ଼େନ ପାଟଧରା ସଂରକ୍ଷିତ ଜଙ୍ଗଲରୁ ବଲ୍ଲା କାଠ ବୋଝେଇ ହୋଇଯାଉଥିବା ଏକ ଟ୍ରାକ୍ଟରକୁ ବନ କର୍ମଚାରୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ବୋଡେନ ଗ୍ରାମର ଶୁଭମ ଅଗ୍ରୱାଲ (୨୪)ଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ଜୟଦେବ ମାଝୀ ସୂଚନା ଦେଇଛନ୍ତି। କାଠ ବୋଝେଇ ଟ୍ରାକ୍ଟର (ଓଡି୨୬ଜି୦୫୯୦) ବୋଡ଼େନ ଜାମଗାଁକୁ ଆସୁଥିବା ବେଳେ ବୋଇରଗାଁଠାରେ ରାତ୍ର ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଅଟକାଇ ପଚରାଉଚରା କରିଥିଲେ। ପରେ ଗାଡିରେ ଥିବା ୨୨୦ ଖଣ୍ଡ ଧଉରା, କର୍ଲା, ସାହାଜ, କେନ୍ଦୁ, ସିହିନା, ଧୋବେନ, ଭେରୁଆ ଆଦି ବଲ୍ଲା କାଠ ଜବତକରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଖଡ଼ିଆଳ ବନାଞ୍ଚଳ ପକ୍ଷରୁ ଏକ ମାମଲା (ନଂ.୪୩୪/୨୪–୨୫) ରୁଜୁହୋଇ ଅଧିକ ତଦନ୍ତ ଚାଲିଛି। ଏହି ଚଢ଼ାଉରେ ଫରେଷ୍ଟର ଖଗେଶ୍ୱର ମାଝୀ, ସୁଦାମ ବାଗ, ଘନଶ୍ୟାମ ଶବର, ଫରେଷ୍ଟ ଗାର୍ଡ ବୀରେନ୍ଦ୍ର ମାଝୀ, ତରୁଣ ତେଜୀ ପ୍ରମୁଖ ସାମିଲ ଥିଲେ।

### ମନ୍ଦିର ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି

**ଥୁଆମୂଳ ରାମପୁର,୨୪।୩ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁରସ୍ଥିତ ମା' ମାଣିକେଶ୍ୱରୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କାମ ଅଳ୍ପ ବାକି ରହିଥିବା ବେଳେ ଅଞ୍ଚଳବାସୀ ରତ୍ନମୁଦ ଉତ୍ସବ ପାଳନ କରିବା ପାଇଁ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମର ୫ଗୋଟି ୱାର୍ଡର ବହୁ ବରିଷ୍ଠ ନାଗରିକ, ଭଦ୍ରମଣ୍ଡଳି ସମେତ ଅନେକ ଯୁବଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଏପ୍ରିଲ ୧୪ରେ ଶୁଭଖମ୍ବ ସ୍ଥାପନ କରି ୨୮, ୨୯ ଓ ୩୦ତାରିଖ ୩ଦିନ ଧରି ମା' ମାଣିକେଶ୍ୱରୀଙ୍କ ମନ୍ଦିର ସହ ଶ୍ରୀଜଗନ୍ନାଥ ମନ୍ଦିର ଓ ବାବା ରାମେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ପାଳନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଚାର ପ୍ରସାର ସହ ଶ୍ରଦ୍ଧାଳୁଙ୍କୁ ନିମନ୍ତ୍ରଣ କରାଯିବା, ପ୍ରଥମ ଦିନରେ ମା'ଙ୍କ କଳସ ଯାତ୍ରା ଓ ଅଧିବାସ ପରେ ବନଜାଗ ନୀତି, ଦ୍ୱିତୀୟ ଦିନରେ ଅଖଣ୍ଡ ନାମଯଜ୍ଞ, ରତ୍ନମୁଦ କାର୍ଯ୍ୟ ଆରମ୍ଭ ଓ ତୃତୀୟ ଦିନରେ ନଗର କୀର୍ତ୍ତନ ପରେ ପୂର୍ଣ୍ଣାହୁତି କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଉପଦେଷ୍ଟା କମିଟି, ପରିଦର୍ଶନ କମିଟି, ଅର୍ଥ କମିଟି, ପ୍ରଚାର କମିଟି, ଖାଦ୍ୟ କମିଟି, ସାଂସ୍କୃତିକ କମିଟି ଗଠନ କରାଯାଇ ସମସ୍ତଙ୍କୁ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ନିବେଦନ କରାଯାଇଥିଲା।

# ଖାଲି ପଡ଼ିଛି ୫୧ ପଦବୀ

**ଭବାନୀପାଟଣା,୨୩।୩(ଉତ୍ତମ କୁମାର ଦାଶ)**




- ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ
- ପାଠପଢ଼ାକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର

କଳାହାଣ୍ଡି ଜିଲାବାସୀଙ୍କ ଦୀର୍ଘଦିନର ଆନ୍ଦୋଳନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭବାନୀପାଟଣା ସହର ଭଙ୍ଗାବାରୀଠାରେ ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଘୋଷଣା ହୋଇଥିଲା। ୨୦୨୩ ମସିହାରୁ ଏଠାରେ ପାଠପଢା ଆରମ୍ଭ ହୋଇଛି। ହେଲେ ମେଡିକାଲ କଲେଜରେ ଏବେ ବହୁ ଅଧ୍ୟାପକ ପଦବୀ ଖାଲିପଡିଛି। ବର୍ତ୍ତମାନ ୧୫୮ଟି ପଦବୀ ମଧ୍ୟରୁ ୫୧ଟି ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜରେ ୨୧ଟି ମଞ୍ଜୁରିପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ଏବେ ୧୧ ଜଣ ଅଛନ୍ତି ଓ ୧୦ଟି ପଦବୀ ଖାଲି ପଡିଛି। ସେହିପରି ୨୭ ଜଣ ଆସୋସିଏଟ୍ ପ୍ରଫେସର ପଦବୀ ଥିବାବେଳେ ୧୬ ଜଣ ଅଛନ୍ତି ଓ ୧୧ଟି ପଦବୀ ଖାଲି ରହିଛି। ୪୫ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଜାଗାରେ ୪୩ ଜଣ କାର୍ଯ୍ୟ କରୁଥିବାବେଳେ ୨ଟି ପଦବୀ ଖାଲି ପଡିଛି। ୨୬ଟି ଟ୍ୟୁଟର୍ ପଦବୀରୁ ୧୩ ଜଣ ଅଛନ୍ତି ଓ ୧୩ଟି ପଦବୀ ଖାଲି ପଡିଛି। ୩୯ ଜଣ ସିନିୟର ରେସିଡେଣ୍ଟ ମଧ୍ୟରୁ ୨୪ ଜଣ କାର୍ଯ୍ୟରତ ଅଛନ୍ତି ଓ ଆହୁରି ୧୫ଟି ପଦବୀ ଖାଲି ଅଛି। କିଛିଦିନ ତଳେ ବିଧାନସଭାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ନିୟମିତ ମନୋନୟନ, ପଦୋନ୍ନତି, ଡେପୁଟେଶନ ଓ ଚୁକ୍ତିଭିତ୍ତିକ ନିଯୁକ୍ତି ମାଧ୍ୟମରେ ଖାଲିଥିବା ପଦବୀଗୁଡିକ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି। ନ୍ୟାଶନାଲ ମେଡିକାଲ କମିସଶନଙ୍କ ନିୟମାବଳୀ ଅନୁଯାୟୀ ମେଡିକାଲ କଲେଜରେ ବିଭିନ୍ନ ଡାକ୍ତରୀ ପଦବୀ ସୃଷ୍ଟି କରାଯାଇଛି। ଯେଉଁଥିରେ ଜୁନିୟର ରେସିଡେଣ୍ଟ ଡାକ୍ତର ପଦ ସୃଷ୍ଟି ପାଇଁ କୌଣସି ନିୟମ ନାହିଁ ବୋଲି ମନ୍ତ୍ରୀ ମହାଲିଙ୍ଗ ପ୍ରକାଶ କରିଛନ୍ତି। ଗତ ୨ବର୍ଷ ଧରି କଲେଜରେ ମାଇକ୍ରୋ ବାୟୋଲୋଜି ବିଭାଗରେ ଏଚ୍‌ଓଡି ପଦବୀ ଖାଲିଥିବା ବେଳେ ଅସ୍ଥାୟୀ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଆନାଟୋମି ବିଭାଗର ଏଚ୍‌ଓଡି ଓ ଟ୍ୟୁଟର୍ ପଦବୀ ପୂରଣ ନ ହୋଇ କାମଚଳାରେ ଚାଲିଛି। ବର୍ତ୍ତମାନ ମେଡିକାଲ କଲେଜରେ ତୃତୀୟ ବର୍ଷ ନିମନ୍ତେ ପାଠପଢା ଆରମ୍ଭ ହେବାକୁ ଥିବାବେଳେ ଅଧ୍ୟାପକ ପଦବୀ ଖାଲିଥିବା ନେଇ ଛାତ୍ରୀଛାତ୍ରମାନେ ଚିନ୍ତାରେ ଅଛନ୍ତି। ତୃତୀୟ ବର୍ଷ ପାଠପଢା ଆରମ୍ଭ ପୂର୍ବରୁ ଅଧ୍ୟାପକ ପଦବୀ ଯଥାଶୀଘ୍ର ପୂରଣ କରିବା ନିମନ୍ତେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଦାବି ହୋଇଛି।

## କାଳିଆ ହତ୍ୟା ଘଟଣାରେ ୪ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

**ନୂଆପଡ଼ା,୨୪।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖଡିଆଳ ଥାନା କିକିରିବେଡା ଗାଁର ବୃଦ୍ଧ କାଳିଆ ମାଝି (୭୦) ହତ୍ୟା ଘଟଣାରେ ପୋଲିସ ସୋମବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ଛୁରି, ବାଇକ୍ ଓ ରକ୍ତଦାଗ ଲାଗିଥିବା ପୋଷାକ ଜବତ କରାଯାଇଛି। ସେମାନେ ହେଲେ ସିନାପାଲି ଥାନା ଭଟାପାଣିର ଭଗବାନ ମାଝି (୨୨) ଓ ସୁବାସ ମାଝି (୨୫) ଏବଂ କିକିରିବେଡାର ଗିରିଧାରି ମାଝି (୩୦) ଓ ରତ୍ନେ ମାଝି (୪୫)। ଏମାନଙ୍କ ସହ ଅନ୍ୟଜଣେ ନାବାଳକ ସାମିଲ ଥିବା ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ କାଳିଆ ନିଜ ଘରେ ନାତି ସହ ଶୋଇଥିବା ସମୟରେ କିଛି ଦୁର୍ବୃତ୍ତ ଆସି ତାଙ୍କୁ ଅତର୍କିତ ଭାବେ ଛୁରାମାଡ କରିଥିଲେ। ପରିବାର ଲୋକେ ଉଠିପଡିବାରୁ ସେମାନେ ଫେରାର ହୋଇଯାଇଥିଲେ। କାଳିଆଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖଡିଆଳ ଉପଖଣ୍ଡ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଖଡିଆଳ ଥାନାରେ ଏକ ମାମଲା (ନଂ. ୮୯/୨୫) ରୁଜୁ ହୋଇଥିଲା। ଖଡିଆଳ ଉପଖଣ୍ଡ ପୋଲିସ ଅଧିକାରୀ ମର୍ସିରାଣୀ ପୂର୍ତ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଜାରି ରଖିଥିଲା। ଶେଷରେ ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ସଫଳ ହୋଇଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାଏକ, ଖଡିଆଳ ଥାନା ଅଧିକାରୀ ଦିଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହରିପ୍ରିୟା ଠାକୁରଙ୍କ ଉପନ୍ୟାସ ନୀଳୋତ୍ପଳା ଉନ୍ମୋଚିତ



ଉପନ୍ୟାସ ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିମାନେ।

**ଭବାନୀପାଟଣା,୨୪।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ବାଲାଜୀ ବିହାର ସରସ୍ୱତୀ ଶିଶୁ ମନ୍ଦିରଠାରେ ଶ୍ରୀରୂପା ପବ୍ଲିକେସନ ପକ୍ଷରୁ ଲେଖିକା ହରିପ୍ରିୟା ଠାକୁରଙ୍କ ପ୍ରଥମ ଉପନ୍ୟାସ ନୀଳୋତ୍ପଳା ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଗାଳ୍ପିକ ସୁକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ବିଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟ ବକ୍ତା ଓ ବିଶିଷ୍ଟ କବି ରବି ଶତପଥୀ, ସମୀକ୍ଷକ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଲେଖିକା ଠାକୁର ଓ ତାଙ୍କ ସ୍ୱାମୀ ଗୌରୀଶଙ୍କର ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କବି ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲାର ଶତାଧିକ ଲେଖକ ଯୋଗଦେଇଥିଲେ। ୪୨୨ ପୃଷ୍ଠା ସମ୍ବଳିତ ଉପନ୍ୟାସରେ ତତ୍କାଳୀନ କଳାହାଣ୍ଡି ସମାଜ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ବ୍ୟବସ୍ଥାର ଚିତ୍ର ଅତି ନିଖୁଣ ଭାବରେ ଚିତ୍ରିତ ହୋଇଥିବା ଅତିଥିମାନେ ମତ ଦେଇଥିଲେ। ୭୫ବର୍ଷ ବୟସରେ ଲେଖିକାଙ୍କର ପ୍ରଥମ ସାହିତ୍ୟ କୃତି ନୀଳୋତ୍ପଳା ପ୍ରକାଶ ପାଇଥିବାରୁ ତରୁଣ ଲେଖକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ଯୁକ୍ତ ୨ କଲେଜର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨୪।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ପରୀକ୍ଷିତ ଟାଇଗର ଯୁକ୍ତ ୨ ବିଜ୍ଞାନ କଲେଜର ୧୨ତମ ବାର୍ଷିକ ଉତ୍ସବ ଅଧକ୍ଷ ଯୋଗେନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡ଼ା ବନାଞ୍ଚଳ ଅଧିକାରୀ ଅଜିଜ ଖାନ ମୁଖ୍ୟ ଅତିଥି, ପୂର୍ବତନ ଅଧକ୍ଷ ତରୁଣ ପ୍ରଧାନ ମୁଖ୍ୟବକ୍ତା, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ସ୍ୱତନ୍ତ୍ର ଅତିଥି ଓ ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ, ସ୍କୁଲ ନିର୍ଦ୍ଦେଶକ ଲଳିତ ମୋହନ ବାଗ, ସ୍କୁଲ ପରିଚାଳନା କମିଟି ଉପଦେଷ୍ଟା ସାମାଜିକ କର୍ମୀ ଫକୀର ମୋହନ ଜଗତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ମହାନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଇଂରାଜୀ ଅଧ୍ୟାପିକା ଆର୍ଯ୍ୟା ମିଶ୍ର ମଞ୍ଚ ପରିଚାଳନ କରିଥିଲେ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କୋକସରା,୨୪।୩ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଭାବେ ପଣ୍ଡିତ ଉପେନ୍ଦ୍ର ଅଗସ୍ତି, ସହଯୋଗୀ ଭାବେ ଗଣେଶ ରାମ ଅଗସ୍ତି ପୂଜାକାର୍ଯ୍ୟ ତୁଲାଇଥିଲେ। ଉପେନ୍ଦ୍ର ସାହୁ ଓ ସହଧର୍ମିଣୀ ସୁଜାତା ସାହୁ ପୂଜା କାର୍ଯ୍ୟ ତୁଲାଇଥିଲେ। ଉଭୟ ଦହିହାଣ୍ଡି ଧରି ଓଲମା ନଗର ପରିକ୍ରମା ସମୟରେ ଶତାଧିକ ଶ୍ରଦ୍ଧାଳୁ ଫଗୁ ଅବିର ଖେଳିଥିଲେ। ପୂଜା ମଣ୍ଡପରେ ଦହିହାଣ୍ଡି ଭଗ୍ନ ପରେ ଷୋହଳ ପ୍ରହର ନାମଯଜ୍ଞ ସମାପନ ହୋଇଛି। ନାମଯଜ୍ଞ ପରିଚାଳନାରେ ବଲ୍ଲଭ କୁମାର ସାହୁ, ଫୁଲଚନ ଶବର, ଶେଷ ରଞ୍ଜନ ପଣ୍ଡା, ଖଗେଶ୍ୱର ବେମାଲ, ତ୍ରିନାଥ ଶବର, ଧନପତି ବାଗ, ଅକ୍ଷୟ ମହାନନ୍ଦ, ଘାସିରାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ୨୬ରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

**କେସିଙ୍ଗା,୨୪।୩ (ତୁମେଶ୍ୱର ସାହୁ)**



କଳାହାଣ୍ଡି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ସମେତ ୧୩ ବ୍ଲକ୍‌ର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଗତି କରୁଥିଲେ ମଧ୍ୟ ସରକାର ସେମାନଙ୍କ କଥା ବିଚାର କରୁନାହାନ୍ତି। ତେଣୁ ସଂଘ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୧୭ରୁ ରାଜ୍ୟର ସମସ୍ତ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଆସୁଛନ୍ତି। ଏହି କ୍ରମରେ କର୍ମଚାରୀ ବୃନ୍ଦ ୩ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦୈନିକ ବେତନଧାରୀଙ୍କୁ ମାସିକ ଦରମା, ସମସ୍ତ ବର୍ଗର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଉଲ୍ଲେଖ କରାଯାଇଛି। ସରକାର ଦାବି ପୂରଣ ନ କଲେ ଆସନ୍ତା ୨୬ରେ ସମସ୍ତ ବର୍ଗର ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ହେବାକୁ ଥିବା ଆନ୍ଦୋଳନରେ ସାମିଲହେବେ ବୋଲି ଜିଲା ସଭାପତି ସୁଜିତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ସମୟରେ ଜିଲା ସମ୍ପାଦକ ବିନୟ ପାତ୍ର, ଉପସଭାପତି ଅବକାଶ ଠାକୁର, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ବାଣ୍ଟୁଆ, ଜିଲା ମିଡିଆ ସଂଯୋଜକ ଶେଷଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨୪।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜି ପଞ୍ଚାୟତ ଗୋଇପିଟାଠାରେ ଓଡିଶା ସେକ୍ଟର ତଥା ଦ୍ୱାଦଶ ବାଟାଲିୟନ କମାଣ୍ଡାଣ୍ଟ ନନ୍ଦ କିଶୋର କୁମାର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ସିଆର୍‌ପିଏଫ୍‌ର ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜି ସରପଞ୍ଚ ଯମୁନା ମାଝୀ ମୁଖ୍ୟ ଅତିଥି ଓ ବେନଗାଁ ସରପଞ୍ଚ ପୁରାଣା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମାଣ୍ଡାଣ୍ଟ ପ୍ରସାଦ ନିଜ ଦେଶର କଲ୍ୟାଣ ଓ ବିକାଶ ପାଇଁ ପ୍ରଶାସନ ତଥା ସରକାରଙ୍କୁ ସମର୍ଥନ କରିବା ଆବଶ୍ୟକତା ରହିଛି ବୋଲି ଗାଁ ଲୋକଙ୍କୁ ସମ୍ବୋଧିତ କରିଥିଲେ। ଏହାସହ ସମାଜ ତଥା ଦେଶର ବିକାଶ ପାଇଁ ସ୍ୱୟଂ ନିଯୁକ୍ତି ପାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ପୁରୁଷ, ମହିଳା ଓ ଯୁବକଙ୍କୁ ଧୂପକାଠି, ମହମବତୀ ବଣ୍ଟନ ସହ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦ୍ୱାଦଶ ବାଟାଲିୟନର ମେଡିକାଲ ଅଫିସର ମାଧବ କୁମାର ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ।

## ଆଶାକର୍ମୀ ସଂଘର ୯ ଦଫା ଦାବିପତ୍ର



କର୍ଲାମୁଣ୍ଡା ଗୋଷ୍ଠୀ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କର୍ଲାମୁଣ୍ଡା,୨୪।୩ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଆଶାକର୍ମୀ ସଂଘ ପକ୍ଷରୁ ସୋମବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ଧରୁଆଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା, ମାସିକ ଭତ୍ତା ୧୮ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୫ ଲକ୍ଷ ଟଙ୍କା କରାଯିବା, ଅଭିଜ୍ଞତାକୁ ବିଚାରକରି ଆଇସିଡିଏସ୍ କର୍ମୀ ଭାବେ ନିଯୁକ୍ତି ସୁଯୋଗ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ଆଶାକର୍ମୀ ସଂଘ ସଭାନେତ୍ରୀ ବବିତା ସାହୁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଆଶାକର୍ମୀମାନେ ୨ ମାସ ହେଲା ମାସିକ ପ୍ରୋତ୍ସାହନ ରାଶି ପାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

### ବିଶ୍ୱ ଜଳ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା,୨୪।୩ (ମକାରୁ ବେମାଲ):** ନୂଆପଡ଼ା ଜିଲା ବୋଡେନ ବ୍ଲକ ପାତଳଗଙ୍ଗାଠାରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ୟାର ଅନୁଷ୍ଠାନ ଖଡିଆଳ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅରୁଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଘାସିରାମ ମାଝି ମୁଖ୍ୟଅତିଥି ଓ ହିରାଲାଲ ମାଝି, ହରିଦାସ ପଟେଲ, ଯୁଧିଷ୍ଠିର ସାହୁ, ମାନସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମେ ପାତାଳଗଙ୍ଗାସ୍ଥିତ ଜଳଉତ୍ସ ପରିସର ସଫା କରାଯାଇଥିଲା। ଜଳ ସଂରକ୍ଷଣ, ଜଳର ସୁବିନିଯୋଗ, ପ୍ରକୃତିସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ପାତଳଗଙ୍ଗାଠାରେ ଏକ ସଭାରେ ପ୍ରକୃତି ସଂରକ୍ଷଣ ଓ ଜଳ ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରଜେଶ ପାଣିଗ୍ରାହୀ, ଖୁସିରମା ଭୋଇ, ରାକେଶ ନାୟକ, ଆର୍ତ୍ତ ଚିନ୍ଦା ଓ କୋର୍ଟ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ।

## ମଣ୍ଡି ଖୋଲିବାକୁ ଜମି ଦାନ କଲେ ବଦାନ୍ୟ ଚାଷୀ

**କୋକସରା,୨୪।୩ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଝରିଆଗୁଡାଠାରେ ମଣ୍ଡି ଖୋଲିବା ପାଇଁ ଅଞ୍ଚଳର ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗତବର୍ଷ ମଣ୍ଡି ଖୋଲିବାକୁ ଅନୁମତି ଦେଇଥିଲେ ମଧ୍ୟ ଜାଗା ସମସ୍ୟା ଉପୁଜିଥିଲା। ନିଜ ଗାଁ ଓ ଅଞ୍ଚଳର ଚାଷୀଙ୍କ ଧାନ ବିକ୍ରି ସମସ୍ୟାକୁ ହୃଦୟଙ୍ଗମ କରି ଝରିଆଗୁଡା ଗ୍ରାମର ଜଣେ ସଚେତନ ଓ ବଦାନ୍ୟ ଚାଷୀ ଜୟଲାଲ ନାଏକ ଗାଁ ନିକଟରେ ଥିବା ନିଜର ୧ ଏକର ଚାଷଜମିକୁ ଦାନ କରିବା ପାଇଁ ମନସ୍ଥ କରି ଗ୍ରାମର ଚାଷୀଙ୍କୁ ଡାକି ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଜମି ଦାନ ପରେ ଗତବର୍ଷଠାରୁ ଝରିଆଗୁଡାରେ କୋକସରା ପାକ୍ସ ଅଧୀନରେ ମଣ୍ଡି ଆରମ୍ଭ ହୋଇ ଚାଷୀମାନେ ସୁରୁଖୁରୁରେ ନିଜ ଗାଁରେ ଧାନ ବିକ୍ରି କରିଥିଲେ। ତେବେ ଜମିଦାନ କରିଥିବା କାଗଜପତ୍ର ପ୍ରଶାସନକୁ ହସ୍ତାନ୍ତର ହୋଇ ନ ଥିଲା। ସୋମବାର ଜମିଦାନ କରିଥିବା ଚାଷୀ ଜୟଲାଲଙ୍କ ସମେତ ସ୍ଥାନୀୟ ପଞ୍ଚାୟତର ସମିତି ସଭ୍ୟ ମୁକ୍ତେଶର ନାଏକ, ଝରିଆଗୁଡା ଗ୍ରାମର ଚାଷୀ ରାଜକିଶୋର ସାହୁ, ହୃଷୀକେଶ ଖମାରି, ସୁରେନ୍ଦ୍ର ବଛା, କୁରୁକ୍ଷେତ୍ର ପାଣିଗ୍ରାହୀ ପ୍ରମୁଖ ଚାଷୀମାନେ ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଭୁବନେଶ୍ୱର ବେହେରାଙ୍କୁ ଦାନ କରିଥିବା ଜମିର ରେଜିଷ୍ଟ୍ରେଶନ ପଟ୍ଟା ହସ୍ତାନ୍ତର କରିଥିଲେ। ଚାଷିଙ୍କ ପାଇଁ ଜମିଦାନ କରି ମହାନତା ଦେଖାଇ ଥିବା ଚାଷୀ ଜୟଲାଲଙ୍କୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି।



ଜମି ଦାନ କରିଥିବା ଚାଷୀଙ୍କ ସହ ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷ।

## ୧୦୬ ଅଭିଯୋଗର ଶୁଣାଣିକଲେ ଜିଲାପାଳ

**କୋମନା,୨୪।୩(ସୋବିନ ଛତ୍ରିଆ)**




ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

କୋମନା ବ୍ଲକ୍ ସଭାଗୃହଠାରେ ସୋମବାର ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରେ ୯୩ଟି ବ୍ୟକ୍ତିଗତ ଓ ୧୩ଟି ଗୋଷ୍ଠୀଗତ ରହିଥିଲା। ଏହିସବୁ ଅଭିଯୋଗର ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୁଢିକୋମନା ପଞ୍ଚାୟତ ଡୁଙ୍ଗୁରିପାଲି ଗ୍ରାମର ଅସହାୟ ମହିଳା ହିରାବାଇ ଜଗତଙ୍କୁ ୧୦ହଜାର ଟଙ୍କା ଆଶୁ ସହାୟତା ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା। ୮୪ ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ପଟ୍ଟା, ୩ଟି ଗୋଷ୍ଠୀଙ୍କୁ ଅଧିକାର ପଟ୍ଟା, ୭ଟି ଗୋଷ୍ଠୀଙ୍କୁ ଜଙ୍ଗଲ ସମ୍ବଳ ଅଧିକାର ପଟ୍ଟା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାପାଳଙ୍କ ସହ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀଧର ସେନାପତି, ବ୍ଲକ୍ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡିଓ ବିନୟ କୁମାର ଭୋଇ, ତହସିଲଦାର ପ୍ରୟାସୀ ପ୍ରଧାନ, ଡେପୁଟି କଲେକ୍ଟର ଶେଖ ନସିମ, ହେମନ୍ତ ପୁଟା, ଏବିଡିଓ ଭକ୍ତବନ୍ଧୁ ବୁଡେକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶିବିରସ୍ଥଳରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ରହି ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ବୌଦ୍ଧ,୨୪।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରରେ ସୋମବାର ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ଡ. ବର୍ଷା ପ୍ରିୟଦର୍ଶିନୀ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ, କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହାସହ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମିଳୁଥିବା ବିଭିନ୍ନ ସୁବିଧା ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ. ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମେରା ଭାରତର ଜିଲା ସଂଯୋଜକ ଆସମାନ ମହାକୁଡ, ନର୍ସିଂ ଟ୍ରେନିଂ ସ୍କୁଲ ଛାତ୍ରୀ, ଆଶା କର୍ମୀମାନେ ଉପସ୍ଥିତ ଥିଲେ।

### ଲୋକଙ୍କ ସମସ୍ୟା ବୁଝିଲେ ଜିଲାପାଳ

କନ୍ଧମାଳ,୨୪।୩( ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା କନ୍ଧମାଳ ବ୍ଲକ ନାରାୟଣ ପ୍ରସାଦ ଗ୍ରାମପଞ୍ଚାୟତର ଉପାନ୍ତ ଲଣ୍ଡନପଡା ଗ୍ରାମକୁ ସୋମବାର ମଧ୍ୟାହ୍ନ ୧୨ଟାରେ ପରିଦର୍ଶନ କରିଥିଲେ। ଜିଲାପାଳ ଗ୍ରାମର ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ଅଭାବ, ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ, କନ୍ଧମାଳ ବିଡ଼ିଓ ସାମ୍ପି ଜୟଶ୍ରୀ ରେଙ୍ଗୀ, କନ୍ଧମାଳ ଅତିରିକ୍ତ ତହସିଲଦାର ତହସିଲଦାର ଧନଞ୍ଜୟ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ।

### ୧୨୩୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବାଉଁଶୁଣୀ,୨୪।୩(ଦେବାଶିଷ ନେପାକ)

ଗଞ୍ଜେଇ ଚାଲଣଣ କରାଯାଉଥିବାବେଳେ ବାଉଁଶୁଣୀ ଥାନା ଉଡମିଲକା ଜଙ୍ଗଲରେ ରବିବାର ଅପରାହ୍ନ ୫ଟାରେ ପୋଲିସ ଚଢାଉ କରିଛି। ଚଢାଉ ବେଳେ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡ଼ିକ ଜବତ କରାଯାଇଛି। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୧୨୩୦ କେଜି ହୋଇଥିଲା। ଏହି ଘଟଣାରେ ଯୁବକ ରବି ଦନ୍ତାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ବାଉଁଶୁଣୀ ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି।

### ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ବୌଦ୍ଧ,୨୪।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା କାର୍ଯ୍ୟାଳୟଠାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ଭାଜପା ସଭାପତି ଡା. ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ଜିଲା ସଭାପତି ବିପ୍ରଚରଣ ମହାନ୍ତି, ମନୋରଞ୍ଜନ ଦାସ, ଯୁଗଳ ସାହୁ, ଯୁଗଳ ସାମଲ, ମିନାରାଣୀ ମିଶ୍ର, ମାଗୁଣି ଗାଇଗୌରିଆ ଓ ଦଳର ନେତାମାନେ ଯୋଗଦେଇ ସ୍ୱର୍ଗତ ଡ. ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ।

### ବାଇକ୍‌ରୁ ଖସି ପଡ଼ି ବୃଦ୍ଧା ମୃତ

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ଶ୍ରୀନିବାସପୁର ଗ୍ରାମ ନିକଟସ୍ଥ ରାଙ୍ଗୀ-ବିଜୟୱାଡା ରାସ୍ତାରେ ଏକ ଚଳନ୍ତା ବାଇକ୍‌ରୁ ଖସି ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ଧୋବଲିପଥର ରଙ୍ଗମାଟିଆ ଗ୍ରାମର ସଜନୀ ବୁଢା (୬୫)। ସୋମବାର ଅପରାହ୍ନ ପ୍ରାୟ ୫ଟାରେ ସଜନୀ ତାଙ୍କ ନାତି ସହିତ ଏକ ବାଇକ୍‌ରେ ପଛପଟେ ବସି ଯାଉଥିଲେ। ଭାରସାମ୍ୟ ହରାଇ ଶ୍ରୀନିବାସପୁର ଗ୍ରାମ ନିକଟସ୍ଥ ରାଙ୍ଗୀ-ବିଜୟୱାଡା ରାସ୍ତାରେ ବାଇକ୍‌ରୁ ଖସି ପଡିଥିଲେ। ତାଙ୍କର ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ସୃଷ୍ଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ୱର୍ଣ୍ଣ ପ୍ରୟାଗ ଜନ ସମୁଦ୍ର

## ଆଳତୀ, ଜଗନ୍ନାଥ କଥାମୃତରେ ଭକ୍ତ ବିମୋହିତ



ଆଳତିରେ ଶ୍ରଦ୍ଧାଳୁଙ୍କ ଭିଡ।

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱରଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବର ସୋମବାର ଥିଲା ଉଦ୍‌ଯାପନୀ ସନ୍ଧ୍ୟା। ଅନ୍ତିମ ସନ୍ଧ୍ୟାରେ ମହୋତ୍ସବ କ୍ଷେତ୍ର ଜନସମୁଦ୍ର ପାଲଟିଥିଲା। ଶ୍ରୀଜୀଉଙ୍କ ୩୨ବେଶ, ପଞ୍ଚଦିବସୀୟ ଶ୍ରୀବିଷ୍ଣୁ ମହାଯଜ୍ଞ, ଶ୍ରୀବିଷ୍ଣୁ ପୂଜନ, ଶ୍ରୀବିଷ୍ଣୁ ସହସ୍ରନାମ ପଠନ ଭଳି ସମସ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୁନ୍ଦର ଭାବେ ସମ୍ପନ୍ନ ହେଉଛି। ସନ୍ଧ୍ୟା ଆଳତୀ, ଭଜନ ପରିବେଷଣ ଓ ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଆଳତୀ ଓ କଥାମୃତ ଭକ୍ତଙ୍କୁ ବିମୋହିତ କରିଥିଲା। ସାଧୁସନ୍ଥଙ୍କ ସମାଗମ ମହୋତ୍ସବରେ ଏକ ଅନନ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ରାମେଶ୍ୱର ମନ୍ଦିର କୁଞ୍ଜ ଘରେ ଚବିଶ ପ୍ରହରୀ ନାମଯଜ୍ଞ ଜାରି ରହିଛି। ମହୋତ୍ସବ ପରିସରରେ ପୁରୀରୁ ଆସିଥିବା ମହାସୁଆରଙ୍କ ପ୍ରସ୍ତୁତ ଖଜା, ମହାପ୍ରସାଦ ଅଭଡା ଓ ଟଙ୍କ ତୋରାଣି ମିଳୁଛି। ଭୋଗ ଷ୍ଟଲ ଆଗରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ପୁରୀ ଗୌରୀଗୋପାଳ ସେବାଶ୍ରମର ସଚ୍ଚିଦାନନ୍ଦ ମହାପାତ୍ର ଜଗନ୍ନାଥଙ୍କ ଦୁର୍ଲଭ ୩୨ ବେଶର ମୁଖ୍ୟ ପରିଚାଳକ ଥିଲେ। ଅପରାହ୍ନରେ ଆର୍ତ୍ତତ୍ରାଣ ବାବାଙ୍କ ସ୍ପର୍ଶ ଚିକିତ୍ସା କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାପୀଠରେ ଏହି ଧାର୍ମୀକ କାର୍ଯ୍ୟକ୍ରମକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନନ୍ଦ ବଜାରରେ ମଧ୍ୟାହ୍ନ ଓ ରାତିରେ ମାଗଣାରେ ପ୍ରସାଦ ଦିଆଯାଉଛି। ବେଶ ସମ୍ମୁଖରେ ପ୍ରତ୍ୟହ ୩୨ଯୋଡି ଦମ୍ପତି ସଂକଳ୍ପରେ ବସି ବ୍ରହ୍ମପୂଜନ ସହ ବିଷ୍ଣୁସହସ୍ର ନାମଜପ ଓ ଦିବ୍ୟ ଆଳତୀ ପ୍ରଦାନ କରୁଛନ୍ତି। ମୁଖ୍ୟ ମାର୍ଗଦର୍ଶକ ମହନ୍ତ ଶ୍ରୀ ବଂଶୀଧର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଆଚାର୍ଯ୍ୟ ରାଜୀବ ଲୋଚନ ପଣ୍ଡା ଓ ରାଧେଶ୍ୟାମ ପୁରୋହିତଙ୍କ ନେତୃତ୍ୱରେ ଶତାଧିକ ପଣ୍ଡିତ ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଘୃତଯଜ୍ଞ, ଆଚାର୍ଯ୍ୟଙ୍କ ମନ୍ତ୍ର ଉଚ୍ଚାରଣ ଓ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହେଉଛି। ଜନସମାଗମକୁ ଦୃଷ୍ଟିରେ ରଖି ମହୋତ୍ସବ ପରିସରରେ ମାରୱାଡି ଯୁବାମଞ୍ଚ ଓ ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରା ଯାଇଥିଲା। ମଙ୍ଗଳବାର ଅପରାହ୍ନରେ ମହୋତ୍ସବର ପୂର୍ଣ୍ଣାହୁତି ହେବ ବୋଲି ଜଣାପଡିଛି।

# ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର

## ୧୨୫ ଅଭିଯୋଗରୁ ୧୫ ସାମୂହିକ



ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୨୫ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୧୪ ଗୋଟି ଓ ୧୫ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବୀରମହାରାଜପୁର ବିଡ଼ିଓ ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ , ଅତିରିକ୍ତ ଜିଲା ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜଙ୍କ ସମେତ ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବିଭିନ୍ନ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ

ବିନିକା, ୨୪।୩ ( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧିନ ଚରଦା ମାତାମଠରେ ସୋମବାର ପୂର୍ବାହ୍ନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବିନିକା ଓ ଚରଦା ଶାଖା ଆନୁକୂଲ୍ୟରେ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅବସରପ୍ରାପ୍ତ ଅଧ୍ୟାପକ କିଶୋର ପାଣଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ ଅବସରରେ ରବିବାର ସନ୍ଧ୍ୟାରେ ବିନିକା ମହାନଦୀ ସିଟି ପୋଲିସ ଘାଟରୁ ପବିତ୍ର ଜଳ ଆଣି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ବସୁଦେବ ମିଶ୍ର, ପଞ୍ଚା ସେଠ ଶାନ୍ତିକୁଞ୍ଜ ହରିଦ୍ୱାର ମାଧ୍ୟମରେ ଯଜ୍ଞ ପରିଚାଳନା କରିଥିଲେ। କର୍ତ୍ତାଭାବେ ଅରୁଣ ସୁବୁଦ୍ଧି, ଦିଲୀପ ଥନାପତି, ବଳିଷ୍ଠ ଥନାପତି, ବୀରେନ୍ଦ୍ର ଥନାପତି, ବୈଶାଖୁ ବାଗ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପରିଚାଳନାରେ ଶୁକଦେବ ଥନାପତି, ଘନଶ୍ୟାମ କ୍ଷେତି, ତ୍ରିଲୋଚନ ବାରିକ, କଳ୍କି ଥନାପତି, ବସନ୍ତ ନେଗୀ, ସାରଥୀ କର୍ଣ୍ଣ, ରାଜିବ ଥନାପତିଙ୍କ ସମେତ ଚରଦା ଗାୟିତ୍ରୀ ପରିବାର ସଦସ୍ୟ ସହଯୋଗ କରିଥିଲେ।

# ସପ୍ତାହେ ପରେ କେନ୍ଦ୍ରରୁ ଖୋଲିଲା ତାଲା

## ଅଙ୍ଗନୱାଡି ସହାୟିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ବଘିଆପଡା,୨୪।୩(ଶ୍ରୀକାନ୍ତ ସାହୁ)



ତହସିଲଦାର ମହିଳାମାନଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତ ଇସିରିସିଙ୍ଗା ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ସହାୟିକା ନିଯୁକ୍ତିରେ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ର ସହାୟିକା ନିଯୁକ୍ତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ନୋଟିସ କରା ନ ଯାଇ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ପୂର୍ବରୁ ବୌଦ୍ଧ ଜିଲାପାଳ ଓ ସିଡିପିଓଙ୍କୁ ଜଣାଇଥିଲେ। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ସପ୍ତାହେ ହେଲା ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି। ପ୍ରଶାସନ ନିର୍ଦ୍ଦେଶରେ ସୋମବାର ଅପରାହ୍ନରେ ବୌଦ୍ଧ ତହସିଲଦାର ଅନିତା କୁମାରି ସାହୁ ସିଡିପିଓଙ୍କ ସହ ଉକ୍ତ ଗ୍ରାମକୁ ଯାଇ କେନ୍ଦ୍ରରୁ ତାଲା ଖୋଲିବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ସମୟରେ ଗ୍ରାମର ମହିଳାମାନେ ପ୍ରତିବାଦ କରିଥିଲେ। ୩ ଘଣ୍ଟା ପରେ ଗ୍ରାମବାସୀ ନିଯୁକ୍ତି ବାତିଲ ସହ ସହାୟିକା ପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ କରିବାକୁ ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଥିଲେ। ତହସିଲଦାର ଉକ୍ତ ଦାବିପତ୍ର ଗ୍ରହଣ କରି ଉପଜିଲାପାଳଙ୍କୁ ଜଣାଇବା ପାଇଁ କହିବା ପରେ ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଖୋଲାଯାଇଥିଲା।

# ଟ୍ରେନରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

## ଗାଁକୁ ଫେରିଲା ମୃତଦେହ

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ଗ୍ରାମର ବିଶ୍ୱାମିତ୍ର ଉର୍ମୀ(୩୩) ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ସମୟରେ ଟ୍ରେନରୁ ଖସି ପଡିବାରେ ତାଙ୍କର ମୃତ୍ୟୁ ଘଟିଛି। ଗତ ୨୧ ତାରିଖ ଟ୍ରେନ ଯୋଗେ ତାମିଲନାଡୁ ଯାଉଥିବା ସମୟରେ ଆନ୍ଧ୍ରପ୍ରଦେଶ ତେନାଲି ଷ୍ଟେଶନ ନିକଟରେ କୌଣସି କାରଣରୁ ଟ୍ରେନରୁ ଖସି ପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଜିଲା ପ୍ରଶାସନ ସହାୟତାରେ ବିଶ୍ୱାମିତ୍ରଙ୍କ ମୃତ ଶରୀରକୁ ନିଜ ଗାଁ ହିଲୁଙ୍ଗକୁ ଆଣିଥିଲେ। ସୋମବାର ଗାଁରେ ମୃତଦେହ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ପରିବାରରେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ସ୍ତ୍ରୀ ଓ ତିନି ସନ୍ତାନ ଅଛନ୍ତି। ଗାଁରେ ପ୍ରଭାଗିୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା ପହଞ୍ଚି ସରକାରୀ ନିୟମ ଅନୁସାରେ ସମସ୍ତ ସହାୟତା ପରିବାର ବର୍ଗଙ୍କୁ ଯୋଗେଇ ଦିଆଯିବ ବୋଲି କହିଥିଲେ। ପରିବାର ଲୋକଙ୍କୁ ରେଡକ୍ରସ ଓ ହରିଶ୍ଚନ୍ଦ୍ର ଯୋଜନାରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି। ଜିଲାପାଳ ଅନ୍ୟା ଦାସ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ବିଶ୍ୱାମିତ୍ର ତାମିଲନାଡୁରେ ଦାଦନ ଖଟିବାକୁ ଯାଇଥିଲେ। ମଝିରେ କିଛି ଦିନ ଗାଁକୁ ଆସି ରହିବା ପରେ ପୁଣି ତାମିଲନାଡୁ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଛି।

# ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି

ଖୁଣ୍ଟିଗୋରା,୨୪।୩(ମକରନ୍ଦ ସାହୁ)



ନୂଆ ଗ୍ରାମପଞ୍ଚାୟତ ଗଠନ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ କୁଲୁଡାଯୋର ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରି ଫାସେଡ଼ଠାରେ ଏକ ନୂତନ ପଞ୍ଚାୟତ ଗଠନ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବୌଦ୍ଧ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ସୋମବାର ଜନଶୁଣାଣି ଶିବିରକୁ ଆସୁଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ଉମେଶ ଭୋଇ ଓ ଲିଙ୍ଗରାଜ ଧରୁଆ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ କୁଲୁଡାଯୋର ସରପଞ୍ଚ ଚୁମକି ଭୋଇ ଏବଂ ଜୋନ-୧ ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁଙ୍କ ସ୍ୱାକ୍ଷର ରହିଛି। ସୂଚନାଯୋଗ୍ୟ, କୁଲୁଡାଯୋର ଗ୍ରାମପଞ୍ଚାୟତର ମୋଟ ଭୋଟର ସଂଖ୍ୟା ହେଉଛି ୮୯୫୫। ପଞ୍ଚାୟତର ଫାସେଡ, ଗିଧାମାଳ, ବରପଦର, କେଉଟିପାଲି, ପିଟାବାହାଲ ଓ ଦେଉଲି ଆଦି ଗ୍ରାମର ଭୋଟର ସଂଖ୍ୟା ହେଉଛି ୩ ହଜାର। ଉକ୍ତ ଗ୍ରାମଠାରୁ କୁଲୁଡାଯୋର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଦୂରତା ୮ରୁ ୧୦କିମି ହେଉଥିବା ବେଳେ ମଝିରେ ଜଙ୍ଗଲ ୨କିମି ପଡୁଥିବାରୁ ରାସନ ସାମଗ୍ରୀ ଏବଂ ଭତ୍ତା ହିତାଧିକାରୀମାନଙ୍କୁ ଯିବା ଆସିବା ସମ୍ଭବପର ହେଉନାହିଁ। ଉକ୍ତ ଜଙ୍ଗଲ ମଝିରେ ଚୋରି ଡକାୟତି ମଧ୍ୟ ହେଉଛି। ଏଣୁ କୁଲୁଡାଯୋର ଗ୍ରାମପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରି ଫାସେଡ ଗ୍ରାମପଞ୍ଚାୟତ ମାନ୍ୟତା ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅଞ୍ଚଳବାସୀ ୨୦୧୬ରୁ ପଞ୍ଚାୟତ ବିଭାଜନ ପାଇଁ ଦାବି କରିଆସୁଥିଲେ ମଧ୍ୟ ତାହା ସମ୍ଭବ ହେଉନି ବୋଲି ଅଞ୍ଚଳବାସୀ କହିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜାତିଗତ ପ୍ରମାଣ ପତ୍ରକୁ ନେଇ ପ୍ରଶ୍ନ

## କେଉଟ, କୈବର୍ତ୍ତ ଓ ଧିବର ହଟାଅ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଚେତାବନୀ



ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ଦିଆଯାଉଛି।

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ କେଉଟ, ଧିବର ଓ କୈବର୍ତ୍ତ ହଟାଅ ଅଲ୍ ଓଡ଼ିଶା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଡିଙ୍ଗର କୁମ୍ଭାର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼କ୍ଟର ମୁକେଶ ମହାଲିଙ୍ଗଙ୍କ ଜାତିଗତ ପ୍ରମାଣ ପତ୍ରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମନ୍ତ୍ରୀ ୨୦୦୨ ପୂର୍ବରୁ ପାଠ ପଢ଼ିବା ସମୟରୁ ଅନୁସୂଚିତ ଜାତି ଭାବେ ସମସ୍ତ ସରକାରୀ ସୁବିଧା ନେଇଛନ୍ତି। ଯାହାକି ବେଆଇନ। ସେ ସବୁ ଫେରାଇବା ସହିତ ତୁରନ୍ତ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ମନ୍ତ୍ରୀଙ୍କ ବିରୋଧରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ କୋର୍ଟରେ ମାମଲା ବିଚାରାଧୀନ ରହିଛ। ସେ କୋର୍ଟ ତାରିଖରେ ହାଜର ହୋଇ ନଥିବା କୁମ୍ଭାର ଅଭିଯୋଗ କରିଥିଲେ । ମନ୍ତ୍ରୀ ମହାଲିଙ୍ଗ ମନ୍ତ୍ରୀ ଥିବାରୁ ମାମଲାର ଦଫା ରଫା କରିପାରନ୍ତି ବୋଲି ଅଭିଯୋଗକାରୀ ଡିଙ୍ଗର କୁମ୍ଭାର ଆଶଙ୍କା ପ୍ରକାଶ କରିଛନ୍ତି । ଯଦି ତୁରନ୍ତ କାର୍ଯାନୁଷ୍ଠାନ ନହୁଏ ତାହେଲେ ୯୦ଲକ୍ଷ ଅନୁସୂଚିତ ବର୍ଗ ଲୋକ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ କୁମ୍ଭାରଙ୍କ ସହିତ ଆମ ଆଦମୀ ପାର୍ଟିର ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଳତା, ଉପସଭାପତି ପୃଥ୍ୱୀରାଜ ଜଗଦଳା, ଭୀମ ଆର୍ମି ଜିଲା ସଭାପତି ପ୍ରଦୀପ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ନିରନ୍ତର ପ୍ରୟାସ ସଫଳତା ଆଣେ

## ରାଜନୀତି ବିଜ୍ଞାନ ବିଭାଗର ବିଦାୟ ସମ୍ବର୍ଦ୍ଧନା ସଭା

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ରବିବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଅଧ୍ୟାପକ କୁଞ୍ଜବନ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଶିବ କୁମାର ପୁରୋହିତ, ଅଧ୍ୟାପକ ନରେନ୍ଦ୍ର ଝା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥି ବିଦାୟୀ ଛାତ୍ରୀଛାତ୍ରଙ୍କ ମଙ୍ଗଳ କାମନା କରିବା ସହ ନିରନ୍ତର ପ୍ରୟାସ ହିଁ ସଫଳତା ଆଣେ ବୋଲି ମତବ୍ୟକ୍ତ କରିଥିଲେ। ଶେଷବର୍ଷର ଛାତ୍ରୀଛାତ୍ର କଲେଜରେ ବିତିଥିବା ଦିନ ଓ ନିଜ ଅଭିଜ୍ଞତା ବଖାଣିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଜ୍ଞା ପରମିତା ସାଥୁଆ ସଭା ପରିଚାଳନା କରିଥିଲେ। ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦ୍ୱିତୀୟ ବର୍ଷର ଛାତ୍ରୀ ଆକାଂକ୍ଷା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅଧ୍ୟାପିକା ଜାମିନୀ ଦାଶ ଓ ଅଧ୍ୟାପକ ପ୍ରଭାତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି, ଅଧକ୍ଷ ଓ ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ଶେଷବର୍ଷ ଛାତ୍ରୀଛାତ୍ର।

# ସମ୍ବଲପୁରୀ ନୃତ୍ୟଗୀତରେ ଦର୍ଶକ ବିଭୋର

## କଦଳୀପାଲିରେ ତୃତୀୟ ଏକତା ମହୋତ୍ସବ

ଅମରପାଲି, ୨୪।୩(ପୀତାମ୍ବର ସାହୁ)

ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ଗୀତ ଓ ନାଚ ବିଶ୍ୱର ସବୁଠି ବେଶ୍ ଆଦର ରହିଛି। ଏହାର ପ୍ରଚାର ଓ ପ୍ରସାର ସହିତ ସମ୍ବଲପୁରୀ କଳାକାରମାନଙ୍କୁ ମଞ୍ଚ ଯୋଗାଇବା ପାଇଁ ଏଭଳି ମହୋତ୍ସବର ଆୟୋଜନ ଜରୁରୀ ହୋଇପଡ଼ିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତର କଦଳୀପାଲି ଛକରେ ଏକତା ଗ୍ରୁପ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଏକତା ମହୋତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି।

ପ୍ରସିଦ୍ଧ ପ୍ରଯୋଜକ ତଥା ନିର୍ଦ୍ଦେଶକ ପାଣିନୀ ପ୍ରାଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଶିଳ୍ପପତି ନାରାୟଣ ଅଗ୍ରୱାଲ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ ମିଶ୍ର, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଆୟୋଜକଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ରୁକୁ ସୁନା, ହାସ୍ୟ ଅଭିନେତା ଯୋଗେଶ ଜୋଜୋ, ଟିଙ୍କୁ, ଅଭିନେତ୍ରୀ ମିଲି, ସଙ୍ଗୀତକାର ତଥା କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ତୁଳାରାମ କଲେତ, ସୌଭାଗ୍ୟ ଲକ୍ଷ୍ମୀ, ଅଙ୍କିତ ରାଜ, ବିନୟ ସୁନା, ତପସ୍ୱିନୀ ଏବଂ ରୁନା ଯୋଗଦେଇ ସଙ୍ଗୀତ ପରିବେଷଣ ଓ ହାସ୍ୟ ଅଭିନୟ କରିଥିଲେ। ଏହା ସହିତ ମ୍ୟାଜିକ, ବିନିକାର ଆରକେ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଦଳଗତ ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚରେ ପରିବେଷଣ ହୋଇଥିବା ସମ୍ବଲପୁରୀ ନୃତ୍ୟ ଓ ଗୀତ ରେ ଦର୍ଶକ ବେଶ ବିଭୋର ହୋଇଥିଲେ। ଢୋଲ, ନିଶାନ, ତାସା, ମହୁରୀ ଆଦି ପଞ୍ଚବାଦ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ଲୋକ ପ୍ରିୟ ସମ୍ବଲପୁରୀ କଳାକାର ରୁକୁ ସୁନା ଓ ଶାଶ୍ୱତ ତ୍ରିପାଠୀଙ୍କ ସଙ୍ଗୀତ ଯୁବକଙ୍କୁ ମତୁଆଲା କରିଥିଲା। ଯୋଗେଶ ଜୋଜୋ, ଟିଙ୍କୁ ଟିଙ୍ଗାଲି ଓ ମିଲିଙ୍କ କମେଡିରେ ଦର୍ଶକ ବେଦମ ହୋଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମଞ୍ଚରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ଓରାମ ସାଂସ୍କୃତିକ ସମାଜର ବାର୍ଷିକ ସାଧାରଣ ସଭା

**ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୩ରେ ସୋମବାର ଓଡ଼ିଶା ଓରାମ ସାଂସ୍କୃତିକ ସମାଜର ବାର୍ଷିକ ସାଧାରଣ ସଭା ସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ। ଓରାମ ସମାଜ ଏକଜୁଟ ହୋଇ ରହିବା ସହିତ ଭାଷା ଓ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଜୁଏଲ ପରାମର୍ଶ ଦେଇଥିଲେ। ବାଲ୍ୟାବସ୍ଥାରୁ ପିଲାମାନେ ସମାଜର ଆଦର୍ଶରେ ଅନୁପ୍ରାଣିତ ହେଲେ ଏହି ସମାଜର ବିକାଶ ହେବା ସହ ଦେଶ ଗଠନରେ ଯୋଗଦାନ କରିବାକୁ ସୁଯୋଗ ପାଇବେ ବୋଲି ସେ କହିଥିଲେ। ଓରାମ ସମାଜର କିଛି ଭାଷା ଅଛି ଯାହା ଅଳ୍ପ ଲୋକ ଜାଣିଛନ୍ତି। ଯଦି ଏହାର ପ୍ରସାର ପ୍ରସାର ନ ହୁଏ ତେବେ ଏହା କାଳକ୍ରମେ ଲୋପ ପାଇଯିବ । ସମାଜର କିଛି ପରମ୍ପରା, ସଂସ୍କୃତି ବୁଡ଼ିଗଲାଣି। ଆଉ କିଛି କଳୁଷିତ ହୋଇଗଲାଣି। ମୂଳ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ପଡ଼ିବ। ଏଣୁ ବାଲ୍ୟକାଳରୁ ପିଲାମାନଙ୍କୁ ଏ ବିଷୟରେ ଶିକ୍ଷା, ଗୀତ, ନାଚ ପ୍ରଦାନ କରିବା ଓ ଭାଷଣ ଦେବାର ଅଭ୍ୟାସ କରାଇବାକୁ ପଡ଼ିବ ବୋଲି ଜୁଏଲ କହିଥିଲେ। କାର୍ଯ୍ୟକ୍ରମରେ ମାଙ୍ଗେ ଏକ୍କା, ସୋମା ଓରାମ, ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ, କାନ୍ଦ୍ରୁ ଟୋପ୍ପୋ, କଳାକୃଷ୍ଣ ଓରାମ, ବିଜୟ ଖାଲକୋ, ସୁବୋଧ ଟପ୍ପୋ ପ୍ରମୁଖ ମଞ୍ଚାସୀନ ଥିଲେ। ସମରା ଏକ୍କା ମଞ୍ଚ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ସମାଜର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ହଟାଗଲା ରାସ୍ତାକୁ ମାଡ଼ି ବସିଥିବା ଦୋକାନ ପସରା

**ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସହରାଞ୍ଚଳରେ ଥିବା ଦୋକାନ ବଜାର ମୁଖ୍ୟମାର୍ଗକୁ ମାଡି ବସୁଥିବାରୁ ଏହା ସଙ୍କୁଚିତ ହୋଇପଡୁଛି। ଏଥିଯୋଗୁ ଟ୍ରାଫିକ୍ ଜାମ୍ ପରିସ୍ଥିତି ହେଉଛି। ଫଳରେ ଯାତ୍ରୀମାନେ ଯାତାୟାତରେ ନାନା ସମସ୍ୟା ଭୋଗୁଛନ୍ତି। ଏଣୁ ସହରର ମୁଖ୍ୟମାର୍ଗକୁ ମାଡି ବସିଥିବା ଦୋକାନ ବଜାରଗୁଡ଼ିକୁ ହଟାଇବା ପାଇଁ ଆର୍‌ଏମ୍‌ସିର ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଟିମ୍ ସୋମବାର ବାସନ୍ତୀ କଲୋନି ମୁଖ୍ୟମାର୍ଗରୁ ଜଗନ୍ନାଥ ମନ୍ଦିର ଯାଏଁ ରହିଥିବା ଦୋକାନ ପସରାକୁ ହଟାଇ ଦେଇଛି। ତେବେ ସହରର ଅନ୍ୟ ପ୍ରମୁଖ ମୁଖ୍ୟମାର୍ଗ ରାଉରକେଲା ଡେଲି ମାର୍କେଟରୁ-ପାନପୋଷ ଛକ ଯାଏ ୧୨କି.ମି ଦୋକାନଗୁଡ଼ିକ ରାସ୍ତାକୁ ମାଡିଆସିଥିବାରୁ ତାହା ସଙ୍କୁଚିତ ହୋଇପଡିଛି। ଫଳରେ ସାଧାରଣ ଯାତ୍ରୀ ସମସ୍ୟା ଭୋଗୁଛନ୍ତି। ସେହିପରି ଏହି ରାସ୍ତାରେ ଅବୈଧ ଯାନବାହନ ପାର୍କିଂ ଯୋଗୁ ଟ୍ରାଫିକ୍ ପରିସ୍ଥିତି ସୃଷ୍ଟି କରୁଛି। ଏଣୁ ଏ ଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଆର୍‌ଏମ୍‌ସି ଏନଫୋର୍ସମେଣ୍ଟ ବିଭାଗ ଅଧିକାରୀ ସ୍ୱାଧୀନ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ମୁଖ୍ୟମାର୍ଗ ଉପରେ ଦୋକାନ ଖୋଲିବା ଅସିଦ୍ଧ। ଏଣୁ ଆମେ ମୁଖ୍ୟମାର୍ଗରୁ ଦୋକାନ ହଟାଇଥାଉ। ଏହି କ୍ରମରେ ବାସନ୍ତୀ କଲୋନିର ମୁଖ୍ୟମାର୍ଗରେ ଥିବା ଦୋକାନଗୁଡ଼ିକୁ ହଟାଯାଇଛି। ଆଗକୁ ଡେଲି ମାର୍କେଟ ରୋଡ୍‌ରେ ଥିବା ଏଭଳି ଦୋକାନ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଶ୍ୱାଳ କହିଥିଲେ।

# ପ୍ରତିଶ୍ରୁତି ପରେ ସତ୍କାର ହେଲା ମୃତଦେହ

**ସହଯୋଗର ହାତ ବଢ଼ାଇଲା ଟିମ୍ ଶ୍ମଶାନବନ୍ଧୁ**

**ପ୍ରଥମ ପର୍ଯ୍ୟାୟରେ ଘରୋଇ ଡିପୋରେ ପହଞ୍ଚିଲା କାଠ**

ସୁନ୍ଦରଗଡ,୨୪।୩(ଜୟ ନାରାୟଣ ମେଣ୍ଡୁଲ)

ହେମଗିର ଥାନା ଅନ୍ତର୍ଗତ ଗଡତୁମୁଲିଆ ଗ୍ରାମରେ ଗତ ୨୨ତାରିଖରେ ଘଟିଥିବା ଡବଲ ମର୍ଡର ଘଟଣାରେ ମୃତା ମହିଳା ବିଲାସିନୀ ସୁଇ ଓ ରୁକ୍ମଣୀ ଭଇଁଷାଲଙ୍କ ମୃତଦେହ ସତ୍କାର ପାଇଁ ସମସ୍ୟା ଉପୁଜିଥିଲା। ରାତିପ୍ରାୟ ୧୧ଟାରେ ଝାରସୁଗୁଡ଼ା ବନ ବିଭାଗ ଅଧୀନ ବନ ଉନ୍ନୟନ ନିଗମର ଡିଭିଜନାଲ ମ୍ୟାନେଜର ପବିତ୍ର କୁମାର ବେହେରା ଝାରସୁଗୁଡ଼ାରୁ କାଠ ଆଣି ସୁନ୍ଦରଗଡ଼ରେ ପହଞ୍ଚିବା ପରେ ଏବଂ ପ୍ରତିଶ୍ରୁତି ଦେବାପରେ ଟିମ ଶ୍ମଶାନ ବନ୍ଧୁର ସହଯୋଗରେ ମୃତଦେହ ସତ୍କାର ହୋଇଥିଲା।

ସୂଚନା ଅନୁଯାୟୀ,ମୃତଦେହ ସତ୍କାର ପାଇଁ କାଠ ନ ମିଳିବାରୁ ସନ୍ଧ୍ୟାରେ ସୁନ୍ଦରଗଡ ଡିଏଫଓଙ୍କ ବାସଭବନ ସମ୍ମୁଖରେ ମୃତଦେହ ରଖି ମୃତକଙ୍କ ପରିବାର ସହିତ ଶ୍ମଶାନ ବନ୍ଧୁ ଟିମ ଓ ସ୍ଥାନୀୟ ଲୋକେ ପ୍ରତିବାଦ କରି ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ତରଫରୁ ସଦର ଉପଜିଲାପାଳ ଦାଶରଥି ସରାବୁ,ଏସିଏଫ, ସଦର ରେଞ୍ଜର, ଅତିରିକ୍ତ ଏସପି ମହେନ୍ଦ୍ର ନାଥ ମୁର୍ମୁ, ସାନ୍ତା ନୁତନ ସାମନ୍ତ, ସଦର ଏସଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରିତି ମଞ୍ଜରୀ ମେଣ୍ଡୁଲି ଧାରଣା ସ୍ଥଳକୁ ପହଞ୍ଚି ଶ୍ମଶାନ ବନ୍ଧୁଙ୍କୁ ବୁଝାସୁଝା କରିଥିଲେ। ହେଲେ ଡିଏଫଓଙ୍କ ଲିଖିତ ପ୍ରତିଶ୍ରୁତି ବିନା ଧାରଣାରୁ ଉଠିବେ ନାହିଁ ବୋଲି ଆନ୍ଦୋଳନକାରୀ ରୋକଠୋକ ଶୁଣାଇଥିଲେ। ଶେଷରେ ଝାରସୁଗୁଡ଼ା ବନ ଉନ୍ନୟନ ନିଗମର ଡିଭିଜନାଲ ମ୍ୟାନେଜର ପବିତ୍ର କୁମାର ବେହେରା ପହଞ୍ଚି ଉପଜିଲାପାଳଙ୍କ ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦେବା ସହିତ ଖୁବ ଶୀଘ୍ର ସୁନ୍ଦରଗଡରେ ଏକ ସରକାରୀ ଡିପୋ ଦ୍ୱାରା ଜାଳେଣି କାଠର ବିକ୍ରୟ ଆରମ୍ଭ ହେବ ବୋଲି କହିଥିଲେ। ବର୍ତ୍ତମାନ ଏକ ଘରୋଇ ଡିପୋରେ ୨୦ଟି ମୃତଦେହ ପାଇଁ ସର୍ବଦା କାଠ ଉପଲବ୍ଧ ରହିବ ଓ ସରକାରୀ ଦରରେ କାଠ ବିକ୍ରୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ସଦର ଏସଡିପିଓ ନିର୍ମଳ ମହାପାତ୍ର ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ମୃତଦେହ ସତ୍କାର ପାଇଁ ଅନୁରୋଧ କରିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହ, ଭୋଜପୁର ଗ୍ରାମର ଗ୍ରାମବାସୀ ରୁକ୍ମିଣୀଙ୍କର ସମ୍ପର୍କୀୟ ସୁନ୍ଦରଗଡ ସ୍ୱର୍ଗଦ୍ୱାରରେ ଉପସ୍ଥିତ ଥିଲେ। ସଦର ଏସଡିପିଓ ମହାପାତ୍ର ଶ୍ମଶାନ ବନ୍ଧୁ ସଦସ୍ୟମାନଙ୍କ ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିବା ସହିତ ସେବା କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ୨ଟି ଟ୍ରକ କାଠ ଆସି ସୁନ୍ଦରଗଡର ଏକ ଘରୋଇ ଡିପୋରେ ପହଞ୍ଚିଛି। ସୁନ୍ଦରଗଡ ସହରରେ ପୂର୍ବରୁ ୨ଟି କାଠ ଡିପୋ ରହିଥିବା ବେଳେ ବର୍ତ୍ତମାନ ଏହାକୁ ଉଠାଇ ନିଆଯାଇଛି। ଫଳରେ ଲୋକେ ଜାଳେଣୀ କାଠ ପାଇଁ ସମସ୍ୟାର ଶିକାର ହେଉଛନ୍ତି। ବିଶେଷ କରି ମୃତଦେହ ସତ୍କାର ବେଳେ ଆବଶ୍ୟକ ହେଉଥିବା କାଠ ପାଇଁ ଲୋକେ ହଇରାଣ ହେଉଛନ୍ତି।

# ୧୩ ଅଭିଯୋଗର ତ୍ୱରିତ ସମାଧାନ



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ସୁନ୍ଦରଗଡ଼,୨୪।୩(ଜୟ ନାରାୟଣ ମେଣ୍ଡୁଲି)

ବାଲିଶଙ୍କରା ବ୍ଲକ୍ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୪ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୨ ବ୍ୟକ୍ତିଗତ ଏବଂ ୪୨ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୧୩ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ୬ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ବାଲିଶଙ୍କରା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୃତଦେହ ସତ୍କାର ପାଇଁ କାଠ ମହଜୁଦ ରଖିବାକୁ ଦାବି



ବନଖଣ୍ଡ ଅଧିକାରୀଙ୍କ ସହ ବିଜେଡି ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

**ବନଖଣ୍ଡ ଅଧିକାରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ**

ସୁନ୍ଦରଗଡ,୨୪।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ରେ କିଛି ବର୍ଷ ହେଲା ମୃତଦେହ ଦାହ ପାଇଁ କାଠ ମହଜୁଦ ରହୁ ନ ଥିବାରୁ ଅନେକ ସମୟରେ ଜନସାଧାରଣ ହଇରାଣ ହେଉଛନ୍ତି। ରବିବାର ମୃତଦେହ ସତ୍କାର ପାଇଁ କାଠ ନ ଥିବାରୁ ଡିଏଫଓ ପ୍ରଦୀପ ମୀରାସେଙ୍କ ବାସଭବନ ସମ୍ମୁଖରେ ମୃତଦେହ ରଖି ଲୋକେ ଆନ୍ଦୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହଙ୍କ ପରାମର୍ଶକ୍ରମେ ବିଜେଡି ବରିଷ୍ଠନେତା ତଥା ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଡିଏଫଓ ପ୍ରଦୀପ ମିରାସେଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସୁନ୍ଦରଗଡବାସୀ ମୃତଦେହ ଦାହ ପାଇଁ କାଠର ଅଭାବ ଲାଗି କେତେ ହଇରାଣ ହେଉଛନ୍ତି ସେ ନେଇ ଆଲୋଚନା କରିଥିଲେ। ପୂର୍ବରୁ ମଧ୍ୟ ବିଜେଡି ପ୍ରତିନିଧି ମଣ୍ଡଳୀ ଏହି ବିଷୟରେ ଲିଖିତଭାବେ ଡିଏଫଓଙ୍କୁ ଅବଗତ କରି ଏହାର ପ୍ରତିକାର ଲାଗି ଦାବି କରିଥିଲା। ଏଠାରେ କାଠ ଗୋଦାମ ପାଇଁ ପୂର୍ବତନ ଜିଲାପାଳଙ୍କ ସହିତ ମଧ୍ୟ ଆଲୋଚନା କରି ବନ ଉନ୍ନୟନ ନିଗମ ନାମରେ କାଠ ଗୋଦାମ ପାଇଁ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ପରିତାପର ବିଷୟ ଏହା ସତ୍ତ୍ୱେ ଆଜିଯାଏ ଏଠାରେ ନିଗମ ଦ୍ୱାରା କାଠଗୋଦାମ ହୋଇପାରି ନାହିଁ କିମ୍ବା ମୃତଦେହ ଦାହ ଲାଗି ଏଠାରେ କାଠ ସଂରକ୍ଷିତ ରହୁନାହିଁ ବୋଲି ବିଧାୟକ ପ୍ରତିନିଧି ଡିଏଫଓଙ୍କୁ କ୍ଷୋଭର ସହ କହିଥିଲେ। ଏହି ପରିସ୍ଥିତି ଆଉ ଭବିଷ୍ୟତରେ ଉପୁଜିବ ନାହିଁ ବୋଲି କହିଥିଲେ। ଏଥିସହ ଓଡ଼ିଶା ବନ ଉନ୍ନୟନ ନିଗମ ଝାରସୁଗୁଡା ଡିଭିଜନର ଅଧିକାରୀଙ୍କୁ ସବୁ ବିଷୟ ଜଣାଇବା ସହିତ ଏଠାରେ ଅତିକମରେ ୨ମାସ ପାଇଁ କାଠ ସବୁବେଳେ ମହଜୁଦ ରଖିବା ସହିତ କାଠଗୋଦାମ ପାଇଁ ମିଳିଥିବା ଜାଗାରେ ଶୀଘ୍ର କାଠଗୋଦାମ କରିବାକୁ କହିଥିଲେ। ଏହି ପ୍ରତନିଧି ମଣ୍ଡଳୀରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠନେତା ତଥା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ଯୁବନେତା ଅଶୋକ ମହାନ୍ତି ଏବଂ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୨୭୬ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ବଡ଼ଗାଁ,୨୪।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଭାବରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ, ଗ୍ରାମ ପଞ୍ଚାୟତ ଅଧିକାରୀ ଆଶୁତୋଷ ମିଶ୍ର, ସିଡିପିଓ ସୁଜାତା ବେଗ, ବ୍ଲକ ମଙ୍ଗଳ ଅଧିକାରୀ ଦିଲିପ ମାଝୀଙ୍କ ସହିତ କର୍ମଚାରୀମାନେ ଯୋଗଦେଇଥିଲେ। ଅଧିକାରୀମାନେ ବିଭିନ୍ନ ବିଭାଗର ବ୍ୟବସ୍ଥା ଓ ପରିଚାଳନା ବୁଲିଦେଖି ପରାମର୍ଶ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାକେଶ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମନୀଷ ଶର୍ମା, ଅଙ୍କିତ ପଟେଲ, ପ୍ରୀୟା ଲୁହୁରା, ଭାରତୀ ତନ୍ତ୍ରୀ, ଦିପକ ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ମାଝୀ, ଦେବବ୍ରତ ଦାସ ୨୭୬ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୬୪ ଜଣ ମାନସୀକ ଭିନ୍ନକ୍ଷମ , ୧୧୩ ଜଣ ଶାରୀରିକ ଭିନ୍ନକ୍ଷମ, ୨୬ ଜଣ ଦୃଷ୍ଟି ବାଧିତ, ୬୩ ଜଣ ଶ୍ରବଣ ବାଧିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥଲା। ଶିବିର ପରିଚାଳନାରେ ବ୍ଲକର ବିଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀ, ବଡ଼ଗାଁ ଆଇଟିଆଇ ସ୍କାଉଟ ଗାଇଡ଼ ଛାତ୍ରୀଛାତ୍ରମାନେ ଭିନ୍ନକ୍ଷମମାନଙ୍କୁ ସେବା ଯୋଗାଇ ଦେଇଥିଲେ। ଦୁର୍ଘଟଣା ପରେ କୋମାରେ ରହିଥିବା ବଡ଼ଗାଁର ଶୁଭ୍ରାଣୀ ପଣ୍ଡାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ଶୁଭ୍ରାଣୀ ଗତ ୬ ମାସ ହେଲା ବଡ଼ଗାଁ ଡାକ୍ତରଖାନାରେ ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି।

# ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା କର୍ମକର୍ତ୍ତା।

ସୁନ୍ଦରଗଡ,୨୪।୩(ଜୟ ନାରାୟଣ ମେଣ୍ଡୁଲି)

ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ ସାଙ୍ଗଠନିକ ଜିଲା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ରାଜ୍ୟ ଭାଜପା ସଭାପତି ସ୍ୱର୍ଗତଃ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଭୋଜପୁର ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତଃ ଡ. ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ସୁନ୍ଦରଗଡ଼ ପୌରାଧ୍ୟକ୍ଷ। ତନୟା ମିଶ୍ର, ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ଜାତୀୟ ପରିଷଦ ସଭ୍ୟ ପ୍ରେମସଗାର ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ରାଜ୍ୟ ସ୍ୱଚ୍ଛଭାରତ ସହ ସଂଯୋଜକ ସୁରେନ୍ଦ୍ର ସର୍ଣକାର, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଚନ୍ଦ୍ର ପଟେଲ, ବରିଷ୍ଠ ନେତା ଭୋପାଳ ସାହୁ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ବିକାଶ ନାଏକ, ରାଜ୍ୟ ପରିଷଦ ସଭ୍ୟ ଭବାନୀ ଶଙ୍କର ପଟେଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ, ଜିଲା ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ କାନନାଲା ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଓଡ଼ିଶା ଭାଜପା ସଙ୍ଗଠନକୁ ବୁଥ ସ୍ତରରେ ପହଞ୍ଚେଇବା ତାଙ୍କର ପ୍ରମୁଖ ଭୂମିକା ଥିଲା। ଏହି ସଭାକୁ ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ରୂପେଶ ପଟେଲ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି ସମେତ ବହୁ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଇନ୍ସପେକ୍ଟର, ସବ୍-ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ସୁନ୍ଦରଗଡ ପୋଲିସ ଜିଲା**

ସୁନ୍ଦରଗଡ,୨୪।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପୋଲିସ ଜିଲାରେ ଇନ୍ସପେକ୍ଟର ଓ ସବ୍-ଇନ୍ସପେକ୍ଟର ସ୍ତରରେ ଅଦଳବଦଳ କରାଯାଇଛି। ସୋମବାର ସନ୍ଧ୍ୟାରେ ଏସପି ପ୍ରତ୍ୟୁଷ ଦିବାକର ଏହି ଅଦଳବଦଳ ଆଦେଶ ପ୍ରଦାନ କରିଛନ୍ତି। ଜିଲା ପୋଲିସ ମୁଖ୍ୟାଳୟରୁ ଏହି ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାରୁ ଆସିଥିବା ଇନ୍ସପେକ୍ଟର ସୁଶାନ୍ତ କୁମାର ପରିଡାଙ୍କୁ ଭଷ୍ମା ଥାନା ଆଇଆଇସି ଭାବେ ବଦଳି ହୋଇଛି। ଇନ୍ସପେକ୍ଟର ପରିଡା ପୂର୍ବରୁ ଏହି ଜିଲାର କୁତ୍ରା ଓ ଟାଉନ ଥାନା ଆଇଆଇସି ଭାବେ କାର୍ଯ୍ୟ କରି କେନ୍ଦୁଝର ଜିଲାକୁ ବଦଳି ଯାଇଥିଲେ। ସେହିପରି ଭଷ୍ମାଥାନା ଆଇଆଇସି ଅଶୋକ ଦାସଙ୍କୁ ଲେଫ୍ରିପଡା ଥାନା ଆଇଆଇସି, ବାଲୁଙ୍କେଶ୍ୱର ନାଏକଙ୍କୁ ରାଏବଗା ଥାନାରୁ ବଡଗାଁ ଥାନା ଆଇଆଇସି, କୁତ୍ରା ଥାନା ଆଇଆଇସି ମନୋରଞ୍ଜନ ବିଶିଙ୍କୁ ହେମଗିରି ଥାନା ଅତିରିକ୍ତ ଆଇଆଇସି ଓ ଲୋକେଶ୍ୱର ସାହୁଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ କୁତ୍ରା ଥାନା ଆଇଆଇସିଭାବେ ବଦଳି କରାଯାଇଛି। ସେହିପରି ସବ୍ ଇନିସପେକ୍ଟର ସ୍ତରରେ ହେମଗିରି ଥାନା ସବ୍ ଇନିସପେକ୍ଟର ମହେନ୍ଦ୍ର ସାହୁଙ୍କୁ ବଲିଙ୍ଗା ଫାଣ୍ଡି ଅଧିକାରୀଭାବେ ବଦଳି କରାଯାଇଛି। ଜିଲା ମୁଖ୍ୟାଳୟରେ ଥିବା ଅରୁଣ ବେହେରାଙ୍କୁ ରାଜଗାଙ୍ଗପୁର ଥାନା,ଲିଲି ସାହୁଙ୍କୁ ସୁନ୍ଦରଗଡ ଟାଉନ ଥାନା, ଅନୀଲ ବିଶ୍ୱାଳଙ୍କୁ ସଦର ଥାନା ଓ ପ୍ରଜ୍ଞା ପ୍ରୀତମ ଜେନାଙ୍କୁ ରାଜଗାଙ୍ଗପୁର ଥାନାକୁ ବଦଳି କରାଯାଇଛି।

# ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ

କୁଆଁରମୁଣ୍ଡା,୨୪।୩(ମହେନ୍ଦ୍ର କୁମାର ସାହୁ)

ଓଡ଼ିଶା ସରକାରଙ୍କ ଅଧିନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ସଂଘ ନିଜର ଦାବି ପୁରାଣ ନିମନ୍ତେ ଆସନ୍ତା ୨୬ ତାରିଖରେ ଭୁବନେଶର ଗାନ୍ଧୀ ମାର୍ଗରେ ଆନ୍ଦୋଳନ ଡାକରା ଦେଇଛି। ସଂଘର ଏହି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଡାକରାରେ ସାମିଲ ହେବା ପାଇଁ ସୋମବାର କୁଆଁରମୁଣ୍ଡା ବ୍ଲକ ଆଉଟସୋର୍ସିଂ କର୍ମଚାରୀ ସଂଘ ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛି। ସଂଘ ପକ୍ଷରୁ ବାବଲୁ ନାଏକ, ସବନମ ସାହୁ, ସଞ୍ଜୀବ କୁମାର ତନ୍ତୀ, ଧରିତ୍ରୀ ପଟେଲ, ସାନନ୍ଦ ଖର୍ସେଲ ଓ ଅନ୍ୟମାନେ ଏହି ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



କୁଆଁରମୁଣ୍ଡା ବ୍ଲକ ଆଉଟସୋର୍ସିଂ ସଂଘ ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସମାଜ ପାଇଁ ଉଦାହରଣ ପାଲଟିଛନ୍ତି ପ୍ରଭାସିନୀ

**ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ**

ସୁନ୍ଦରଗଡ଼,୨୪।୩(ଜୟ ନାରାୟଣ ମେଣ୍ଡୁଲି)

କଥାରେ ଅଛି ଦୃଢ଼ ଇଚ୍ଛାଶକ୍ତି ଥିଲେ ଯେତେ ପ୍ରତିକୂଳ ପରିସ୍ଥିତି ଥାଉନା କାହିଁକି ମଣିଷ ସଫଳତା ପାଇବା ସୁନିଶ୍ଚିତ। ଏହିପରି ଏକ ସଫଳତାର ଉଦାହରଣ ସୃଷ୍ଟି କରିଛନ୍ତି ସୁନ୍ଦରଗଡ଼ ସହର ମହାନ୍ତିପଡା ନିବାସୀ ପ୍ରଭାସିନୀ ମହାପାତ୍ର। ବିଜ୍ଞାନରେ +୨ ପାଠପଢା ସାରିବାପରେ କମ୍ପ୍ୟୁଟର ଶିକ୍ଷାରେ ଯୋଗ୍ୟତା ହାସଲ କରିଥିଲେ। ପରେ ପ୍ରଭାସିନୀ ବିବାହ କରି ଖୁସିରେ ରହିଥିଲେ। କିଛି ବର୍ଷ ପରେ ପ୍ରଭାସିନୀ କୋଳରୁ ଝିଅଟେ ଜନ୍ମ ନେଲା। ଠିକ ଏହି ସମୟରେ ମହାମାରୀ କରୋନା ଯୋଗୁ ସ୍ୱାମୀଙ୍କ ଚାକିରୀ ଚାଲିଗଲା। ସତେ ଯେମିତି ପ୍ରଭାସିନୀଙ୍କ ଉପରେ ଦୁଃଖର ପାହାଡ଼ ଖସିପଡିଲା। ଋଣଗ୍ରସ୍ତ ହେଲେ। ଅନ୍ୟ ଆଗରେ ହାତ ପତେଇବାକୁ ପଡିଲା। ନାନା ଲୋକଙ୍କ କଥା ଶୁଣିବାକୁ ପଡିଥିଲା। କିଛିବର୍ଷ ପରେ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ସଂସ୍ଥାରେ କଣ୍ଡକ୍ଟର ଚାକିରୀ ପାଇଁ ଫର୍ମ ଆବେଦନ କଲେ। ମାସକ ପରେ ସେ କଣ୍ଡକ୍ଟର ଭାବେ ନିଯୁକ୍ତି ପାଇଲେ। ଚଳିତ ବର୍ଷ ବିଶ୍ୱ ଅନ୍ତର୍ଜାତୀୟ ମହିଳା ଦିବସରେ ଦିଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଆଇପିଏସ କିରନ ବେଦୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ପରେ ସେ ଓଡ଼ିଶା ଫେରି ଭୁବନେଶ୍ୱରଠାରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କୁ ଭେଟି ସବୁ କଥା ଜଣାଇଥିଲେ। କୁସୁମ ଟେଟେ ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ପ୍ରଭାସିନୀଙ୍କ ବିଷୟରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ପ୍ରତିକୂଳ ପରିସ୍ଥିତିରେ ଦୃଢ ଆତ୍ମ ବିଶ୍ୱାସ ଓ ତାଙ୍କର ଧୈର୍ଯ୍ୟ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ମୁଖ୍ୟମନ୍ତ୍ରୀ ପ୍ରଭାସିନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଉନ୍ନୟନ କାର୍ଯ୍ୟରେ ପାତରଅନ୍ତର ଅଭିଯୋଗକୁ ଖଣ୍ଡନ

**ବ୍ଲକ୍ କାର୍ଯ୍ୟାଳୟରେ ଜରୁରିକାଳୀନ ବୈଠକ**

ବଡ଼ଗାଁ,୨୪।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ବରଗାଁକଛାର ପଞ୍ଚାୟତର ସମିତି ସଭ୍ୟା ସଞ୍ଜୁକ୍ତା ସରେଙ୍ଗ ବ୍ଲକ୍ ଅଧକ୍ଷା ଦୁଲାରୀ ସୋରେଙ୍ଗଙ୍କ ମନମୁଖି କାର୍ଯ୍ୟ କରିଥିବା ତଥା ବରଗାଁକଛାର ଗ୍ରାମପଞ୍ଚାୟତରେ ହେବାକୁ ଥିବା ଏକ ପ୍ରକଳ୍ପକୁ ତୁଡାଲଗା ଗ୍ରାମପଞ୍ଚାୟତକୁ ସ୍ଥାନାନ୍ତର କରିଥିବା ଅଭିଯୋଗ ଉଠାଇଥିଲେ । ସେ ଏହି ବିଷୟରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ବଡ଼ଗାଁ ବ୍ଲକ୍ ପ୍ରଶାସନ ପାଖରେ ଅଭିଯୋଗ କରିବା ସହ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋମବାର ବ୍ଲକ୍ ଅଧକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଏକ ବୈଠକ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ ଏହି ବୈଠକକୁ ପରିଚାଳନା କରିଥିଲେ। ବୈଠକରେ ଗତ ଆର୍ଥିକ ବର୍ଷରେ ବ୍ଲକ୍‌ର ୧୫ ଗ୍ରାମପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ବଣ୍ଟନ ସମୟରେ ଅଧିକାରୀଙ୍କ ତ୍ରୁଟି ଯୋଗୁ ତୁଡାଲଗା ଗ୍ରାମପଞ୍ଚାୟତ ବାଦ୍ ପଡ଼ିଥିଲା। ବରଗାଁକଛାର ଗ୍ରାମପଞ୍ଚାୟତକୁ ୨ଟି ପ୍ରକଳ୍ପ ଯାଇଥିଲା। ପରେ ସମିତି ବୈଠକରେ ଅନୁମୋଦନ କରାଯାଇ ବରଗାଁକଛାର ଗ୍ରାମପଞ୍ଚାୟତର ଗୋଟିଏ ପ୍ରକଳ୍ପ ତୁଡାଲଗା ଗ୍ରାମ ପଞ୍ଚାୟତକୁ ସ୍ଥାନାନ୍ତର କରାଯାଇଛି। ଏହି କାର୍ଯ୍ୟରେ ବ୍ଲକ୍ ଅଧକ୍ଷା କୌଣସି ମନମୁଖି କରି ନ ଥିବା ଏବଂ ବରଗାଁକଛାର ସମିତି ସଭ୍ୟା କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗରଡିଆ ଓ ସହକାରୀ ଯନ୍ତ୍ରୀ ସୁନୀଲ ମୁର୍ମୁ ଜଣାଇଥିଲେ। ଏହି ବୈଠକରେ ଉନ୍ନୟନ ଅଧିକାରୀ ସଞ୍ଜୟ ନନ୍ଦ, ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିଷାନ, ସମିତି ସଭ୍ୟ ଲତିକା ଲାକ୍ରା, ସଞ୍ଜୟ ଗନ୍ଧା, ଖ୍ରିଷ୍ଟିନା କୁଜୁର, ଆନନ୍ଦମାସୀ ହାଁସଦା, ସାବିତ୍ରୀ ମାଝୀ, ଫକିର ପ୍ରଧାନ, ପ୍ରଭା ଡୁଙ୍ଗଡୁଙ୍ଗ, ମଞ୍ଜୁ ମହାନନ୍ଦିଆ, ପ୍ରଭାତୀ ଟପ୍ପୋ, ସରପଞ୍ଚ ରାଜେଶ୍ୱରୀ କାଲୋ ପ୍ରମୁଖ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅଂଶଗ୍ରହଣକରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତେବେ ଏହି ବୈଠକରେ ଅଭିଯୋଗକାରୀ ବରଗାଁକଛାର ସମିତି ସଭ୍ୟା ସରେଙ୍ଗ ଅନୁପସ୍ଥିତି ରହିଥିବା ଯୋଗୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।



ବୈଠକରେ ଉପସ୍ଥିତ ସମିତି ମେମ୍ବର।

## ସଂକ୍ଷେପରେ

### ବାଇକ୍‌ରୁ ଖସି ପଡ଼ି ବୃଦ୍ଧା ମୃତ

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ଶ୍ରୀନିବାସପୁର ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ରାସ୍ତାରେ ଏକ ଚଳନ୍ତା ବାଇକ୍‌ରୁ ଖସି ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ଧୋବଲିପଥର ରଙ୍ଗମାଟିଆ ଗ୍ରାମର ସଜନୀ ବୁଡ଼ା (୬୫)। ସୋମବାର ଅପରାହ୍ଣ ପ୍ରାୟ ୫ଟାରେ ସଜନୀ ତାଙ୍କ ନାତି ସହିତ ଏକ ବାଇକ୍‌ରେ ପଛପଟେ ବସି ଯାଉଥିଲେ। ଭାରସାମ୍ୟ ହରାଇ ଶ୍ରୀନିବାସପୁର ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ରାସ୍ତାରେ ବାଇକ୍‌ରୁ ଖସି ପଡିଥିଲେ। ତାଙ୍କର ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ସୃଷ୍ଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବୋଲେରୋ, ବାଇକ୍ ସହ ବିଭିନ୍ନ ଚୋରି ସାମଗ୍ରୀ ଜବତ

#### ଜୁଆଖେଳ ବେଳେ ପୋଲିସର ଚଢ଼ାଉ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କଡିହି ଜଙ୍ଗଲରେ ରବିବାର ବିଳମ୍ବିତ ରାତ୍ରିରେ ଜୁଆଖେଳ ଚାଲିଥିବା ପୋଲିସ ଚଢ଼ାଉ କରିଥିଲା। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିବା ସହ ଏକ ବୋଲେରୋ, ଏକ ବାଇକ, ୧୦୨୦ ନଗଦ ଟଙ୍କା, ୪ଟି ମୋବାଇଲ ଫୋନ, ଜୁଆ ଖେଳ ପଙ୍ଗୀ ଏବଂ ୬ଟି ଡାଇସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ କିଞ୍ଜିରକେଲାର ଜୟନ୍ତ ଡ଼ନସନା ଏବଂ ଗାନ୍ଧୀଛକର ରମେଶ ଦୀପଙ୍କୁ ସୋମବାର ମଧ୍ୟାହ୍ନ ୧୨ଟାରେ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲା ବିଷୟରେ ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

### ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅପରାହ୍ନ ୫ଟାରେ ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚ ପକ୍ଷରୁ ହୋଟେଲ ମେଘଦୂତ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଭାଜପାର ବରିଷ୍ଠ ନେତା ପ୍ରେମ ସେନ ରାୟଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭାରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ବ୍ୟକ୍ତିବିଶେଷ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରି ସହ ସ୍ମୃତି ଚାରଣ କରିଥିଲେ। ସେ ଜଣେ ସ୍ୱଷ୍ଟବାଦୀ, ସ୍ନେହୀ, ଅମାୟିକ ଓ ଦରଦି ମଣିଷ ଥିଲେ। ତୃଣମୂଳସ୍ତରରୁ ଉତ୍ସର୍ଗୀକୃତ ମନୋଭାବ ପାଇଁ ସ୍ୱର୍ଗତ ପ୍ରଧାନ ଶୀର୍ଷସ୍ତରରେ ପହଞ୍ଚି ପାରିଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରକାଶ କରିଥିଲେ। ସଭାରେ ଝାରସୁଗୁଡ଼ା ଜିଲ୍ଲା ଭାଜପା ସଭାପତି ରଘୁ ନନ୍ଦନ ପଣ୍ଡା, ପବନ ଠେଁରଣି, ସୀତାରାମ ଅଗ୍ରୱାଲ, ଦିଲେଶ୍ୱର ରାଓ, ନରେଶ ଅଗ୍ରୱାଲ, ରମେଶ ସିଂ, ଦିଲୀପ ଶାକୁନିଆ, ଅଶୋକ ଗାନ୍ଧୀ, ପ୍ରମୋଦ ତ୍ରିପାଠୀ, ଲଳିତ ମଗର, ସୁନୀଲ ପଣ୍ଡା, ରମେଶ ଗାନ୍ଧୀ, ବାଳଗୋବିନ୍ଦ ମିଶ୍ର, ହୀରାଲାଲ ଲୋଚକଚନ୍ଦାନୀ, ସୁବ୍ରତ ତ୍ରିପାଠୀ, ସୋନୁ ଠେଁରଣି, ମଳେନ୍ଦୁ ଭୋଳ, ତାପସ ରାୟ ଚୌଧୁରୀ, ତ୍ରିନାଥ ଗୁଆଲ ପ୍ରମୁଖ ଯୋଗଦେଇଥିଲେ।

### ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ଗୁମାଡେରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁମାଡେରାରେ ନୂତନ ଶ୍ରେଣୀ ଗୃହ ଉଦଘାଟିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରେ ଟିଆରଏଲ କ୍ରୋସାକି ଏମଡି ପିକେ ନାଏକ, ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ସହ ସୁଶାନ୍ତ ଦାଶ, ଡକ୍ଟର ତାରାପଦ ଦାଶ, କାଉନସିଲର କନ୍ହେଇଚରଣ ସେଟ ପ୍ରମୁଖ ଉପସ୍ଥିତ ରହି ଶ୍ରେଣୀ ଗୃହ ଉଦ୍‌ଘାଟନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଟିଆରଏଲ କ୍ରୋସାକି ପକ୍ଷରୁ ୧୭ ଲକ୍ଷ ଟଙ୍କା ବ୍ୟୟରେ ଏହି ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି।

# ଯକ୍ଷ୍ମା ରୋଗ ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କର

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଦେବଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀ ଓ ଆଶା କର୍ମୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ସହ ଯକ୍ଷ୍ମାରୋଗର କାରଣ ଓ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହାପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜନସ୍ୱାସ୍ଥ ଅଧିକାରୀ (ଯକ୍ଷ୍ମା) ଡାକ୍ତର ପ୍ରଭାତ କୁମାର ଓଝା, ଏଡିପିଏଚ୍‌ଓ ଡାକ୍ତର ଧନୁର୍ଜୟ ମହାନ୍ତ, ଏଡିପିଏଚ୍‌ଓ ଡାକ୍ତର ବଂଶୀଧର ପାତ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ମନୋରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ଭୟାବହତା, ଏହାର କାରଣ, ଚିକିତ୍ସା ଓ ନିରାକରଣ ଉପରେ ନିଜର ନକ୍ତବ୍ୟ ଉପସ୍ଥାପନ କରିଥିଲେ। ଯକ୍ଷ୍ମା ଏକ ସଂକ୍ରାମକ ରୋଗ ଏବଂ ଏହା ବାୟୁ ମାଧ୍ୟମରେ ବ୍ୟାପିଥାଏ। ରୋଗର ନିଦାନଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁ ସରକାରୀ ଡାକ୍ତରଖାନାରେ ମାଗଣାରେ ମିଳେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସେହିପରି ଚିକିତ୍ସା ଜାରୀରହିଥିବା ସମୟରେ ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ ମାସିକ ଏକ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଥିବା ପ୍ରେକାଶ କରିଥିଲେ। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶୀଲା ଦଳ ବେହେରା ପ୍ରଥମ, ଦୁଲାଣୀ କିଷାନ ଦ୍ୱିତୀୟ ଏବଂ ବର୍ଷାରାଣୀ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଭାରପ୍ରାପ୍ତ ଏଡିପିଏଚ୍‌ଓ ଅମରେଶ ଶତପଥି ପରିଚାଳନା କରିଥିଲେ।

### ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ସେହିପରି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଓ ରାଧାକୃଷ୍ଣ ୟୁଥ୍ କ୍ଲବ ପକ୍ଷରୁ ସେଣ୍ଢାଠାରେ ସୋମବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁମୁଖୀ ସଂଯୁକ୍ତ ସରକାରୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ସ୍ୱାସ୍ଥ୍ୟ କର୍ମୀ ନନ୍ଦିଘୋଷ ବେହେରା, ଲିମା ରାଣୀ ସାହୁ, ଗମ୍ଭାରୀ ପାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରଣୀ ଧର ନାଏକ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗ ଭାୟାବହତା ଓ ତାର ନିରାକରଣ ଦିଗରେ ସମସ୍ତଙ୍କୁ ସଚେତନତା କରାଇବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ। ଶେଷରେ କ୍ଲବ୍ ସଭାପତି ଓମ୍ ପ୍ରସାଦ ଭୁଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜରାଜନଗରରେ ଯୁଗ୍ମ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ପୌର ପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୮ଟି ଅଭିଯୋଗରୁ ୧୩ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ରହିଛି। ଧାନତୋଟା କ୍ଷତି ଭରଣା, ବ୍ରଜରାଜନଗରରେ ସ୍କୁଲ ଓ ମନ୍ଦିର ପାର୍ଶ୍ୱ ମୁଖ୍ୟ ରାସ୍ତା ବେଆଇନ ଭାବେ ସରକାରୀ ଜାଗା ଅବରୋଧ ପୂର୍ବକ ଅସ୍ୱାସ୍ଥ୍ୟକର ଭାବେ କରାଯାଉଥିବା ମଟନ, ଚିକେନ୍ ଓ ମାଛ ବିକ୍ରି ବନ୍ଦ, ବ୍ରଜରାଜନଗର ପୌରପାଳିକା ପରିଚାଳନାଧୀନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ପଞ୍ଚମ ବେତନ କମିଶନ ହିସାରରେ ପ୍ରାପ୍ୟ ପ୍ରଦାନ, ବ୍ରଜରାଜନଗର ପୌରପାଳିକାର ୱାର୍ଡ଼ ନମ୍ବର ୨୦ ଅଧୀନ ଷଣ୍ଢପଡ଼ାର ବାସିନ୍ଦାଙ୍କ ପାଇଁ ଗାଧୁଆ ତୁଠ, ଶ୍ମଶାନ ଘାଟ, ପନୀୟ ଜଳ, ରାସ୍ତା ଓ ଡ୍ରେନ ସମସ୍ୟା ସମାଧାନ ସହିତ ୱାର୍ଡ଼ ନମ୍ବର ୧୩ ସାନଜୋବ ଅନ୍ତର୍ଗତ ବନ୍ଧ ଓ କଟାରେ ପାଣିର ବ୍ୟବସ୍ଥା ସହିତ ଗାଧୁଆତୁଠ, ଶ୍ମଶାନ ଘାଟ, ରାସ୍ତା, ଡ୍ରେନ ସମସ୍ୟା, ୱାର୍ଡ଼ନମ୍ବର ୧୭ରେ ଯୋଗ ତଥା କମ୍ୟୁନିଟି ସେଣ୍ଟର ନିର୍ମାଣ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗର ତର୍ଜମା କରିବା ପରେ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




ଅଭିଯୋଗ ଶିବିରରେ ଜିଲାପାଳ ଜଣେ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି।

# ଆନ୍ଦୋଳନରେ ସାମିଲ ପାଇଁ ସାମୂହିକ ଛୁଟି ଦରଖାସ୍ତ

### ୨୬ରେ ଭୁବନେଶ୍ୱର ଯିବ ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)



ଛୁଟି ଦରଖାସ୍ତ ପ୍ରଦାନ କରାଯାଉଛି।

ଆସନ୍ତା ୨୬ ତାରିଖରେ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧିମାର୍ଗ(ଲୟର୍‌ପିଏମ୍‌ଜି)ଠାରେ ହେବାକୁ ଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ସାମିଲ ପାଇଁ ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଦେବଗଡ ଶାଖା ପକ୍ଷରୁ ସାମୂହିକ ଛୁଟି ଦରଖାସ୍ତ ପ୍ରଦାନ କରାଯାଇଛି। ଦେବଗଡ଼ ଜିଲ୍ଲା ସଦର ମହକୁମା ସମେତ ଜିଲାର ୩ଟି ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗ(୨୯ଟି ବିଭାଗ)ର ସମସ୍ତ ସରକାରୀ ଆଉଟସୋର୍ସିଂ କର୍ମଚାରୀ ସୋମବାର ନିଜ ନିଜ ବିଭାଗର ଅଧିକାରୀମାନଙ୍କୁ ଛୁଟି ଦରଖାସ୍ତ ପ୍ରଦାନ କରିଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଛଟେଇ ହୋଇଥିବା ବାହ୍ୟ ଠିକା କର୍ମଚାରୀ ମାନଙ୍କୁ ପୁନଃନିଯୁକ୍ତି, ସମାନ କାମକୁ ସମାନ ଦରମା ଏବଂ ବାହ୍ୟ ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦାବିରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଡାକରାରରେ ସଂଘର ଦେବଗଡ ଶାଖା ପକ୍ଷରୁ ଗତ ୧୭ ରୁ ୨୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରାଯାଇଥିଲା। ସେହିପରି ୨୨ ତାରିଖ ସୁଦ୍ଧା ଉପରୋକ୍ତ ତିନିଦଫା ଦାବି ପୂରଣ ନ ହେଲେ ୨୬ ତାରିଖରେ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୱର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ସରକାରଙ୍କୁ ଲିଖିତ ଚେତାବନି ଦିଆଯାଇଥିଲା।

# ଦେବଗଡ଼ ପୌର ପରିଷଦ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ

ଦେବଗଡ଼,୨୪।୩
(ଶଶାଙ୍କ ଶେଖର ଝାଙ୍କର)

ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଣ ନିମନ୍ତେ ଦେବଗଡ଼ ପୌର ପରିଷଦ ପକ୍ଷରୁ ଦେବଗଡ଼ ପୌରାଞ୍ଚଳରେ ଜଳଛତ୍ର ଶୁଭାରମ୍ଭ ହୋଇଯାଇଛି। ସହରର ୧୧ଟି ୱାର୍ଡର ବିଭିନ୍ନ ସ୍ଥାନରେ ୧୧ଟି ଜଳ ଛତ୍ର ସ୍ଥାପନ ପାଇଁ ପୌର ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସ୍ଥାନୀୟ ପୁରୁଣା ମୋଟର ଗ୍ୟାରେଜ ଛକରେ ସୋମବାର ପ୍ରଥମ ଜଳଛତ୍ର ଉଦ୍‌ଘାଟନ ହୋଇଥିଲା। ଏହାକୁ ମଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଜନସାଧାରଣଙ୍କୁ ଦହି ସରବତ ପ୍ରଦାନ ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, କାଉନସିଲର ପିଙ୍କିରାଣୀ ସାହୁ, ସରୋଜିନୀ ମୁଣ୍ଡା ଓ କାର୍ତ୍ତିକ ମହାକୁଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ପୌର ପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ସହରର ବିଭିନ୍ନ ସ୍ଥାନରେ ମୋଟ ୧୭ଟି ଜଳଛତ୍ର ସ୍ଥାପନ ପାଇଁ ପୌର ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି ନିର୍ବାହୀ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ପୂର୍ବତନ ବିଧାୟିକାଙ୍କ ବିରୋଧରେ ଅପଶବ୍ଦ, ଭ୍ରମାତ୍ମକ ଖବର ପରିବେଷଣ ଅଭିଯୋଗ

### ୱେବ ଚେନାଲ ବିରୋଧରେ ମାମଲା, ଜିଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ତାଙ୍କ ପରିବାର ବିରୋଧରେ ଅପଶବ୍ଦ ଓ ଭ୍ରମାତ୍ମକ ଖବର ପରିବେଷଣ କରିଥିବା ୱେବ ଚେନାଲ ବିରୋଧରେ ମାମାଲା ରୁଜୁ ହୋଇଛି। ଉଦେଶ୍ୟମୂଳକ ଭାବେ ବଦନାମ କରିବା ପାଇଁ ସ୍ୱର୍ଗତ ନବ ଦାସ ଏବଂ ଦୀପାଳି ଦାସଙ୍କ ଚରିତ୍ର ସହାଁର ସହ ଅପମାନ ଜନକ ଖବର ପରିବେଷଣ କରିଥିବା ୱେବ ଚେନେଲ ସଂସ୍ଥା ବିରୋଧରେ ବିଶାଳ ଦାସ ରବିବାର ରାତ୍ରିରେ ଝାରସୁଗୁଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଦୀପାଳି ଏବଂ ନବଙ୍କ ଚରିତ୍ର ସଂହାର କରିଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଶାଳ ଦାବି କରିଛନ୍ତି। ସୋମବାର ପୂର୍ବାହ୍ନ ୪ଟାରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ, ପୌର ପରିଷଦର ପୌରାଧ୍ୟକ୍ଷା ରାନୀ ହାତୀ, ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷା ତ୍ରିବେଣି ପଟେଲଙ୍କ ନେତୃତ୍ୱରେ ସମସ୍ତ ମହିଳା କାଉନସିଲର, ମହିଳା ସରପଞ୍ଚ, ସମିତି ସଭ୍ୟ, ପିଆର୍‌ଆଇ ସଦସ୍ୟମାନଙ୍କ ସହ ସ୍ଥାନୀୟ ମହିଳାମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀପାଳିଙ୍କ ଚରିତ୍ର ସହାଁର କରିଥିବା ୱେବ ଚେନାଲ ଏବଂ ବ୍ୟକ୍ତି ସମସ୍ତ ମହିଳା ଜାତିଙ୍କୁ ଅପମାନ କରିଛନ୍ତି। ତେଣୁ ଯେଉଁ ବ୍ୟକ୍ତି ଅଶାଳୀନ ମନ୍ତବ୍ୟ ଦେଇ ଖବର ପ୍ରସାରଣ କରିଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମହିଳାମାନେ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ରୋଜାଲିନ ପଟେଲ, ସୁକାନ୍ତି ମହାପାତ୍ର, ଦୀପା ନାଏକ, ନବନିତ କୋର, ମଧୁମିତା ଶୁଭନିଲ, ଗୀତାଞ୍ଜଳି ପଣ୍ଡା, ନେତ୍ରାରାନି ସାହା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆନ୍ତଃ କ୍ଲବ ଫୁଟ୍‌ବଲ: ଜୟ ହିନ୍ଦ୍ କ୍ଲବ ବିଜୟୀ



ଫୁଟ୍‌ବଲ ପ୍ରତିଯୋଗିତାର ଚତୁର୍ଥ ଦିନର ମ୍ୟାଚ୍‌ରେ ଅତିଥି ଓ ଖେଳାଳି।

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ୨ୟ ଓଏସ୍‌ଏପି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରୀଡା ପ୍ରତିଯୋଗିତାର ସୋମବାର ଚତୁର୍ଥ ଦିନର ମ୍ୟାଚ୍‌ରେ ଭିଆର୍‌ଏସ୍ ସ୍ପୋର୍ଟ୍ସକୁ ହରାଇ ଜୟ ହିନ୍ଦ କ୍ଲବ ବିଜୟୀ ହୋଇଛି। ଅପରାହ୍ନ ୪ଟାରେ ୨ୟ ଓଏସ୍‌ଏପି ଷ୍ଟାଡିୟମରେ ଜୟ ହିନ୍ଦ କ୍ଲବ ଓ ଭିଆର୍‌ଏସ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଜୟ ହିନ୍ଦ କ୍ଲବ ଭିଆର୍‌ଏସ୍ ସ୍ପୋର୍ଟ୍ସ କ୍ଲବକୁ ପେନାଲଟି ବ୍ରେକରରେ ୬-୫ ଗୋଲରେ ପରାସ୍ତ କରି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ମ୍ୟାଚ୍ ଜିଲା ଆଥଲଟିକ ସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ, ମୋହନ ମିଶ୍ର, କେ. ଜଗନ୍ନାଥ ରାଉତ, ଗଣେଶ ନାଇକ ଓ ସୁଶାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯାଗଦେଇ ଉଦ୍‌ଘାଟନ କରିଥିଲେ। ମ୍ୟାଚ୍ ଅମିରା ପ୍ରଧାନ, ସଞ୍ଜୟ ଦାସ, ଲକ୍ଷ୍ମଣ କିଷାନ ପରିଚାଳନା କରିଥିବା ବେଳେ ଝାରସୁଗୁଡ଼ା ଜିଲା ଆଥଲେଟିକ ଆସୋସିଏଶନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ୩୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ




ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ରମ୍ଭେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ରାସ୍ତା ସମସ୍ୟା, ବିଦ୍ୟୁତ୍ ସମସ୍ୟା, ଶ୍ରେଣୀ ଗୃହ ମରାମତି, କେନାଲ ମରାମତି, ନଳକୂପ ମରାମତି ଉପରେ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତଦନ୍ତ କରି ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଉପ ଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଅତିରିକ୍ତ ତହସିଲଦାର ବବୁରୁ ବାହନ ଦଉଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଠିକ ସମୟରେ ଋଣ ପରିଶୋଧ କରିବାକୁ ଗୁରୁତ୍ୱ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)




ଶ୍ରୀପୁରା ସମବାୟ ସମିତି ବାର୍ଷିକ ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଶ୍ରୀପୁରା ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଶ୍ରୀପୁରା ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଶିଶିର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଭାରେ ସମ୍ପାଦକ ବୀରେନ୍ଦ୍ର ପ୍ରଧାନ ପୂର୍ବ ବୈଠକ ବିବରଣୀ ପାଠ ଓ ୨୦୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏହା ସହିତ ସମସ୍ତ ପ୍ରକାର କୃଷି ଋଣ ଓ ଡିବିଆଇ ମାଧ୍ୟମରେ ସମସ୍ତ ସରକାରୀ ଯୋଜନାର ସବ୍‌ସିଡି ଟଙ୍କା ସମବାୟ ବ୍ୟାଙ୍କ ମାଧ୍ୟମରେ ଉପଲବ୍ଧ ଥିବା କହିଥିଲେ। ଏହା ସହିତ ଉପସ୍ଥିତ ସମ୍ମାନିତ ଅତିଥି ସମିତି ଉପସଭାପତି ତପସ୍ୱିନୀ ଦୀକ୍ଷିତ ଇ-ନାମ ପୋର୍ଟାଲ ପଞ୍ଜୀକରଣ କରି ପନିପରିବା ବିକିବା ପାଇଁ ସୁଯୋଗ ପାଇ ପାରିବେ ବୋଲି ଜଣାଇଥିଲେ। ଉକ୍ତ ସଭାରେ ପରିଚାଳନା କମିଟିର ଦିଗାମ୍ବର ବାଗ, ସାଗର ମରୋଇ, କରୁଣାକର ଭୋଇ, ଚିନ୍ତାମଣି ରୋହିଦାସ, ରାଜିନ୍ଦ୍ର ରୋହିଦାସ, ଜୟ ବିହାରୀ ଭଇଂସା, ମୋତିଲାଲ କୁମୁରାଙ୍କ ସହିତ ଚାଷୀ ନେତା ଦିଲୀପ ବଢେ, ଅବସର ପ୍ରାପ୍ତ ସମ୍ପାଦକ ସୁମନ୍ତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଲଇକେରା ବ୍ଲକ ଅନ୍ତର୍ଗତ ପାକେଲପଡା ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ପାକେଲପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅଜିତ ପଟେଲଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଅଜୟ ପଟେଲ ପୂର୍ବ ବୈଠକର ବିବରଣୀ ପାଠ ଓ ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ର ହିସାବ ଉପସ୍ଥାପନ କରିଥିଲେ। ଏହା ସହିତ ସମସ୍ତ ପ୍ରକାର କୃଷି ଋଣ ଓ ଡିବିଆଇ ମାଧ୍ୟମରେ ସମସ୍ତ ସରକାରୀ ଯୋଜନାର ସବସିଡି ଟଙ୍କା ସମବାୟ ବ୍ୟାଙ୍କ ମାଧ୍ୟମରେ ଉପଲବ୍ଧ ଥିବା କହିଥିଲେ। ବୈଠକରେ ଲଇକେରା କୋଅପେରେଟିଭ ବ୍ୟାଙ୍କ ମ୍ୟାନେଜର କୌଶିକ ପ୍ରଧାନ ଉପସ୍ଥିତ ସଭ୍ୟମାନଙ୍କୁ ଠିକ ସମୟରେ ଋଣ ପରିଶୋଧ କରିବା ଗୁରୁତ୍ୱ ଦେବା ଏବଂ ଏହାର ଲାଭ ଉଠାଇବା ପାଇଁ କହିଥିଲେ। ସଭାରେ ପରିଚାଳନା କମିଟି ନିର୍ଦ୍ଦେଶକ ପବିତ୍ର ନାଇକ, ଉକିଆ କିଷାନ, ଭଗବତୀ ଜଗତ, ପୌଲସ୍ତି ପଟେଲ, ଉଗ୍ରସେନ ପଟେଲ, ପବିତ୍ର ସାହୁ, କୁନ୍ତଳା କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଜୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀପୁରା, ପାକେଲପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ

## ସଂକ୍ଷେପରେ

### ଗଛ ଭାଙ୍ଗି ରାସ୍ତା ଅବରୋଧ

ଖପ୍ରାଖୋଲ,୨୪।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଧଣ୍ଡାମୁଣ୍ଡା-ପାଟେର୍ ରାସ୍ତାରେ ଏକ ଗଛ ଭାଙ୍ଗିପଡ଼ିବାରୁ ସୋମବାର ବହୁ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବିଭାଗ ଓ ଆଇସି ଜୟ ଗୋପାଳ ପଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଗଛ କାଟି ସଫା କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବଲାଙ୍ଗୀର,୨୪।୩(ବୀରେନ୍ଦ୍ରକୁମାରଝାଙ୍କର)



ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗାଁ ନିବାସୀ କେତକୀ ତ୍ରିପାଠୀ (୮୪)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ଦିଲେଶ୍ୱର ତ୍ରିପାଠୀ ବାନ୍ଧନଘୋରଠାରେ ନିଜସ୍ୱ ଉଦ୍ୟମରେ ଶ୍ରୀରାମ ମନ୍ଦିର ସ୍ଥାପନା କରିଥିଲେ। କେତକୀଙ୍କ ମୃତ୍ୟୁ ବେଳକୁ ପୁତ୍ର ମଳୟ, ପ୍ରଣୟ, ଅବ୍ୟୟ, ସଞ୍ଜୟ, ମନ୍ମୟ ଓ ଶ୍ରୀମୟ ପତ୍ରବଧୂ ଜୟନ୍ତୀ, ବିଜୟିନୀ, ମଞ୍ଜୁଲତା, ନିହାରିକା, ରୀତା ତଥା ନାତିନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ମଳୟ ଆନନ୍ଦ କୁମାର ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

### ଶୁଆବାହାଲରେ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ

କୋମନା,୨୪।୩(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଶୁଆବାହାଲ ଗ୍ରାମରେ ସୋମବାର ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଓ ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବିଡ଼ିଓ ବିନୟ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅଧିକାରୀଙ୍କ ସହ ଜିଲାପାଳ କ୍ଷମା ସାଗର ଦାସ ଓ କ୍ଷିରମତୀ ଦାସଙ୍କ ଘରକୁ ଯାଇ ସେମାନଙ୍କ ନବଜାତ ଶିଶୁକନ୍ୟାକୁ କୋଳରେ ଧରି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ କନ୍ୟାର ମା'ବାପାଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ଝିଅର ନାଁ ଦେବିକା ହେଲେ ରୋପିଥିବା ଆମ୍ବଗଛର ନାମ ରାଧିକା ହେବ। ସମାଜରେ ଉଭୟ ଝିଅ ଓ ଗଛର ଆବଶ୍ୟକତା ଅଛି। ଏହି ଯୋଜନାରେ ଝିଅଙ୍କ ସହ ଗଛର ସଂଖ୍ୟା ମଧ୍ୟ ବୃଦ୍ଧି ହେବ। ଏହାଦ୍ୱାରା ସମାଜର କଲ୍ୟାଣ ସାଧିତ ହେବା ସହ ପରିବେଶର ସନ୍ତୁଳନ ରକ୍ଷା ହେବ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀ ମହିଳା ଲକ୍ଷ୍ମୀ ଦାଶଙ୍କୁ ଜିଲାପାଳ ଫଳମୂଳ, ପନିପରିବା, ପୁଷ୍ଟିକର ମାଣ୍ଡିଆ ଖାଦ୍ୟ ଓ ବିଭିନ୍ନ ଉପହାର ଭେଟି ଦେଇଥିଲେ। ସଭାରେ କୁନି କୁନି ଝିଅମାନେ ସୁନ୍ଦର ନୃତ୍ୟସଂଗୀତ ପରିବେଷଣ କରିଥିଲେ। ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଗାଁ ଆନନ୍ଦ ମୁଖର ହୋଇଉଠିଥିଲା।

### ବିଧାନସଭା ଘେରାଉ ନେଇ କଂଗ୍ରେସର ପ୍ରସ୍ତୁତି ବୈଠକ

କଲମପୁର,୨୪।୩(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର କାଳୀକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସୋମବାର କଲମପୁର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ବିପିନ ବିହାରୀ ପ୍ରଧାନୀ ସଭାପତିତ୍ୱ କରିଥିଲେ। ଜିଲା ସାଧାରଣ ସମ୍ପାଦକ ତଥା କଲମପୁର ବ୍ଲକ ପ୍ରଭାରୀ ପ୍ରଭାତ ଦାସ ଉପସ୍ଥିତ ରହି ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦାବିରେ ମାର୍ଚ୍ଚ ୨୭ରେ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେ ଉପରେ ଆଲୋଚନା କରିଥିଲେ। ବୈଠକରେ ଜଗନ୍ନାଥ ନାଏକ, ପିତାମ ସାହୁ, ପବିତ୍ର ବାଗ, ଗଣେଶ ନାଗ, ସୁରେଶ ବାଗ, ପ୍ରଦୀପ ଭୋଇ, ପଦ୍ମକିଶୋର ନାଏକ, ଗଣେଶ ରଣା, ଶ୍ୟାମସୁନ୍ଦର ନାଗ, ସୁଶାନ୍ତ ଶବର, କଳାକାହ୍ନୁ କଣ୍ଟା, ବିନୋଦ ନାଏକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୨୫ ବର୍ଷରେ ଏକେ ଫିଲ୍ମସ୍‌କୁ ୩ ରାଜ୍ୟ ପୁରସ୍କାର

## ଏକେ ଫିଲ୍ମସ୍‌ର ରୌପ୍ୟ ଜୟନ୍ତୀ ସମାରୋହ

ବଲାଙ୍ଗୀର,୨୪।୩ (ବୀରେନ୍ଦ୍ର କୁମାର ଝାଙ୍କର)



ଏକେ ଫିଲ୍ମସ୍‌ର ରୌପ୍ୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଏକେ ଫିଲ୍ମସ୍‌ର ରୌପ୍ୟ ଜୟନ୍ତୀ ସମାରୋହ ବଲାଙ୍ଗୀର ଟାଉନ୍ ବାଳିକା ହାଇସ୍କୁଲ ସଭାମଞ୍ଚରେ ଅନୁଷ୍ଠିତ ହୋଇଛି। ଚଳଚ୍ଚିତ୍ର ନିର୍ମାତା ଓ ପ୍ରଯୋଜକ ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ନିର୍ଦ୍ଦେଶକ ପ୍ରଦୀପ ମହାପାତ୍ର, ପ୍ରଯୋଜକ ଡ. ଶ୍ରୀକର ମିଶ୍ର ମଞ୍ଚାସୀନ ଥିଲେ। ସଭାରେ ଏକେ ଫିଲ୍ମସ୍‌ର ଜୟଯାତ୍ରା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଗତ ୨୫ ବର୍ଷ ଭିତରେ ଏକେ ଫିଲ୍ମସ୍ ବ୍ୟାନରରେ ୪ ଶହରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କ କଳା ଓ ଅଭିନୟ ଦକ୍ଷତା ଦେଖାଇଛନ୍ତି। ଆଞ୍ଚଳିକ ସ୍ତରର କଳାକାରଙ୍କୁ ସୁଯୋଗ ଦେବା ଏବଂ ଅଭିନେତା ଭାବେ ସେମାନଙ୍କୁ ଗଢ଼ିବାରେ ଏକେ ଫିଲ୍ମସ୍‌ର ଭୂମିକା ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଚଳଚ୍ଚିତ୍ର ଜଗତ ସହ ଯୋଡ଼ି ହୋଇଥିବା ଅଭିନେତା, କଣ୍ଠଶିଳ୍ପୀ, ଗୀତିକାର, ଭିଡିଓଗ୍ରାଫର, ଟେକନିସିଆନ୍ ଏବଂ ସହକର୍ମୀମାନଙ୍କୁ ଏକେ ଫିଲ୍ମସ୍ ପକ୍ଷରୁ ଯେଭଳି ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି ତାହା ଉଲ୍ଲେଖନୀୟ ବୋଲି ଅତିଥିମାନେ କହିଥିଲେ। ଅଭିନେତା ନିଜର ଅଭିନୟ ଦକ୍ଷତା ଦେଖାଇବା ସହ ସ୍ଥାନୀୟ ଅଞ୍ଚଳରେ ପରିଚୟ ଓ ସମ୍ମାନ ପାଇପାରୁଛି ବୋଲି କହିଥିଲେ। ଏହି ରୌପ୍ୟ ଜୟନ୍ତୀ ସମାରୋହରେ ଅଭିନେତା ତଥା ନିର୍ଦ୍ଦେଶକ ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଗତ ୨୫ ବର୍ଷ ଭିତରେ ଏକେ ଫିଲ୍ମସ୍‌କୁ ତିନୋଟି ରାଜ୍ୟ ପୁରସ୍କାର ମିଳିଛି। ଏକେ ଫିଲ୍ମସ୍‌ର ଟେଲିଫିଲ୍ମ 'ଈଶ୍ୱର' ଓ 'ରଗଡ଼୍'କୁ ଶ୍ରେଷ୍ଠ ଟେଲିଫିଲ୍ମ ପୁରସ୍କାର ମିଳିଛି। ଏହା ସହିତ ଫିଚର ଫିଲ୍ମ 'ଶତ୍ରୁ ଦି ଏୱେକେନିଂ'କୁ ଶ୍ରେଷ୍ଠ ଗୀତିକାର ଏବଂ ଶ୍ରେଷ୍ଠ ପାର୍ଶ୍ୱ ଗାୟକ ପୁରସ୍କାର ମିଳିଛି। ଏହି ବ୍ୟାନରରେ ଓଡିଆ, କୋଶଲୀ ଓ ହିନ୍ଦୀ ଫିଲ୍ମ ନିର୍ମାଣ କରାଯାଉଥିବା ସୂଚନା ଦିଆଯାଇଥିଲା। ସଭା ଶେଷରେ କପିଳେଶ୍ୱର ଖମାରୀ ଧନ୍ୟବାଦ୍ ଦେଇଥିଲେ। ସଭା ପରେ ରାଜ୍ୟ ପୁରସ୍କାର ଲାଭ କରିଥିବା ଶତ୍ରୁ ଦି ଏୱେକେନିଂ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସଭାରେ ବହୁ ଅଭିନେତା, କଳାକାର, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣାଣି, ସଚେତନତା ଶିବିର



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ପାଟଣାଗଡ଼,୨୪।(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ବଥର୍ଲା ପଞ୍ଚାୟତ ପରିସରରେ ସୋମବାର ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୮ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଶେଷକରି ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବାର୍ଦ୍ଧକ୍ୟ ଭତ୍ତା, ଜମି ଉନ୍ନତି, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରିଙ୍ଗ କୂପ ଖନନ ଯୋଜନାରେ ସାମିଲହେବା ପାଇଁ ହିତାଧିକାରୀମାନେ ଆବେଦନ କରିଥିବା ଜଣାପଡ଼ିଛି। ଏହି ଶିବିରରେ ଜିପିଓ ସନ୍ତୋଷ କୁମାର ନାଏକ, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ, ସିଡିପିଓ ପ୍ରଭାମୟୀ ନାଏକ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସମିତି ସଭ୍ୟ, ୱାର୍ଡମେମ୍ବର ସମେତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଦାବିପତ୍ର ପ୍ରଦାନ


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖପ୍ରାଖୋଲ,୨୪।୩(ଅଭୟ ତ୍ରିପାଠୀ)

ବ୍ଲକସ୍ତରୀୟ ଆଉଟସୋର୍ସିଂ କର୍ମଚାରୀ ସଂଘ ତରଫରୁ ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ସହିତ ସ୍ଥାୟୀ ନିଯୁକ୍ତି ଦାବିରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟସ୍ତରୀୟ ଧର୍ମଘଟ ଆଗାମୀ ୨୬ତାରିଖରୁ ସଂଘ ତରଫରୁ ଅନୁଷ୍ଠିତ ହେଉଥିବାରୁ ସମସ୍ତ ସଦସ୍ୟ ଯୋଗଦେବେ ବୋଲି ଜଣାଇଛନ୍ତି। ଏହି ଅବସରରେ ବ୍ଲକ ସଂଘ ସଭାପତି ରାମାନନ୍ଦ ବେହେରା, ସମ୍ପାଦକ ଗୋବର୍ଦ୍ଧନ ବାଗ, ସୁବୋଧ ବାରିକ, ଅକ୍ଷୟ ପ୍ରଧାନ, ଟିକେଶ୍ୱର ରାଉତ, ସୁଶାନ୍ତ ଛତ୍ରିଆ, ସୁଶିଲ ନନ୍ଦ, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ବାଣ୍ଟିଲେ ଶିକ୍ଷାଧିକାରୀ

ରୁପ୍ରା ରୋଡ,୨୪।୩ (ସଞ୍ଜୀବ ଦାସ)


ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଉଛି।

ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଶୁଭାରମ୍ଭ କରାଯାଉଛି। ଏଥିରେ ସରକାରଙ୍କ ତରଫରୁ ୫ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଓ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ଏହି କ୍ରମରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନିଙ୍କ ନେତୃତ୍ୱରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ, ସୂର୍ଯ୍ୟଦେବ ବାଗ, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ବ୍ଲକ୍‌ର ବେହେରାପାଟି, କାଛିଡିଗରାପଡା, ପିପଲପଦର ସ୍କୁଲକୁ ଯାଇ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ଏପ୍ରିଲ ୨ରୁ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଆୟୋଜନ ହେବ ବୋଲି ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣପତ୍ର ଅଭିଭାବକଙ୍କୁ ବଣ୍ଟନ କରିଥିଲେ। ଏହାସହ ସମସ୍ତ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ନିଜେ ଉପସ୍ଥିତ ରହିବାକୁ ଅଭିଭାବକ ଓ କମିଟି ସଦସ୍ୟଙ୍କୁ ଅନୁରୋଧ କରିଥିଲେ।

## ଆଦର୍ଶ ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ନୂଆପଡ଼ା,୨୪।୩ (ମକାରୁ ବେମାଲ)

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଏସି ନୂଆପଡ଼ା ପକ୍ଷରୁ ଏକ ଆଦର୍ଶ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇଦେବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ଏସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ ପ୍ରଥମେ ଜିଲାପାଳଙ୍କୁ ଜଳ ଗ୍ଲାସ୍ ଅର୍ପଣକରି ଦିନତମାମ ପଥଚାରୀଙ୍କୁ ଜଳ ପ୍ରଦାନ କରିଥିଲେ।

# ବିଶୁଦ୍ଧ ପାନୀୟ ଜଳ ଦାବିରେ ଧାରଣା


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ଗ୍ରାମବାସୀ।

ଟିଟିଲାଗଡ଼,୨୪।୩(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ସିହିନୀ ପଞ୍ଚାୟତର କୁମୁଡ଼ା ଗ୍ରାମରେ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡୁଛି।

ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସଫଳ ହେଉନାହିଁ। ଚଳିତବର୍ଷ ଗ୍ରୀଷ୍ମ ଋତୁ ପ୍ରାରମ୍ଭରୁ କୁମୁଡା ଗ୍ରାମରେ ପାନୀୟ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁନେଇ ଟିଟିଲାଗଡ଼ ଆଇନଜୀବୀ ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ସୋମବାର ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଞ୍ଚଳବାସୀ କହିଛନ୍ତି, ବାରମ୍ବାର ଦାବି ସତ୍ତ୍ୱେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉନାହିଁ। ଗ୍ରାମରେ ଓଭରହେଡ଼ ଟ୍ୟାଙ୍କ ନିର୍ମାଣ ସହ ଜଳଯୋଗାଣ ହେଉନାହିଁ। ବିଶୋଧନ ହୋଇନଥିବା ଟ୍ୟାଙ୍କର ପାଣି ମଧ୍ୟ ବର୍ତ୍ତମାନ ସୁଦ୍ଧା ମିଳିପାରୁନାହିଁ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ସହାୟକ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ମହିଳା ଗୋଷ୍ଠୀ ସଦସ୍ୟା ଯୁବତୀ ସୁନା, ଲଳିତା ସୁନା, ଭାରତୀ ସୁନା, ଲଛମା ସୁନା, ତେଜ ସୁନା, ପଦ୍ମା ବିଭାର, କୁନା ସାହୁ, ଜୟସିଂ ତାଣ୍ଡି, ସୁବାଶ ଛତର, ଅରୁଣ ହରପାଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସମୀର ବିଲୁଙ୍ଗ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ସହ ଦାବି ପତ୍ର ଗ୍ରହଣ କରିଥିଲେ। ସରକାରଙ୍କ ପକ୍ଷରୁ ଗ୍ରାମରେ ନିୟମିତ ବିଶୁଦ୍ଧ ଜଳଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ନ କଲେ ଆଗାକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବାଗ ଚେତାବନୀ ଦେଇଛନ୍ତି।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ତାଲିମ କାର୍ଯ୍ୟକ୍ରମରେ ଅତିଥିମାନେ।

ଜୁନାଗଡ଼,୨୪।୩(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ପ୍ରଥମ ବର୍ଷ ଯୁକ୍ତ ତିନି କଳା ଓ ବିଜ୍ଞାନର ୮୭ ଜଣ ଛାତ୍ରୀଙ୍କୁ ନେଇ ସୋମବାର ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁତି ଭୂଷଣ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଭାରପ୍ରାପ୍ତ ଏନ୍‌ଏସି ଅଧ୍ୟକ୍ଷା ହିମାଦ୍ରି ନାଏକ, ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ସାଗରିକା ଦାସ, ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ପୂର୍ଣ୍ଣମାସି ମାଝୀ, ସହ ସଂଯୋଜକ ସମୀର କୁମାର ସାହୁ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ବିଶ୍ୱ ରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ସମୀର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଜଲି ପରାଭୋଇ ଯୋଗଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବିକାଶ ବେହେରା, ରାଜକୁମାରୀ ବେମାଲ, ଅକ୍ରୁର ନାଏକ, ବାବୁଲି ଗୋପାଳ ସହଯୋଗ କରିଥିଲେ।

# ଏଆଇଡିଏସ୍‌ଓ ପକ୍ଷରୁ ଶହୀଦ ଦିବସରେ ଶ୍ରଦ୍ଧାଞ୍ଜଳି

ବଲାଙ୍ଗୀର,୨୪।୩(ବୀରେନ୍ଦ୍ରକୁମାରଝାଙ୍କର)

ଆଇଡିଏସଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ମହାନ ସଂଗ୍ରାମୀ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କ ୯୫ତମ ଶହୀଦ ଦିବସ ରବିବାର ସ୍ଥାନୀୟ କଲେଜ ଛକଠାରେ ପାଳନ କରାଯାଇଥିଲା। ପ୍ରଥମେ ଶହୀଦ ଭଗତ ସିଂଙ୍କ ଫଟୋରେ ପୁଷ୍ପମାଲ୍ୟଅର୍ପଣ କରାଯାଇଥିଲା। ଶତାଧିକ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି କମ୍ରେଡ ସୁନୀଲ ଭୋଇ ଯୋଗ ଦେଇଥିଲେ। ସଭାରେ ଜିଲା ସଭାପତି ମଧୁସୂଦନ ବାଗ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ସୁନୀଲ ତାଙ୍କ ଅଭିଭାଷଣରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ଧନ୍ଦାମୁଖୀକରଣ, କେନ୍ଦ୍ରୀକରଣ ଓ ସାମ୍ପ୍ରଦାୟିକକରଣ ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଉଦ୍ଦିଷ୍ଟ ବୋଲି କହିଥିଲେ। କିଭଳି ଜାତି, ଧର୍ମ, ବର୍ଣ୍ଣ, ଅଞ୍ଚଳ, ଓ ସମ୍ପ୍ରଦାୟ ଭିତ୍ତିରେ ବିଷମଞ୍ଜି ବୁଣି ଜନଗଣଙ୍କ ଐକ୍ୟକୁ ଧ୍ୱଂସ କରାଯାଉଛି କହିଥିଲେ। ଶହୀଦ ଏ-ଆଜମ୍ ଭଗତ ସିଂଙ୍କ ଜୀବନ ସଂଗ୍ରାମ ବିଷୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ୟା ଦାନୀ, ଆକାଶ ସା, ପ୍ରଭାସିନୀ ଭୋଇ, ମନୋଜ ଜାନୀଙ୍କ ସହିତ ବହୁ ଛାତ୍ର, ଯୁବକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବଲାଙ୍ଗୀର କଲେଜ ଛକରେ ଶହୀଦ ଭଗତ ସିଂଙ୍କ ଶହୀଦ ଦିବସ ପାଳନ କରାଯାଉଛି।

# ସମ୍ବଲପୁରକୁ ହରାଇ ସୁନ୍ଦରଗଡ଼ ବିଜୟୀ


ଉଭୟ ଦଳର ଖେଳାଳୀଙ୍କ ସହ ଅତିଥି ଓ ଆୟୋଜକ।

## ମହାରାଜ ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

ବଲାଙ୍ଗୀର,୨୪।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହାରାଜା ଆରଏନ୍ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରରେ ସମ୍ବଲପୁର ଦଳକୁ ପରାସ୍ତ କରି ସୁନ୍ଦରଗଡ଼ ଦଳ ବିଜୟୀ ହୋଇଛି। ସୋମବାର ଅପରାହ୍ନରେ ସୁନ୍ଦରଗଡ଼ ବନାମ ସମ୍ବଲପୁର ଦଳ ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ ସ୍କୋର କରିବାରୁ ଖେଳ ଅମୀମାଂଶିତ ରହିଥିଲା। ସଡନଡେଥ୍‌ରେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର ଓ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଯୋଗଦାନ କରିଥିଲେ। ସଭାରେ ଓଡ଼ିଶା ଫୁଟବଲ ଆସୋସିଏଶନ ସଭାପତି ତଥା ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ଟୁର୍ନାମେଣ୍ଟ କମିଟି ସମ୍ପାଦକ ସାଗର ସଙ୍ଗମ ଶତପଥି ମଞ୍ଚାସୀନ ଥିଲେ। କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖେଳକୁ ସଞ୍ଜୀବ ମହାରଣା, ସଞ୍ଜନ କୁଦେଇ, କରୁଣାକର ପ୍ରଧାନ ଓ ନରସିଂ ସ୍ୱାମୀ ନାଇଡୁ ପରିଚାଳନା କରିଥିଲେ। କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଖେଳାଳୀ ଶ୍ରୀଧର ବଡ଼ିଆ ଓ ଶ୍ରୀକାନ୍ତ ରାଉତଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ନାମେଣ୍ଟ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ। ମଙ୍ଗଳବାର ସୁନ୍ଦରଗଡ ବନାମ ଭବାନୀପାଟଣା ମଧ୍ୟରେ ଖେଳ ହେବ ବୋଲି ଫିକ୍ସଚର କମିଟି ମୁଖ୍ୟ ଭୂପେନ୍ଦ୍ର ପ୍ରସାଦ ସିଂ ସୂଚନା ଦେଇଛନ୍ତି।

# ନାଟକ 'ଦଲିଆ'ରେ ପ୍ରତିଶୋଧର ବହ୍ନି

**ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ନାଟ୍ୟାନୁଷ୍ଠାନ 'ସମ୍ପର୍କ' ଆୟୋଜିତ ଜାତୀୟ ନାଟକ ମହୋତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ରନାଥ ଟାଗୋରଙ୍କ କାହାଣୀରେ ପ୍ରେରିତ ତଥା ହୃଷୀକେଶ ସୁଲଭଙ୍କ ରଚିତ ନାଟକ 'ଦଲିଆ' ମଞ୍ଚସ୍ଥ ହୋଇଥିଲା। ନାଟକର କାହାଣୀ ଏକ ଐତିହାସିକ ବିଷୟବସ୍ତୁ ଉପରେ ଆଧାରିତ। ପ୍ରଜାପ୍ରପୀଡ଼କ ଔରଙ୍ଗଜେବଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ସାହାସୁଜା ନିଜର ତିନୋଟି କନ୍ୟାଙ୍କୁ ନେଇ ଆରାଖାନା ରାଜାଙ୍କ ଆଶ୍ରିତ ହେଲେ। କିନ୍ତୁ ଆରଖାନା ରାଜା ସାହାସୁଜାଙ୍କ ସୁନ୍ଦରୀ କନ୍ୟାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଲେ। ତେଣୁ ସାହାସୁଜା ନିଜ କନ୍ୟାମାନଙ୍କୁ ନଦୀରେ ସଲିଳ ସମାଧି ଦେବାକୁ ବାଧ ହେଲେ। ହେଲେ କନିଷ୍ଠା କନ୍ୟା ଅମିନା କୌଣସି ପ୍ରକାରେ ବଞ୍ଚିଯାଇ ଏକ ଅରଣ୍ୟବାସୀଙ୍କ ଗୃହରେ ଆଶ୍ରିତା ହେଲେ। କାଳକ୍ରମେ ଅମିନା ସେହି ଅତ୍ୟାଚାରୀ ଆରଖାନାଙ୍କ ସହିତ ସମ୍ପର୍କରେ ଆସିଲେ। ଆରଖାନା ରାଜା ତାଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କଲେ। ପରେ ଅମିନା କିପରି ଆରଖାନା ରାଜାଙ୍କୁ ଛଳନା କରି ନିଜର ପ୍ରତିଶୋଧ ନେଇଥିଲେ ଏହି କାହାଣୀକୁ ଏକ ମାର୍ମିକ ଶୈଳୀରେ ନାଟକ ମାଧ୍ୟମରେ ଉପସ୍ଥାପନା କରିଥିଲେ କୋଲକାତାର ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ଆଇଏଫ୍‌ଟିଏର କଳାକାରମାନେ। ପ୍ରାରମ୍ଭରେ ଉତ୍ସବକୁ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ମନୋଜ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବରିଷ୍ଠ କଳାକାର ଡ. ସତ୍ୟନାରାୟଣ ମିଶ୍ରଙ୍କୁ 'ସମ୍ପର୍କ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନିଲ ମଲ୍ଲିକ ମଞ୍ଚ ସଂଯୋଜନା, ସଞ୍ଜୀବ ଚାନ୍ଦ, ପ୍ରଳୟ ଶତପଥୀ, ମାନସ ସାହୁ ଓ ପୁଷ୍ପା ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାଶିଷ ଦତ୍ତଙ୍କ ଉଚ୍ଚକୋଟୀର ନିର୍ଦ୍ଦେଶନା, ପ୍ରସନ୍‌ଜିତ ବନ୍ଦୋପାଧ୍ୟାୟଙ୍କ ଆଖିଝଲସା ଆଲୋକ ସଂବାଦ, ସୁଚିସ୍ମିତା ରାୟଙ୍କ ଶ୍ରୁତିମଧୁର ସଂଗୀତ ସହିତ କଳାକାରମାନଙ୍କ ସୁନ୍ଦର ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

## ଉପଜିଲାପାଳଙ୍କ ଅଫିସରେ ସର୍ବଦଳୀୟ ବୈଠକ

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ): ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ) ନିୟୋଜନକୁ ନେଇ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଜିଲାପାଳ ପାନପୋଷ ବିଜୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ବୁଥ୍‌ସ୍ତରୀୟ ଏଜେଣ୍ଟ ଓ ସେମାନଙ୍କ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ଦିଗରେ ବିଏଲଏଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ନାୟକ କହିଥିଲେ। ବୈଠକରେ ଡେପୁଟି କଲେକ୍ଟର ଅର୍ପିତା ମହାନ୍ତି, ଭାଜପା ଜିଲା ସଭାପତି ପୂର୍ଣ୍ଣିମା କେରକେଟା, ବିଜେଡିର ବିରେନ ସେନାପତି, କଂଗ୍ରେସ ଜିଲା ସଭାପତି ରବି ରାୟ, ଆପ୍ ଜିଲା ସଭାପତି ବିନୟ ତିୱାରୀ, ବହୁଜନ ସମାଜବାଦୀ ପାର୍ଟିର ରଞ୍ଜନ ତନ୍ତୀ, ସିପିଆଇଏମ୍‌ର ଜାହାଙ୍ଗୀର ଅଲ୍ଲୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗ୍ରାମବାସୀଙ୍କ ଗଳାକାଟି ହତ୍ୟାକଲେ ମାଓବାଦୀ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ଓଡ଼ିଶା ଝାଡ଼ଖଣ୍ଡ ପଶ୍ଚିମ ସିଂଭୂମ ଛୋଟାନାଗରା ଅଞ୍ଚଳରେ ସଶସ୍ତ୍ର ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ସୁରକ୍ଷାବଳଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଓ ମୃତଦେହ ଉଦ୍ଧାର ହୋଇପାରି ନ ଥିବା ସୂଚନା ମିଳିଛି। ତେବେ ମୃତକ ମାଓବାଦୀଙ୍କ ସହଯୋଗୀ ବୋଲି ଚର୍ଚ୍ଚା ହେଉଛି। ସେ ହେଲେ ଟୁପ୍ରା ହୋନହୋଗା। ଏହି ଘଟଣାକୁ ନେଇ ସୀମାବର୍ତ୍ତୀ ଗ୍ରାମଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରପକ୍ଷେ ପଶ୍ଚିମ ସିଂଭୂମ ଜିଲା ଏସ୍‌ପି ଆଶୁତୋଷ ଶେଖର ହତ୍ୟା ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଛୋଟାନାଗ୍ରା ଥାନା ଅଞ୍ଚଳର ମାଓବାଦୀ ପ୍ରଭାବିତ ଅଞ୍ଚଳ ଡିକୁପୋଙ୍ଗ ଗ୍ରାମର ବାସିନ୍ଦା ଟୁପ୍ରାଙ୍କ ଘରକୁ ୫୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆସି ତାଙ୍କୁ ବନ୍ଧୁକ ମୁନରେ ଅପହରଣ କରିନେବା ପରେ ଦୋଲାଇଗଡ଼ା ନିକଟସ୍ଥ ନଦୀକୂଳରେ କୁଆଡେ ଗଳାକାଟି ହତ୍ୟା କରିଥିଲେ। ସ୍ଥାନୀୟ ପୋଲିସକୁ ଏହି ସୂଚନା ଦିଆଯାଇଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିବା ଯୋଗୁ ମୃତଦେହ ଉଦ୍ଧାର ହୋଇପାରି ନ ଥିଲା। ଫଳରେ ଗ୍ରାମବାସୀ ମୃତଦେହକୁ ପୋତି ଦେଇଥିଲେ।

## ଶ୍ରଦ୍ଧାକୁ ଟିପିଡବ୍ଲ୍ୟୁଓଡିଏଲ୍‌ର ସେବା ପୁରସ୍କାର



କାର୍ଯ୍ୟକ୍ରମରେ ଶ୍ରଦ୍ଧା ଅନୁଷ୍ଠାନକୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଅଗ୍ରଣୀ ଭିନ୍ନକ୍ଷମ ଅନୁଷ୍ଠାନ 'ଶ୍ରଦ୍ଧା'କୁ ଭିନ୍ନକ୍ଷମମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଶ୍ରେଷ୍ଠ ସେବା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ ପ୍ରବୀର ବର୍ମା କହିଥିଲେ, ଟାଟା କମ୍ପାନୀ ଆଜି ନୁହେଁ ବହୁତ ପୂର୍ବରୁ ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସହାୟତା ଯୋଗାଇ ଆସୁଛି। ବିଶେଷତଃ ବେକାରୀ ଶିକ୍ଷିତ ଯୁବବର୍ଗଙ୍କ ଉନ୍ନତି ଓ ସେମାନଙ୍କ ଥଇଥାନ ପାଇଁ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ଓ ଟାଟା ଷ୍ଟିଲ ପ୍ଲାଣ୍ଟ ଗଠନ କରି ଦେଶର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଭୂମିକା ତୁଲାଇଆସୁଛି। ଏଥିସହ ଭିନ୍ନକ୍ଷମ, ମହିଳା ଓ ଦୁର୍ବଳ ବର୍ଗର ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ନିଜ ଦାୟିତ୍ୱ ତୁଲାଉଛି। ଏଣୁ ଶ୍ରଦ୍ଧା ଅନୁଷ୍ଠାନ ଭଳି ଅଗ୍ରଣୀ ଭିନ୍ନକ୍ଷମ ଅନୁଷ୍ଠାନ ପ୍ରତି ସର୍ବଦା ଟିପିଡବ୍ଲ୍ୟୁଡିଏଲ ନିଜ ସିଏସ୍‌ଆର ପଦକ୍ଷେପ ଅନ୍ତର୍ଗତ ସହଯୋଗ ପ୍ରଦାନ କରିଆସୁଛି ବୋଲି ବର୍ମା କହିଥିଲେ। ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ ଅରୁଣା ମାରାଣ୍ଡି କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ହରପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଏନ୍‌ଆଇଟିରେ ଅନୁଷ୍ଠିତ କର୍ମଶାଳାରେ ସାମିଲ ହୋଇଥିବା ଅଂଶଗ୍ରହଣକାରୀ।

## ସ୍ଥାୟୀ ବିକାଶ ପାଇଁ ଆଦିବାସୀ ଜ୍ଞାନପ୍ରଣାଳୀ ଅନୁସନ୍ଧାନକୁ ଗୁରୁତ୍ୱ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

**ଏନ୍‌ଆଇଟିରେ ଆଦିବାସୀ ଖାଦ୍ୟ, ସ୍ଥିରତା କର୍ମଶାଳା**

କେନ୍ଦ୍ର ଜନଜାତି ମନ୍ତ୍ରାଳୟ ତତ୍ତ୍ୱାବଧାନରେ ଜନଜାତି ଗୌରବ ବର୍ଷ ପାଳନ ଓ ସମ୍ବିଧାନ ଆପଣେଇବାର ୭୫ବର୍ଷ ପୂର୍ତ୍ତି ଅବସରରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାରେ ଏକ କର୍ମଶାଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ଖାଦ୍ୟ ଓ ସ୍ଥିରତା ସମ୍ପର୍କିତ ଆଲୋଚନା, ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆଦି ଆୟୋଜିତ ହୋଇଥିଲା। ଜନଜାତୀୟ ଗୌରବ ବର୍ଷ (ଜେଜେଜିଭି)ର ନୋଡାଲ ଅଫିସର ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାୟୀ ବିକାଶ ପାଇଁ ଆଦିବାସୀ ଜ୍ଞାନପ୍ରଣାଳୀ ଅନୁସନ୍ଧାନକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ପରେ ଅଧ୍ୟାପକ ସଂଯୋଜକ ପ୍ରଫେସର ନଗରାଜୁ ଚିଲୁକୋଟୀ କହିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଅଭିଭାଷଣ ପରେ କେଶ୍ ଷ୍ଟଡି ପ୍ରତିଯୋଗିତା ହୋଇଥିଲା। କିପରି ଆଦିବାସୀ କୃଷି ଅଭ୍ୟାସ ଏକ ସ୍ଥାୟୀ ଖାଦ୍ୟ ଭବିଷ୍ୟତ ଗଠନ କରିପାରିବ ବିଷୟବସ୍ତୁ ଉକ୍ତ ପ୍ରତିଯୋଗିତାରେ ଉପସ୍ଥାପନ କରାଯାଇଥିଲା। ଆଧୁନିକ ସ୍ଥାୟିତ୍ୱ ଚ୍ୟାଲେଞ୍ଜ ସହ ପାରମ୍ପରିକ କୃଷି ଜ୍ଞାନକୁ ସମନ୍ୱିତ କରୁଥିବା ସମାଧାନ ବିଶ୍ଳେଷଣ ଏବଂ ଉପସ୍ଥାପନା କରିବାକୁ ଉତ୍ସାହିତ କରାଯାଇଥିଲା। ଏଥିରେ ୧୩ଟି ଦଳ ଅଂଶଗ୍ରହଣ କରି ଅଭିନବ ସମାଧାନ ଉପସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରଫେସର ନାଗରାଜୁ ଚିଲୁକୋଟୀ, ପ୍ରଫେସର ରଶ୍ମିଅଚଳା ମିଞ୍ଜ, ପ୍ରଫେସର ଥୁଙ୍ଗ୍ୟାନ୍ ଓଭଙ୍ଗ ଓ ପୁଷ୍ପିତା ମିଶ୍ର ପ୍ରମୁଖ ସାମିଲ ଥିଲେ।

## ମହିଳାଙ୍କୁ ଇ-ଅଟୋରିକ୍ସା ବିତରଣ

ରାଉରକେଲା,୨୪।୩(ଦିନେଶ ମିଶ୍ର)

ରାଉରକେଲା ବ୍ରାହ୍ମଣୀ କ୍ଲବ ପରିସରରେ ରୋଟାରୀ କ୍ଲବ ରାଉରକେଲା କୁଇନ୍ ପକ୍ଷରୁ ମହିଳାମାନଙ୍କୁ ୪ଟି ଇ-ଅଟୋ ରିକ୍ସା ରବିବାର ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ପୂର୍ଣ୍ଣିମା କେରକେଟ୍ଟା ମୁଖ୍ୟ ଅତିଥି, ରୋଟାରୀ କ୍ଲବ ଡିଜିଏନ୍ ଆଲାମ ସିଂ ରୋପରା, କୁଇନ୍ସ ସଭାପତି ରୋଟାରିଆନ ବରଖା ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହିଳାମାନେ ଅଟୋ ରିକ୍ସା ଚାଳନା କରି କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ସୂଚନା ପ୍ରଦାନ କରାଯାଇଥିଲା। ସମ୍ପାଦକ କନକଜିତ ଅଗ୍ରୱାଲ, ଚାର୍ଟର ସଭାପତି ହରପାଲ ଗୁପ୍ରା, ଆଭା ମହାନ୍ତି, ରଶ୍ମୀ ଅଗ୍ରୱାଲ, ଅଜୟ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରୁଚିତା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଗତ ସିଂ, ଶୁକଦେବ, ରାଜଗୁରୁଙ୍କ ଆଦର୍ଶ ଯୁବସମାଜ ପାଇଁ ପ୍ରେରଣାଦାୟୀ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉଲକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ପ୍ରଗତିଶୀଳ ସାହିତ୍ୟାନୁଷ୍ଠାନ ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ସେକ୍ଟର-୩ ସ୍ଥିତ ବାଜି ରାଉତ ଶିକ୍ଷା ନିକେତନର ମିଳିତ ଆନୁକୂଲ୍ୟରେ ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ବା ୯୪ତମ ଶହୀଦ ଦିବସ ବିଦ୍ୟାଳୟ ପରିସରରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ସଭାପତିତ୍ୱ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ମୁଖ୍ୟ ଅତିଥି ଓ କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ ଦିବସ ଉପରେ ଆଲୋଚନା କରିଥିଲେ। ଭାରତ ସ୍ୱାଧୀନତା ଆନ୍ଦୋଳନର ମହାନ କ୍ରାନ୍ତିକାରୀ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ୯୪ତମ ଫାଶୀ ଦିବସ ପାଳନ ସେମାନଙ୍କ ଅବଦାନକୁ ମନେପକାଇ ଦେଉଛି। ସେମାନଙ୍କ ଆଦର୍ଶ ଆଜିର ଯୁବସମାଜ ପାଇଁ ପ୍ରେରଣାଦାୟୀ ହୋଇ ରହିଛି ବୋଲି ଅତିଥିଦ୍ୱୟ କହିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ତରୁଣ କୁମାର ସାହୁ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ସହରସେବା ଅଫିସ ଘେରିଲା ଭିଏଚ୍‌ପି



ସହରସେବା ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି।

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ସେକ୍ଟର-୧୯ ଇସ୍ପାତ ଆମ୍ବାଗାନ ମାର୍କେଟସ୍ଥିତ ଗଜପତି ମାର୍କେଟରେ ଏକ ସମ୍ପ୍ରଦାୟ ପକ୍ଷରୁ ବିଶାଳ ପ୍ରାର୍ଥନା ସଭାଗୃହ ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରି ସ୍ଥାନୀୟ ଦୋକାନୀମାନେ ଏ ନେଇ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହି ଘଟଣାକୁ ନେଇ ବଜରଙ୍ଗ ଦଳ ଏବଂ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏ ନେଇ ଏକ ପ୍ରତିନିଧିମଣ୍ଡଳୀ ସୋମବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୨ ଇସ୍ପାତ କାରଖାନା ସହରସେବା କାର୍ଯ୍ୟାଳୟରେ ପହଞ୍ଚି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ଲାଗି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭିଏଚ୍‌ପି ପ୍ରାନ୍ତ କାର୍ଯ୍ୟାଳୟର ପୂର୍ଣ୍ଣକ୍ଷମ ପ୍ରମୁଖ ବିଶ୍ୱମ୍ଭର ମିଶ୍ରଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଅବସରରେ ମିଶ୍ର କହିଥିଲେ, ଦୀର୍ଘଦିନରୁ ଉକ୍ତ ମାର୍କେଟରେ ନିର୍ମାଣକାର୍ଯ୍ୟ କରାଯାଉଛି। ଯାହାକି ବେଆଇନ ଅଟେ। ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଗଲେ ଆଗାମୀ ଦିନରେ ବଜରଙ୍ଗ ଦଳ ଏବଂ ଭିଏଚ୍‌ପି ମିଳିତ ଭାବେ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ।

## ମାଲଗୋଦାମରେ ସାମୂହିକ ଇଫ୍‌ତାର ପାର୍ଟି

ରାଉରକେଲା,୨୪।୩(ଦିନେଶ ମିଶ୍ର)





ମୁସଲିମ୍ ସମ୍ପ୍ରଦାୟର ଲୋକେ ସାମୂହିକ ଇଫ୍‌ତାର ପାର୍ଟି ମନାଉଛନ୍ତି।

ମାଲଗୋଦାମସ୍ଥିତ ୟଙ୍ଗ୍ ବଏଜ୍ କମିଟି ପକ୍ଷରୁ ସୋମବାର ଏମ୍‌ଡି ପରଫେଜ୍‌ଙ୍କ ଅଧ୍ୟକ୍ଷତାରେ ସାମୂହିକ ଇଫ୍‌ତାର ପାର୍ଟି ଆୟୋଜିତ ହୋଇଯାଇଛି। ଏଥିରେ କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ସାମୂହିକ ନମାଜ ପାଠ କରିଥିଲେ। ପରେ ସମସ୍ତେ ସାମୂହିକ ଭାବେ ଜଳଖିଆ ଖାଇ ପାର୍ଟି ମନାଇଥିଲେ। ଏଥିସହ ମାଲଗୋଦାମ ଅଞ୍ଚଳରେ ଥିବା ଗରିବ ବ୍ୟକ୍ତି ବିଶେଷଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଏଥିରେ ଏମ୍‌ଡି ସାହିଦ, ଏମ୍‌ଡି ସମ୍‌ସେସ୍, ଏମ୍‌ଡି ସାହିଲ, ଏମ୍‌ଡି ରଖିବ ଖାନ, ଏମ୍‌ଡି କାସିମ୍, ଏମ୍‌ଡି ଜସିମ୍, ଏମ୍‌ଡି ମୋନୁ, କେଫ୍ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପିରେ ଯୋଗଦେଲେ ୧୩ ନୂଆ ମ୍ୟାନେଜମେଣ୍ଟ ଟ୍ରେନି

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)



ମ୍ୟାନେଜମେଣ୍ଟ ଟ୍ରେନିଙ୍କ ସହିତ ଆଲୋଚନା କରାଯାଉଛି।

ଆର୍‌ଏସ୍‌ପିର ପକ୍ଷରୁ ଆର୍ଥିକ ବର୍ଷ-୨୦୨୫ ପାଇଁ ୧୩ଜଣ ମ୍ୟାନେଜମେଣ୍ଟ ଟ୍ରେନି (ବୈଷୟିକ, ଏମ୍‌ଟିଟି)ଙ୍କ ନୂତନ ବ୍ୟାଚ୍‌କୁ ସ୍ୱାଗତ କରାଯାଇଛି। ଯେଉଁମାନେ ଚଳିତ ବର୍ଷ ମାର୍ଚ୍ଚ ୨୨ତାରିଖରେ ଭିଲାଇ ଇସ୍ପାତ କାରଖାନାଠାରେ କେନ୍ଦ୍ରୀୟ ପ୍ରବେଶିକ ପ୍ରଶିକ୍ଷଣ ସମାପ୍ତ କରି ଆରଏସ୍‌ପିରେ ଯୋଗଦାନ କରିଛନ୍ତି। ଗେଟ୍ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇଥିବା ଏହି ନବ ନିଯୁକ୍ତ ଯୁବ ଇଞ୍ଜିନିୟରମାନେ ବିଭିନ୍ନ ବିଭାଗରେ ସେମାନଙ୍କ ବୈଷୟିକ ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ସଂରଚିତ ତାଲିମ ପାଇବେ। ଏହା ସେମାନଙ୍କୁ ସଙ୍ଗଠନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ପ୍ରସ୍ତୁତ କରିବ। ଏହି ପରିପ୍ରେକ୍ଷୀରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱାଗତ ଅଧିବେଶନରେ ନିବନିଯୁକ୍ତ ପରିଚାଳନା ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ଏଚ୍‌ଆର ଏଲ୍ ଏଣ୍ଡ ଡି ବିଭାଗର ସିଜିଏମ୍ ପି. କେ. ସାହୁ ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୁବ ଇଞ୍ଜିନିୟରମାନଙ୍କୁ ସମ୍ବୋଧିତ କରି ବର୍ମା ତାଙ୍କ ଅନ୍ତର୍ଦୃଷ୍ଟି ଓ ବ୍ୟକ୍ତିଗତ ଅଭିଜ୍ଞତା ବ୍ୟକ୍ତ କରିଥିଲେ। ସେମାନଙ୍କୁ ଇସ୍ପାତ କ୍ଷେତ୍ରରେ ନବସୃଜନ ଗ୍ରହଣ କରିବା ସହ ସଙ୍ଗଠନରେ ନୂତନ ଚିନ୍ତାଧାରା ସହ କାର୍ଯ୍ୟାରମ୍ଭ କରିବାକୁ ଉତ୍ସାହିତ କରିଥିଲେ। ବର୍ମା ଅଂଶଗ୍ରହଣକାରୀଙ୍କୁ ସେଲ୍ ଭଳି ଏକ ମହାରତ୍ନ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ବିସ୍ତୃତ ସୁବିଧା ଓ ସୁଯୋଗର ସଦୁପଯୋଗ କରିବା ସହ କାରଖାନାର ଅଭିବୃଦ୍ଧିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ସୁବିଧା ଓ ସୁଯୋଗ ଯେପରିକି ଘର, ଚିକିତ୍ସା ସୁବିଧା ଏବଂ ଅନ୍ୟ ସାମାଜିକ ସୁରକ୍ଷା ଆଦି ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ କାରଖାନାସ୍ତରୀୟ ପ୍ରବେଶିକା ତାଲିମରେ ଏକ ସଂରଚିତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହେବ। ଏଥିରେ ୧ମାସର ଶ୍ରେଣୀଗୃହ ଅଧିବେଶନ ପରେ ୨ମାସର କାରଖାନା ସମ୍ବନ୍ଧୀୟ ଜ୍ଞାନ ସହିତ ଅବଶିଷ୍ଟ ଅବଧି ସେମାନଙ୍କ ନିର୍ଦ୍ଦିଷ୍ଟ ବିଭାଗରେ ଅନ୍‌ଲାଇନ ତାଲିମ ପାଇଁ ଉତ୍ସର୍ଗୀକୃତ ହେବ। ସମ୍ପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମକୁ ଆର୍‌ଏସ୍‌ପିର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ସମନ୍ୱିତ କରାଯାଉଛି।

## ଆର୍‌ଏସ୍‌ପିକୁ ଚାମ୍ପିୟନ ଟାଇଟଲ

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)



ଆର୍‌ଏସ୍‌ପି ଦଳ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

**ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିୟନଶିପ୍**

ଚଳିତ ବର୍ଷ ଦୁର୍ଗାପୁର ଷ୍ଟିଲ କ୍ଲବରେ ମାର୍ଚ୍ଚ ୨୦ରୁ ୨୨ତାରିଖ ଯାଏ ଚାଲିଥିବା ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିୟନଶିପ୍‌ରେ ସେଲ୍ ଆର୍‌ଏସ୍‌ପି ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ଆଲୟ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଆୟୋଜିତ ହୋଇଥିଲା। ଏହି ଚାମ୍ପିୟନଶିପ୍ ରାଉଣ୍ଡ ରବିନ ଲିଗ୍ ଫର୍ମାଟ ଅନୁସରଣ କରିଥିଲା। ଆରଏସ୍‌ପି ଦଳ ପକ୍ଷରୁ ଟିଏଣ୍ଡଆର୍‌ଏମ୍ ବିଭାଗର ସିନିୟର ମ୍ୟାନେଜର ବିନାୟକ ଜେନା, କୋକ୍ ଓଭେନ ବିଭାଗର ସିନିୟର ଟେକ୍ନିସିଆନ ଏନ୍.ଏନ୍ ବେହେରା, ଏସ୍‌ଏମ୍‌ଏସ୍-୨ ବିଭାଗ ଏମ୍‌ଓଏମ୍‌ଟି ଗୋବର୍ଦ୍ଧନ ବେହେରା, ପ୍ଲେଟ ମିଲ୍ ବିଭାଗ ଏମ୍‌ଓଏମ୍‌ଟି ଆଇ.ସି ଭୂୟାଁ ଏବଂ ଏଫ୍‌ଏମ୍‌ଏମ୍ ବିଭାଗର ମାଷ୍ଟର ଟେକ୍ନିସିଆନ ଏସ୍. କେ. ନାୟକ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଆର୍‌ଏସ୍‌ପି ଟିମ୍ ସହ ବ୍ଲାଷ୍ଟ ଫର୍ନେସ ବିଭାଗର ମାଷ୍ଟର ଟେକ୍ନିସିଆନ କୋଚ୍ ତଥା ଖେଳ ମ୍ୟାନେଜର ପି. ସି ସାହୁ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ, ଟୁର୍ଣ୍ଣାମେଣ୍ଟରେ ସ୍ଥିରତା ଓ ଦକ୍ଷତା ପ୍ରଦର୍ଶନ ପୂର୍ବକ ଟିମ୍ ଆରଏସପି ପ୍ରଥମ ରାଉଣ୍ଡରୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲା। ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଶେଷ ରାଉଣ୍ଡରେ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ ଉପରେ ନିର୍ଣ୍ଣାୟକ ବିଜୟ ହାସଲ କରି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲା। ଏଥିରେ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟକୁ ରନର୍ସ ଅପ୍ ଘୋଷଣା କରାଯାଇଥିଲା। ଏଥିସହିତ ବିନାୟକ ଜେନା, ଗୋବର୍ଦ୍ଧନ ବେହେରା ଏବଂ ଏନ. ଏନ୍ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବୋର୍ଡରେ ବ୍ୟକ୍ତିଗତ ବୋର୍ଡ ପୁରସ୍କାର ପାଇଥିଲେ। ଶେଷରେ ପୁରସ୍କାର ବିତରଣ ସମାରୋହରେ ଏଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ଏସ୍. ସୁବରାଜ ଅଧ୍ୟକ୍ଷତା କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ।

# ପାର୍କିଂ ସମସ୍ୟାର ସମାଧାନ ହେଉନି



ରାସ୍ତା ଉପରେ ରହିଥିବା କାର ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେଇଛି।

ସମ୍ବଲପୁର,୨୪।୩(ଭବାନୀ ଶଙ୍କର ଭୋଇ)

- ସମ୍ବଲପୁର ସହରର ରାସ୍ତା ଉପରେ ଲୋକେ ରଖୁଛନ୍ତି ଗାଡି
- ପାର୍କିଂ ଏରିଆ ଚିହ୍ନଟ, ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା ଜରୁରୀ

ପୁରାତନ ସହର ସମ୍ବଲପୁରର ଅଧିକାଂଶ ରାସ୍ତାଗୁଡିକ ଅଣଓସାରିଆ। ଫଳରେ ରାସ୍ତାରେ ଯାନବାହାନ ରଖିବା ଦ୍ୱାରା ଅନେକ ସମୟରେ ଲୋକଙ୍କ ଯାତାୟାତ ପ୍ରଭାବିତ ହୋଇଥାଏ। ବିଶେଷ କରି ସହରରେ ଚାଲିଥିବା ମୋ ବସ୍ ସେବା ପାଇଁ ସବୁଠାରୁ ଅଧିକ ସମସ୍ୟା ଉପୁଜିଛି। ଅନେକେ ଅଣଓସାରିଆ ରାସ୍ତା ଉପରେ କାର ଓ ଅନ୍ୟାନ୍ୟ ପାର୍କିଂ କରିବା ଦ୍ୱାରା ମୋ ବସ୍ ଚଳାଚଳ ପ୍ରବଳ ମାତ୍ରାରେ ବାଧାପ୍ରାପ୍ତ ହେଉଛି। ପରିସ୍ଥିତି ଏପରି ହେଉଛି ଯେ, ପୋଲିସ ହସ୍ତକ୍ଷେପ ଲୋଡା ପଡୁଛି। ବେଆଇନ ପାର୍କିଂ କରୁଥିବା ଗାଡି ମାଲିକ ବା ଡ୍ରାଇଭରଙ୍କୁ ଖୋଜି ବାହାର କରିବା ପରେ ଯାଇ ମୋ ବସ ଆଗକୁ ବଢୁଛି। ଫଳରେ ବସ୍ ରାସ୍ତା ଅତିକ୍ରମ କରି ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଘଣ୍ଟାଘଣ୍ଟା ଲାଗି ଯାଉଛି, ଯାତ୍ରୀ ହଇରାଣ ହେଉଛନ୍ତି। ଗୋଲବଜାରଠାରୁ ଶକ୍ତିଛକ ପର୍ଯ୍ୟନ୍ତ ରାସ୍ତାରେ ନିୟମିତ ଏମିତି ଘଟଣା ଦେଖିବାକୁ ମିଳୁଛି। ଏହାସହ ସହରର ପୁରୁଣା ବସ୍ତି ଅଞ୍ଚଳରେ ଅଧିକାଂଶ ଲୋକଙ୍କ ଘରେ କାର ପାର୍କିଂର ବ୍ୟବସ୍ଥା ନାହିଁ। ଏଥିଯୋଗୁ ସେମାନେ ରିଂ ରୋଡ ଏବଂ ଅନ୍ୟ ସର୍ବସାଧାରଣ ରାସ୍ତାକଡରେ ପାର୍କିଂ କରିଥାନ୍ତି। ଯାହାଦ୍ୱାରା ଭିଡ ସମୟରେ ଲୋକେ ରାସ୍ତା ନପାଇ ହଇରାଣ ହେଉଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଗାଡି ମାଲିକ ଓ ଜନସାଧାରଣଙ୍କ ମଧ୍ୟରେ ବଚସା ହେଉଛି। ମହାନଗର ନିଗମକୁ ଅଭିଯୋଗ କଲେ ଗାଡିଗୁଡିକୁ ଫାଇନ କଟାଯାଉଛି। କିଛିଦିନ ରାସ୍ତାରେ ପାର୍କିଂ ବନ୍ଦ ହେଉଛି, ହେଲେ ପରେ ଯେଉଁ ଅବସ୍ଥାକୁ ସେଇଆ। ଅନ୍ୟ ଉପାୟ ନଥିବାରୁ ଲୋକେ ପୁଣି ରାସ୍ତା ଉପରେ ପାର୍କିଂ ଆରମ୍ଭ କରନ୍ତି। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ସମ୍ବଲପୁରରେ ସଙ୍କୁଚିତ ରାସ୍ତାରେ ଯାତାୟତ ଏକ ବିରାଟ ସମସ୍ୟା ହେବାକୁ ବସିଛି। ଏହାକୁ ନେଇ ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କୁ ପଚାରିବାରୁ ସେ ଏହି ସମସ୍ୟା ପ୍ରତି ଅବଗତ ଥିବା କହିଛନ୍ତି। ତେବେ ସେ କହିଛନ୍ତି, ବିକଳ୍ପ ବ୍ୟବସ୍ଥା ନ କରି ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଜନସାଧାରଣ ହଇରାଣ ହେବେ। ଖାସ କରି ସହରରେ ଯେତେଦିନ ଯାଏଁ ପାର୍କିଂ ଏରିଆ ଚିହ୍ନଟ କରାଯାଇନାହିଁ ସେତେ ଦିନ ପର୍ଯ୍ୟନ୍ତ ରାସ୍ତା ଉପରେ ଗାଡି ରଖିଲେ ଲୋକଙ୍କ ଉପରେ ଫାଇନ କାଟିଲେବି ଲୋକେ କ'ଣ କରିବେ। ସେଥିପାଇଁ ସହରରେ ସ୍ୱତନ୍ତ୍ର ପାର୍କିଂ ଏରିଆ ଚିହ୍ନଟ ସହ ଏହାକୁ ଦେୟଯୁକ୍ତ କରାଯିବା ଜରୁରି ବୋଲି ସେ ମତ ରଖିଛନ୍ତି। ସମ୍ବଲପୁର ସହରରେ ବର୍ତ୍ତମାନ ୪ ଲରୁ ଅଧିକ ଲୋକ ବସବାସ କରୁଛନ୍ତି। ଆଗାମୀ ଦନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହରର ପାଞ୍ଚରୁଛଅଟିସ୍ଥାନରେ ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଆବଶ୍ୟକତା ରହିଛି। ସମଲେଇ ମନ୍ଦିର ପରିସରରେ ୫ଶହରୁ ଅଧିକ କାର ରହିବାର ବ୍ୟବସ୍ଥା ରହିଛି। ଦିନବେଳା ପର୍ଯ୍ୟଟକ ଏବଂ ଯାତ୍ରୀମାନେ ସେଠାରେ ଗାଡି ରଖୁଛନ୍ତି। ଏଭଳି ସ୍ଥିତିରେ ମନ୍ଦିରର ପାର୍କିଂ ଏରିଆକୁ ରାତିରେ ସହରବାସୀଙ୍କ ପାଇଁ ଦେୟଯୁକ୍ତ ବ୍ୟବହାର ଦିଗରେ ଚିନ୍ତା କରାଯିବା ଉଚିତ ବୋଲି କେତେଜଣ ସଚେତନ ନାଗରିକ ମତ ରଖିଛନ୍ତି।

### ସେମାନେ ଯାହା କହନ୍ତି....



"ପୁରୁଣା ବସ୍ତି ଅଞ୍ଚଳରେ କାର ଓ ଅନ୍ୟାନ୍ୟ ଘରୋଇ ଯାନବାହନ ରଖିବା ପାଇଁ ଅଧିକାଂଶ ଲୋକଙ୍କ ପାର୍କିଂ ସୁବିଧା ନାହିଁ। ଆଖପାଖରେ ଭଡା ସୂତ୍ରରେ ବି ରଖିବା ପାଇଁ ସ୍ଥାନ ମିଳୁନାହିଁ। ତେଣୁ ରୋଡକଡ, ରିଂରୋଡରେ ରଖିବାକୁ ବାଧ ହେଉଛୁ। ପେଡ ପାର୍କିଂ ବ୍ୟବସ୍ଥା କରାଗଲେ ସୁବିଧା ହୁଅନ୍ତା। ଏଥିପ୍ରତି ମହାନଗର ନିଗମ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

**-ସବିତା ନନ୍ଦ, ହାଟପଡା ବାସିନ୍ଦା ।**



"ସରକାରୀ ଜାଗାରେ ଜବରଦଖଲ ଉଚ୍ଛେଦ କରାଯାଇ ମହାନଗର ନିଗମ ପକ୍ଷରୁ ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା କରାଗଲେ ଜନସାଧାରଣ ଉପକୃତ ହୋଇ ପାରନ୍ତେ । ରିଂ ରୋଡ ଉପରେ ମଧ ଚାପ କମନ୍ତା । ଆଗାମୀ ଦିନରେ ରିଭର ଭିୟୁ ନିର୍ମାଣ ହେବା ପୂର୍ବରୁ ପେଡ ପାର୍କିଂ ସୁବିଧା କରାଯିବା ଜରୁରି।

**-ମନୋଜ ମିଶ୍ର, ନନ୍ଦପଡା ବାସିନ୍ଦା**

# ୧୨୮୦ କୁକୁରଙ୍କ ହୋଇଛି ବନ୍ଧ୍ୟାକରଣ

ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)



ବୁର୍ଲା ପ୍ରାଣୀ ଚିକିତ୍ସାଳୟରେ କୁକୁର ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଉଛି।

ଲୋକଙ୍କୁ କୁକୁର ଆକ୍ରମଣରୁ ରକ୍ଷା ପାଇଁ ଆରମ୍ଭ ହୋଇଥିବା ଅଭିଯାନ ସ୍ୱରୂପ ଚଳିତବର୍ଷ ଏପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମସି) ପକ୍ଷରୁ ୧୨୮୦ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଛି। ବର୍ଷକ ମଧ୍ୟରେ ୧ ହଜାର ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ଷ ପୂରିବାକୁ ଆହୁରି ୩ ମାସ ବାକି ରହିଛି। ଏହି ଅବଧି ମଧ୍ୟରେ ଲକ୍ଷ୍ୟଠାରୁ ଅଧିକ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇ ସାରିଛି ବୋଲି ଏସ୍‌ଏମ୍‌ସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୋମବାର ବୁର୍ଲା ପ୍ରାଣୀ ଚିକିତ୍ସାଳୟରେ ଏଏସ୍‌ଏମ୍‌ସି ପକ୍ଷରୁ ହୋଇଥିବା ସହରର ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଛି। ସହରର ବିଭିନ୍ନ ସ୍ଥାନରୁ ବୁଲା କୁକୁରମାନଙ୍କୁ ଏସ୍‌ଏମସିର ଡଗ୍‌କ୍ୟାଚର(କୁକୁର ଧରାଳି)ମାନେ ଧରିବା ପରେ ପ୍ରାଣୀ ଚିକିତ୍ସାଳୟରେ ପଶୁଡାକ୍ତରଙ୍କ ଦ୍ୱାରା ସେମାନଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଛି। ସୋମବାର ଗୋଟିଏ ଦିନରେ ୧୦ରୁ ଅଧିକ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ପରେ ଏସ୍‌ଏମସି ପକ୍ଷରୁ କିଛିଦିନ ପାଇଁ ଉକ୍ତ କୁକୁରମାନଙ୍କ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ନେଇ ସୁସ୍ଥ ହେଲା ପରେ ଏସ୍‌ଓପି ଅନୁଯାୟୀ ସେମାନଙ୍କୁ ଧରିଥିବା ସ୍ଥାନରେ ଛାଡି ଦିଆଯାଇଥାଏ। ସେହିପରି ଅସ୍ତ୍ରୋପଚାର ହୋଇଥିବା କୁକୁରମାନଙ୍କ ଚିହ୍ନଟ ପାଇଁ ସୋମନଙ୍କ ଗୋଟିଏ କାନକୁ ସାମାନ୍ୟ କାଟି ଛାଡ଼ି ଦିଆଯାଇଥାଏ।

# ଜେଏସ୍‌ଡବ୍ଲ୍ୟୁରେ ଅନ୍ତର୍ଜାତୀୟ ବନ ଦିବସ



ଜେଏସଡବ୍ଲୁ-ବିପିଏସଏଲ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

ସମ୍ବଲପୁର,୨୪।୩(ଭବାନୀ ଶଙ୍କର ଭୋଇ)

ଜେଏସଡବ୍ଲ୍ୟୁ-ବିପିଏସଏଲ ପକ୍ଷରୁ ଅନ୍ତର୍ଜାତୀୟ ବନ ଦିବସ ଏବଂ ସବୁଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ କାରଖାନାର ମୁଖ୍ୟ ପାଚେରି କଡ଼ରେ ୨୫ଶହ ଚାରାରୋପଣ କରାଯାଇଥିଲା। ସୁସ୍ଥ ଓ ସବୁଜ ପରିବେଶ ସୃଷ୍ଟି ନିମନ୍ତେ ଏଭଳି ପ୍ରୟାସ କରାଯାଇଥିଲା ବୋଲି ବୋଲି ଜେଏସଡବ୍ଲ୍ୟୁ-ବିପିଏସଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ଜେ.ପି.ସିଂହ କହିଥିଲେ। ଏହି ଅଭିଯାନ ଦ୍ୱାରା କାରଖାନା ଚତୁଃପାର୍ଶ ସୁନ୍ଦର ଦେଖାଯିବା ସହ ଆମର ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ଛାଡ଼ିଯିବା ବୋଲି ଜେ.ପି.ସିଂହ କହିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସମ୍ବଲପୁର,୨୪।୩(ବି.ଶଙ୍କର)

ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ସୋମବାର ସକାଳ ୯ଟାରେ ପାଳିତ ହୋଇଯାଇଛି।ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରୁ ଜନସାଧାଣ ସମବେତ ହୋଇ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳମତ ନିର୍ବିଶେଷରେ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତାମାନେ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁଶ୍ରୀ ପ୍ରମିଳା ବହିଦାର, ସମ୍ବଲପୁର ପୌର ପରିଷଦର ପୂର୍ବତନ ନଗରପାଳ ତଥା ଭାଜପା ଜିଲା ସଭାପତି ଗିରିଶ ପଟେଲ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ବରିଷ୍ଠ ନାଗରିକ ରତ୍ନଭୂଷଣ ପୃଷେଠ, ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପଣ୍ଡା, ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର, ରାଜେନ୍ଦ୍ର ସତନାମୀ, ସଙ୍ଗୀତା ପୁରୋହିତ, ରାମେଶ୍ୱର ପୁରୋହିତ, ସୋନାଲିସା ପୁରୋହିତ, ଅଶୋକ କୁମାର ଚାନ୍ଦ, ଆନନ୍ଦ କୁମାର ପତି, ଶ୍ରୀକାନ୍ତ ପାଣ୍ଡେ, ଭୂଷଣ ମେହେର, ସୂର୍ଯ୍ୟକାନ୍ତି ପଟେଲ, ଲକ୍ଷ୍ମଣ ବର୍ଗତି ଯୋଗଦେଇ ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀରେ ଅତିଥି ଓ କର୍ମକର୍ତ୍ତା ।

# ୬୨ ଅଭିଯୋଗ ପଞ୍ଜୀକୃତ

## ସମସ୍ୟାର ସମାଧାନ ହେଉନଥିବାରୁ ଅଭିଯୋଗକାରୀଙ୍କ କ୍ଷୋଭ




ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ନାକଟିଦେଉଳ,୨୪।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟର ସଭା ସମ୍ମିଳନୀ କକ୍ଷରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଧୁବାବୁ ପେନସନ ଯୋଜନାରେ ଭତ୍ତା, ରାସନ କାର୍ଡ, ଆବାସ ଯୋଜନାରେ ଘର, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଘାଟ ଏବଂ ମୋବାଇଲ ନେଟୱାର୍କ ସମସ୍ୟା ନେଇ ୬୨ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୧୨ଟି ଗୋଷ୍ଠୀଗତ ଏବଂ ୫୦ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣୀ କରିବା ସହ ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ଖରାକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ନାକଟିଦେଉଳ ବ୍ଲକ ଅଞ୍ଚଳରେ ପ୍ରାୟ ୫୦ ନଳକୂପ ଖନନ କରିବାକୁ ରେଢ଼ାଖୋଲ ବିଧାୟକ ଚଠି କରିଥିଲେ ମଧ ଅଦ୍ୟାବଧି ଗୋଟିଏ ହେଲେ ନଳକୂପ ଖୋଲା ଯାଇ ନ ଥିବା ଏବଂ ପୂର୍ତ୍ତ ବିଭାଗର ନାକଟିଦେଉଳ କନିଷ୍ଠଯନ୍ତ୍ରୀ ଶିବିରରେ ଅନୁପସ୍ଥିତ ରହି ନିଜର ଜଣେ ବେସରକାରୀ ସହାୟକଙ୍କୁ ପଠାଇ ଥିବାରୁ ଏହାକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅଭିଯୋଗକାରୀ ପ୍ରତ୍ୟେକ ଥର ଅଭିଯୋଗ ଶୁଣାଣୀ ଶିବିରକୁ ଆସି ଜିଲାପାଳଙ୍କଠାରେ ଅଭିଯୋଗ କରି ଆସୁଥିଲେ ମଧ ଆଜିଯାଏ ଏହାର ସମାଧାନ ହୋଇ ପାରୁ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଶିବିରରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶନ୍ନ କୁମାର ପାତ୍ର, ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଏସଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରମୁଖ ଯୋଗଦେଇଥିବା ବେଳେ ଜିଲା, ଉପଖଣ୍ଡ ଏବଂ ବ୍ଲକ ସ୍ତରର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଭିଭାବକ ଆମ ଅଂଶୀଦାର ବୈଠକ




ବୈଠକରେ ଉପସ୍ଥିତ ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷ।

ଜମନକିରା, ୨୪।୩(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବିଭାବକ ଆମ ଅଂଶୀଦାର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଜ୍ୟୋର୍ତିର୍ମୟୀ ଜ୍ୟୋସ୍ନା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଭିଭାବକ ଅଭିଭାବିକାମାନେ ଉପସ୍ଥିତ ରହି ବିଦ୍ୟାଳୟ, ହଷ୍ଟେଲ ଏବଂ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଅନୁଷ୍ଠାନ ଗତ ୩ବର୍ଷରୁ ଅଧିକ ଦିନ ହୋଇ ସାରିଥିବା ବେଳେ ଅଦ୍ୟାବଧି ପ୍ରାକ୍ଟିକାଲ ଲାବରୋଟାରି ହୋଇ ନଥିବା ଯୋଗୁ ଛାତ୍ରୀଛାତ୍ର ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ, ବରିଷ୍ଠ ଅଧ୍ୟାପିକା ଉପମା ନାଏକ, ସୁନୀତା ବେହେରା, ଅଧ୍ୟାପକ ରାକେଶ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଶେଷରେ ବରିଷ୍ଠ ଅଧ୍ୟାପିକା ସମଲେଶରୀ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ରୋନ ପାଇଲଟିଂ ପ୍ରଶିକ୍ଷଣ ନେଲେ ଚାଷୀ ନୀଳାଦ୍ରି

କୁଚିଣ୍ଡା,୨୪।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କବରିବାହାଲ (ସେଗାପଡା) ଗ୍ରାମର ନିଳାଦ୍ରୀ ବିହାରୀ ପଟେଲ ଡ୍ରୋନ ମାଧ୍ୟମରେ ଚାଷ ପାଇଁ ପାଇଲଟିଂ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି। ସେ ତେଲଙ୍ଗାନା ରାଜ୍ୟର ହାଇଦ୍ରାବାଦ (ରାଜେନ୍ଦ୍ରନଗର) ପ୍ରୋଜେକ୍ସନ ଜୟଶଙ୍କର ତେଲେଙ୍ଗାନା ଏଗ୍ରିକଲଚରାଲ ଇନଭରସିଟି (ପିଜେଟିଏସ୍ୟୁ) ଡ୍ରୋନ ଏକାଡେମୀ ଅନୁଷ୍ଠାନରୁ ଗତ ୧୭ରୁ ୨୨ ପର୍ଯ୍ୟନ୍ତ ୬ଦିନ ଧରି ଡ୍ରୋନ ପାଇଲଟିଂ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଥମଥର ପାଇଁ ଡ୍ରୋନ ମାଧ୍ୟମରେ ଚାଷ ପାଇଁ ଓଡ଼ିଶାରୁ ନୀଳାଦ୍ରୀଙ୍କ ସହ ବରଗଡ ଜିଲାର ସଞ୍ଜୟ ବାରିକ ନାମକ ୨ଚାଷୀ ଏହି ଡ୍ରୋନ ପାଇଲଟ ପାଇଁ ପ୍ରଶିକ୍ଷଣ ନେଇଥିଲେ। ଡ୍ରୋନ ମାଧ୍ୟମରେ କୀଟନାଶକ, ଘାସମରା, ନାନୋ ଏବଂ ଦାନାଦାର ସାର ପ୍ରୟୋଗ, ମଞ୍ଜି ବୁଣା ଆଦି କାର୍ଯ୍ୟ ହୋଇପାରିବ ବୋଲି ଚାଷୀ ନିଳାଦ୍ରୀ କହିଛନ୍ତି। ସେ ପ୍ରଶିକ୍ଷଣ ନେଇ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମାରୁତ ନାମକ କମ୍ପାନୀରୁ ଡ୍ରୋନ କିଣିବାକୁ ଅଗ୍ରିମ ଦେଇ ବୁକିଂ କରିଥିବା କହିଛନ୍ତି। ପ୍ରକାଶଥାଉକି, ଏହି ଡ୍ରୋନ ୧ଏକର ଜମିରେ ମାତ୍ର ୬ମିନିଟରେ ୧୦ଲିଟର ପାଣି ସିଞ୍ଚନ କରି ପାରିବ। ପ୍ରଶିକ୍ଷଣ ପ୍ରଦାନ କରିଥିବା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଡ୍ରୋନ ପାଇଲଟିଂ ସହ ପ୍ରଶିକ୍ଷଣ ସାର୍ଟିଫିକେଟ ପ୍ରଦାନ କରାଯାଇଛି।



ପିଜେଟିଏସ୍ୟୁ ଡ୍ରୋନ ଏକାଡେମୀ ପକ୍ଷରୁ ନୀଳାଦ୍ରିଙ୍କୁ ସର୍ଟିଫିକେଟ ପ୍ରଦାନ କରାଯାଉଛି।

# ସହାୟତା ରାଶି ବଣ୍ଟନ କଲେ ଜିଲାପାଳ

ନାକଟିଦେଉଳ, ୨୪।୩ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ସୋମବାର ଜାତୀୟ ପରିବାର ମଙ୍ଗଳ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ୬ ଜଣ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଚେକ ଆକାରରେ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର କୁମାର ମହାନନ୍ଦ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ଉପସ୍ଥିତ ଥିଲେ।

# ଜଳସାଥୀଙ୍କ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)



ଶୋଭାଯାତ୍ରାରେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଅଭିମୁଖେ ଜଳସାଥୀ ସଂଘ ସଦସ୍ୟମାନେ।

ଓଡ଼ିଶା ଜଳସାଥୀ ମହାସଂଘ ସମ୍ବଲପୁର ମଣ୍ଡଳ ପକ୍ଷରୁ ସୋମବାର ବିଭିନ୍ନ ଦାବିରେ ସମ୍ବଲପୁରରେ ଅବସ୍ଥାପିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦିଆଯାଇଛି। ସଂଘର ମଣ୍ଡଳ ଅଧକ୍ଷା ବିଶାସିନୀ ପ୍ରଧାନ ଓ ରାଜ୍ୟ ଉପଦେଷ୍ଟା ସୁଦର୍ଶନ ଛୋଟରାୟଙ୍କ ନେତୃତ୍ୱରେ ସଦସ୍ୟ ଜଳସାଥୀମାନେ ସ୍ଥାନୀୟ ଲକ୍ଷ୍ମୀଟକିଜ ଛକ ମହିଳା ଥାନା ନିକଟରୁ ଏକ ରାଲିରେ ବାହାରି ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଏହି ଅବସରରେ ଜଳସାଥୀ ସଂଘର ଏକ ପ୍ରତିନିଧି ଦଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ ସାକ୍ଷାତ କରି ୨୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଥିମଧ୍ୟରେ ଜଳସାଥିମାନଙ୍କୁ ରାଜ୍ୟ ସରକାରଙ୍କ ସେବା ପ୍ରଦାନକାରୀ ଭାବେ ମାନ୍ୟତା ପ୍ରଦାନ, ନିୟମିତ ଦରମା ଓ ସାମାଜିକ ସୁରକ୍ଷାର ସୁବିଧା ସହିତ ଆନୁଷ୍ଠାନିକ ସ୍ଥିତି ସୁନିଶ୍ଚିତ କରିବା, ଇନ୍‌ସେନଟିଭ୍ ହାରକୁ ୧୦ପ୍ରତିଶତକୁ ବୃଦ୍ଧି, ସମସ୍ତଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା, ସର୍ବନିମ୍ନ ମଜୁରୀ ଆଇନ ତଥା କୁଶଳୀ ଶ୍ରମିକଙ୍କ ଭଳି ସରକାରଙ୍କ ନିର୍ଦ୍ଧାରିତ ହାରରେ ନିୟମିତ ବେତନ, ବାର୍ଷିକ ବୋନସ ପ୍ରଦାନ, ୟୁନିଫର୍ମ, ଜୋତା, ଛତା, ଗ୍ଲୋଭସ ଓ ଦୁଇଚକିଆ ଯାନ ଯୋଗାଇ ଦେବା, ସଂଗୃହୀତ ବିଲ ଦେୟ ଜମା କରିବାରେ ସାହାଯ୍ୟ କରିବାକୁ ସେମାନଙ୍କ ଜମାଖାତାରେ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ବ୍ୟାଙ୍କ ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ, ପ୍ରୋଭିଡେଣ୍ଟ ପାଣ୍ଠି ଓ ଗ୍ରାଚ୍ୟୁଇଟି ପ୍ରଦାନ, ସର୍ବନିମ୍ନ ମାସିକ କ୍ଷେତ୍ର ଭତ୍ତା, ଖାଦ୍ୟ, ମୋବାଇଲ ଭତ୍ତା ପ୍ରଦାନ, ମୃତ୍ୟୁକାଳୀନ ସହାୟତା ବାବଦରେ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ସମସ୍ତ ଜଳସାଥୀଙ୍କୁ ବୈଷୟିକ ତାଲିମ ଦେବା ଆଦି ଦାବି ଅନ୍ତର୍ଭୁକ୍ତ। ଏହି ଅବସରରେ ଜଳସାଥୀ ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୧୯ ମସିହାରେ ରାଜ୍ୟରେ ଜଳ ଯୋଗାଣ ପରିଚାଳନାରେ ପ୍ରୋତ୍ସାହିତ କରିବା ପାଇଁ ୫ଟି ଅଧୀନରେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଜଳସାଥୀ ପଦକ୍ଷେପ ଆରମ୍ଭ କରାଯାଇଥିଲା। ରାଜ୍ୟର ବିଭିନ୍ନ ମହାନଗର ନିଗମ, ୪୫ ପୌରପରିଷଦ ଓ ୫୯ ଏନଏସିରେ ୮୬୦ ଜଳସାଥୀ ନିୟୋଜିତ ହୋଇଛନ୍ତି। ଅନ୍ତତଃ ସେମାନଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ଯତ୍ନଶୀଳ ହେବା ଆବଶ୍ୟକ। ଏଥିରେ ମଣ୍ଡଳ ଉପଦେଷ୍ଟା ଡା. ରାଜାରାମ ଷଡ଼ଙ୍ଗୀ, ବଲାଙ୍ଗୀରର ଲୋକେଶ୍ୱରୀ ସାହୁ, ଝରସୁଗୁଡ଼ାରୁ ପିଙ୍କି କୋଠିଆ, ରାଉରକେଲାରୁ ସବିତା ଓ ଜ୍ୟୋସ୍ନା, ସୋନପୁରରୁ ସୀମା ପ୍ରମୁଖଙ୍କ ସହିତ ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଆଦି ଜିଲାରୁ ଶତାଧିକ ଜଳସାଥୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ୨୯ରୁ ବାସନ୍ତିକ ନବରାତ୍ର ଦୁର୍ଗାପୂଜା

**ପଦ୍ମପୁର ୨୪।୩ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବଡ଼ବନ୍ଧ ସ୍ଥିତ ବନଦୁର୍ଗା ମନ୍ଦିରରେ ଆସନ୍ତା ୨୯ ରୁ ୭ ଏପ୍ରିଲ ଯାଏ ପଦ୍ମପୁର ବନଦୁର୍ଗା ମନ୍ଦିରରେ ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଅନୁଷ୍ଠିତ ହେବ। କଳସ ଅଧିବାସ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ମଙ୍ଗଳ ଆଳତି, ଚଣ୍ଡୀହୋମ, ଶାନ୍ତିହୋମ, ଅପରାଜିତା ପୂଜା ସହ ପ୍ରତ୍ୟହ ଅନ୍ନଭୋଗ ବଣ୍ଟନ କରାଯିବ ବୋଲି ବନଦୁର୍ଗା ମନ୍ଦିର ପୂଜା କମିଟି ସଭାପତି ଡ. ପ୍ରଭାତ ନାରାୟଣ ତ୍ରିପାଠୀ ଏବଂ ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ଏବଂ ସଦସ୍ୟ ଅନିଲ ବେହେରା ସୂଚନା ଦେଇଛନ୍ତି ।

### ଭେରୁଆମୁଣ୍ଡା ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଇକମାଳ,୨୪।୩(ବଡ଼ ଶତପଥୀ):** ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପ୍ରଧାନ ଶିକ୍ଷକ ଲିଙ୍ଗେଶ୍ୱର ମୁଟୁକିଆଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବାର୍ଦ୍ଧନା ସଭା କରାଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସୁବାଷ ଚନ୍ଦ୍ର ମାଝୀ, ଫିରୋଜ ମହମ୍ମଦ,ମୋତିରାମ ବରିହା ଓ ଟିକେ ଦୁର୍ଗା ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥାଇ ଛାତ୍ରଛାତ୍ରୀଙ୍କୁ ପାଠପଢାରେ ଉଚିତ ମାର୍ଗଦର୍ଶନ ଦେଇ କିପରି ସମାଜରେ ଭଲ ମଣିଷ ହେବ ଏନେଇ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଶେଷରେ ଶିକ୍ଷକ ସୁବାସ ଚନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ।

### ଗୋବିନ୍ଦପୁରରେ ନାମଯଜ୍ଞ ଉଦ୍ୟାପିତ

**ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମରେ ଚବିଶ ପ୍ରହରୀ ନାମଯଜ୍ଞ ରବିବାର ଉଦ୍ୟାପିତ ହୋଇଯାଇଛି। ପଣ୍ଡିତ ବସୁଦେବ ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ଯୀଶୁକ୍ରୀଷ୍ଣ ଦାଶ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ପହଣ୍ଡି, ପଲସଦା, କୁଲୁଣ୍ଡା, ଛତିଶଗଡ଼ ରାଜ୍ୟ କାଞ୍ଚନପୁର ଆଦି ଅଞ୍ଚଳର ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ଉଦ୍ୟାପନୀରେ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ରଞ୍ଜନ ଦାଶ, ଆଶିଷ ନାଏକ, ଉତ୍ତର ସାହୁ, ମନୋଜ ବାରିକ, ଶେଷଦେବ ସାହୁ, ରୋହିତ ଭୋଇ, ନିତ୍ୟାନନ୍ଦ ନାଏକ, ନରୋତ୍ତମ ସରାଫ, ଅଶୋକ ସାହୁ, ବୁଦ୍ଧଦେବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନାମଯଜ୍ଞରେ ଯୋଗଦେଇଥିବା ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଉଚ୍ଛେଦ ନ ହେଲେ ପୌର ପରିଷଦ ହେବ ଅଚଳ

**ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)**


ଉଚ୍ଛେଦ ଦାବି ନେଇ ପୌର ପରିଷଦ କାର୍ଯ୍ୟାଳୟରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟବୃନ୍ଦ।

**ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରାବ୍ରିଜ ରାସ୍ତା ଜବରଦଖଲ**
- ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ
- ଉଚ୍ଛେଦ ଦାବିରେ ଆଜି ଜିଲାପାଳଙ୍କୁ ଭେଟିବେ

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଏବଂ ପ୍ରଶସ୍ତୀକରଣ ଦାବି ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି। ସୋମବାର ସ୍ଥାନୀୟ ସମଲେଶ୍ୱରୀ ସଂଘ ନେତୃତ୍ୱରେ ସହରର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ବରଗଡ଼ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କୁ ଘେରାଦ୍ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ତୁରନ୍ତ ଉଚ୍ଛେଦ ଏବଂ ପ୍ରଶସ୍ତୀକରଣ କରା ନ ଗଲେ ପୌର ପରିଷଦକୁ ଅଚଳ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ସେହିପରି ଏହି ସ୍ଥାନ ଉଚ୍ଛେଦ ନ ହେବା ଯାଏ ସହରର ଅନ୍ୟ କୌଣସି ସ୍ଥାନରେ ମଧ୍ୟ ଉଚ୍ଛେଦ ପ୍ରକ୍ରିୟା ନ କରିବାକୁ ଦାବି ହୋଇଛି। ଅନ୍ୟପଟେ ଏଭଳି ଦାବି ନେଇ ମଙ୍ଗଳବାର ସମଲେଶ୍ୱରୀ ସଂଘ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ପ୍ରକାଶ ଯେ, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ୨୦୨୩ରେ ଏହି ଦାବି ଜୋର୍ ଧରିଥିଲା। ସମଲେଶ୍ୱରୀ ସଂଘ ଏବଂ ଜିଲା ଓକିଲ ସଂଘ ନେତୃତ୍ୱରେ ଦୃଢ଼ ଦାବି କରାଯିବା ପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଜବରଦଖଲକାରୀମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ପରେ ସେଥିରେ ରହିତାଦେଶ ଲାଗିଥିଲା। କିନ୍ତୁ ଇତିମଧ୍ୟରେ ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ୩ଥର ରାୟ ଦେଇ ସାରିଥିବାବେଳେ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ପୌର ପରିଷଦକୁ ଆଦେଶ କରି ସାରିଛନ୍ତି।

ଏହାସତ୍ତ୍ୱେ ପୌର ପରିଷଦ ଏ ଯାଏ ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲକୁ ଉଚ୍ଛେଦ କରି ପାରି ନାହିଁ। ଚିରାଚରିତ ଢଙ୍ଗରେ ଜବରଦଖଲକାରୀଙ୍କୁ କେବଳ ନୋଟିସ୍ ପରେ ନୋଟିସ୍ କରୁଛି। ଅନ୍ୟପଟେ ବିନା ନୋଟିସ୍‌ରେ ଗରିବ, ଖଟିଖିଆ ଲୋକଙ୍କ ଠେଲା ଦୋକାନ, ଘରକୁ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ଗତ ୨୨ତାରିଖ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସମଲେଶ୍ୱରୀ ସଂଘ ଆହ୍ୱାନରେ ବରଗଡ଼ ଜିଲା ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଏକ ସଭା ହୋଇଥିଲା। ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦରେ ପୌର ପ୍ରଶାସନର ଅପାରଗତାକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସେହି ସଭାର ନିଷ୍ପତ୍ତିକ୍ରମେ ସୋମବାର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ରହିଛି। ୧୦ଦିନ ମଧ୍ୟରେ ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ସହିତ ପ୍ରଶସ୍ତୀକରଣ କରା ନ ଗଲେ ପୌର ପରିଷଦକୁ ଅଚଳ କରି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ଆବଶ୍ୟକ ହେଲେ ଏହି ଦାବି ନେଇ ବରଗଡ଼ ବନ୍ଦ ଡାକରା ଦେବା ପାଇଁ ମଧ୍ୟ ପ୍ରସ୍ତୁତି ଜୋରଦାର୍ ଚାଲିଥିବା ସୂଚନା ମିଳିଛି। ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ସଚେତନ ନାଗରିକବୃନ୍ଦ ଉପସ୍ଥିତ ଥିଲେ।

# ନିଖୋଜ ନାବାଳିକାଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)**


ଗିରଫ ଅଭିଯୁକ୍ତ।

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଏକ ଗ୍ରାମରୁ ନିଖୋଜ ନାବାଳିକା(୧୭ବର୍ଷ)ଙ୍କୁ ଅପହରଣ ଏବଂ ହତ୍ୟା ମାମଲାରେ ସୋମବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେଠାରୁ ତାଙ୍କୁ ବରଗଡ଼ ଜିଲା କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅତାବିରାର ରାଜ ବାରିକ(୨୦)। ତାଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୧୪୦/୨୫)ରୁଜୁହୋଇଛି।

ଘଟଣା ସମ୍ପର୍କରେ ବରଗଡ଼ ଅତିରିକ୍ତ ଏସ୍‌ପି ଇନ୍ଦୁପ୍ରଭା ପଶ୍ଚିମକବାଟ କହିଛନ୍ତି, ଗତ ୨୦ତାରିଖ ରାତିରୁ ନାବାଳିକା ଜଣଙ୍କ ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ପରିବାର ଲୋକଙ୍କ ଏତଲାକୁ ଆଧାର କରି ପୋଲିସ ଅନୁସନ୍ଧାନ ଚଲାଇଥିଲା। ସିସିଟିଭି ଫୁଟେଜ୍‌ରୁ ୨ଜଣ ଯୁବକ ଏକ ବାଇକ୍ ଯୋଗେ ସମ୍ପୃକ୍ତା ନାବାଳିକାଙ୍କୁ ନେଇ ଯାଉଥିବା ଜଣାପଡ଼ିଥିଲା। ନିଖୋଜ ନାବାଳିକାଙ୍କ ମୃତଦେହ ବୁର୍ଲା ଥାନା ଅଶୋକ ନିବାସ ନିକଟ ଏକ ଜଙ୍ଗଲରେ ଗତ ରବିବାର ପଡ଼ିଥିବା ସୂଚନା ମିଳିଥିଲା। ସେଠାରୁ ନାବାଳିକାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭିମସାର୍ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା।

ପାରିପାର୍ଶ୍ୱିକ ସ୍ଥିତିରୁ ନାବାଳିକାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ରାଜଙ୍କୁ ପୋଲିସ ଧରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜାଖୋଜି କରିବା ସହିତ କେଉଁ କାରଣ ପାଇଁ ନାବାଳିକାଙ୍କୁ ହତ୍ୟା କରାଯାଇଛି, ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଅତିରିକ୍ତ ଏସ୍‌ପି ପଶ୍ଚିମକବାଟ କହିଛନ୍ତି। ଅପରପକ୍ଷେ ବରଗଡ଼ ସହର ଉପକଣ୍ଠରେ ରହିଥିବା ଏକ ଅନାଥାଶ୍ରମରୁ ଗତ ୧୯ତାରିଖରୁ ଅନ୍ୟଜଣେ ନାବାଳିକା ନିଖୋଜ ହୋଇଛନ୍ତି। ଏ ନେଇ ମଧ୍ୟ ଥାନାରେ ନିଖୋଜ ମାମଲା ରୁଜୁ ହୋଇଛି। ଉକ୍ତ ନାବାଳିକାଙ୍କୁ ଏଯାଏ ପୋଲିସ ଠାବ କରି ପାରି ନାହିଁ। ସେ ନେଇ ମଧ୍ୟ ତଦନ୍ତ ଜାରି ରହିଥିବା ଅତିରିକ୍ତ ଏସ୍‌ପି ପଶ୍ଚିମକବାଟ କହିଛନ୍ତି।

# ବୁବୁଡ଼ାରେ ବାଟ କଡୁଆଲର ବାର୍ଷିକୋତ୍ସବ


ପତ୍ରିକା ବାଟ କଡୁଆଲ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ପଦ୍ମପୁର, ୨୪।୩ (ପ୍ରଦୀପ୍ତ ଦାଶ)**

ପଶ୍ଚିମ ଓଡ଼ିଶା ସାଧାରଣ ଜନତାଙ୍କ ଭାବାବେଗ ସହିତ ଜଡ଼ିତ ଥିବା ସମ୍ବଲପୁରୀ କୋଶଲି ଭାଷା ସ୍ୱୀକୃତି ପାଇଁ ଏବଂ ରାଜ୍ୟର ଦ୍ୱିତୀୟ ଭାଷା ପାଇଁ ସରକାର ତତ୍ପରତା ପ୍ରକାଶ କରନ୍ତୁ ବୋଲି ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ବୁବୁଡ଼ା ଗ୍ରାମରେ ଅନୁଷ୍ଠିତ ବାଟ କଡୁଆଲର ବାର୍ଷିକୋତ୍ସବରେ ମତ ପ୍ରକାଶ ପାଇଛି। ବରଗଡ, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ନୂଆପଡ଼ା, କଳାହାଣ୍ଡି ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ସଂଖ୍ୟାରେ କବି, ଲେଖକ, ସାହିତ୍ୟିକ, ସାହିତ୍ୟପ୍ରେମୀମାନେ ଯୋଗଦାନ କରି ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଯୁବ ସାହିତ୍ୟିକ ସୁରେନ୍ଦ୍ର ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସୁବର୍ଣ୍ଣପୁର ସିନେ ପ୍ରାୟୋଜିକା ମୀନା ମହାରଣା, ସ୍ତମ୍ଭକାର ତଥା ଶିକ୍ଷାବିଦ ସୁଶାନ୍ତ ମିଶ୍ର, ବରଗଡ ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମିଶ୍ର, କର୍ମଜୀବୀ ସାମ୍ବାଦିକ ସଂଘ ରାଜ୍ୟ ଉପସଭାପତି ପରମାନନ୍ଦ ମିଶ୍ର, ବରଗଡ଼ର ଆଇନଜୀବୀ ବିମଳ କୁମାର ଦାଶ, କବି ବିନୋଦ ବୈକାର ପ୍ରମୁଖ ଅତିଥିବୃନ୍ଦ ଓ ଭାଷା ଗବେଷକ ଉତ୍ପନ୍ନ ଭୋଇ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ବାଟ କଡୁଆଲ' ପତ୍ରିକା ଅତିଥି ମାନଙ୍କ ଦାରା ଉନ୍ମୋଚିତ ହୋଇଥିଲା। ସମାଜ ସେବୀ ଚନ୍ଦନ ବଂଶଲ, ସାହିତ୍ୟିକ ଅମୃତଲାଲ ସାହୁ, ଯୁବ କବି ପବିତ୍ର ସାହୁ, ଧର୍ମେନ୍ଦ୍ର ପଧାନ ଙ୍କ ସମେତ କବି ଲେଖକ ଏବଂ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ନାରାୟଣ ଭୋଇ ଓ କବୟିତ୍ରୀ ସଂଗୀତା ଦୀପ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପୌଲାସ୍ତ୍ୟ ସାହା ଧନ୍ୟବାଦ ଅର୍ପଣ କରିଥିଲେ। ଦିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ ପ୍ରବୀଣ ଓ ତରୁଣ କବି କବିତା ପାଠ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ସଂସଦର ସମସ୍ତ କର୍ମକର୍ତ୍ତା ଚନ୍ଦନ ସାହୁ, ଜଗନ୍ନାଥ ମେହେର, ସନ୍ତୋଷିନୀ ନାଗ, ରୋଜ ପ୍ରଧାନ, ଲିପସା ବାରିକ, ମଞ୍ଜୁଳତାସାହୁ, ଜୀବନମଣି ମେହେରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ଅତାବିରା ଜଗନ୍ନାଥ ମନ୍ଦିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

**ସରଣ୍ଡା,୨୪।୩,(ଯୁଧିଷ୍ଠିର ମହାପାତ୍ର)**


ଯଜ୍ଞ ମଣ୍ଡପରେ ପୂର୍ଣ୍ଣାହୁତି ଚାଲିଛି।

୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ତ୍ରିଦିନାତ୍ମକ ୯ମ କୁଣ୍ଡୀୟ ମହାଯଜ୍ଞ ଅତାବିରା ଜଗନ୍ନାଥ ମନ୍ଦିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ରବିବାର ପୂର୍ଣ୍ଣାହୁତି ପଡ଼ିଛି । ସୁବର୍ଣ୍ଣ ଜୟନ୍ତୀଟି ଅତାବିରାରେ ହିନ୍ଦୁ –ମୁସଲିମ ସମ୍ପ୍ରଦାୟର ଭାଇଚାରାର ଏକ ବାର୍ତ୍ତା ଦେଇଛି। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଅତାବିରା ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବକୁ ସଫଳ କରିଥିବା ଜଣାଯାଇଛି । କଳସ ଯାତ୍ରା ସମୟରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମହିଳାମାନଙ୍କୁ ଗ୍ଳୁକୋନ ବାଣ୍ଟିବା ସମସ୍ତେ ପସନ୍ଦ କରିଛନ୍ତି। ସେହିପରି ପ୍ରତି ଦୁର୍ଗା ପୂଜା ସମୟରେ ରାବଣ ପୋଡ଼ି ଉତ୍ସବ ସମ୍ପୂର୍ଣ୍ଣ ଭାବେ ମୁସଲିମ ସମ୍ପ୍ରଦାୟର ଦାୟିତ୍ୱ ନେଇ ଆସୁଛନ୍ତି । ଫଳରେ ଅତାବିରାରେ ଭାଇଚାରାର ପ୍ରତିଫଳନ ପ୍ରସ୍ଫୁଟିତ ହୋଇଛି । ସୁବର୍ଣ୍ଣ ଜୟନ୍ତୀରେ ୨୦ତାରିଖ ଅଙ୍କୁରାରୋପଣ ଓ ମଣ୍ଡଳକରଣ, ୨୧ତାରିଖ ଅତାବିରା ବାବା ମଠରୁ ଯଜ୍ଞମଣ୍ଡପ ପର୍ଯ୍ୟନ୍ତ କଳସ ଯାତ୍ରା,୨୨ତାରିଖ ସ୍ତମ୍ଭ ପୂଜନ, ଧ୍ୱଜ ଚକ୍ର କଳସ ପୂଜା, ରାଧାକୃଷ୍ଣଙ୍କ ସହସ୍ରୋପଚାର ପୂଜନ,କୁଣ୍ଡ ସଂସ୍କାର ଓ ଚଣ୍ଡୀ ହୋମ, ୨୩ତାରିଖ ଗୀତା ଯଜ୍ଞ,ବିଷ୍ଣୁ ସହସ୍ରନାମ ହବନ, ପୂର୍ଣ୍ଣାହୁତି, ଆଳତି, ରାଧାକୃଷ୍ଣ ନଗର ପରିକ୍ରମା ଏବଂ ରାତି ୯ଟାରେ ରାଧାକୃଷ୍ଣଙ୍କୁ ରତ୍ନ ସିଂହାସନରେ ବିଜେ ଏବଂ ମହାଆଳତି ପରେ ଯାତ୍ରା ପରିସମାପ୍ତି ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ୨୭ ଯୋଡ଼ି କର୍ତ୍ତ୍ରୀକର୍ତ୍ତା ଦାୟିତ୍ୱ ବହନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୧ତାରିଖ ସନ୍ଧ୍ୟାରେ କ୍ରିଷ୍ଣା ଆଣ୍ଡ ପାର୍ଟି ଭଜନ ମଣ୍ଡଳୀ,ଲୋକ ମହୋତ୍ସବ,୨୨ତାରିଖରେ ବନ୍ଦିତା ନାଏକଙ୍କ ପାରାୟଣ, ଡୁଙ୍ଗୁରିପାଲି ଏବଂ ବାବା କାଳେଶ୍ୱର ମହିଳା ସଂକୀର୍ତ୍ତନ,ରାତ୍ରିରେ କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ଏବଂ ୨୩ତାରିଖ ରେଶମ ସମ୍ପ୍ରଦାୟ, ଓଁ ଜୟ ଶ୍ରୀରାମ କୃଷ୍ଣଗୁରୁ ଭଜନ,ବନ୍ଦିତା ନାଏକଙ୍କ ପାରାୟଣ ଏବଂ ସରଗମ ସିତାରା ଅର୍କେଷ୍ଟ୍ରା ପରିବେଷଣ ହୋଇଥିଲା। ପ୍ରତ୍ୟହ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ରବିବାର ପୂର୍ଣ୍ଣାହୁତି ଦିନ ଶ୍ରୀକ୍ଷେତ୍ର ପୁରୀରୁ ଅବଢ଼ା ଆଣି ସମସ୍ତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା । ମୁଖ୍ୟ ପରିଚାଳନା କମିଟିର ସଭାପତି ଦୈତାରୀ, ପ୍ରଧାନ, ଉପସଭାପତି ସୁରେନ୍ଦ୍ର ସାଇଁ, ସମ୍ପାଦକ ଅମୃତ ପ୍ରଧାନ, ସହ ସମ୍ପାଦକ ସ୍ୱାଧୀନ ପ୍ରଧାନ, କୋଷାଧ୍ୟକ୍ଷ ମନୋଜ କୁମାର ବରାଇ, ସହ କୋଷାଧ୍ୟକ୍ଷ ଦେବେଶ ପ୍ରଧାନ, ଅତାବିରାର ସମସ୍ତ ଅନୁଷ୍ଠାନ, ସମ୍ପ୍ରଦାୟ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳାର ସହିତ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ ହୋଇଥିବାରୁ କମିଟିର ସଭାପତି ଦୈତାରି ପ୍ରଧାନ ସମସ୍ତ ଭକ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ବିଭିନ୍ନ ପ୍ରକାର ଦାନ କରିଥିବା ୫୬ ବଦାନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅତାବିରାରେ ୯୯ ଅଭିଯୋଗ ଶୁଣିଲେ ବରଗଡ଼ ଜିଲାପାଳ

**ସରଣ୍ଡା,୨୪।୩(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ସଭାଗୃହରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୟରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପ ଜିଲାପାଳ ପ୍ରଶନ୍ନ କୁମାର ପାଣ୍ଡେ, ଜିଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସାହାଇ ମୀନା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ନିରୁପମା ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ, ବିଡିଓ ରିପୁନାଥ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ମୋଟ ୯୯ଟି ଅଭିଯୋଗର ଶୁଣାଣି ହୋଇଥିବା ଜଣାପଡ଼ିଛି। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୯୯ ଗୋଟି ଅଭିଯୋଗ ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ, ୧୯ ଗୋଟି ସାମୁହିକ ଅଭିଯୋଗ ଏବଂ ଶୁଣାଣି ସମୟରେ ସେଥିମଧ୍ୟରୁ ୪ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।


ଜିଲା ହୋମିଓପାଥିକ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଏବଂ ଅନ୍ୟମାନେ।

# ଜିଲା ହୋମିଓପାଥିକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଉପଜିଲାପାଳଙ୍କ ସରକାରୀ ବାସଭବନ ପଛପଟେ ରବିବାର ଜିଲା ହୋମିଓପ୍ୟାଥିକ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥିକ ଚିକିତ୍ସାରେ ସାମିଲ ହେବାକୁ ସେ ଆହ୍ୱାନ କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ହୋମିଓପ୍ୟାଥିକ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ମହାନ୍ତି, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଅରୁଣ ପାଣ୍ଡେ, ଡା. କପିଳାସ ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାର ଅନ୍ୟ ହୋମିଓପ୍ୟାଥିକ ଚିକିତ୍ସାଧିକାରୀମାନେ ଉପସ୍ଥିତ ଥିଲେ। ଡା. ଶିଲ୍ପା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଡା. ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ୍ଦୁପାଲି ବିଦ୍ୟାଳୟର ବାର୍ଷିକୋତ୍ସବ

**ପାଇକମାଳ,୨୪।୩(ବଡ଼ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଟେମେରୀ ଗ୍ରାମପଞ୍ଚାୟତ ଧାନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତିଆମ ଖେଳଣା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟେମେରୀ ଗ୍ରାମପଞ୍ଚାୟତର ଯୁବ ସରପଞ୍ଚ ଦିଲ୍ଲୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସ୍କୁଲ ଚେୟାରମ୍ୟାନ ପ୍ରକାଶ ଥପା, ୱାର୍ଡ ସଭ୍ୟା ସସ୍ମିତା ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀଷ୍ମ ଦେବ ସାହୁ ସଭାପତିତ୍ୱ କରିଥିଲେ ଏବଂ ସହକାରୀ ଶିକ୍ଷକ ଶୁକ୍ରୁ ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ବଳରାମ ପୁରୋହିତଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଯକ୍ଷ୍ମା ନିରାକରଣ ଓ ସଚେତନତା ଉପରେ ଗୁରୁତ୍ୱ

## ଛୁରିଆପାଲିରେ ବିଶ୍ୱ ଯକ୍ଷ୍ମା ଦିବସ

**ସୋହେଲା,୨୪।୩(ଅଶ୍ୱିନୀ କୁମାର ପାତ୍ର)**



ଯକ୍ଷ୍ମା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଛୁରିଆପାଲି ଗ୍ରାମରେ ବିଶ୍ୱ ଟି.ବି. ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। 'ମାଇଁ ଭାରତ' ଓ 'ନେହେରୁ ଯୁବ କେନ୍ଦ୍ର' ବରଗଡ଼ ଆନୁକୂଲ୍ୟରେ ଏବଂ ଗ୍ରାମର ଯୁବକମାନଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟି.ବି. ରୋଗ ନିରାକରଣ ଓ ସମାଜରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ନରେନ୍ଦ୍ର ରାଉତ (ଆୟୁର୍ବେଦିକ ଡାକ୍ତର), ରଘୁନାଥ ସାହୁ ଏବଂ ପାରେଶ୍ୱର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭକ୍ତବନ୍ଧୁ ମାଝୀ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱ ଆଲୋକ ମେହେର ନିର୍ବାହ କରିଥିବା ବେଳେ ସଭା ଶେଷରେ ନେହେରୁ ଯୁବ କେନ୍ଦ୍ର ବରଗଡ଼ର ସ୍ୱୟଂସେବକ ଟେକଚାନ୍ଦ ସାହୁ, ଗିଲୁ ପାତ୍ର ଓ ରୋଶନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମବାସୀଙ୍କୁ ଟି.ବି. ରୋଗ ପ୍ରତି ସଚେତନ କରାଇବା ସହ ଏହାର ନିରାକରଣ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା।

# ବିକାଶ ନର୍ସିଂ କଲେଜରେ ବିଶ୍ୱ ଯକ୍ଷ୍ମା ଦିବସ

**ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)**



ଜିଲା ମୁଖ୍ୟ ଚିକିତ୍ସାଳୟରେ ବିକାଶ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଶ୍ୱ ଯକ୍ଷ୍ମା ଦିବସ ସଚେତନତା ଶୋଭାଯାତ୍ରା

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜରେ ସୋମବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ କଲେଜର ଛାତ୍ରୀଛାତ୍ରମାନେ ଏକ କ୍ଷୁଦ୍ର ନାଟକ ପରିବେଷଣ କରି ଯକ୍ଷ୍ମାରୋଗ ଉପରେ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ, ବରଗଡ଼ ମୁଖ୍ୟ ଚିକିତ୍ସାଳୟର ନର୍ସିଂ ମେଟ୍ରନ ବାଲମେଟ୍ ଏକ୍କା, ଅଧାପିକା ଲଭ୍‌ଲି ମସି ଦାଶ, ଦେବସ୍ମିତା ସାହୁ, ଲୁପିନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏକ ସଚେତନତା ଶୋଭାଯାତ୍ରା ମଧ୍ୟ ହୋଇଥିଲା। ଶୋଭାଯାତ୍ରାରେ ନର୍ସିଂ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଯକ୍ଷ୍ମାରୋଗର ଲକ୍ଷଣ, କାରଣ ଏବଂ ନିରାକରଣ ନେଇ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଏସ୍‌ସି ନର୍ସିଂ, ଜିଏନ୍‌ଏମ୍ ଏବଂ ଏଏନ୍‌ଏମ୍ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାର ବିକାଶ ଆଞ୍ଚଳିକ ବୈଷମ୍ୟର ପ୍ରତିଫଳନ

**ଜିଏମ୍‌ୟୁରେ ବକ୍ତୃତାମାଳା ଓଡିଲଗ୍ସ**

ସମ୍ବଲପୁର,୨୪।୩ (ପ୍ରମୋଦ ବହିଦାର)




ଜିଏମ୍‌ୟୁରେ ଓଡିଲଗ୍ସ ବକ୍ତୃତାମାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ବିକାଶର ବିଶ୍ଳେଷଣ କଲେ ଆଞ୍ଚଳିକ ବୈଷମ୍ୟର ଏକ ବିଶେଷ ଦିଗ ଦେଖାଦେଇଛି। ଏହାର ଏକ ଭୌଗୋଳିକ ଓ ଐତିହାସିକ ଦିଗ ମଧ୍ୟ ରହିଛି। ଉପନିବେଶବାଦ ସମୟରୁ ହିଁ ଆଭ୍ୟନ୍ତରୀଣ ଓଡ଼ିଶାକୁ ଏକ ନିଷ୍କର୍ଷଣର କ୍ଷେତ୍ର ଭାବେ ଦେଖାଯାଇଥିଲା। ଆଞ୍ଚଳିକ ବୈଷମ୍ୟକୁ ଏକ ସମସ୍ୟା ଭାବରେ ବିଚାର କରାଗଲେ ମଧ୍ୟ ଦେଶର ବିକାଶନୀତି ପରୋକ୍ଷରେ ଆଞ୍ଚଳିକ ବୈଷମ୍ୟକୁ ଆହୁରି ଗଭୀର କରିଥିବା ଦେଖିବାକୁ ମିଳିଛି ବୋଲି କହିଛନ୍ତି ନୂଆଦିଲ୍ଲୀସ୍ଥିତ ଜୱାହାର ଲାଲ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ସାମାଜିକ ବିଜ୍ଞାନ ବିଭାଗ ପ୍ରଫେସର ଦୀପକ କୁମାର ମିଶ୍ର। ଆଇଆଇଏମ୍ ସମ୍ବଲପୁର, ଓଡ଼ିଶା ଗବେଷଣା କେନ୍ଦ୍ର ଭୁବନେଶ୍ୱର ଓ ଆଇଆଇଟି ଖଡ଼ଗପୁର, ଆଇଆଇଟି ଭୁବନେଶ୍ୱର ଆନୁକୂଲ୍ୟରେ ଓଡିଲଗ୍ସ କାର୍ଯ୍ୟକ୍ରମ ଅନ୍ତର୍ଗତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଅର୍ଥନୀତି ବିଭାଗ ସହଯୋଗରେ ସୋମବାର ପୂର୍ବାହ୍ନରେ ଆୟୋଜିତ ପରିବର୍ତ୍ତିତ ପଶ୍ଚିମ ଓଡ଼ିଶା: ବିକାଶର ଗତି(ଡିକୋଡିଂ ୱେଷ୍ଟର୍ନ ଓଡ଼ିଶା: ଦି ଡାଇନାମିକ୍ସ ଅଫ୍ ଡେଭଲପମେଣ୍ଟ) ଶୀର୍ଷକ ପ୍ରଥମ ବକ୍ତୃତାମାଳାରେ ମୁଖ୍ୟବକ୍ତାଭାବେ ଯୋଗଦେଇ ସେ ଏହା କହିଛନ୍ତି। ଓଡ଼ିଶା ଗବେଷଣା କେନ୍ଦ୍ର ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ସି.ପି.ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବକ୍ତୃତାମାଳାରେ ଜିଏମ୍ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ମିଶ୍ର ପଶ୍ଚିମ ଓଡ଼ିଶାର ବହୁବିଧ ସମସ୍ୟା ଉପରେ ଆଲୋକପାତ କରି ସାମାଧାନର ୧୦ଟି ବିନ୍ଦୁ ଉପସ୍ଥାପନ କରିଥିଲେ। ସେ କହିଲେ ଯେ, ପ୍ରାରମ୍ଭରୁ ଏ ଅଞ୍ଚଳର ପ୍ରାକୃତିକ ସମ୍ପଦକୁ ଶୋଷଣ କରାଯାଇଆସୁଛି। ଏ ଅଞ୍ଚଳର ଆଦିବାସୀ ଓ ଦଳିତ ବର୍ଗଙ୍କୁ ଜଳ, ଜଙ୍ଗଲ ଓ ଜମିରୁ ଉଚ୍ଛେଦ କରିବାର ଏକ ପ୍ରକ୍ରିୟାର ସୂତ୍ରପାତ ହୋଇ ସାରିଥିଲା। ପରବର୍ତ୍ତୀ ସମୟରେ, ସ୍ୱାଧୀନୋତ୍ତର ଭାରତରେ ଏହି ଅଞ୍ଚଳରେ ପୂର୍ବତନ ସାମନ୍ତବାଦୀ ଗୋଷ୍ଠୀ ହିଁ ଜନପ୍ରତିନିଧି ସାମନ୍ତବାଦୀ ବ୍ୟବସ୍ଥାକୁ ଦୀର୍ଘଦିନ ପର୍ଯ୍ୟନ୍ତ ବଳବତ୍ତର ରଖିଥିଲେ। ଏଠାରେ ସରକାରୀ ପୁଞ୍ଜି ବିନିଯୋଗରେ ଶିଳ୍ପାୟନ ସୃଷ୍ଟି ହେଲା। ମାତ୍ର ଏହାଦ୍ୱାରା ବିସ୍ଥାପିତ ଲୋକଙ୍କୁ ନ୍ୟାୟୋଚିତ ଥଇଥାନ କରାଗଲା ନାହିଁ। ବିକାଶର ବିଭିନ୍ନ ପରିମାପକକୁ ନେଇ ବିଶ୍ଳେଷଣ କଲେ ଉପକୂଳ ଓଡ଼ିଶା ତୁଳନାରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଏବେବି ପଛୁଆ ହୋଇ ରହିଛି। ରାଜ୍ୟର ଅର୍ଥନୀତି ବିକଶିତ ହେଲେ ମଧ୍ୟ ଆଞ୍ଚଳିକ ବୈଷମ୍ୟ ବୃଦ୍ଧି ପାଉଛି। ବର୍ତ୍ତମାନ ସମୟରେ ଓଡ଼ିଶାରେ ବିକାଶର ମୂଳ ବିନ୍ଦୁ ହେଇଛି ଖଣିଜ ଦ୍ରବ୍ୟ ଆଧାରିତ ଶିଳ୍ପାୟନ। ମାତ୍ର ଏହାଦ୍ୱାରା ହେଉଥିବା ପରିବେଶ ପ୍ରଦୂଷଣ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ପଶ୍ଚିମ ଓଡ଼ିଶା ପାଇଁ ବିକାଶର ଏକ ନୂତନ ପରିକଳ୍ପନାର ଆବଶ୍ୟକତା ରହିଛି। ତେବେ ଏକ ସମତାମୂଳକ, ସାମାଜିକ ନ୍ୟାୟ ଉପରେ ପର୍ଯ୍ୟବେଷିତ ଓ ପରିବେଶ ଦୃଷ୍ଟିରୁ ସମନ୍ୱିତ ଜନାଭିମୁଖୀ, ସ୍ଥାନୀୟ ବିକାଶର ବିକଳ୍ପ ପରିକଳ୍ପନା ଏକାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ଡ. ଉମାଚରଣ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ବହୁ ଛାତ୍ରୀଛାତ୍ର ଓ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକ ସାମିଲ ହୋଇଥିଲେ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ନୃସିଂହ ଗୁରୁ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୨୪।୩(ବି.ଶଙ୍କର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନଏସସିବି) ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ସହ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରଫେସର ତଥା ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇଙ୍କ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସହକାରୀ ପ୍ରଫେସର ଡ.ଶ୍ରଦ୍ଧାମୟୀ ପୁରୋହିତ, ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ଏବଂ ଅଧ୍ୟାପକ ରୋଶନ ଭୋଇ ଯୋଗଦାନ କରି ଥିଲେ। ଆଲୋଚନା ଚକ୍ରରେ ନୃସିଂହ ଗୁରୁଙ୍କ କର୍ମମୟ ଜୀବନ ଓ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତଃ ଗୁରୁ ସମ୍ବଲପୁର ଜିଲାର ଗୁରୁପାଲିଠାରେ ୧୯୦୨ ମସିହା ମାର୍ଚ୍ଚ ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଭାରତବର୍ଷର ମୁକ୍ତି ସଂଗ୍ରାମର ମହାନ ମାନ୍ତ୍ରିକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୃସିଂହ ଗୁରୁ ସରକାରୀ ଚାକିରୀ ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରି କାରାବରଣ କରିଥିଲେ। ପୁନରାୟ ସାମ୍ବାଦିକତା କ୍ଷେତ୍ରରେ ସେ ଥିଲେ ଅନନ୍ୟ ଦୃଷ୍ଟାନ୍ତ। ତାଙ୍କର ସଂଗ୍ରାମମୟ ଜୀବନ, ସମାଜସେବା, ଆଦର୍ଶ ସାମ୍ବାଦିକତା ସର୍ବୋପରି ନିରାଡ଼ମ୍ବର ଜୀବନଶୈଳୀ ଏ ଜାତିର ଆଦର୍ଶ ହେବା ଉଚିତ। ଯୁବପିଢ଼ି ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ପଦାଙ୍କ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଅଗ୍ନିପଥ ଯୋଜନା ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆହ୍ୱାନ

ସମ୍ବଲପୁର,୨୪।୩
(ଭବାନୀ ଶଙ୍କର ଭୋଇ)

ଅଗ୍ନିବୀର ଯୋଜନାରେ ନିଯୁକ୍ତି ନିମନ୍ତେ ଅନଲାଇନ ପଞ୍ଜିକରଣ ଜାରି ରହିଛି। ବିଭିନ୍ନ ବୟସ ବର୍ଗର ଯୋଗ୍ୟ ଅଶାୟୀମାନେ ସାଧାରଣ ପ୍ରବେଶିକା ପରୀକ୍ଷାରେ ଉପସ୍ଥିତ ହେବା ପାଇଁ ଅନଲାଇନରେ ଆସନ୍ତା ୧୦ ଏପ୍ରିଲ ମଧ୍ୟରେ www.joindianarmy.nic.in ୱେବସାଇଟରେ ଆବେଦନ କରିପାରିବେ ବୋଲି ସମ୍ବଲପୁର ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଜଣାଇଛନ୍ତି। ପଞ୍ଜିକରଣ ପ୍ରକ୍ରିୟା ଏବଂ ଅଗ୍ନିବୀର ନିଯୁକ୍ତି ଯୋଜନାରେ ଆବେଦନ ଅନଲାଇନ ସାଧାରଣ ପ୍ରବେଶ ପରୀକ୍ଷା ନିମନ୍ତେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଆବେଦନ ରାଶି ୨୫୦ ଟଙ୍କା ଦେବାକୁ ପଡିବ। ଅନଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା ପ୍ରାୟ ଜୁନ ୨୦୨୫ ପରଠାରୁ (ଅସ୍ଥାୟୀ ଭାବରେ) ଆୟୋଜିତ କରାଯିବ। ଯଦି ପରୀକ୍ଷା ସମୟସୂଚୀରେ କୌଣସି ପରିବର୍ତ୍ତନ ହୁଏ ତେବେ ସେ ବିଷୟରେ ୱେବ ପୋର୍ଟାଲ ମାଧ୍ୟମରେ ସୂଚିତ କରାଯିବ। ଅନୁଗୋଳ, ବରଗଡ, ବଲାଙ୍ଗୀର, ଦେବଗଡ, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ସୁବର୍ଣ୍ଣପୁର, ସମ୍ବଲପୁର ଓ ସୁନ୍ଦରଗଡରୁ ଆଶାୟୀ ପ୍ରାର୍ଥୀ ଅଧିକ ଜାଣିବା ପାଇଁ ନିକଟସ୍ଥ ଆର୍ମୀ ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ ବୋଲି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଜଣାଇଛନ୍ତି।

# କୋଲାବିରା ବନାଞ୍ଚଳ ପକ୍ଷରୁ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ପାଳିତ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ କୋଲାବିରା ବନାଞ୍ଚଳର ନିକ୍ତିମାଲ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ସୋମବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ଏହି ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଭାବେ ଲଇକେରା ଥାନା ଅଧିକାରୀ ଦିଲୀପ କୁମାର ବେହେରା, ସମ୍ବଲପୁର ସର୍କଲର ଏସିଏଫ୍ ତଥା ନିକ୍ତିମାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ଯଶୋବନ୍ତ କରାଲି, ଲାଇକେରା ବ୍ଲକ୍ ଶିକ୍ଷା ଅଧିକାରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ସମିତି ସଭ୍ୟା ଅନୁପମା ଜୟପୁରିଆ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗଦାନ କରିଥିଲେ। କୋଲାବିରା ବନାଞ୍ଚଳ ଅଧିକାରୀ ଘାସିରାମ ବିଭାରଙ୍କ ଅଧ୍ୟକ୍ଷତାରେ ଗ୍ରାମର ଛାତ୍ରୀଛାତ୍ରମାନଙ୍କୁ ନେଇ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ଓ ଜଙ୍ଗଲ ନିଆଁ ନିବାରଣ ସମ୍ବନ୍ଧରେ ସତର୍କତା ରାଲି କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ପ୍ରକୃତି ବନ୍ଧୁ ଦୁର୍ଗା ପ୍ରସାଦ ନାଏକଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ପ୍ରତି ପ୍ରତିଜ୍ଞା ବଦ୍ଧ ହେବା ପାଇଁ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନିକ୍ତିମାଲ ପଞ୍ଚାୟତ ଅନ୍ତର୍ଗତ ନିକ୍ତିମାଲ, ଠାକୁରପଡ଼ା, ନାଏକଡ଼ିହି ବନ ସୁରକ୍ଷା ସମିତି ସଭ୍ୟ ସଭ୍ୟା ଏବଂ କୋଲାବିରା ବନାଞ୍ଚଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



ଜଙ୍ଗଲ ଦିବସ ପାଳନ କାର୍ଯ୍ୟକ୍ରମରେ ସାମିଲ ଅତିଥିମାନେ।

# ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ନିର୍ବାଚନ



ସମ୍ବଲପୁର ଶାଖାର ନିର୍ବାଚନରେ ମଞ୍ଚାସୀନ ଅଧିକାରୀ ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୨୪।୩(ବି.ଶଙ୍କର)

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ୨୦୨୫-୨୬ ବର୍ଷ ପାଇଁ ଶାଖାସ୍ତରୀୟ ନିର୍ବାଚନ ସମ୍ବଲପୁର ସଂସ୍କୃତି ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦୀପ ପ୍ରଜ୍ୱଳନ ଓ ବନ୍ଦେ ମାତରଂ ସମୂହ ଗାନ ପରେ ନିର୍ବାଚନ ଆରମ୍ଭ ହୋଇଥିଲା। ପ୍ରସ୍ତାବିତ ନାମ ଓ ସମର୍ଥନ ପରେ ୨୦୨୫-୨୬ ବର୍ଷ ପାଇଁ ଶାଖାର ସଭାପତି ମକରଧ୍ୱଜ ଯୋଶୀ ଓ ସାଧାରଣ ସମ୍ପାଦକ ଡ. ନରେନ୍ଦ୍ର ବେହେରା ଏବଂ ବିତ୍ତ ସଚିବମ୍‌ଭାବେ ଇଞ୍ଜିନିୟର ଶ୍ୟାମ ସୁନ୍ଦର ବିଶ୍ୱାଳ ନିର୍ବାଚିତ ହୋଇଲେ। ସମସ୍ତ ଅଧିକାରୀମାନେ ଆଗାମୀ ବର୍ଷର ନୂତନ କାର୍ଯ୍ୟ ସୂଚି ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ ଶହିଦ ଦିବସ ଅବସରରେ ଶହିଦମାନଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ସୁରୁବାବୁ ମେହେର ନବ ନିର୍ବାଚିତ ଅଧିକାରୀମାନଙ୍କୁ ଅଭିବାଦନ ଜଣାଇବା ସହ ନିଜ କାର୍ଯ୍ୟକୁ କିପରି ସୂଚାରୁ ଭାବେ ତୁଲାଇବେ ସେନେଇ ମାର୍ଗଦର୍ଶନ କରିଥିଲେ। ପ୍ରାନ୍ତ ମହିଳା ସଚିବ ଡାକ୍ତର ରଶ୍ମି ରେଖା ଜେନା ନିର୍ବାଚନ ତତ୍ତ୍ୱାବଧାରକଭାବେ ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟକୁ ତୁଲାଇଥିଲେ। ଏଥିରେ ଶାଖାର ପୂର୍ବତନ ସଭାପତି ବେଣୁ ମାଧବ ପଣ୍ଡା ସହଯୋଗ କରିଥଲେ। ଶାଖା ସମ୍ପାଦକ ଡ.ନରେନ୍ଦ୍ର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା

- ବାର୍ଷିକ ସମ୍ମିଳନୀ, ନୂତନ କର୍ମକର୍ତ୍ତା ଚୟନ
- ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ଜିଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସୋମବାର ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ଦେବଗଡ ଜିଲା ଶାଖାର ବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗିରିଧାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀ ପ୍ରାରମ୍ଭରେ ଦିବଂଗତ ସଦସ୍ୟ ଅକ୍ଷୟ କୁମାର ଟାଲିଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆଗାମୀ କାର୍ଯ୍ୟ ପନ୍ଥା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଇତିମଧ୍ୟରେ ସଭାପତି ବେହେରାଙ୍କ କିରାଣି ପଦବୀକୁ ପଦୋନ୍ନତି ହୋଇଥିବା ଏବଂ ଅନ୍ୟ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୁରିଯାଇଥିବାରୁ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଗିରିଧାରୀ ମହାକୁଳଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପ ସଭାପତି ଭାବେ ରାଜେଶ କୁମାର ନାୟକ, ସମ୍ପାଦକ ଭାବେ ମନୋରଞ୍ଜନ ସାହୁ, ସହ ସମ୍ପାଦିକା ବାବେ ପୁଷ୍ପାଞ୍ଜଳି ନାଏକ, କୋଷାଧ୍ୟକ୍ଷ ଭାବେ ବିଳାମ୍ବର ସ୍ୱାଇଁ ଓ ଉପଦେଷ୍ଟା ଭାବେ ସୁରେଶ ଚନ୍ଦ୍ର ନାଏକଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଇତିମଧ୍ୟରେ ପଦୋନ୍ନତି ପାଇଥିବା ସଂଘର ପ୍ରାକ୍ତନ ସଭାପତି ଗିରିଧାରୀ ବେହେରା, ପ୍ରାକ୍ତନ ସଦସ୍ୟ ଜଗନ୍ନାଥ ଛତ୍ରିଆ, ପ୍ରଣୟ ପୁରୋହିତ, ରଞ୍ଜନ କୁମାର ବେହେରା ଓ ସୁରେଖା ପ୍ରିସିଲା ମିଞ୍ଜଙ୍କୁ ସଂଘ ପକ୍ଷରୁ ଏହି ଅବସରରେ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା।

# ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ଦାବି

ସମ୍ବଲପୁର,୨୪।୩
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଭାଷା ପଶ୍ଚିମ ଓଡ଼ିଶା ସହ, ପୂର୍ବ ଛତିଶଗଡ଼ ଏବଂ ସୀମାନ୍ତ ଝାରଖଣ୍ଡରେ ପ୍ରାୟ ଦୁଇ କୋଟି ଲୋକ ବ୍ୟହାର କରୁଛନ୍ତି। ତେଣୁ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରିବା ଏବଂ ରାଜ୍ୟରେ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେବା ପାଇଁ ହୀରାଖଣ୍ଡ ସାମୁଖ୍ୟ ଏବଂ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ସୋମବାର ଦାବି କରାଯାଇଛି। ସମ୍ବଲପୁରୀ ଭାଷା, ସାହିତ୍ୟ ସଙ୍ଗୀତ, ନୃତ୍ୟ ଏବଂ ବାଦ୍ୟକଳା ଓଡିଶା ପାଇଁ ଗର୍ବ ଆଣି ଦେଇଛି। ତେବେ ସମ୍ବଲପୁରୀ ଗୀତ ନୃତ୍ୟ ଏବଂ ବାଦ୍ୟକଳା ଭଳି ସମ୍ବଲପୁରୀ ଭାଷାକୁ ମଧ୍ୟ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱୀକୃତି ଦେବା ଜରୁରୀ। ସମ୍ବଲପୁରୀ ଭାଷାରେ ଲୋକ ସାହିତ୍ୟ ଶହଶହ ବର୍ଷ ପୂର୍ବରୁ ପ୍ରଚଳିତ ହୋଇ ଆସିଥିବା ବେଳେ ୧୯୯୧ ମସିହାରୁ ଏହାର ପ୍ରକାଶନ ପରେ ଲିଖିତ ସ୍ୱରୂପ ମଧ୍ୟ ସଂଗୃହୀତ ହୋଇ ସାରିଛି ବୋଲି ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଭଳି ସମ୍ବଲପୁରୀ ସଂସ୍କୃତିର ପ୍ରଚାରକ ଏହି ଭାଷା ସଂସ୍କୃତିକୁ ଅଧିକ ସଂବୃଦ୍ଧ ଏବଂ ଲୋକପ୍ରିୟ କରିଯାଇଛନ୍ତି। ତେବେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ଉଦାସୀନ ରହିଥିବା ଉଭୟ ସଙ୍ଗଠନ ଅଭିଯୋଗ କରିଛନ୍ତି। ଜାତୀୟସ୍ତରରେ ସମ୍ବଲପୁରୀ କବି, ଲେଖକ, ଏବଂ କଳାକାର ସମ୍ମାନୀତ ହୋଇ ରାଜ୍ୟର ସମ୍ମାନ ବୃଦ୍ଧି କରୁଥିବା ବେଳେ ରାଜ୍ୟ ସରକାର ସମ୍ବଲପୁରୀ ଭାଷା ପ୍ରତି ଉଦାସୀନ ରହିବା ଅଞ୍ଚଳବାସୀଙ୍କ ଭାବାବେଗକୁ ଆଘାତ ଦେଉଛି। ତେଣୁ ଯଥାଶୀଘ୍ର ସମ୍ବଲପୁରୀ ଭାଷାକୁ ରାଜ୍ୟରେ ଦ୍ୱିତୀୟ ଭାଷାର ମାନ୍ୟତା ଦେବା ସହ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବାକୁ ସମ୍ବଲପୁରୀ ଭାଷା ଏବଂ ସଂସ୍କୃତି ପରିଷଦ ସଭାପତି ପ୍ରଫୁଲ୍ଲ ହୋତା ଏବଂ ହୀରାଖଣ୍ଡ ସାମୁଖ୍ୟର ରାମାନୁଜ ପଣ୍ଡା ପ୍ରେସବିବୃତି ଜାରିଆରେ ଦାବି କରିଛନ୍ତି।

# ଗୁରୁଙ୍କୁ ରାଜ୍ୟ ସରକାର ଉପଯୁକ୍ତ ସମ୍ମାନ ଦେଇନାହାନ୍ତି

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ନୃସିଂହ ଗୁରୁ ଜୟନ୍ତୀ

ସମ୍ବଲପୁର,୨୪।୩(ବି.ଶଙ୍କର)

ସମ୍ବଲପୁର ସହର ସ୍ଥିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ନୃସିଂହ ଗୁରୁ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ମନ୍ଦଲିଆ ସ୍ଥିତ ସମଲେଶ୍ୱରୀ ମହାବ୍ୟିାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ସଙ୍ଗୀତା ପୁରୋହିତଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସଭାରେ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟ ଅତିଥି, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା ଓ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୃସିଂହ ଗୁରୁଙ୍କ ଭଳି ଜଣେ ସଚ୍ଚୋଟ ଓ ଆଦର୍ଶ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ଉପଯୁକ୍ତ ସମ୍ମାନ ଦେଇ ନାହାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଆଗାମୀ ପୀଢି ଯେପରି ସ୍ୱର୍ଗତ ଗୁରୁଙ୍କ ଜୀବନୀ ସମ୍ପର୍କରେ ଅବଗତ ହେବେ ସେ ଦିଗରେ ଉଦ୍ୟମ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଅଧ୍ୟାପକ ଅକ୍ଷୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ପଟ୍ଟନାୟକପଡାର ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ପବିତ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନୃସିଂହ ଗୁରୁ ଜୟନ୍ତୀ ପାଳିତ ହୋଇଥିଲା। ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତ ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ସୁନାଗରିକ ହେବା ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷୟିତ୍ରୀ ନିର୍ମଳା ବାରିକ, ଶାନ୍ତନାମୟୀ ଷଡଙ୍ଗୀ ଓ ଶ୍ରାବଣୀ ବେହେରା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।



ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ସ୍କୁଲରେ ଆୟୋଜିତ ନୃସିଂହ ଗୁରୁ ଜୟନ୍ତୀ।

# ଏପ୍ରିଲ ୨୭ରୁ କବାଡ଼ି ପ୍ରିମିୟର ଲିଗ

**ଭାଗନେବେ ୧୨ ଫ୍ରାଞ୍ଚାଇଜ ଦଳ**

ସମ୍ବଲପୁର,୨୪।୩ (ପ୍ରମୋଦ ବହିଦାର)




ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି କର୍ମକର୍ତ୍ତା।

ସମ୍ବଲପୁର କବାଡ଼ି କ୍ଲବ ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ୍ ୨୭ ତାରିଖରୁ ଆରମ୍ଭ ହେବ ଦ୍ୱିତୀୟ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ। ଏଥିପାଇଁ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ ଖେଳାଳି ନିଲାମ କାର୍ଯ୍ୟକ୍ରମ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ହେଟେଲ ଡଲଫିନ୍‌ରେ ଆୟୋଜକ ସମ୍ବଲପୁର କବାଡି କ୍ଲବର ସଭାପତି ସିଦ୍ଧାର୍ଥ ସାହାଙ୍କ ଅଧ୍ୟକ୍ଷତାରେ ସୋମବାର ପୂର୍ବାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କ୍ଲବର ସମ୍ପାଦକ ରାମଦାସ ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ୨୮ତାରିଖ ସକାଳ ୭ଟାରୁ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ କବାଡି ପ୍ରିମିୟର ଲିଗ୍‌ର ଅଦ୍ୟପର୍ବ ଖେଳାଳିଙ୍କ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଲିଗରେ ଭାଗ ନେଉଥିବା ୧୨ ଟି ଫ୍ରାଞ୍ଚାଇଜ ଦଳ ଖେଳାଳିମାନଙ୍କୁ ନିଲାମ ମାଧ୍ୟମରେ ନିଜ ଦଳ ପାଇଁ ଚୟନ କରିବେ। ଚଳିତ ବର୍ଷ ପଶ୍ଚିମ ଓଡ଼ିଶାସ୍ତରରେ ଏହି ପ୍ରିମିୟର ଲିଗ ଆୟୋଜିତ ହେବ। ଏଥିରେ ଗାନ୍ଧୀ ବୁଲ୍‌ସ, ମହାକାଲ୍ ରାଇଡର୍ସ, ବୀର ତ୍ରିରଙ୍ଗା ବଏଜ୍, ପଶ୍ଚିମାଞ୍ଚଳ ପାନ୍ଥର୍ସ, ସମଲେଶ୍ୱରୀ ଷ୍ଟ୍ରାଇକର୍ସ, ଅଞ୍ଜନୀ ପୁତ୍ର ହର୍ଣ୍ଣର୍ସ, ଅଯୋଧ୍ୟା ସରୋବର, ମାଁ ମନ୍‌ସା ଆର୍ମୀ, ବୁଢ଼ିମା ଟାଇଗର୍ସ, ଆମ୍ବେଦକର ଲାୟନ୍ସ, ଘଣ୍ଟେଶ୍ୱରୀ ୱେରିୟର୍ସ ଓ ମାଁ ଘିକୁଣ୍ଡି ଯୋଦ୍ଧା ନାମକ ୧୨ଟି ଫ୍ରାଞ୍ଚାଇଜ ଦଳ ଭାଗ ନେଉଛନ୍ତି। ସେ କହିଛନ୍ତି, ଖେଳଗୁଡ଼ିକୁ ସ୍ଥାନୀୟ ଅଫିସିଆଲ ପରିଚାଳନା କରିବାକୁ ଥିବାବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ପ୍ରାୟ ୨ଶହରୁ ୩ ଶହ ଖେଳାଳି ଭାଗ ନେବାକୁ ଯାଉଛନ୍ତି। ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଏପ୍ରିଲ ୨୪ରୁ ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋତାରେ ୨୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ୪ରୁ ୫ଟି ଲେଖାଏ ମ୍ୟାଚ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି। ମ୍ୟାଚଗୁଡ଼ିକ ପ୍ରତିଦିନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରତି ମ୍ୟାଚର ଅବଧି ୪୦ ମିନିଟ ରହିବ। ୨୬ ତାରିଖରେ ବିଶ୍ରାମ ଦିବସ ଓ ୨୭ ତାରିଖ ରାତି ୮ଟାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳ ପାଇଁ ଟ୍ରଫି ସହ ୫୧ ହଜାର, ରନର ଅପ୍ ଦଳ ପାଇଁ ଟ୍ରଫି ସହ ୩୧ ହଜାର ଓ ଉଭୟ ଦଳ ସେମିଫାଇନାଲ ଦଳ ପାଇଁ ଟ୍ରଫି ସହ ୧୫ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। କବାଡି କ୍ଲବ ସଭାପତି ସାହା କହିଛନ୍ତି, ସମାଜରେ କୁପଥଗାମୀ ତଥା ନିଶାଗ୍ରସ୍ତ ଯୁବପୀଢ଼ିଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଏଭଳି କବାଡି ପ୍ରିମିୟର ଲିଗର ପରିକଳ୍ପନା କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ସହରର ବରିଷ୍ଠ କବାଡି ଖେଳାଳିମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେ କହିଛନ୍ତି, ଖେଳପ୍ରେମୀ ଦର୍ଶକଙ୍କ ପାଇଁ ଫାଇନାଲର ପୂର୍ବଦିନ ଏପ୍ରିଲ୍ ୨୬ ତାରିଖ ବିଶ୍ରାମ ଦିବସରେ ମହିଳା ଖେଳାଳିମାନଙ୍କୁ ନେଇ ଏକ ପ୍ରଦର୍ଶନୀ କବାଡି ମ୍ୟାଚ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ଆୟୋଜକ ଜିଲା କ୍ରିଡ଼ା ସଂଘ ସାଧାରଣ ସମ୍ପାଦକ ରାଜେଶ ସେଠ୍, ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ କମିଟି ସଭାପତି ରବି ମୁଖୀ, କାର୍ଯ୍ୟକାରୀ ସଭାପତି ବିମଳ ବରିହା, ସମ୍ପାଦକ ଭଜନ ତରିଆ, ଆଇନ ପରାମର୍ଶଦାତା ମଧୁସୂଦନ ମିତ୍ର ମଞ୍ଚାସୀନ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଝାଡ଼ଖଣ୍ଡ ବିଧାନସଭା ବାହାରେ ଶିଳ୍ପପତି ଗୌତମ ଆଦାନୀଙ୍କ ଦ୍ୱାରା ଆବଣ୍ଟିତ ଖଣି ଲିଜ୍ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସୋମବାର ଆଦିବାସୀଙ୍କ ସହ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପ୍ରତିବାଦ କରୁଛନ୍ତି।

# କଂଗ୍ରେସ ଉପରେ ବର୍ଷିଲେ ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

■ଅଶୋଭନୀୟ ଆଚରଣ ପାଇଁ ୩୧ ଘଣ୍ଟା ଗୃହ ଅଚଳ

■ନିଜ ସଦସ୍ୟଙ୍କ କଥା ମନ୍ତ୍ରୀ ଭୁଲି ଯାଇଛନ୍ତି:କାଡାମ

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ହେଲେ ବିରୋଧୀ କଂଗ୍ରେସ ଗୃହରେ ଅଶାନ୍ତ ପରିବେଶ ସୃଷ୍ଟି କରୁଛି। ବିଧାନସଭା ଭିତରେ ଓ ବାହାରେ କଂଗ୍ରେସର ଆଚରଣ, ଉଚ୍ଚାରଣ ସଂସଦୀୟ ଗଣତନ୍ତ୍ରର ପରିପନ୍ଥୀ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ସୋମବାର ବିଧାନସଭା ପରିସରସ୍ଥିତ ସଭାକକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ବିରୋଧୀ ଲକ୍ଷ୍ମଣ ରେଖା ଡେଇଁଛନ୍ତି। ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ହେଲେ ବିରୋଧୀ ତାହା କରାଇ ଦେଉ ନାହାନ୍ତି, ଫଳରେ ବିଧାନସଭା ଗୃହ କାର୍ଯ୍ୟ ୧୮ଦିନରେ ୩୧ ଘଣ୍ଟା ଚାଲିପାରିନାହିଁ। ଇତିମଧ୍ୟରେ ବାଚସ୍ପତି ଏହାର ସମାଧାନ ପାଇଁ ୩ ଥର ସର୍ବଦଳୀୟ ବୈଠକ ଡାକିଛନ୍ତି। ହେଲେ ବିରୋଧୀ ନିଜ ଜିଦ୍‌ରେ ଅଟଳ।

ସେ କହିଥିଲେ, ସାଧାରଣ ଲୋକଙ୍କ ଟିକସରେ ବିଧାନସଭା ଚାଲୁଛି। କଂଗ୍ରେସର ଏଭଳି ଆଚରଣ ପାଇଁ ଓଡ଼ିଶାବାସୀ କେବେ ବି କ୍ଷମା ଦେବେନି। ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଆଲୋଚନା କର ନ ହେଲେ ପରବର୍ତ୍ତୀ ନିର୍ବାଚନରେ ଏକକ ଅଙ୍କକୁ ଆସିଯିବ ବୋଲି କଂଗ୍ରେସକୁ ରାଜସ୍ୱ ମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି।

ସେ କହିଥିଲେ, ମହିଳା ବାଚସ୍ପତିଙ୍କ ଆଗରେ ହୁଇସିଲ ବଜାଇବା, ପୋଡିୟମ୍ ଉପରକୁ ଚଢ଼ିବାକୁ ଉଦ୍ୟମ କରିବା, ମାଇକ ଛଡ଼ାଇବାର ପ୍ରୟାସ କରିବା କେତେ ଦୂର ଠିକ୍ ? ବିଧାନସଭା ପ୍ରଶ୍ନକାଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସରକାରଙ୍କ ସମସ୍ତ ମନ୍ତ୍ରୀ ପ୍ରତିନିଧିଙ୍କ ପାଖରେ ଉତ୍ତରଦାୟୀ ହୋଇଥାନ୍ତି। ହେଲେ ଏହି ପ୍ରଶ୍ନକାଳକୁ ବିରୋଧୀ ଲଗାତର ଅଚଳ କରୁଛନ୍ତି। ସେହିଭଳି ଶୂନ୍ୟକାଳରେ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ରହିଛି। ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିପାରିବେ, ହେଲେ ଗୃହରେ ବିରୋଧୀଙ୍କ ଅଶୋଭନୀୟ ଆଚରଣ ଦିନକୁ ଦିନ ବଢ଼ି ଚାଲିଛି। ଏମିତି କି କେତେକ ସମୟରେ ପ୍ରସ୍ତାବ ଦେଇ ଗ୍ରହଣ ହେବା ପରେ ମଧ୍ୟ ବିରୋଧୀ ଆଲୋଚନାକୁ ଆସୁନାହାନ୍ତି। ନିଜେ କୌଣସି କଥା କହିବୁ ନାହିଁ, କି କାହାକୁ କୁହାଇଦେବୁ ନାହିଁ ଭଳି ବିରୋଧୀଙ୍କ ଆଭିମୁଖ୍ୟ ସ୍ପଷ୍ଟ ଜଣାପଡୁଛି। ବିରୋଧୀଙ୍କ ଆଚରଣ ସଂସଦୀୟ ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ। ବିରୋଧୀଙ୍କୁ ଆହ୍ୱାନ କରାଯାଉଛି ସେମାନେ ଆଲୋଚନାକୁ ଆସନ୍ତୁ, ସରକାର ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ନଚେତ୍ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ ବୋଲି ମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ମନ୍ତ୍ରୀ ପୂଜାରୀ କଂଗ୍ରେସକୁ ଲକ୍ଷ୍ୟକରି କହିଥିଲେ ଯେ, କଂଗ୍ରେସର ଏଭଳି ଆଚରଣ ନୂଆ ନୁହେଁ। ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ବିରୋଧୀ ଦଳ କଂଗ୍ରେସ ଏଭଳି ଆଚରଣ କରୁଛି। ଜନସାଧାରଣଙ୍କ ସମ୍ମୁଖରେ ନିଜର ଉପସ୍ଥିତି ଜାହିର କରିବାକୁ ଯାଇ ବିରୋଧୀ କଂଗ୍ରେସ ଏଭଳି ଆଚରଣ ପ୍ରଦର୍ଶନ କରୁଛି। ଗୋଟାଏ ପରେ ଗୋଟାଏ ନିର୍ବାଚନରେ ଦଳ ନିମ୍ନଗାମୀ ହେଉଥିବା ବେଳେ ଦଳର ପ୍ରତିନିଧିମାନେ କିନ୍ତୁ ଏଥିରୁ କିଛି ବି ଶିକ୍ଷା ଗ୍ରହଣ କରୁନାହାନ୍ତି। ଦିନ ଥିଲା କଂଗ୍ରେସ ଓଡ଼ିଶାରେ ଅପ୍ରତିଦ୍ୱନ୍ଦ୍ୱୀ ଥିଲା। ୬୦ ପ୍ରତିଶତ ଭୋଟ ପାଉଥିଲା। ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି। ୮୦ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୫ ହଜାର ଭୋଟ ଛୁଇଁ ପାରି ନାହାନ୍ତି। ଏଭଳି କି କେତେକ ଆସନରେ ନୋଟାଠାରୁ ମଧ୍ୟ କମ୍ ଭୋଟ କଂଗ୍ରେସ ପ୍ରାର୍ଥୀମାନେ ପାଇଛନ୍ତି। ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଏହା ରାସ୍ତା ନୁହେଁ। ଉତ୍ତମ ପ୍ରଦର୍ଶନ କରି ଲୋକଙ୍କ ବିଶ୍ୱାସଭାଜନ ହୁଅ ବୋଲି କଂଗ୍ରେସକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

ମନ୍ତ୍ରୀଙ୍କ ଏହି ବୟାନକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଦୀର୍ଘ ୭୭ବର୍ଷ ପରେ ରାଜ୍ୟରେ ଭାଜପାକୁ ଜନତା ଆସନ ଗାଦିରେ ବସାଇଛନ୍ତି। ହେଲେ ରାଜ୍ୟରେ ମହିଳାମାନେ ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଏହି ପ୍ରସଙ୍ଗରେ କଂଗ୍ରେସ ସାମାନ୍ୟ ଗୋଟିଏ କଥା ଦାବି କରି ଆସୁଛି ଯେ ଗୃହ କମିଟି ଗଠନ କରାଯାଉ। ମାତ୍ର ଶାସକଦଳ ମହିଳାଙ୍କ ସୁରକ୍ଷା ଚାହୁଁନାହାନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଏବେ ଯେଉଁ ଗଣମାଧ୍ୟମର ସାହାରା ନେଇଛନ୍ତି ଏଥିରୁ ତାଙ୍କର ଭୟାତୁର ଭାବ ସ୍ପଷ୍ଟ ବୁଝାପଡୁଛି। ଆସନ୍ତା ୨୭ରେ କଂଗ୍ରେସ ପକ୍ଷରୁ ବିଧାନସଭାକୁ ଘେରିବାକୁ ଡାକରା ଦିଆଯାଇଛି। ଏହାପୂର୍ବରୁ ମନ୍ତ୍ରୀ କଂଗ୍ରେସ ବିରୋଧରେ ଅପପ୍ରଚାର କରିବାକୁ ଉଦ୍ୟମ କରୁଛନ୍ତି। କାଡାମ କହିଛନ୍ତି, ମନ୍ତ୍ରୀ ଜାଣି ରଖିବା ଉଚିତ, ପୂର୍ବରୁ ଭାଜପା ସଦସ୍ୟମାନେ ଏହି ଗୃହରେ ମହିଳା ବାଚସ୍ପତିଙ୍କ ଉପରକୁ ଡାଲି ଫିଙ୍ଗିବା ସହିତ ବାଚସ୍ପତିଙ୍କ ଉପରକୁ ଜୋତା ଫିଙ୍ଗି ନିଲମ୍ବନ ହୋଇଥିଲେ। ଏବେ ଅସଲ କଥାକୁ ଆସିବା ବେଳକୁ ସରକାର ପଳାୟନପନ୍ଥୀ ସାଜିଛନ୍ତି।

# ମହିଳା ସୁରକ୍ଷା ପ୍ରସଙ୍ଗରେ ଗୃହରେ ଆଲୋଚନା କରୁନାହାନ୍ତି ସରକାରୀ ଦଳ: କାଡାମ



କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

## ମହିଳାଙ୍କ ସୁରକ୍ଷା ଲାଗି ଆଇନ ଆସିବା ଦରକାର: ତାରା

ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି। ପ୍ରତିଦିନ ମହିଳାଙ୍କ ପ୍ରତି ବଳାତ୍କାର, ଗଣବଳାତ୍କାର ଏବଂ ତଜ୍ଜନିତ ମୃତ୍ୟୁର ଖବର ସବୁଦିନ ଖବରକାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରୁଛି। ମହିଳାଙ୍କ କ୍ଷେତ୍ରରେ ସଙ୍ଗୀନ ଅତ୍ୟାଚାର ଅପରାଧ ସବୁ ସୀମାଲଂଘନ କରିସାରିଲାଣି। କିନ୍ତୁ ସରକାର ଓ ସରକାରୀ ଦଳ ଏହି ବିଷୟକୁ ବିଧାନସଭାରେ ଆଲୋଚନା କରୁନାହାନ୍ତି କି ଏଥିଲାଗି ଗୃହ କମିଟି ଗଠନ କରୁନାହାନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କାଡାମ କହିଛନ୍ତି, ଓଡ଼ିଶାର ଜନସାଧାରଣ ଆମକୁ ନିର୍ବାଚିତ କରିଛନ୍ତି। ସାଧାରଣ ଜନତାଙ୍କ ଅଭାବ ଓ ଅସୁବିଧା ଗତ ସମସ୍ୟାକୁ ବିଧାନସଭାରେ ଉତ୍ଥାପନ କରିବା ଓ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣିବା ବିରୋଧୀ ଦଳର ଦାୟିତ୍ୱ। କଂଗ୍ରେସ ବିଧାୟକମାନେ ରାଜ୍ୟରେ ମହିଳାମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ ବିଷୟକୁ ଗୃହରେ ଉଠାଇବା କ'ଣ ଭୁଲ୍ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏହି ଅଳ୍ପଦିନ ମଧ୍ୟରେ ନବରଙ୍ଗପୁର ଉମରକୋଟ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ମଦ ପିଆଇ ଗଣବଳାତ୍କାର କରାଗଲା। ବରଗଡ଼ ଟାଉନରୁ ୨ ଜଣ ନାବାଳିକା ଗତ ୧୮ରୁ ନିଖୋଜ ଥିଲେ। ସେଥିମଧ୍ୟରୁ ଜଣଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଆଉ ଜଣଙ୍କ ପତ୍ତା ମିଳୁନାହିଁ। ଅନୁଗୁଳ ଜିଲା ଛେଣ୍ଡିପଦାରେ ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଲୋକମାନଙ୍କ ଟଙ୍କାରେ ବିଧାନସଭା ଚାଲୁଛି। ହେଲେ ବିଧାନସଭାରେ ଜଣେ ସଦସ୍ୟ ଅଶାଳୀନ ଭାଷାରେ ଗାଳି କଲେ। ସେ କେତେଥରର ବିଧାୟକ। ସେମାନେ ଆମକୁ ମାରିଛନ୍ତି କିନ୍ତୁ ଆମେ କାହାକୁ ମାରିନାହୁଁ। ବିଧାନସଭା ଇତିହାସରେ ବହୁତ ଘଟଣା ଘଟିଛି, କିନ୍ତୁ ଏଭଳି ଘଟଣା କେବେ ଦେଖାଯାଇ ନ ଥିଲା। ରାଜ୍ୟର ମହିଳାମାନଙ୍କ ସୁରକ୍ଷା ପାଇଁ ଆଇନ ଆଣିବା ସରକାରଙ୍କ ଦାୟିତ୍ୱ ବୋଲି ତାରା କହିଛନ୍ତି।

# ବିଜେଡି ଉଠାଇଲା ପଛୁଆବର୍ଗଙ୍କ ସଂରକ୍ଷଣ ପ୍ରସଙ୍ଗ

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

■ବିଧାନସଭାରେ ଅଚଳାବସ୍ଥା ଜାରି

■କଂଗ୍ରେସର ଘଣ୍ଟ ଓ କରତାଳି ମାଡ଼ରେ କମ୍ପିଲା ଗୃହ

ବଜେଟ ଅଧିବେଶନ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ହେଲେ କଂଗ୍ରେସ ସେଇ ଗୋଟିଏ ଜିଦ୍‌ରେ ଅଟଳ ରହିଛି। ମହିଳାଙ୍କ ସୁରକ୍ଷା ପାଇଁ ଗୃହ କମିଟି ଗଠନ କରିବା ଦାବି ନେଇ ସୋମବାର ପୁଣି ହଟ୍ଟଗୋଳ ଜାରି ରଖିଛି। ଅନ୍ୟପକ୍ଷରେ ପ୍ରମୁଖ ବିରୋଧୀ ବିଜେଡି ଇଞ୍ଜିନିୟରିଂ ଓ ଭେଷଜ ଶିକ୍ଷାକ୍ଷେତ୍ରରେ ରାଜ୍ୟର ସମସ୍ତ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ଦାବିରେ ନାରାବାଜି କରିଥିଲା। ଫଳରେ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଉଭୟ ଦଳର ସଦସ୍ୟଙ୍କୁ ନିଜ ନିଜ ଆସନକୁ ଯିବାପାଇଁ ଅନୁରୋଧ କରିଥିଲେ। ମାତ୍ର କେହି ଶୁଣି ନ ଥିଲେ। ଫଳରେ ସେ ପ୍ରଥମେ ମଧ୍ୟାହ୍ନ ୧୨.୦୯ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ହେଲେ ତାହା ସଫଳ ହୋଇ ନ ଥିଲା, ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳ ଆରମ୍ଭ କରି ସଂସଦୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନାପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଉତ୍ତର ରଖିବା ପାଇଁ ଡାକିଥିଲେ। ମନ୍ତ୍ରୀ ଏହି ସମୟରେ ରାଜ୍ୟରେ ଆଇଟି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସୁଯୋଗ ସମ୍ପର୍କରେ ଉତ୍ତର ରଖୁଥିଲେ। ରାଜ୍ୟରେ ଓଡ଼ିଶା ଆଇଟି ନୀତି-୨୦୨୨ କାର୍ଯ୍ୟକାରୀ ହେବାସହିତ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ନୀତି-୨୦୨୨, ଇଲେକ୍ଟ୍ରୋନିକ୍ସ ନୀତି-୨୦୨୧, ବିପିଓ ନୀତି-୨୦୨୧ ଏବଂ ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବଲେସ ନୀତି-୨୦୨୩ କାର୍ଯ୍ୟକାରୀ ହୋଇଥିବା ଦର୍ଶାଇଥିଲେ। ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ଅମରେନ୍ଦ୍ର ଦାସ ଜଗତ୍‌ସିଂହପୁରରେ ଆଇଟି ପାଇଁ କିଛି ସୁଯୋଗ ରହିଛି କି ? ଯଦି ରହିଛି ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଉପରେ ଜାଣିବାକୁ ଚାହିଁଥିଲେ। ମାତ୍ର ଏହି ସମୟରେ କଂଗ୍ରେସ ଓ ବିଜେଡି ସଦସ୍ୟମାନେ ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ ଗୃହର ମଧ୍ୟଭାଗରେ ଘଣ୍ଟ ଓ କରତାଳି ମାଡ଼ କରି ଗୃହରେ ଏକ ପ୍ରକାର ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ। ଗୃହକୁ ସ୍ୱାଭାବିକ ପରିସ୍ଥିତିକୁ ଫେରାଇ ଆଣିବାପାଇଁ ଉଦ୍ୟମ କରି ମଧ୍ୟ ବାଚସ୍ପତି ସଫଳ ନ ହେବାରୁ ଗୃହକୁ ମଧ୍ୟାହ୍ନ ୧୨.୦୯ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ସମୟ ମଧ୍ୟରେ ତିନିଥର ଗୃହ ମୁଲତବୀ ଘୋଷଣା ହୋଇଥିଲା। ମାତ୍ର ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ ଅପରାହ୍ନ ୪ଟା ଯାଏ ଉପବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଗୃହ ମୁଲତବୀ ସମୟରେ ବିଜେଡି ପକ୍ଷରୁ ଏକ ରାଲି ଗୃହ ଚାରିପାର୍ଶ୍ୱରେ ପରିକ୍ରମା କରିଥିଲା। ସରକାର ସମସ୍ତ ପଛୁଆବର୍ଗଙ୍କ ପାଇଁ ଇଞ୍ଜିନିୟରିଂ ଓ ଭେଷଜ ଶିକ୍ଷାରେ ସିଟ୍ ସଂରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ବିଜେଡି ସଦସ୍ୟ ଧ୍ୱନି ଦେଇଥିଲେ।


# Classified Everyday
0674-2580101, 9692975378


AUTOMOBILE
SALE

Tata Ultra 41 Seater Bus for sale. Contact details: 7077714312. D-3396

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE
SALE

ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାଡ଼ି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- 7978676652, 9439087845. D-76249

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Relax, Refresh your body, mind at Saikrupa Spa with best therapies. 7848011468. D-3288

Full body massage experience, good looking therapist @999 (Bhubaneswar). 9078484455. D-3280

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Razia Begum, W/o- Hrudanand Jena, resident of Vill- Baraara, P.O.- Aragul, P.S.- Jatni, Dist.- Khordha, PIN- 752050 declare by this affidavit Sl. No.- 752, dated 07.06.2023, that now onwards I shall be known as ADYASHA JENA for all future purposes. D-76905

By virtue of an affidavit before the Notary Public, Bhubaneswar, Sl. No.- 137, dtd- 04.03.2025 after marriage I have changed my name from Palak Kapoor to Palak Narula. Henceforth, I shall be known as Palak Narula, W/o- Sarthak Narula, Resident of Plot No.- 501, Unit-3, Kharavel Nagar, Bhubaneswar, Dist.- Khorda, Odisha-751001 for all future purposes. D-76805

I, Durpati Singh, W/o- Ramveer Singh, declare by this affidavit No.7907 dated 19.03.25 sworn before the Notary Public, Sambalpur that now onwards I want to correction my name from Dropti to Durpati Singh in my Aadhaar Card bearing No.xxxx xxxx 6711. As well as my address as Santinagar, P.O.- Budharaja, P.S.- Ainthapali, Dist.- Sambalpur for all future purposes. D-3402

By virtue of an affidavit sworn before Notary Public, Bhadrak, dated 22. 01. 2025 I, Mata Sinku (36 yrs), S/o- Jagendra Sinku, Address: Vill- Raijhar (Gabashola), P.O.- Kalakala P.S.- Bairi, Dist.- Jajpur, PIN- 754082, Odisha declare that I have changed my daughter's name from Janga Sidhu to Joshna Sinku. Henceforth, she shall be known as Joshna Sinku for all purposes. D-3403

## ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰କମଳାମଣି ଦେବୀ

ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୪୪୦୪


# ଭାଜପାରେ ମିଶିବାକୁ ନେଇ ବ୍ଲକ୍ ଅଧ୍ୟକ୍ଷଙ୍କ ଅସ୍ୱୀକାର


ଦୟାନିଧି ଖମାରୀ

ଦେଓଗାଁ,୨୪।୩
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ ଭାଜପାରେ ମିଶିବା ନେଇ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆଲୋଚନା ଲାଗି ରହିଥିଲା। କିନ୍ତୁ ବ୍ଲକ୍ ଅଧ୍ୟକ୍ଷ ଖମାରୀ ସୋମବାର ଖବରଦାତା ସମ୍ମିଳନୀରେ ଭାଜପାରେ ମିଶିବା ନେଇ ଯେଉଁ ଖବର ପ୍ରସାରିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସ୍ପଷ୍ଟ କରିଥିଲେ। ସେ ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ। ଦୀର୍ଘ ବର୍ଷ ହେଲା ବିଜେଡିରେ ରହିଆସିଛନ୍ତି। ଏଭଳି ମିଥ୍ୟା ଖବର ପ୍ରକାଶ ନ କରିବା ପାଇଁ ସବୁ ଗଣମାଧ୍ୟମକୁ ଅନୁରୋଧ କରିଥିଲେ। ସମ୍ମିଳନୀରେ ଅନ୍ତର୍ଯାମୀ ଭୋଇ, ରାଜପ୍ରତାପ ସିଂଦେଓ, ବୁଦ୍ଧଦେବ ପରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାଇନାର ୫ ସାମଗ୍ରୀ ଉପରେ ଆଣ୍ଟି-ଡମ୍ପିଙ୍ଗ୍ ଶୁଳ୍କ ଲଗାଇଲା ଭାରତ

ନୂଆଦିଲ୍ଲୀ,୨୪।୩

ସ୍ଥାନୀୟ ଶିଳ୍ପସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ଭାରତ ସରକାର ଚାଇନାରୁ ଆମଦାନୀ ହେଉଥିବା ୫ଟି ସାମଗ୍ରୀ ଯଥା ସଫ୍ଟ ଫେରାଇଟ୍ କୋର୍, ଭାକ୍ୟୁମ ଇନ୍‌ସୁଲେଟେଡ୍ ଫ୍ଲାସ୍କ, ଆଲୁମିନିୟମ୍ ଫଏଲ୍, ଟ୍ରାଇକ୍ଲୋରୋ ଆଇସୋସ୍ୟାନୁରିକ୍ ଏସିଡ ଏବଂ ପଲିଭିନାଇଲ୍ କ୍ଲୋରାଇଡ୍ ପେଷ୍ଟ ରେସିନ୍ ଉପରେ ଆଣ୍ଟି-ଡମ୍ପିଙ୍ଗ୍ ଶୁଳ୍କ ଲଗାଇଛନ୍ତି। ଏଗୁଡ଼ିକ ଭାରତୀୟ ବଜାରରେ ସ୍ୱାଭାବିକ ବଜାର ଦରଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ବିକ୍ରି ହେଉଥିଲା। ଅସାଧୁ ଉପାୟରେ ନିମ୍ନ ଦରଯୁକ୍ତ ଆମଦାନୀରୁ ସ୍ଥାନୀୟ ଶିଳ୍ପକୁ ବଞ୍ଚାଇବା ନିମନ୍ତେ ବିଶ୍ୱ ବାଣିଜ୍ୟ ସଂଗଠନ ନିୟମାବଳୀ ଅନୁଯାୟୀ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ୫ ବର୍ଷ ପାଇଁ ଏହି ଶୁଳ୍କ ଲାଗୁ ହେବ ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ ବିଜ୍ଞପ୍ତିରେ କୁହାଯାଇଛି।

# ଛାତ୍ର ଆତ୍ମହତ୍ୟା ରୋକିବାକୁ ଟାସ୍କଫୋର୍ସ

### ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଅଧ୍ୟୟନ କରାଯିବ

ନୂଆଦିଲ୍ଲୀ, ୨୪।୩



ଲଗାତର ଭାବେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଗତବର୍ଷ ଆଇଆଇଟି ଦିଲ୍ଲୀରେ ୨ ଛାତ୍ରଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରିବା ସମୟରେ ସର୍ବୋଚ୍ଚ ଅଦାଲତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ବଢ଼ୁଥିବା ଆତ୍ମହତ୍ୟା ମାମଲାଗୁଡ଼ିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା କମାଇବା ପାଇଁ ଏବଂ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବା ନିମନ୍ତେ ସୋମବାର ସୁପ୍ରିମକୋର୍ଟ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଛନ୍ତି।

ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ଗତ କିଛିଦିନ ଧରି ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଥିବାର ଚିନ୍ତାଜନକ ମାମଲା ସାମ୍ନାକୁ ଆସୁଛି, ଯାହା ବିଚଳିତ କରୁଛି। ପ୍ରତିବର୍ଷ ଋଣବୋଝ ଏବଂ ଫସଲ ନଷ୍ଟ କାରଣରୁ ଅନେକ ଚାଷୀ ଆତ୍ମହତ୍ୟା କରିଥାନ୍ତି। ଛାତ୍ରୀଛାତ୍ର ଆତ୍ମହତ୍ୟା ତାକୁ ଟପିଗଲାଣି। ଯେଉଁ ଯେଉଁ କାରଣ ଛାତ୍ରୀଛାତ୍ରଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରୁଛି ସେଗୁଡ଼ିକୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଏକ ଦୃଢ଼, ବ୍ୟାପକ ବ୍ୟବସ୍ଥା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କର ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ସମାଧାନ କରାଯିବାର ଆବଶ୍ୟକତା ରହିଛି। ସମ୍ପ୍ରତି ରହିଥିବା ଆଇନଗତ ଏବଂ ସଂସ୍ଥାଗତ ଢାଞ୍ଚାର ଅପରିପକ୍ୱତା ଏବଂ ପ୍ରଭାବହୀନତା ଯୋଗୁ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ବଢ଼ିଚାଲିଥିବା ନେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେଣୁ ସର୍ବୋଚ୍ଚ ଅଦାଲତ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ରୋକିବା ଦିଗରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍ ରବୀନ୍ଦ୍ର ଭାଟ୍‌ଙ୍କ ଅଧକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ରାଜ୍ୟଗୁଡ଼ିକର ଉଚ୍ଚ ଶିକ୍ଷା ବିଭାଗ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗର ସଚିବମାନେ ଏହି ଟାସ୍କଫୋର୍ସରେ ଏକ୍ସ-ଅଫିସିଓ ସଦସ୍ୟ ଭାବେ ରହିବେ।

ଏହି ଟାସ୍କ ଫୋର୍ସ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟାର ମୁଖ୍ୟ କାରଣ, ବିଭିନ୍ନ ବିଦ୍ୟମାନ ନିୟମାବଳୀର ବିଶ୍ଳେଷଣ କରିବା ସହ ଏସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଏହି ଟାସ୍କ ଫୋର୍ସ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ନେଇ ଅନୁଧ୍ୟାନ କରିବା ସହ ସେମାନଙ୍କ ଆତ୍ମହତ୍ୟା ପ୍ରବୃତ୍ତିକୁ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେବ।

ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆଇଆଇଟି ଦିଲ୍ଲୀର ୨ ଛାତ୍ରଙ୍କ ଆତ୍ମହତ୍ୟାକୁ ନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାରେ ଅଭିଭାବକଙ୍କ ଅଭିଯୋଗ ଆଧାରରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଦିଲ୍ଲୀ (ଦକ୍ଷିଣ-ପଶ୍ଚିମ) ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ବଦଳି

**ସ୍ପଷ୍ଟ କଲେ ସୁପ୍ରିମକୋର୍ଟ କଲେଜିୟମ୍**

ନୂଆଦିଲ୍ଲୀ,୨୪।୩(ପି.ଟି.)

ସରକାରୀ ବାସଭବନରୁ ବିପୁଳ ପରିମାଣର ଆୟ ବହିର୍ଭୂତ ଟଙ୍କା ମିଳିବା ଘଟଣାରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିବା ସୁପ୍ରିମକୋର୍ଟ କଲେଜିୟମ୍ ସୋମବାର ସ୍ପଷ୍ଟ କରିଛନ୍ତି। ତାଙ୍କୁ ନ୍ୟାୟିକ କାର୍ଯ୍ୟରୁ ବାଦ୍ ଦିଆଯାଇଥିଲା। ଜଷ୍ଟିସ୍ ବର୍ମାଙ୍କୁ ବଦଳି ସମ୍ପର୍କିତ କେନ୍ଦ୍ର ସରକାରଙ୍କୁ କଲେଜିୟମ୍ କରିଥିବା ସୁପାରିସ୍ ପ୍ରସ୍ତାବକୁ ସର୍ବୋଚ୍ଚ ଅଦାଲତଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ୨୦ ଏବଂ ୨୪ ତାରିଖରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ଜଷ୍ଟିସ୍ ବର୍ମାଙ୍କୁ ପୁନର୍ବାର ଆଲ୍ଲାହାବାଦ ହାଇକୋର୍ଟକୁ ପଠାଇବା ପାଇଁ ନିଷ୍ପତ୍ତି ହୋଇଥିବା ପ୍ରସ୍ତାବରେ କୁହାଯାଇଛି। ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଏଥିପାଇଁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ସରକାର ସୁପାରିସ୍ ଗ୍ରହଣ କରିବା ପରେ ବର୍ମାଙ୍କ ବଦଳି କାର୍ଯ୍ୟକାରୀ ହେବ।

### ଶିକ୍ଷାକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କଲେ ଦେଶ ଧ୍ୱଂସ ହୋଇଯିବ: ରାହୁଲ

ନୂଆଦିଲ୍ଲୀ,୨୪।୩

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଯଦି ଶିକ୍ଷା ବ୍ୟବସ୍ଥାକୁ ପୂର୍ଣ୍ଣ ନିୟନ୍ତ୍ରଣକୁ ନିଏ ତେବେ ଦେଶ ଧ୍ୱଂସ ହୋଇଯିବ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟରେ ନିଜସ୍ୱ ବିଚାରଧାରା ଏବଂ ନୀତିକୁ ନେଇ ସାମାନ୍ୟ ମତଭେଦ ଥାଇପାରେ। ତେବେ ଦେଶର ଶିକ୍ଷା ବ୍ୟବସ୍ଥା ସହ ସେମାନେ କଦାପି ସାଲିସ୍ କରିପାରିବେ ନାହିଁ। ଆର୍‌ଏସ୍‌ଏସ୍ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚାହୁଁଛି। ଜାତୀୟ ଶିକ୍ଷାନୀତି ବିରୋଧରେ ସୋମବାର ଇଣ୍ଡିଆ ବ୍ଲକ୍‌ର ଛାତ୍ର ସଂଗଠନଗୁଡ଼ିକ ଦ୍ୱାରା ନୂଆଦିଲ୍ଲୀର ଯନ୍ତରମନ୍ତରରେ ଆୟୋଜିତ ବିକ୍ଷୋଭରେ ସାମିଲ ହୋଇ ରାହୁଲ ଏହା କହିଛନ୍ତି।



ଜାତୀୟ ଶିକ୍ଷାନୀତିକୁ ବିରୋଧ କରି ସୋମବାର ଇଣ୍ଡିଆ ବ୍ଲକ୍‌ର ଛାତ୍ର ସଂଗଠନଗୁଡ଼ିକ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚଳାଇଥିବା ବିକ୍ଷୋଭରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

## ନଡ୍ଡା, ରିଜିଜୁଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

### ଡି.କେ. ଶିବକୁମାରଙ୍କ ବିବାଦୀୟ ମନ୍ତବ୍ୟ ପ୍ରସଙ୍ଗ

ନୂଆଦିଲ୍ଲୀ, ୨୪।୩ (ପି.ଟି.)


ଜେ.ପି. ନଡ୍ଡା


କିରେନ୍ ରିଜିଜୁ

କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ଏକ ମନ୍ତବ୍ୟକୁ ନେଇବିବାଦ ଦେଖା ଦେଇଛି। ଶିବକୁମାର ରବିବାର ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିଲେ। ଏହି ସାକ୍ଷାତ୍‌କାରରେ ଚୁକ୍ତି ଭିତ୍ତିରେ କର୍ନାଟକ ସରକାରଙ୍କ ପକ୍ଷରୁ ମୁସଲମାନଙ୍କୁ ୪% ସରକ୍ଷଣକୁ ନେଇ ଭାଜପା ଅଦାଲତ ଯାଇଥିବା ନେଇ ପଚରାଯାଇଥିଲା। ଏହାର ଉତ୍ତରରେ ଶିବକୁମାର କହିଥିଲେ, ଅଦାତାଲଙ୍କ ରାୟକୁ ସମସ୍ତେ ଅପେକ୍ଷା କରିଛନ୍ତି। ଭଲ ଦିନକୁ ଅପକ୍ଷା କରିବାକୁ ପଡ଼ିବ। ସମୟ ଆସିଲେ ସମ୍ବିଧାନକୁ ମଧ ପରିବର୍ତ୍ତନ କରାଯାଇପାରିବ। ଶିବକୁମାରଙ୍କ ଏହି ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ସୋମବାର ରାଜ୍ୟ ସଭାରେ ଜୋରଦାର ବିରୋଧ କରାଯାଇଥିଲା। ଶିବକୁମାର ତୁଷ୍ଟିକରଣ ରାଜନୀତି କରୁଛନ୍ତି ବୋଲି ଭାଜପା ସଂସଦୀୟ ଦଳ ନେତା ଜେ.ପି. ନଡ୍ଡା ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୃହରେ କହିଥିଲେ। ତେବେ ଗୃହକୁ ଭ୍ରମିତ କରାଇଥିବାର ଅଭିଯୋଗ ଆଣି କଂଗ୍ରେସ ରାଜ୍ୟ ସଭା ମୁଖ୍ୟ ସଚେତକ ଜୟରାମ ରମେଶ ନଡ୍ଡା ଓ ରିଜିଜୁଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ରାଜ୍ୟ ସଭାର ପ୍ରକ୍ରିୟା ଏବଂ କାର୍ଯ୍ୟ ସଞ୍ଚାଳନ ନିୟମ, ୧୮୮ ଅନୁଯାୟୀ ରମେଶ ଏହି ନୋଟିସ ଆଣିଛନ୍ତି। ରାଜ୍ୟ ସଭା ଚେୟାରମ୍ୟାନ୍ ଜଗଦୀପ ଧନକରଙ୍କୁ ସେ ଉକ୍ତ ନୋଟିସ୍ ପ୍ରଦାନ କରିଛନ୍ତି।

## ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

### ବଳାତ୍କାର ଉପରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୪।୩

ଆଲ୍ଲାହାବାଦ ହାଇକୋର୍ଟ ନିକଟରେ ବଳାତ୍କାର ଉପରେ ଦେଇଥିବା ବିବାଦୀୟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ସର୍ବୋଚ୍ଚ ଅଦାଲତ ଏହା ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜଷ୍ଟିସ୍ ବେଲା ତ୍ରିବେଦୀ ଏବଂ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠ ପିଟିଶନକୁ ଖାରଜ କରିଦେଇଛନ୍ତି।

ସୂଚନାଯୋଗ୍ୟ, ନାବାଳିକାଙ୍କ ଛାତିକୁ ଧରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ନୁହେଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ କହିଥିଲେ। ଏହାକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ଓକିଲ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ଉଦାହରଣ ଦେଇ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ମାମଲା ଉପସ୍ଥାପନ ବେଳେ ଆଇନଜୀବୀଙ୍କ ଭାଷଣବାଜି ଚଳିବ ନାହିଁ ବୋଲି ଜଷ୍ଟିସ୍ ତ୍ରିବେଦୀ କହିବା ପରେ ପିଟିଶନ୍‌କୁ ଖାରଜ କରାଯାଇଥିଲା।

ମାଆ ସହ ଯାଉଥିବା ଜଣେ ନାବାଳିକାଙ୍କୁ ୨ ଅଭିଯୁକ୍ତ ପୱନ ଓ ଆକାଶ କଲ୍‌ଭର୍ଟ ତଳକୁ ଟାଣିନେବା ସହ ତାଙ୍କ ସ୍ତନ ଧରିଥିଲେ ଓ ପାଇଜାମା ଡୋରି ଖୋଲିଥିଲେ। ସେମାନଙ୍କ ବିରୋଧରେ ଆଇପିସିର ଧରା ୩୭୬(ବଳାତ୍କାର) ଏବଂ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ତେବେ ସେମାନଙ୍କ କାର୍ଯ୍ୟ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମକୁ ପୁଷ୍ଟ କରୁନାହିଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ କହିଥିଲେ। ସେମାନେ ଯୌନ ନିର୍ଯାତନା ଦେଇଥିବାରୁ ଆଇପିସିର ଧାରା ୩୫୪(ବି) ଏବଂ ପୋକ୍ସୋ ଆଇନର ଧାରା ୯(ଏମ୍) ଅନୁଯାୟୀ ଦଣ୍ଡ ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ ରାୟ ଦେଇଥିଲେ।

## ଇସ୍ରାଏଲ୍ ଆକ୍ରମଣରେ ୬୧ ମୃତ

- ଦକ୍ଷିଣ ଗାଜାର ସର୍ବବୃହତ୍ ହସ୍ପିଟାଲ ଉପରେ ବୋମାମାଡ଼
- ସାନି ଅସ୍ତ୍ରବିରତି ପ୍ରସ୍ତାବ ଦେଲା ଇଜିପ୍ଟ

ଜେରୁଜେଲମ୍,୨୪।୩


ଇସ୍ରାଏଲ ସେନା ପକ୍ଷରୁ ଦକ୍ଷିଣ ଗାଜାର ସର୍ବବୃହତ ହସ୍ପିଟାଲ ଉପରେ ବୋମାମାଡ଼।

ଇସ୍ରାଏଲ୍ ସେନା ସୋମବାର ଗାଜାରେ ବୋମାମାଡ଼ କରିବାରୁ ୬୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏୟାରଷ୍ଟ୍ରାଇକ୍‌ରେ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ଥିତ ସର୍ବବୃହତ୍ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିବା ଏହାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଏଥିରେ ଜଣେ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଛନ୍ତି। ଆକ୍ରମଣରେ ଆହତ ଲୋକମାନଙ୍କୁ ଉକ୍ତ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଅନ୍ୟପକ୍ଷରେ ହମାସ୍ ସହ ସାନି ଅସ୍ତ୍ରବିରତି ପାଇଁ ଇଜିପ୍ଟ ଇସ୍ରାଏଲ୍‌କୁ ପ୍ରସ୍ତାବ ଦେଇଛି। ଉକ୍ତ ପ୍ରସ୍ତାବ ଅନୁଯାୟୀ ହମାସ୍ ଆମେରିକୀୟ-ଇସ୍ରାଏଲୀ ସମେତ ୫ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିବ। ଏହା ବଦଳରେ ଇସ୍ରାଏଲ୍ ଗାଜାଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପ୍ରେରଣ ଲାଗି ଅନୁମତି ଦେବା ସହ ସପ୍ତାହେ ହେଲା ଚଳାଇଥିବା ଆକ୍ରମଣ ବନ୍ଦ କରିବ ବୋଲି ଇଜିପ୍ଟର ଜଣେ ଅଧିକାରୀ କହିଛନ୍ତି। ଏଥିସହିତ ଶତାଧିକ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ୍‌କୁ କୁହାଯାଇଛି। ହମାସ୍ ଉକ୍ତ ପ୍ରସ୍ତାବରେ ରାଜି ହୋଇଛି। ତେବେ ଇସ୍ରାଏଲ୍‌ର ପ୍ରତିକ୍ରିୟା ମିଳିପାରି ନ ଥିବା ଇଜିପ୍ଟ ଅଧିକାରୀ ସୂଚନା ଦେଇଛନ୍ତି।

ସୋମବାର ଆକ୍ରମଣରେ ୬୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪୩ ଜଣ ଆହତ ହୋଇଛନ୍ତି। ଏହାକୁ ମିଶାଇ ଗାଜା ଯୁଦ୍ଧ ମୃତ୍ୟୁସଂଖ୍ୟା ୫୦,୦୮୨କୁ ବୃଦ୍ଧି ପାଇବା ସହ ଆହତଙ୍କ ସଂଖ୍ୟା ୧,୧୩,୪୦୮ରେ ପହଞ୍ଚିଛି।

## ଫୁର୍‌ସତ୍

## ବିଶ୍ୱର ସର୍ବୋତ୍ତମ ବିମାନବନ୍ଦର

### ରହିଛି ପାର୍କ ପରି ସୁବିଧା

ବ୍ୟାଙ୍କକ୍



ବିଶ୍ୱର ବିଭିନ୍ନ ଦେଶରେ ଥିବା ଅଧିକାଂଶ ବିମାନବନ୍ଦରର ଡିଜାଇନ୍ ପ୍ରାୟତଃ ସମାନ ହୋଇଥାଏ। ତେବେ ଥାଇଲାଣ୍ଡରେ ଏପରି ଏକ ବିମାନବନ୍ଦର ରହିଛି, ଯାହା ଯାତ୍ରୀମାନଙ୍କୁ ଏକ ପାର୍କ ପରି ଅନୁଭବ କରାଇଥାଏ। ଏଠାରେ ଥିବା ଘାସ ଗାଲିଚାରେ ବସି ଲୋକମାନେ ଆରାମର ସହ ପଇଡ ପାଣିର ମଜା ନେବା ସହ ବିମାନ ଅବତରଣ ଏବଂ ଉଠାଣ ବେଳର ଦୃଶ୍ୟ ଉପଭୋଗ କରିଥାନ୍ତି।

ଡେଲି ଷ୍ଟାର୍ ନ୍ୟୁଜ୍ ୱେବ୍‌ସାଇଟ ରିପୋର୍ଟ ଅନୁଯାୟୀ, ଥାଇଲାଣ୍ଡର କୋ ସାମୁଇ ଦ୍ୱୀପରେ ଥିବା ସାମୁଇ ବିମାନବନ୍ଦର ବିଶ୍ୱର ସର୍ବୋତ୍ତମ ବିମାନବନ୍ଦର ମଧ୍ୟରୁ ଅନ୍ୟତମ। ଏଠାକାର ପାରିପାର୍ଶ୍ୱିକ ପରିବେଶ ଲୋକଙ୍କୁ ବାରମ୍ବାର ଏଠାକୁ ଆସିବାକୁ ବାଧ କରିଥାଏ। ଏହି ବିମାନବନ୍ଦରରେ ଅଧିକ ଆଉଟଡୋର ଅଞ୍ଚଳ ରହିଛି। ତେଣୁ ବିମାନବନ୍ଦର ବାହ୍ୟ କ୍ଷେତ୍ରରେ ଥିବା ଖୋଲା ଆକାଶ ତଳେ ବସିବାକୁ ଲୋକମାନେ ସୁଯୋଗ ପାଇଥାନ୍ତି। ସେହିପରି ଏଠାରେ ଥିବା ସବୁଜ ଘାସ ଗାଲିଚାରେ ବସି ଲୋକମାନେ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିଥାନ୍ତି। ଏହି ବିମାନବନ୍ଦର ଚାରିପାଖରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଯାତ୍ରୀମାନଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସାମୁଇ ବିମାନବନ୍ଦର ଏକ ଘରୋଇ ବିମାନବନ୍ଦର ହୋଇଥିବାବେଳେ ବ୍ୟାଙ୍କକ୍ ଏୟାରୱେଜ୍ ଦ୍ୱାରା ଏହାକୁ ପରିଚାଳନା କରାଯାଉଛି। ୧୯୮୨ରୁ ଏହି ବିମାନବନ୍ଦରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୧୯୮୯ରୁ ଏହା କାର୍ଯ୍ୟକ୍ଷମ ରହିଛି। ଅନେକ ଟ୍ୟୁରିଷ୍ଟ ଏହି ବିମାନବନ୍ଦରରେ ସେମାନଙ୍କ ଅନୁଭବକୁ ନେଇ ବ୍ଲଗିଂ ମାଧ୍ୟମରେ ଶେୟାର କରିଥାନ୍ତି ଓ ସୋସିଆଲ ମିଡିଆରେ ସେମାନଙ୍କ ଫଲୋଅର୍ସଙ୍କୁ ଏହି ବିମାନବନ୍ଦରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖାଇଥାନ୍ତି। ଏଠାରେ ଅନେକ ସ୍ୱତନ୍ତ୍ର କାଫେ ରହିଛି, ଯେଉଁଠାରେ ଯାତ୍ରୀମାନେ ଆରାମର ସହ ବିଭିନ୍ନ ଜଳଖିଆ ଓ ସ୍ନାକ୍ସକୁ ଉପଭୋଗ କରିଥାନ୍ତି। ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ପାଇଁ ସାମୁଇ ବିମାନବନ୍ଦରକୁ ଅନେକ ଏନ୍‌ଭିରୋନ୍‌ମେଣ୍ଟାଲ ଆୱାର୍ଡ୍ସରେ ସମ୍ମାନିତ କରାଯାଇଛି।

## 'ଗ୍ରାଉଣ୍ଡ ଜିରୋ'ରେ ବିଏସ୍‌ଏଫ୍ ଯବାନଙ୍କ କାହାଣୀ

ମୁମ୍ବାଇ


ଇମ୍ରାନ ହାସ୍‌ମୀ

ବଲିଉଡ୍ ଅଭିନେତା ଇମ୍ରାନ ହାସ୍‌ମୀ ସୋମବାର ତାଙ୍କର ୪୬ତମ ଜନ୍ମଦିବସକୁ ଧୁମ୍‌ଧାମରେ ପାଳନ କରିଛି। ଏହି ଅବସରରେ ତାଙ୍କର ଆଗାମୀ ଫିଲ୍ମ 'ଗ୍ରାଉଣ୍ଡ ଜିରୋ'ର ନିର୍ମାତାଙ୍କ ପକ୍ଷରୁ ହାସ୍‌ମୀଙ୍କର ସମସ୍ତ ପ୍ରଶଂସକଙ୍କୁ ଏକ ଭେଟି ଦିଆଯାଇଛି। 'ଗ୍ରାଉଣ୍ଡ ଜିରୋ'ର ପ୍ରଡକ୍ସନ କମ୍ପାନୀ ଏକ୍ସେଲ ଏଣ୍ଟରଟେନମେଣ୍ଟ ପକ୍ଷରୁ ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇଛି, ଯେଉଁଥିରେ ଫିଲ୍ମର ରିଲିଜ୍ ତାରିଖ ଏବଂ ଟିଜର ରିଲିଜ୍ ଡେଟ୍ ଉପରୁ ପରଦା ଉଠିଛି। ଆସନ୍ତା ଏପ୍ରିଲ ୨୫ରେ ଏହି ଫିଲ୍ମ ରିଲିଜ୍ ହେବ। ସେହିପରି ଆସନ୍ତା ୩୦ ତାରିଖରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ସିକନ୍ଦର' ଫିଲ୍ମ ରିଲିଜ୍ ହେବାକୁ ଥିବା ବେଳେ ପ୍ରେକ୍ଷାଳୟରେ 'ସିକନ୍ଦର'ର ଇଣ୍ଟରଭାଲ ସମୟରେ 'ଗ୍ରାଉଣ୍ଡ ଜିରୋ'ର ଟିଜରକୁ ପ୍ରଦର୍ଶନ କରାଯିବ। ଏହି ଫିଲ୍ମରେ ହାସ୍‌ମୀ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ଡେପୁଟି କମାଣ୍ଡାଣ୍ଟଙ୍କ ଭୂମିକାରେ ନଜରକୁ ଆସିବେ, ଯାହାଙ୍କୁ ନେଇ ଫିଲ୍ମର କାହାଣୀ ଗତି କରିବ। ଏକ ଜାତୀୟ ସୁରକ୍ଷା ପ୍ରତି ବିପଦ ପ୍ରସଙ୍ଗର ଯାଞ୍ଚ ପାଇଁ ହାସ୍‌ମୀଙ୍କୁ ନିୟୋଜିତ କରାଯାଇଥିବା ନେଇ ଏହି ଫିଲ୍ମରେ ଦେଖିବାକୁ ମିଳିବ। 'ଗ୍ରାଉଣ୍ଡ ଜିରୋ'ର ନିର୍ଦ୍ଦେଶନା ତେଜସ୍ ଦେଓସ୍କର ଦେଉଛନ୍ତି।

# ଦିଲ୍ଲୀକୁ ଜିତାଇଲେ ଆଶୁତୋଷ

**ବିଶାଖାପଟନମ୍, ୨୪।୩**

ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୧ ଉଇକେଟରେ ପରାସ୍ତ କରିଛି। ମିଚେଲ ମାର୍ଶ ଓ ନିକୋଲସ ପୁରନଙ୍କ ଦୃଢ଼ ବ୍ୟାଟିଂ ବଳରେ ଲକ୍ଷ୍ନୌ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୨୦୯ ରନ କରିଥିଲା। ଜବାବରେ ଦିଲ୍ଲୀ ଏକଦା ସଙ୍କଟ ସମୟ ଦେଇ ଗତି କରୁଥିଲେ ହେଁ ଆଶୁତୋଷଙ୍କ ଅପରାଜିତ ୬୬ ରନ ବଳରେ ୧୯.୩ ଓଭରରେ ୯ ଉଇକେଟ ହରାଇ ୨୧୧ ରନରେ ପହଞ୍ଚି ଯାଇଥିଲା। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଆଶୁତୋଷ ନିଜ ଇନିଂସ ମଧ୍ୟରେ ୫ଟି ଲେଖାଏ ଚୌକା ଓ ଛକା ମାରି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଭିପ୍ରଜ ନିଗମ ୩୯, ଟ୍ରିଷ୍ଟନ ଷ୍ଟବ୍ସ ୩୪ ରନ କରିଥିଲେ। ଦିଲ୍ଲୀ ୧୧୩ ରନ ମଧ୍ୟରେ ୬ ଉଇକେଟ ହରାଇଥିବାବେଳେ ଆଶୁତୋଷ ଓ ଭିପ୍ରଜ ୭ମ ଉଇକେଟରେ ୨୨ ବଲ୍‌ରୁ ୫୫ ରନ ଯୋଗକରି ମୋମେଣ୍ଟମ ବଦଳାଇ ଦେଇଥିଲେ। ଲକ୍ଷ୍ନୌ ପକ୍ଷରୁ ଶାର୍ଦ୍ଦୁଳ ଠାକୁର, ମନିମାରାନ ସିଦ୍ଧାର୍ଥ, ଦିଗଭେଶ ରାଠି ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିସ୍ଫୋରକ ଆରମ୍ଭ କରିଥିଲା। ଓପନିଂ ଯୋଡ଼ିରେ ୨୮ ବଲ୍‌ରୁ ୪୬ ରନ ସଂଗ୍ରହ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ ଏଡେନ ମାରକ୍ରମ ଓ ମିଚେଲ ମାର୍ଶ। ମାରକ୍ରମ ଯଦିଓ ୧୫ ରନ କରି ଆଉଟ ହୋଇଥିଲେ ତେବେ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ମାର୍ଶ ଓ ପୁରନ ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ଗଢ଼ିଥିଲେ। ମାର୍ଶ ୭୨ (୩୬ ବଲ, ୬ ଚୌକା, ୬ ଛକା) ଏବଂ ପୁରନ ୭୫ (୩୦ ବଲ, ୬ ଚୌକା, ୭ ଛକା) ରନରେ ଆଉଟ ହେବା ସହ ଲକ୍ଷ୍ନୌ ମୋମେଣ୍ଟମ ହରାଇଥିଲା। ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୩ଟି, କୁଲଦୀପ ଯାଦବ ୨ଟି ଏବଂ ଭିପରାଜ ନିଗମ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ ଓ ନିକୋଲସ ପୁରନ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଗୁଜରାଟ
ବନାମ ପଞ୍ଜାବ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୦୯/୮ (ନିକୋଲସ ପୁରନ-୭୫, ମିଚେଲ ମାର୍ଶ-୭୨, ଡେଭିଡ ମିଲର-୨୭*, ମିଚେଲ ଷ୍ଟାର୍କ-୩/୪୨, କୁଲଦୀପ ଯାଦବ-୨/୨୦, ଭିପରାଜ ନିଗମ-୧/୩୫, ମୁକେଶ କୁମାର-୧/୨୨)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୩ ଓଭରରେ ୨୧୧/୯ (ଆଶୁତୋଷ ଶର୍ମା-୬୬*, ଭିପ୍ରଜ ନିଗମ-୩୯, ଟ୍ରିଷ୍ଟନ ଷ୍ଟବ୍ସ-୩୪, ଫାଫ୍ ଡୁପ୍ଲେସି-୨୯, ଶାର୍ଦ୍ଦୁଳ ଠାକୁର-୨/୧୯, ମନିମାରାନ ସିଦ୍ଧାର୍ଥ-୨/୩୯, ଦିଗ୍‌ଭେଶ ରାଠି-୨/୩୧, ରବି ବିଷ୍ଣୋଇ-୨/୫୩)।

**ଖେଲୋ ଇଣ୍ଡିଆ ପାରା ଗେମ୍ସ**

## ଗଦାଧରଙ୍କୁ ବ୍ରୋଞ୍ଜ




**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ):** ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ସୋମବାର ଓଡ଼ିଶାର ଗଦାଧର ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗଦାଧର ପୁରୁଷ ୬୫ କେଜି ଶକ୍ତି ଉତ୍ତୋଳନରେ ମୋଟ ୧୪୩ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। କେରଳର ଜୋବି ମାଥ୍ୟୁ ୧୪୮ କେଜି ସହ ସ୍ୱର୍ଣ୍ଣ ଓ ଗୁଜରାଟର ଅରବିନ୍ଦ ମାକୱାନା ୧୪୬ କେଜି ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି।

## ସିଏସ୍‌କେ ବିରୋଧରେ ବଲ ଟ୍ୟାମ୍ପରିଂ ଅଭିଯୋଗ

**ନୂଆଦିଲ୍ଲୀ, ୨୪।୩:** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ବିପକ୍ଷରେ ୪ ଉଇକେଟର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ହେଲେ ଫଳାଫଳ ଅପେକ୍ଷା ମ୍ୟାଚର ଏକ ଭିଡିଓ କ୍ଲିପକୁ ନେଇ ଖୁବ ଚର୍ଚ୍ଚା ହେଉଛି। ଭାଇରାଲ ଭିଡିଓରେ ସିଏସ୍‌କେ ଅଧିନାୟକ ଋତୁରାଜ ଗାଏକ୍ୱାଡ ନିଜ ପକେଟରୁ କିଛି ବାହାର କରି ବୋଲିଂ ପାଇଁ ପ୍ରସ୍ତୁତ ହେଉଥିବା ପେସର ଖଲିଲ ଅହମ୍ମଦଙ୍କୁ ଦେଇଥିଲେ। ଦୁହେଁ କ୍ୟାମେରା ଆଡ଼କୁ ପିଠି କରି କିଛି ଚର୍ଚ୍ଚା କରିଥିଲେ। ଖଲିଲଙ୍କୁ ବଲ ମିଳିବା ପରେ ଋତୁରାଜ ସେହି ବସ୍ତୁକୁ ନିଜ ପକେଟରେ ରଖି ଦେଇଥିଲେ। ଏହି ଭିଡିଓ ଭାଇରାଲ ହେବା ଯୋଗୁ ଘରୋଇ ଚେନ୍ନାଇ ଦଳ ବଲ ଟ୍ୟାମ୍ପରିଂ କରିଥିବା ନେଇ ଚର୍ଚ୍ଚା ହେଉଛି। ହେଲେ ଏ ସମ୍ପର୍କରେ ମ୍ୟାଚ ଅଫିସିଆଲ କିମ୍ବା ବିସିସିଆଇ ପକ୍ଷରୁ କୌଣସି ସ୍ପଷ୍ଟିକରଣ ଦିଆଯାଇ ନାହିଁ।

## ଏପ୍ରିଲରେ ଭାରତୀୟ କବାଡି ମହାସଂଘ ଉପରୁ ବ୍ୟାନ୍ ହଟିବ

**ନୂଆଦିଲ୍ଲୀ, ୨୪।୩ (ପି.ଟି.):** ଭାରତୀୟ କବାଡିଖେଳାଳିଙ୍କୁ ଖୁବ୍‌ଶୀଘ୍ର ଏକବଡ଼ ଆଶ୍ୱସ୍ତି ମିଳିବାକୁ ଯାଉଛି। ଭାରତୀୟ ଆମେଚର କବାଡି ମହାସଂଘ(ଏକେଏଫ୍‌ଆଇ) ଉପରୁ ଅନ୍ତର୍ଜାତୀୟ କବାଡି ମହାସଂଘ (ଆଇକେଏଫ୍) ଆସନ୍ତା ଜୁଲାଇରେ ବ୍ୟାନ ହଟାଇବ। ଏ ନେଇ ଆଇକେଏଫ୍ ସଭାପତି ବିନୋଦ କୁମାର ତିୱାରୀ ସୂଚନା ଦେଇଛନ୍ତି। ଗତ ବର୍ଷ ଜୁଲାଇରେ ନିର୍ବାଚିତ ପରିଷଦକୁ ଦାୟିତ୍ୱ ହସ୍ତାନ୍ତର କରା ନ ଯିବାରୁ ଆଇକେଏଫ୍ ପକ୍ଷରୁ ଏକେଏଫ୍‌ଆଇକୁ ବ୍ୟାନ କରାଯାଇଥିଲା। ୨୦୨୩ ଡିସେମ୍ବରରେ ନିର୍ବାଚିତ ହୋଇଥିବା ପରିଷଦକୁ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏକେଏଫ୍‌ଆଇର ପଦାଧିକାରୀ ଜବାହରଲାଲ ନେହେରୁ ଷ୍ଟାଡିୟମରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଣୁ ଏକେଏଫ୍‌ଆଇ ଉପରୁ ବ୍ୟାନ ହଟାଯିବ। ଆସନ୍ତା ମାସରେ ଆମର କାର୍ଯ୍ୟକାରୀ ବୋର୍ଡ ମିଟିଂ ହେବ ଏବଂ ଆନୁଷ୍ଠାନିକ ଭାବେ ବ୍ୟାନ ହଟାଯିବ ବୋଲି ତିୱାରୀ କହିଛନ୍ତି।

**ବିସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ**

## ଗ୍ରେଡ୍ 'ଏ'ରେ ରହିଲେ ହରମନପ୍ରୀତ୍, ମନ୍ଧାନା, ଦୀପ୍ତି

**ନୂଆଦିଲ୍ଲୀ, ୨୪।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକା ସୋମବାର ପ୍ରକାଶ ପାଇଛି। ଏଥିରେ ଭାରତ ମହିଳା ଟିମ୍ ଅଧିନାୟିକା ହରମନପ୍ରୀତ୍ କୌର ଓ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଏବଂ ଦୀପ୍ତି ଶର୍ମା ଗ୍ରେଡ୍ 'ଏ'ରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ପେସର ରେଣୁକା ଠାକୁର, ଅଲରାଉଣ୍ଡର ଜେମିମା ରୋଡ୍ରିଗ୍ସ, ଉଇକେଟକିପର ରିଚା ଘୋଷ ଓ ଓପନର ଶେଫାଳି ବର୍ମା ସେମାନଙ୍କ ଗ୍ରେଡ୍ 'ବି' କଣ୍ଟ୍ରାକ୍ଟ ବଜାୟ ରଖିଛନ୍ତି। ଗତବର୍ଷ ଗ୍ରେଡ୍ 'ବି'ରେ ସ୍ଥାନ ପାଇଥିବା ବାମହାତୀ ରକ୍ଷଣଶୀଳ ବୋଲର ରାଜେଶ୍ୱରୀ ଗାଏକ୍ୱାଡଙ୍କୁ ଏହି ସିଜନରେ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ମିଳିନି। ୟଙ୍ଗ ଅଫ୍ ସ୍ପିନର ଶ୍ରେୟଙ୍କା ପାଟିଲ, ଫାଷ୍ଟ ବୋଲର ତିତାସ ସାଧୁ ଓ ଅରୁନ୍ଧତି ରେଡ୍ଡୀ, ଅଲରାଉଣ୍ଡର ଅମନଜୋତ କୌର ଏବଂ ଉଇକେଟକିପର ଉମା ଚେତ୍ରୀଙ୍କୁ ପ୍ରଥମଥର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ମିଳିଛି। ଗ୍ରେଡ୍ 'ସି'ରେ ସେମାନଙ୍କୁ ୟସ୍ତିକା ଭାଟିଆ, ରାଧା ଯାଦବ, ଅମନଜୋତ କୌର, ସ୍ନେହ ରାଣା ଓ ପୂଜା ବସ୍ତ୍ରାକାରଙ୍କ ସହ ସ୍ଥାନ ମିଳିଛି। ତେବେ ମେଘନା ସିଂ, ଦେବକା ବୈଦ୍ୟ, ସାବିନେନି ଓ ହାର୍ଲିନ ଦେଓଲ ଏଥର ବାଦ୍ ପଡ଼ିଛନ୍ତି। ବିସିସିଆଇ ମହିଳା ସେଣ୍ଟ୍ରାଲ କଣ୍ଟ୍ରାକ୍ଟର 'ଏ' କାଟେଗୋରିରେ ପ୍ରତ୍ୟେକ ଖେଳାଳିଙ୍କୁ ମ୍ୟାଚ ଫି' ବ୍ୟତୀତ ୫୦ ଲକ୍ଷ ଏବଂ 'ବି' ଓ 'ସି' କାଟେଗୋରୀରେ ଯଥାକ୍ରମେ ୩୦ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ଲେଖାଏ ମିଳିଥାଏ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଅନୁଷ୍ଠିତ ହେବ। ସମସ୍ତ ସମ୍ବଳ ସତ୍ତ୍ୱେ ଭାରତୀୟ ମହିଳା ଦଳ ଏପର୍ଯ୍ୟନ୍ତ ଏକ ବିଶ୍ୱସ୍ତରୀୟ ଟ୍ରଫି ହାସଲ କରିପାରି ନାହିଁ।

**ସମ୍ପୂର୍ଣ୍ଣ ତାଲିକା:** ଗ୍ରେଡ୍ 'ଏ': ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା। ଗ୍ରେଡ୍ 'ବି': ରେଣୁକା ଠାକୁର, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଶେଫାଳି ବର୍ମା। ଗ୍ରେଡ୍ 'ସି': ୟସ୍ତିକା ଭାଟିଆ, ରାଧା ଯାଦବ, ଶେୟଙ୍କା ପାଟିଲ, ତିତାସ ସାଧୁ, ଅରୁନ୍ଧତି ରେଡ୍ଡୀ, ଅମନଜୋତ କୌର, ଉମା ଚେତ୍ରୀ, ସ୍ନେହ ରାଣା, ପୂଜା ବସ୍ତ୍ରାକାର।

## ବିଡ଼ାନାସୀ ମର୍ନିଂ କ୍ଲବ ଚାମ୍ପିୟନ


ଚାମ୍ପିୟନ ବିଡ଼ାନାସୀ ମର୍ନିଂ କ୍ଲବ ଦଳ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଖେଳାଳି ସଂଘ ଓ ଖଣ୍ଡଗିରି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଭେଟେରାନ ଫୁଟବଲ ଟୁର୍ନାମେଣ୍ଟରେ କଟକର ବିଡ଼ାନାସୀ ମର୍ନିଂ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲରେ ମର୍ନିଂ କ୍ଲବ ଟାଇବ୍ରେକର ୪-୨ ଗୋଲରେ ରେଭେନ୍‌ଶା ମର୍ନିଂ କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ୪ ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ରେଭେନ୍‌ଶା ମର୍ନିଂ କ୍ଲବ ୧-୦ ଗୋଲରେ ଜାଗମରାର କେସିଏକୁ ଏବଂ ଦ୍ୱିତୀୟ ସେମିରେ ବିଡ଼ାନାସୀ ଦଳ ୫-୧ ଗୋଲରେ ଭୁବନେଶ୍ୱର ଭେଟେରାନ ଦଳକୁ ହରାଇଥିଲା। ୩ଟି ମ୍ୟାଚରେ ସନାତନ ଦାସ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ ସିଙ୍ଗୁ ମାରାଣ୍ଡି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ଶେଷରେ ୩ ଜୁନିୟର ଖେଳାଳି ଆୟୁଷ ଦିଗାଲ, ଶ୍ରୀଜନ କିସ୍କୁ ଓ ଦାସରଥି ହାଂସଦାଙ୍କ ସମେତ କୋଚ୍ ଜୟଦେବ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ, ଓଡିଏମ୍ ଗ୍ଲୋବାଲ ସ୍କୁଲ ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଜାତୀୟ ମହିଳା ହକି**

## ଓଡ଼ିଶା ବିଜୟୀ

**ରାଞ୍ଚି, ୨୪।୩ (ପି.ଟି.):** ଜାତୀୟ ମହିଳା ହକି ଲିଗ୍‌ର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା, ମିଜୋରାମ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ୨-୦ ଗୋଲ୍‌ରେ ଟେବୁଲ ଟପର ହରିୟାଣାକୁ ପରାସ୍ତ କରିଛି। ପୁଲ୍ 'ଏ'ର ଏହି ମ୍ୟାଚରେ ଓଡ଼ିଶା ତରଫରୁ ପ୍ରତିଭା କିଣ୍ଡୋ (୯ମ ମିନିଟ) ଓ ଶିବାନୀ ଲୁଗୁନ (୫୯ତମ) ଗୋଲ୍ ସ୍କୋର କରିଥିଲେ। ପୁଲ୍ 'ଏ'ର ଅନ୍ୟ ଏକ ମ୍ୟାଚରେ ମିଜୋରାମ ୨-୧ ଗୋଲ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ମିଜୋରାମ ପୁଲ୍ ଷ୍ଟାଣ୍ଡିଂରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ମଧ୍ୟପ୍ରଦେଶ ୫ମ ସ୍ଥାନକୁ ଖସି ଆସିଛି। ମହାରାଷ୍ଟ୍ର ୪-୨ ଗୋଲରେ ବେଙ୍ଗଲକୁ ହରାଇ ଟୁର୍ନାମେଣ୍ଟରେ ଏହାର ପ୍ରଥମ ବିଜୟ ହାସଲ କରିଛି। ପୁଲ୍ ଷ୍ଟାଣ୍ଡିଂରେ ମହାରାଷ୍ଟ୍ର ବର୍ତ୍ତମାନ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ବେଙ୍ଗଲ ଏପର୍ଯ୍ୟନ୍ତ ଖାତା ଖୋଲିପାରିନାହିଁ। ପୁଲ୍ 'ଏ'ରେ ଦିନର ଶେଷ ମ୍ୟାଚ୍‌ରେ ମଣିପୁର ବିପକ୍ଷରେ ଝାଡ଼ଖଣ୍ଡ ୮-୦ ଗୋଲ୍‌ରେ ବିଜୟ ହାସଲ କରିଛି। ପୁଲ୍ ଷ୍ଟାଣ୍ଡିଂରେ ଝାଡ଼ଖଣ୍ଡ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଟୁର୍ନାମେଣ୍ଟରେ ଗୋଟିଏ ବିଜୟ ସହ ମଣିପୁର ୭ମ ସ୍ଥାନରେ ରହିଛି।

## ଜାତୀୟ କରାଟେ ପାଇଁ ଓଡ଼ିଶାରୁ ୩୨

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ହାଇଦ୍ରାବାଦର ବାଚିକାଭଲି ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ୩୨ ମହିଳା ଓ ପୁରୁଷ କରାଟେକା ଏବଂ ୬ ଅଫିସିଆଲ ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରତିନିଧି ଦଳ ସୋମବାର ହାଇଦ୍ରାବାଦ ଯାତ୍ରା କରିଛି। ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଆୟୋଜିତ ଏକ ବିଦାୟୀ ଶୁଭେଚ୍ଛା ଉତ୍ସବରେ ଓଡ଼ିଶା ଭାଜପା ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଭାଜପା ନେତା ସମୀର ମହାନ୍ତି ଓ ବିଧାୟକ ବାବୁ ସିଂ ଓଡ଼ିଶା କରାଟେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବରେ ରାଜ୍ୟ କରାଟେ ସଂଘର ସଭାପତି ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରି ମହାନ୍ତି, ଉପଦେଷ୍ଟା ସନତ ନାୟକ, ଉପସଭାପତି ପ୍ରଦୀପ ସରକାର, କୋଷାଧ୍ୟକ୍ଷ ଖାରବେଳ ମଲିକ, ସହ ସମ୍ପାଦକ କାଳି ପ୍ରସାଦ ନନ୍ଦ, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ କରାଟେ ପାଇଁ ମନୋନୀତ ଓଡ଼ିଶା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

## ଆଜି ଭାରତ-ବାଂଲାଦେଶ ମ୍ୟାଚ

**ଶିଲଂ, ୨୪।୩ (ପି.ଟି.):** ଆଜି ଭାରତୀୟ ଦଳ ୨୦୨୭ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବାଂଲାଦେଶକୁ ଭେଟିବ। ଗତ ୧୯ ତାରିଖରେ ଭାରତୀୟ ଦଳ ୩-୦ ଗୋଲରେ ମାଳଦ୍ୱୀପ୍ସକୁ ହରାଇଥିଲା। ଏହା ମାନୋଲୋ ମାର୍କ୍ୟୁଜଙ୍କ ମାର୍ଗଦର୍ଶନରେ ଦଳର ପ୍ରଥମ ବିଜୟ ଥିଲା। ଏହି ବିଜୟ ଯୋଗୁ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ବାଂଲାଦେଶ ଦଳ ଭାରତ ପାଇଁ ପରିଚିତ ପ୍ରତିଦ୍ୱନ୍ଦ୍ୱୀ। ହେଲେ ଦୁଇ ଦଳ ମଧ୍ୟରେ ପ୍ରତି ଥର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ ହୁଏ। ଫିଫା ର୍‍ୟାଙ୍କିଙ୍ଗ୍ସରେ ଭାରତ ୧୨୬ତମ ସ୍ଥାନରେ ଥିବା ବେଳେ ବାଂଲାଦେଶ ୧୮୫ତମ ସ୍ଥାନରେ ରହିଛି।

## ଅଲ୍ ଓଡ଼ିଶା କବାଡ଼ି: ରେନ୍‌ବୋ ଚାମ୍ପିୟନ

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଛି। ୩ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ପଟିଆ ରେନ୍‌ବୋ ଚାମ୍ପିୟନ ଏବଂ ଟାଇଗର୍ସ ରନରଅପ୍ ହୋଇଛି। ଭାଗ ନେଇଥିବା ୬ ଦଳ ହେଲେ ପଟିଆ ଟାଇଗର୍ସ, ପଟିଆ, ପଟିଆ ୱାରିୟର୍ସ, ରେନ୍‌ବୋ, ରେଞ୍ଜର୍ସ ଏବଂ ସନ୍‌ରାଇଜ୍। ଫାଇନାଲ ରେନ୍‌ବୋ ଓ ଟାଇଗର୍ସ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରେନ୍‌ବୋ ୪୨-୩୩ରେ ବିଜୟୀ ହୋଇଥିଲା। ପ୍ରଥମ କ୍ୱାଲିଫାୟରରେ ଟାଇଗର୍ସ ୩୭-୩୧ରେ ରେନ୍‌ବୋକୁ ଏବଂ ୨ୟ କ୍ୱାଲିଫାୟରରେ ରେନ୍‌ବୋ ୩୬-୩୩ରେ ସନ୍‌ରାଇଜକୁ ପରାସ୍ତ କରିଥିଲା। ସନ୍‌ରାଇଜ ୩ୟ ଏବଂ ରେଞ୍ଜର ୪ର୍ଥ ସ୍ଥାନରେ ରହିଥିଲା। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଓ ବିଧାୟକ ଅନନ୍ତ ନାରାୟଣ ଜେନା ବିଶେଷ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଟିଆ ଗ୍ରାମର ସଭାପତି ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ନୃସିଂହଚରଣ ରାଉତ, ଟିଟି ଖେଳାଳି ତ୍ରୈଲୋକ୍ୟ ରାଉତ, ଜୟନ୍ତ ଜେନା, ଓଡ଼ିଶା କବାଡ଼ି ସଂଘର ସମ୍ପାଦକ ଅଜୟ ବେହେରା, ବିଷ୍ଣୁ ଚନ୍ଦ୍ର ପାତ୍ର, ସୁବାସ ପରିଡ଼ା ଏବଂ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।


ଚାମ୍ପିୟନ ରେନ୍‌ବୋ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଏଲଏଲସିସି ଜୁନିୟର କ୍ରିକେଟ**

## ପାରାମାଉଣ୍ଟକୁ ହରାଇଲା ଟାଉନ୍ କ୍ଲବ

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ଲାଇଭ୍ ଲିଜେଣ୍ଡ କ୍ରିକେଟ କ୍ଲବ (ଏଲଏଲସିସି) ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଟାଉନ୍ କ୍ଲବ ୮ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଏଲଏଲସିସି ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ହରାଇ ୨୦୨ ରନ କରିଥିଲେ। ସାଇଦିତି ମହାନ୍ତି ସର୍ବାଧିକ ୯୨ ଓ ପ୍ରତୀକ୍ଷିତ ପ୍ରଧାନ ୩୨ ରନ କରିଥିଲେ। ବିପକ୍ଷ ଦଳର ଓଁକାର ଶୁଭ ସଙ୍କେତ ୩ଟି ଓ ଶ୍ଳୋକ ସଂକଳ୍ପ ୨ଟି ଉଇକେଟ ନେଇଥିଲେ। ୨୦୩ ରନର ବିଜୟ ଲକ୍ଷ୍ୟକୁ ଟାଉନ୍ କ୍ଲବ ୩୧.୧ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅନୁରାଗ ସାମନ୍ତରାୟ ୯୧ ବଲ୍‌ରୁ ୧୨୮ ରନକରି ଅପରାଜିତ ରହିଥିବାବେଳେ ଆଦର୍ଶ ବିଶ୍ୱାଳ ୨୮ ରନ ସ୍କୋର କରିଥିଲେ। ଅପରାଜିତ ବିସ୍ଫୋରକ ଶତକୀୟ ଇନିଂସ ପାଇଁ ଅନୁରାଗ ସାମନ୍ତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ରିକେଟ କୋଚ୍ ମନୋଜ କୁମାର ମହାପାତ୍ର ଓ ଜେପି. ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ।



ଅନୁରାଗ ସାମନ୍ତରାୟଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ତମିମଙ୍କୁ ହୃଦ୍‌ଘାତ

**ଢାକା, ୨୪।୩ (ପି.ଟି.):** ବାଂଲାଦେଶର ପୂର୍ବତନ ଅଧିନାୟକ ତମିମ ଇକ୍‌ବାଲ ସୋମବାର ହୃଦ୍‌ଘାତର ସମ୍ମୁଖୀନ ହେବା ପରେ ତାଙ୍କର ଆନଜିଓପ୍ଲାଷ୍ଟି କରାଯାଇଛି। ଢାକା ପ୍ରିମିୟର ଡିଭିଜନ କ୍ରିକେଟ ଲିଗ ମ୍ୟାଚରେ ଖେଳୁଥିବା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। କ୍ରିକଇନ୍‌ଫୋ ଅନୁଯାୟୀ, ମହମ୍ମଡାନ ସ୍ପୋର୍ଟିଂ କ୍ଲବ ଓ ଶିନେପୁକୁର କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଉଥିବା ୫୦ ଓଭରିଆ ମ୍ୟାଚ୍‌ର ପ୍ରଥମ ଇନିଂସରେ ଏହି ଘଟଣା ଘଟିଥିଲା। ମହମ୍ମଡାନ ଦଳର ନେତୃତ୍ୱ ନେଉଥିବା ୩୬ ବର୍ଷୀୟ ତମିମ ଫିଲ୍ଡରେ ମାତ୍ର ୧ ଓଭର ଫିଲ୍ଡିଂ କରିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ପ୍ରାରମ୍ଭିକ ଭାବେ ଏକ ହେଲିକପ୍ଟର ବ୍ୟବସ୍ଥା କରାଯାଇଥିଲା। ହେଲେ ହେଲିକପ୍ଟର ବିକେଏସ୍‌ପି ଗ୍ରାଉଣ୍ଡରୁ ଉଡାଣ ଆରମ୍ଭ କରିପାରି ନ ଥିଲା। ସେ ଏବେ ଡାକ୍ତରଙ୍କ ଅବଜରଭେଶନରେ ଅଛନ୍ତି।

ଫ୍ୟାଶନ

# ଏଲିଗାଣ୍ଟ ଲୁକ୍ ପାଇଁ...

ଅନାରକଲି ସୁଟ୍ ଅନେକ ଅକେଜନ୍‌ରେ ଆପଣ ପିନ୍ଧିପାରିବେ । ମାର୍କେଟ୍‌ରେ ଆପଣଙ୍କୁ ବିଭିନ୍ନ ପ୍ରକାର ସୁଟ୍ ମିଳିଯିବ, ଯାହାକୁ କେତେକ ଖାସ୍ ମଉକାରେ ପିନ୍ଧିହେବ। ଯଦି ଆପଣ ନୂଆ ଏବଂ ଏଲିଗାଣ୍ଟ ଲୁକ୍ ପାଇବାକୁ ଚାହୁଁଛନ୍ତି ତେବେ ଫ୍ଲେୟାର୍ଡ ଅନାରକଲି ସୁଟ୍ ପିନ୍ଧିପାରିବେ। ଏହିପରି ସୁଟ୍ ଆପଣଙ୍କ ଲୁକ୍‌କୁ ଷ୍ଟାଇଲିଶ୍ ଏବଂ ଏଲିଗାଣ୍ଟ କରିବାକୁ ସାହାଯ୍ୟ କରିବ ......



**ରାଉଣ୍ଡ ନେକ୍ ଡିଜାଇନ୍ ଅନାରକଲି ସୁଟ୍**

ଯଦି ଆପଣ ରୟାଲ ଲୁକ୍ ଚାହାନ୍ତି ତେବେ ଅନାରକଲି ସୁଟ୍‌କୁ ଷ୍ଟାଇଲ୍‌କରି ପିନ୍ଧିପାରିବେ। ଏହି ସୁଟ୍ ଆପଣ କୌଣସି ଫ୍ୟାମିଲି ଫଙ୍କସନ କିମ୍ବା ପୂଜା ସମୟରେ ପିନ୍ଧିପାରିବେ। ଏହି ସୁଟ୍‌ରେ ଆପଣଙ୍କ ଲୁକ୍ ବହୁତ ଭଲ ଦେଖାଯିବ। ଏହାର କେତେକ ରେଞ୍ଜ ରହିଛି ଯାହାକୁ ଆପଣ ନିଜ ବଜେଟ୍ ମୁତାବକ ଟଙ୍କାରେ ମଧ୍ୟ କିଣିପାରିବେ। ଏହି ସୁଟ୍‌କୁ ପର୍ଲ କାମ ଥିବା ଝୁମ୍‌କା ସହ ଫ୍ଲାଟ ଷ୍ଟାଇଲ୍ ଫୁଟ୍‌ୱେରରେ ପିନ୍ଧିପାରିବେ।

**ଏମ୍ବ୍ରୟଡରି ୱାର୍କ ଅନାରକଲି ସୁଟ୍**

ଯଦି ଆପଣ ବିବାହ କିମ୍ବା କୌଣସି ଫଙ୍କସନରେ ଯୋଗଦେବାକୁ ଚାହୁଁଥାନ୍ତି ତେବେ ଏହିପରି ଏମ୍ବ୍ରୟଡରି ୱାର୍କ ଥିବା ଅନାରକଲି ସୁଟ୍‌କୁ ପିନ୍ଧିପାରିବେ। ଏହିପରି ସୁଟ୍ ଆପଣଙ୍କୁ ଅଲଗା ପ୍ରକାର ଲୁକ୍ ଦେବା ସହ ସୁନ୍ଦର ଦେଖାଯିବେ। ଏମ୍ବ୍ରୟଡରି ୱାର୍କରେ ଆପଣଙ୍କୁ ଏହି ପରି ସୁଟ୍‌ର କେତେକ କଲର ଏବଂ ଡିଜାଇନ୍‌ର ଅପ୍‌ସନ ମିଳିଯିବ। ଏହି ସୁଟ୍ ସହିତ ଚୋକର ଷ୍ଟାଇଲ୍ କରିପାରିବେ ଏହା ସହ ଫୁଟ୍‌ୱେରରେ ହିଲ୍ସ ପିନ୍ଧିପାରିବେ।

**ଫ୍ଲୋରାଲ ପ୍ରିଣ୍ଟ ଅନାରକଲି ସୁଟ୍**

ବର୍ତ୍ତମାନ ଫ୍ଲୋରାଲ ପ୍ରିଣ୍ଟର ଆଉଟ୍‌ଫିଟ୍ ବହୁତ ଟ୍ରେଣ୍ଡ ଚାଲିଛି। ଏଲିଗାଣ୍ଟ ଲୁକ୍ ପାଇବାକୁ ହେଲେ ଆପଣ ଏହିପରି ଫ୍ଲୋରାଲ ପ୍ରିଣ୍ଟର ଅନାରକଲି ସୁଟ୍‌ର ଚୟନ କରିପାରିବେ। ଏହିପରି ସୁଟ୍ ଆପଣ ବିବାହ କିମ୍ବା କୌଣସି ପୂଜା ସମୟରେ ମଧ୍ୟ ଏହାକୁ ପିନ୍ଧିପାରିବେ। ଅଫିସ୍‌ରେ ମଧ୍ୟ ବିଉଟିଫୁଲ୍ ଦେଖାଯିବାକୁ ଚାହୁଁଥିଲେ ଏହି ଫ୍ଲୋରାଲ ଆଉଟ୍‌ଫିଟ୍‌କୁ ପିନ୍ଧି ପାରିବେ। ଏହି ସୁଟ୍ ସହ ଆପଣ ମିରର ୱାର୍କ ଜୁଏଲେରି ଷ୍ଟାଇଲ୍ କରି ପିନ୍ଧି ପାରିବେ।

## ଗୃହିଣୀଙ୍କ ପାଇଁ ..



- ⏭ ଗରମ ଗ୍ୟାସ୍ ଚୁଲାକୁ ସଫା କରିବାଠୁ ଦୂରେଇରୁହନ୍ତୁ। ଏହା ଥଣ୍ଡା ହେଲା ପରେ ତାକୁ ସଫା କରନ୍ତୁ।
- ⏭ ବର୍ନରରେ ଥିବା ଛୋଟ ଛୋଟ କଣା ବନ୍ଦ ହୋଇଯାଇଥିଲେ ଏହା ଧୀରେ ଜଳିଥାଏ। ଏହାକୁ ସଫା କରିବାକୁ ଟୁଥ୍‌ପିକ୍ କିମ୍ବା ସେଫ୍ଟିପିନ୍ ବ୍ୟବହାର କରିପାରିବେ।
- ⏭ ଯଦି ବର୍ନର ଉପରେ ଖାଦ୍ୟ ପଦାର୍ଥ କିଛି ପଡ଼ିଯାଇଛି ତାକୁ ତୁରନ୍ତ ସଫା କରିଦିଅନ୍ତୁ। ନ ହେଲେ ମହିଳା ଜମିଯିବ। ଏହାଦ୍ୱାରା ଗ୍ୟାସ୍ ଭଲଭାବେ ଜଳିବ ନାହିଁ।
- ⏭ କେବେ କେବେ ସମସ୍ୟା ଗ୍ୟାସ୍ ପାଇପ୍‌ରେ ମଧ୍ୟ ଥାଏ । ଏଥିପାଇଁ ଗ୍ୟାସ୍ ପାଇପ୍ ପ୍ରତି ୩-୬ମାସ ମଧ୍ୟରେ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ⏭ ଗ୍ୟାସ୍ ରେଗୁଲେଟର ଗ୍ୟାସ୍ ଚୁଲାକୁ ନିୟନ୍ତ୍ରିତ କରିଥାଏ। ଯଦି ରେଗୁଲେଟର ଖରାପ ହୋଇଯାଇଛି ତେବେ ଆଞ୍ଚ କମ୍ ଜଳିଥାଏ। ଏଥିପାଇଁ ପାଇପ୍ କାଢ଼ି ରେଗୁଲେଟରକୁ ଭଲଭାବେ ଦେଖନ୍ତୁ। ଏହାଦ୍ୱାରା ମଧ୍ୟ ଗ୍ୟାସ୍ ଚୁଲା ଭଲଭାବେ ଜଳି ନ ଥାଏ। ସେଥିପାଇଁ ରେଗୁଲେଟର ମଝିରେ ମଝିରେ ବଦଳାଇବାକୁ ଚେଷ୍ଟା କରନ୍ତୁ।

# ହୋମ୍ ମେକର



ଆଜିକାଲି ଗୃହିଣୀମାନେ ଘର କାମ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ଏ ଦିଗରେ ଆଗେଇବାକୁ ହେଲେ କେତୋଟି ବିଷୟ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ସେ ବିଷୟରେ ସୂଚନା.....

ହୋମ୍ ମେକର ବା ଗୃହିଣୀ ପ୍ରାୟ ଘର କାମରେ ନିଜକୁ ବ୍ୟସ୍ତ ରଖନ୍ତି। ତା'ସହ ପିଲାମାନଙ୍କ ଯତ୍ନନେବାକୁ ପଡ଼ିଥାଏ। ସମୟ ତା' ବାଟରେ ଗଡ଼ିଚାଲେ। ହେଲେ ଜଣେ ହୋମ୍ ମେକର ସବୁବେଳେ ତା' କାମରେ ନିଜକୁ ନିୟୋଜିତ ରଖେ। କିନ୍ତୁ ଏକ ବୟସ ଅତିକ୍ରମ କରିସାରିଲା ପରେ ଅଧିକାଂଶ ମହିଳାଙ୍କୁ ଲାଗିଥାଏ ଯେ ଜୀବନଟା ଏପରି ଚାଲିଯିବ। ଘର ଗୃହସ୍ଥି ସମ୍ଭାଳିବା ବ୍ୟତୀତ କୌଣସି ଅନ୍ୟ କାମ କରିପାରିବେନାହିଁ। ନିଜର ବିଚାର, ବୁଦ୍ଧିମତ୍ତାକୁ ଆଧାରକରି କୌଣସି ବିଜ୍‌ନେସ୍ କିମ୍ବା ଜବ୍ କରି ନିଜର ଏକ ପରିଚୟ ସୃଷ୍ଟିକରିବା ପାଇଁ ଆଜିକାଲି ଅନେକ ଗୃହିଣୀ ଆଗେଇ ଆସିଛନ୍ତି। ହେଲେ ତା'ସହ ଘରକାମ ମଧ୍ୟ ତୁଲାଇବାକୁ ପଡ଼େ।

ଏକ ସର୍ଭେରେ ଦେଖାଯାଇଛି, ଜଣେ ଗୃହିଣୀ ଘରକାମରେ ବ୍ୟସ୍ତ ରହିବା କାରଣରୁ ଜବ୍ କିମ୍ବା ଅନ୍ୟ କୌଣସି କାମ କରିପାରନ୍ତି ନାହିଁ। ଏହାଦ୍ୱାରା କେତେଜଣ ମହିଳା ଚିନ୍ତାଗ୍ରସ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଏହାଦ୍ୱାରା ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଯିବା ସହ ଚିଡ଼ଚିଡ଼ା ହୋଇଥାନ୍ତି। ଏହା ଫଳରେ ତାଙ୍କ ଘରର ବାତାବରଣ ଖୁସିମୟ ରହି ନ ଥାଏ। ମୁଖ୍ୟ କଥା ହେଲା- ମହିଳାଙ୍କ ପାଇଁ ଏପରି ଭାବନା କାହିଁକି ମନରେ ଆସେ ? ନିଜ ପରିବାର, ପିଲାଙ୍କର ସବୁ ଆବଶ୍ୟକତା ପୂରଣ କରିବାରେ ସକ୍ଷମହେବା ସହ ସେ ସବୁବେଳେ ନିଜକୁ ହୀନ ମନେକରିଥାନ୍ତି। ଯଦି ଆପଣଙ୍କ ଆଖପାଖ ମହିଳା ଘରୁ ବାହାରି ଚାକିରି କିମ୍ବା ବିଜ୍‌ନେସ୍ କରୁଥାନ୍ତି ତେବେ ଜରୁରୀ ନୁହେଁ କି ସେ ଅଧିକ ଆପଣଙ୍କଠାରୁ ଯୋଗ୍ୟ ଏବଂ ହୋସିୟାର । ଏହା ତ ବ୍ୟକ୍ତିଗତ ରୂପେ ସ୍ୱୟଂ ଉପରେ ନିର୍ଭରକରେ। ଘର କିମ୍ବା ବାହାରେ ରହି ମଧ୍ୟ ଘରର ଦାୟିତ୍ୱ କୌଣସି ଉପାୟରେ ନିଭାଇପାରନ୍ତି। ଯେତେବେଳେ ଆମେ ନିଜ କର୍ତ୍ତବ୍ୟକୁ ଠିକ୍ ରୂପେ ସମ୍ପାଦନ କରିଥାଉ, ସେତେବେଳେ ଏକ ଆକର୍ଷକ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଠିକ୍ ହକ୍‌ଦାର ହୋଇପାରିବେ।



**ଜନ୍ମରୁ ବରଦାନ**

ଏହା ଜନ୍ମରୁ ବରଦାନ କୁହାଯିବ ସାକ୍ଷର ହୁଅ କି ନିରକ୍ଷର। ପ୍ରତ୍ୟେକ ମହିଳା ପ୍ରତିଭାବାନ, ବୁଦ୍ଧିମାନ ଏବଂ ଗୁଣବାନ୍ ହେବାର ପରିଚୟ ମିଳିଥାଏ। କେବେ କେବେ ଘରର ପରିସ୍ଥିତି ଏପରି ହୁଏ କି ଘରୁ ବାହାରକୁ ଯିବା ଆସିବା ହୋଇପାରେନାହିଁ। ପ୍ରତ୍ୟେକ ଦିନର ସବୁ କାର୍ଯ୍ୟ ସୁଚାରୁ ରୂପେ ହୋଇପାରେନାହିଁ। ଏମିତିରେ ଘରର ଚିନ୍ତା ସହ ମାନସିକ ଚାପ ରହିବା କାରଣରୁ କେବଳ ଲୋକଦେଖାଣିଆ ଲାଗି ଆଧୁନିକ ନାରୀ ଭାବେ ନିଜକୁ ପ୍ରମାଣିତ କରିବା କେତେଦୂର ବୁଦ୍ଧିମାନର କାର୍ଯ୍ୟ। ନିଜକୁ ଶାରୀରିକ ତଥା ମାନସିକ ଚିନ୍ତାରେ ରହିବା ଫଳରେ ଆତ୍ମସନ୍ତୁଷ୍ଟି ମିଳିଥାଏ।

**ସମସ୍ୟାର ହାତ ଛାଡ଼ି ଦିଅନ୍ତୁ**

ଆଜିର ସକ୍ଷମ ନାରୀ ଘରର ଚାରିକାନ୍ଥ ଭିତରେ ରହି ଖୁସି ଏବଂ ସନ୍ତୁଷ୍ଟ ରହିପାରିବେ। ଘରର ଖୁସିକୁ ଧ୍ୟାନରେ ରଖି ଯାହା ବି କାମ କରନ୍ତି ତାହା ପରିବାରର ସଦସ୍ୟଙ୍କୁ ସ୍ନେହଭରା ବନ୍ଧନରେ ବାନ୍ଧିରଖିଲେ ଜଣେ ହୋମ୍‌ମେକର ହୋଇପାରିବ। ସବୁବେଳେ ମନକୁ ପ୍ରଫୁଲ୍ଲ, ଶାନ୍ତ ରଖି ଖୁସି ଅନୁଭବ କରନ୍ତୁ। ପୁଣି ସମୟ ଏବଂ ପରିସ୍ଥିତି ଯଦି ଅନୁକୂଳ ଅଛି ଏହାକୁ ଧ୍ୟାନ ରଖି ମନ ମୁତାବକ କାର୍ଯ୍ୟ ଅବଶ୍ୟ କରାଯାଇପାରେ। ନୂତନ ଜ୍ଞାନ ଅର୍ଜନକରି ନିଜର ଜ୍ଞାନ ଏବଂ କୌଶଳକୁ ଅଧିକ ବଢ଼ାଇପାରିବେ। କିନ୍ତୁ ଜରୁରୀ ହେଉଛି ଘରେ ରହି ଘର ବାହାରର ଯେକୌଣସି କାମ ଖୁସି ସହକାରେ କରନ୍ତୁ। ଚିନ୍ତା ଏବଂ ସମସ୍ୟାର ହାତ ଛାଡ଼ି ଦିଅନ୍ତୁ। ଏହା ନୁହେଁ ଯେ ଆପଣଙ୍କୁ ଆତ୍ମିକ ସୁଖ ମନ ଭିତରୁ ମିଳିବ। ସମସ୍ତେ ଜାଣନ୍ତି ସୁଖ ଅଥବା ସନ୍ତୁଷ୍ଟି ଆମ ମନରେ ରହିଛି ଯାହାକୁ ନିଜେ ଅନୁଭବ କରିପାରିବା। ଘରୋଇ କାର୍ଯ୍ୟ ସରିଗଲା ପରେ ଯଦି କିଛି ନୂଆ କାମ କରିବାକୁ ଚାହୁଁଛନ୍ତି ତେବେ କରନ୍ତୁ। ଯେମିତିକି ଡ୍ରାଇଭିଂ, ଡାନ୍ସ, ଗୀତ ଗାଇବା ଅଥବା ନୂଆ ଜ୍ଞାନ କୌଶଳର ବ୍ୟବହାର ନିଜର ଶୁଭ ଚିନ୍ତକଙ୍କଠାରୁ ଶିଖିବାକୁ ଚେଷ୍ଟା କରନ୍ତୁ।







**ଟେନ୍‌ସନଠୁ ଦୂରେଇ ରୁହନ୍ତୁ**

ଜୀବନରେ ଆପଣ କ'ଣ ଚାହାନ୍ତି ,ଆପଣଙ୍କ ଉଦ୍ଦେଶ୍ୟ କ'ଣ କିଛି ସମୟ ଶାନ୍ତ ମନରେ ଭାବନ୍ତୁ। ଜୀବନରେ ଯେତେଦିନ ଶାନ୍ତିରେ ବିତୁଛି ତାକୁ ବିତିବାକୁ ଦିଅନ୍ତୁ। ନିଜକୁ ମଧ୍ୟ ଏହି ଖୁସିର ମାହୋଲରେ ସାମିଲକରନ୍ତୁ। ଯାହା ବି କରିବାକୁ ଚାହିଁଛନ୍ତି ତାକୁ ଖୁସି ଏବଂ ଆନନ୍ଦ ମନରେ କରନ୍ତୁ। ଅନ୍ୟ ମହିଳାକୁ ଦେଖି ନିଜକୁ ତା' ସହ ତୁଳନା କରନ୍ତୁ ନାହିଁ। ଯାହା କରିବାକୁ ଚାହୁଁଛନ୍ତି ତାକୁ ଆତ୍ମବିଶ୍ୱାସ ସହକାରେ କରନ୍ତୁ। କିନ୍ତୁ ତା' ପାଇଁ ଶାରୀରିକ ମାନସିକ ଟେନ୍‌ସନରୁ ସଦାବେଳେ ଦୂରେଇରୁହନ୍ତୁ। ଆପଣ ଘରେ ରହୁଛନ୍ତି ସେତେବେଳେ ପାଖ ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ସ୍ଥାପନ କରନ୍ତୁ, କିଛି ନ ହେଲେ ମଧୁର ବଚନ କହିପାରିବେ।

**ସୁନ୍ଦର ମୁହୂର୍ତ୍ତକୁ ଭରପୂର ଉପଭୋଗ କରନ୍ତୁ**

ଘର କାମ ସରିଲା ପରେ ଯଦି କିଛି ସମୟ ମିଳୁଛି ତେବେ ଅବଶ୍ୟ ନିଜର ଅନ୍ତର୍ନିହିତ କଳାକୁ ଟିକେ ଧ୍ୟାନଦିଅନ୍ତୁ, ଯେଉଁଥିରେ ଆପଣଙ୍କର ରୁଚି ରହିଛି ତାକୁ ଶିଖିବାକୁ ଚେଷ୍ଟା କରନ୍ତୁ। ହଁ , ଧ୍ୟାନରଖନ୍ତୁ ଯେ, ପ୍ରଥମେ ପ୍ରଥମେ କିଛି ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ,ଏଥିରୁ ହାର୍ ନ ମାନି ଆଗକୁ ବଢ଼ିଚାଲନ୍ତୁ ଏହାଫଳରେ ଦିନେ ନା ଦିନେ ଆପଣଙ୍କୁ ସଫଳତା ନିଶ୍ଚିତ ମିଳିବ, ଏଥିରେ ଟିକେ ହେଲେ ସନ୍ଦେହ ନାହିଁ। ଜୀବନ ବହୁତ ଛୋଟ ,କେତେବେଳେ କେଉଁ ସମୟ ଆସିବ କିଛି ବି କହି ହେବ ନାହିଁ। ଯେଉଁ କଥାର କିଛି ମୂଲ୍ୟ ନାହିଁ ସେ କଥାକୁ କେବେହେଲେ ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାର ସଦସ୍ୟ ଏବଂ ପିଲାଙ୍କ ପ୍ରତି ଯାହା ବି କିଛି ଦାୟିତ୍ୱ ରହିଛି ତାକୁ ପୂର୍ଣ୍ଣ ସହକାରେ ସାରିବାକୁ ଚେଷ୍ଟା କରନ୍ତୁ।

ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ ଗୋଲାପଜଳ

ଗୋଲାପ ଜଳ ଏକ ପ୍ରାକୃତିକ ଟୋନର । ଏହା ସବୁ ପ୍ରକାର ତ୍ୱଚା ପାଇଁ ବହୁତ ଫାଇଦା ମିଳିଥାଏ। ବଜାରରେ ମିଳୁଥିବା ଗୋଲାପଜଳ ବଦଳରେ ଘରେ ପ୍ରସ୍ତୁତକରି ଲଗାଇଲେ ଆପଣଙ୍କ ତ୍ୱଚା ଅଧିକ ସମୟ ପାଇଁ ଫ୍ରେଶ ଏବଂ ଚମକିଥାଏ...

**ଏହା ତ୍ୱଚାକୁ ଦେଇଥାଏ ପ୍ରାକୃତିକ ନମନୀୟତା**

ଗୋଲାପଜଳର ନିୟମିତ ବ୍ୟବହାର ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଫଳରେ ତ୍ୱଚା ସବୁ ବେଳେ ଫ୍ରେଶ୍ ଲାଗିଥାଏ। ଗୋଲାପଜଳର ଖାସ୍ ଗୁଣ ହେଲା- ଏହା କେମିକାଲ ଫ୍ରି ହୋଇଥାଏ। ଏହାକୁ ଲଗାଇବା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂରହୋଇଥାଏ।

**ତ୍ୱଚାକୁ ମୂଳରୁ ସଫା ରଖିଥାଏ**

ଗୋଲାପଜଳ ମୁହଁରୁ ସବୁ ଅପରିଷ୍କାର କଣିକାକୁ ସଫା କରିଥାଏ। ଏହାକୁ କଟନ୍‌ରେ ପକାଇ ମୁହଁକୁ ଭଲଭାବେ ପୋଛିଲେ ମୁହଁରେ ଥିବା ଅତିରିକ୍ତ ତେଲ ଏବଂ ଅପରିଷ୍କାର ତତ୍ତ୍ୱ ସଫା ହୋଇଯାଇଥାଏ।



**ଏହା ପ୍ରାକୃତିକ ଟୋନର ରୂପେ କାମ କରିଥାଏ**

ଗୋଲାପଜଳକୁ ସ୍କିନ୍ ଟୋନର ରୂପେ ବ୍ୟବହାର କରାଯାଏ। ଏହା ସ୍କିନ୍‌ର ପୋର୍ସକୁ ଟାଇଟ୍ କରିଥାଏ। ଫଳରେ ତ୍ୱଚା ୟଙ୍ଗ୍ ଏବଂ ଫ୍ରେଶ୍ ଦେଖାଯାଇଥାଏ। ଖାସ୍‌କରି ଅଏଲୀ ସ୍କିନ୍ ଲାଗି ବହୁ ଉପଯୋଗୀ ହୋଇଥାଏ।



**ସନ୍‌ବର୍ଣ୍ଣରୁ ମୁକ୍ତି ଦେଇଥାଏ**

ଖରାଦିନରେ ଉତ୍କଟ ଖରାରୁ ରକ୍ଷା ପାଇବା ଲାଗି ମୁହଁରେ ଗୋଲାପଜଳ ଲଗାନ୍ତୁ। ଏହା ତ୍ୱଚାକୁ ଥଣ୍ଡା ପ୍ରଦାନ କରିଥାଏ। ଏହାକୁ ମୁହଁରେ ସ୍ପ୍ରେ ଏବଂ ହାତରେ ସ୍ପ୍ରେ କରିବା ଦ୍ୱାରା ସନ୍‌ବର୍ଣ୍ଣଠାରୁ ରକ୍ଷା ମିଳିଥାଏ।

**ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ଠିକ୍ ରହିଥାଏ**

ମେକ୍‌ଅପ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ରଖିବାକୁ ହେଲେ ଗୋଲାପଜଳ ଏକ ନାଚୁରାଲ ସେଟିଂ ପରି କାମ କରିଥାଏ। ମେକ୍‌ଅପ୍‌ରେ ହାଲ୍‌କା ଗୋଲାପଜଳ ମୁହଁରେ ଛାଟିବା ଦ୍ୱାରା ତ୍ୱଚା ଫ୍ରେଶ୍ ଦେଖାଯାଇଥାଏ ଏବଂ ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ।

ଖାଦ୍ୟରୁଚି

# ଟେଷ୍ଟି ପୋହା

ଏକ କପ୍ ଚୁଡ଼ା ,୨କପ୍ ପାଣି,୧ଚାମଚ ତେଲ, ୧ ଛୋଟ ଚାମଚ ଜିରା, ସୋରିଷ,ହଳଦୀ ପାଉଡର,ଲାଲ ମିର୍ଚ୍ଚ ପାଉଡର, ଗରମ ମସଲା ପାଉଡର , ଲୁଣ, କାଜୁ,
୨ବଡ ଚାମଚ ଲେମ୍ବୁରସ,୨ ଚାମଚ ଭୃସୁଙ୍ଗ ପତ୍ର ଏବଂ ୧ ବଡ ଚାମଚ ଚିନାବାଦାମ୍।

**ପ୍ରସ୍ତୁତ ପ୍ରଣାଳୀ**

ଏକ ବଡ ପାତ୍ର ନିଅନ୍ତୁ, ସେଥିରେ କିଛି ପୋହା ନିଅନ୍ତୁ। ଏହି ପୋହାରେ କିଛି ପାଣି ଦେଇ ତାକୁ ୫-୭ମିନିଟ୍ ପର୍ଯ୍ୟନ୍ତ ଭିଜିବାକୁ ଛାଡ଼ି ଦିଅନ୍ତୁ। ଏବେ ଏକ ପ୍ୟାନ୍ ନିଅନ୍ତୁ ସେଥିରେ ତେଲ ଗରମ କରନ୍ତୁ। ଏବେ ଗରମ ହୋଇଥିବା ତେଲରେ ଜିରା,ସୋରିଷ,ହଳଦୀ ପାଉଡର,ଲାଲ ଲଙ୍କାଗୁଣ୍ଡ,ଗରମ ମସଲା ଏବଂ ଲୁଣ ପକାନ୍ତୁ। ଏବେ ଏହିସବୁ ମସଲାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏଥର ଭିଜା ହୋଇଥିବା ପୋହାକୁ ଚିପୁଡ଼ି ଏଥିରେ ପକାନ୍ତୁ। ପୋହାକୁ କିଛି ସମୟ ମସଲା ସହ ମିଶିବାକୁ ଛାଡ଼ି ଦିଅନ୍ତୁ। ବର୍ତ୍ତମାନ ପୋହାରେ ଲେମ୍ବୁରସ, ଭୃସୁଙ୍ଗପତ୍ର,ବାଦାମ ଏବଂ କାଜୁ ପକାନ୍ତୁ। ଏବେ ସବୁଯାକ ମିଶାଇ ଦିଅନ୍ତୁ। ଏହି ପୋହାକୁ ଗରମ ଗରମ ପରଷିଦିଅନ୍ତି। ଏହାର ମଜା ସନ୍ଧ୍ୟା ଏବଂ ସକାଳେ ନେଇପାରିବେ।





Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




**SHOWROOMS: ODISHA:** RENAULT **SAMBALPUR** Ph: 8448890323. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618.